# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-272 ◆TUESDAY ◆31 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭୨ ◆ମଙ୍ଗଳବାର ◆୩୧ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ବନ୍ଦ ହୋଇନି କାର୍ତ୍ତିକ୍‌ଙ୍କ 'କ୍ୟାପ୍ଟେନ୍ ଇଣ୍ଡିଆ'

▶ପୃଷ୍ଠା ୧୧ ଦେଖନ୍ତୁ...

## ମଧ୍ୟପ୍ରାଚ୍ୟ ମହାସମର

# ସ୍ଥଳଯୁଦ୍ଧର ପଦଧ୍ୱନି



■ୱାଶିଂଟନ/ତେହରାନ,୩୦ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି । ଆମେରିକା ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ ୫୭,୦୦୦ରୁ ଅଧିକ ସୈନ୍ୟ ମୁତୟନ କରିସାରିଛି । ଯାହାକି ୨୦୦୩ ମସିହା ପରଠାରୁ ବଡ଼ ସାମରିକ ଜମାବଟ ବା ମେଳି ବୋଲି କୁହାଯାଉଛି । ଇରାନ ବିରୋଧରେ ଏକ ସମ୍ଭାବ୍ୟ ସ୍ଥଳ ଆକ୍ରମଣ ପାଇଁ ଆମେରିକା ନିଜର ଶକ୍ତି ବୃଦ୍ଧି କରୁଥିବା ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି । ଗତ ସପ୍ତାହରେ ପ୍ରାୟ ୫,୦୦୦ ସୈନ୍ୟ

- ୫୭,୦୦୦ ସୈନ୍ୟ ପଠାଇଲା ଆମେରିକା
- ୨୦୦୩ ପରେ ସବୁଠାରୁ ବଡ଼ ସେନା ମେଳି
- ହାଇଫା ନୌସେନା ଘାଟି ଉପରେ ହିଜବୁଲ୍ଲାର ଭୟଙ୍କର ମିସାଇଲ ମାଡ଼

ପଶ୍ଚିମ ଏସିଆରେ ପହଞ୍ଚିଛନ୍ତି । ଆମେରିକା ପ୍ରତିରକ୍ଷା ବିଭାଗ ଆହୁରି ୧୦,୦୦୦ ସ୍ଥଳ ସୈନ୍ୟ ପଠାଇବାକୁ ଯୋଜନା କରୁଛି । ଆମେରିକାର ୮୨ତମ ଏୟାରବୋର୍ଣ୍ଣ ପାରାଟ୍ରୁପର୍ସ ଏବଂ ମେରାଇନ୍ ସୈନ୍ୟମାନେ ଇରାନର ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ନିକଟରେ ମୁତୟନ ହୋଇଛନ୍ତି । ଏହି ଦ୍ୱୀପଟି ଇରାନର ତୈଳ ଭଣ୍ଡାର ଏବଂ ରଣନୀତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ୨୦୨୫ ଜୁନ୍‌ରେ ଫୋର୍ଡୋ ପରମାଣୁ କେନ୍ଦ୍ରରେ ହୋଇଥିବା ବୋମାବାଡ଼ ପରେ ଇରାନରୁ ନିଖୋଜ ହୋଇଥିବା ପ୍ରାୟ ୪୦୦ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ଖୋଜିବା ପାଇଁ ଆମେରିକା ଏହି ସ୍ଥଳ ଅଭିଯାନ କରିପାରେ ବୋଲି ଅନୁମାନ କରାଯାଉଛି । ସେହିପରି ୟୁଏସ୍‌ଏସ୍ ତ୍ରିପୋଲି ଏବଂ ୟୁଏସ୍‌ଏସ୍ ▶ପୃଷ୍ଠା-୭

### ଟଙ୍କାର ଐତିହାସିକ ଅବମୂଲ୍ୟାୟନ

## $ ୧=₹ ୯୫.୨୨

■ମୁମ୍ବାଇ,୩୦।୩(ଏଜେନ୍ସି):ବଢ଼ିବାରେ ଲାଗିଛି ମଧ୍ୟପ୍ରାଚ୍ୟ ସଙ୍କଟ । ଏହାର ଏକ ବଡ଼ ପ୍ରଭାବ ଭାରତୀୟ ମୁଦ୍ରା 'ଟଙ୍କା' ଉପରେ ପଡିଛି । ଇରାନ ଯୁଦ୍ଧ ଯୋଗୁଁ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ଐତିହାସିକ ରେକର୍ଡ ହ୍ରାସ ଦେଖିବାକୁ ମିଳିଛି । ସୋମବାର କାରବାରରେ ପ୍ରଥମ ଥର

**ମହଙ୍ଗା ହେବ ମୋବାଇଲ, ସୁନା, ତେଲ, ବିଦେଶୀ ସାମଗ୍ରୀ**

ପାଇଁ ଟଙ୍କା ଏହାର ସର୍ବନିମ୍ନ ରେକର୍ଡ ସ୍ତର ୯୫ ଟଙ୍କା ଅତିକ୍ରମ କରିଛି ।

ସୋମବାର କାରବାରରେ ଡଲାର ତୁଳନାରେ ଟଙ୍କା ୯୫.୨୨ ଟଙ୍କା ସ୍ତରକୁ ଖସିଆସିଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସି ଏହା ୯୪.୭୮ ଟଙ୍କାରେ ବନ୍ଦ ହୋଇଛି । ଭାରତୀୟ ମୁଦ୍ରା ମୂଲ୍ୟରେ ହ୍ରାସର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତେଲ ଦରରେ ବୃଦ୍ଧି । ଉପସାଗରୀୟ ଦେଶଗୁଡ଼ିକର ଶକ୍ତି ପ୍ରତିଷ୍ଠାନ ଉପରେ ଇରାନର ଆକ୍ରମଣ ପରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୧୧୫ ଡଲାର ଅତିକ୍ରମ କରିଛି । ଭାରତ ଏହାର ତୈଳ ଆବଶ୍ୟକତାର ୮୫% ଆମଦାନୀ କରୁଛି, ଯାହା ପାଇଁ ତାକୁ ଡଲାରରେ ହିଁ ପେମେଣ୍ଟ ଦେବାକୁ ପଡୁଛି । ବର୍ଦ୍ଧିତ ତୈଳ ମୂଲ୍ୟ ଡଲାରର ଚାହିଦା ବୃଦ୍ଧି କରିଛି, ଯାହା ଟଙ୍କାର ବିନିମୟ ମୂଲ୍ୟକୁ ଦୁର୍ବଳ କରିଛି ।

## ବିଜୁ ବାବୁଙ୍କୁ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅପମାନ

# ସଂସଦରେ ତାତି, ରାଜ୍ୟରେ ନିଆଁ



■ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୩ (ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅସମ୍ମାନସୂଚକ ମନ୍ତବ୍ୟକୁ

**ସାରା ରାଜ୍ୟରେ ଅସନ୍ତୋଷ, ଦଳମତ ନିର୍ବିଶେଷରେ ବିରୋଧ**

ନେଇ ସାରା ଦେଶରେ ସୃଷ୍ଟି ହୋଇଛି ବିରୋଧ । ଏହାକୁ ନେଇ ଓଡ଼ିଶାରେ ନିଆଁ ଜଳୁଛି ଓ ଏହାର ତାତି ସଂସଦରେ ଅନୁଭୂତ ହୋଇଛି । ଦେଶର ବିଭିନ୍ନ ରାଜନୈତିକ ଦଳ ଓ ଏହାର ନେତାମାନେ ନିଶିକାନ୍ତଙ୍କ ମନ୍ତବ୍ୟ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏପରି ଟିପ୍ପଣୀକୁ ପ୍ରତ୍ୟାହାର ଓ କ୍ଷମାପ୍ରାର୍ଥନା ପାଇଁ ଦାବି କରିଛନ୍ତି । ରାଜ୍ୟସଭାରେ ବିଜେଡ଼ି ସାଂସଦମାନେ ଶ୍ରୀ ଦୁବେଙ୍କ ଅପରିଣାମଦର୍ଶୀ ଓ ନିମ୍ନରୁଚିର ମନ୍ତବ୍ୟକୁ ତୀବ୍ର ବିରୋଧ କରିବା ସହ ପ୍ରତିବାଦରେ କକ୍ଷତ୍ୟାଗ କରିଛନ୍ତି । କଂଗ୍ରେସ, ଆପ୍, ଟିଏମ୍‌ସି, ୱାଇଏସ୍‌ଆର୍ କଂଗ୍ରେସ, ଡ଼ିଏମ୍‌କେ, ଆର୍‌ଜେଡି, ଶିବସେନା (ଉଦ୍ଧବ) ଆଦି ରାଜନୈତିକ ଦଳର ନେତାମାନେ ନିଶିକାନ୍ତ ଦୁବେଙ୍କର ମତିଭ୍ରମ ଘଟିଥିବା ଅଭିଯୋଗ କରି ନିଜ ମନ୍ତବ୍ୟ ପ୍ରତ୍ୟାହାର ଦାବି କରିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶାରେ ମଧ୍ୟ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ▶ପୃଷ୍ଠା-୭

- ରାଜ୍ୟସଭାରେ ପ୍ରତିବାଦ ସହ ବିଜେଡି ସାଂସଦଙ୍କ କକ୍ଷତ୍ୟାଗ
- ଦୁବେଙ୍କ ମନ୍ତବ୍ୟକୁ ନିନ୍ଦା କଲେ କଂଗ୍ରେସ ଅଧ୍ୟକ୍ଷ ଖଡ଼୍‌ଗେ
- ସଂସଦରେ ନିଶିକାନ୍ତଙ୍କ କ୍ଷମା ଦାବି କଲେ ଆପ୍ ସାଂସଦ ସଞ୍ଜୟ
- ପ୍ରତିବାଦ ଜଣାଇଲେ ଟିଏମ୍‌ସି, ୱାଇଏସ୍‌ଆର୍, ଡିଏମ୍‌କେ ସାଂସଦ
- ନିଶିକାନ୍ତଙ୍କୁ ଆର୍‌ଜେଡି ଓ ଶିବସେନା (ୟୁବିଟି)ର ସମାଲୋଚନା
- ବିଜୁଙ୍କ ବିରୋଧରେ ଟିପ୍ପଣୀ ସୂର୍ଯ୍ୟକୁ ଛେପ ପକାଇବା ପରି
- 'ଭାରତ ରତ୍ନ' ଦେବା ବଦଳରେ ଅପମାନିତ କରିଛି ବିଜେପି

## ମାନସିକ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ନିଶିକାନ୍ତ



■ଭୁବନେଶ୍ୱର,୩୦।୩(ସମିସ): ବିଜୁ ବାବୁଙ୍କ ସମ୍ପର୍କରେ ଅତ୍ୟନ୍ତ ଅବାଞ୍ଛିତ, ଅପମାନସୂଚକ ମନ୍ତବ୍ୟ ପ୍ରଦାନ କରିଥିବା ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେ କହିଛନ୍ତି, ଏମ୍‌ପି ନିଶିକାନ୍ତ ଦୁବେ ବିଜୁ ବାବୁ (ବିଜୁ ପଟ୍ଟନାୟକ)ଙ୍କ ବିଷୟରେ ପ୍ରଦାନ କରିଥିବା ଆପତ୍ତିଜନକ କଥା ମୋତେ ଆଶ୍ଚର୍ଯ୍ୟ କରିଛି । ସୁସ୍ଥ ମସ୍ତିଷ୍କରେ ଥିବା କୌଣସି ବ୍ୟକ୍ତି ଏପରି ଆପତ୍ତିଜନକ କଥା କହିପାରିବ ନାହିଁ । ତେଣୁ ନିଶିକାନ୍ତ କୌଣସି ମାନସିକ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ନବୀନ କଟାକ୍ଷ କରିଛନ୍ତି ।

ନବୀନ କହିଛନ୍ତି ଯେ ନିଶିକାନ୍ତ ବୋଧହୁଏ ଜାଣନ୍ତି ନାହିଁ ଯେ ବିଜୁ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଦିଲ୍ଲୀରେ ତାଙ୍କ କାର୍ଯ୍ୟାଳୟ ନିକଟରେ ଏକ ଅଫିସ ରଖିଥିଲେ । ସେହି ଅଫିସରେ ଚୀନ ଆକ୍ରମଣ ବିରୋଧରେ ରଣନୀତି ପ୍ରସ୍ତୁତ ହେଉଥିଲା ଓ ଏହିଠାରେ ଯୁଦ୍ଧର ସବୁ ଯୋଜନା ପ୍ରସ୍ତୁତ କରାଯାଉଥିଲା । ମୁଁ ସେତେବେଳେ ବହୁତ ଛୋଟ ଥିଲି ଓ ମୋତେ ପ୍ରାୟ ୧୩ ବର୍ଷ ହୋଇଥିଲା । ମୋର ଏବେବି ମଧ୍ୟ ମନେ ଅଛି ଯେ ଚୀନ ଆକ୍ରମଣ ସମୟରେ ବିଜୁ ବାବୁ କେତେ ନିର୍ଭୟ ଥିଲେ ଓ ଭାରତ ଉପରେ ଚୀନ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ କେତେ କଣ କରିଥିଲେ । ନିଶିକାନ୍ତଙ୍କର ଏ ସମ୍ପର୍କରେ କୌଣସି ଧାରଣା ଥିବା ମନେ ହୁଏନାହିଁ । ଏପରି ଆପତ୍ତିଜନକ ମନ୍ତବ୍ୟ ତାଙ୍କ ଅସୁସ୍ଥ ମାନସିକ ସ୍ୱାସ୍ଥ୍ୟକୁ ପ୍ରମାଣିତ କରିଛି ବୋଲି ନବୀନ କହିଛନ୍ତି ।

## ବାପାମା'ଙ୍କୁ ଅସହାୟ ଛାଡ଼ିଲେ କଟିବ ୧୫% ଦରମା

■ ହାଇଦରାବାଦ, ୩୦।୩ (ଏଜେନ୍ସି): ବୃଦ୍ଧ ମାତାପିତାଙ୍କୁ ବୋଝ ଭାବୁଥିବା ପିଲାଙ୍କୁ କଠୋର ଶାସ୍ତି ମିଳିବ । ବାପାମା'ଙ୍କ ଯତ୍ନ ନ ନେଇ ଅସହାୟ ଅବସ୍ଥାରେ ଛାଡୁଥିବା ସନ୍ତାନସନ୍ତତିଙ୍କୁ ଆର୍ଥିକ ଛାଟ ଲାଗିବ । ଏଭଳି କରୁଥିବା କର୍ମଚାରୀଙ୍କ ମୋଟ ଦରମାରୁ ୧୫ ପ୍ରତିଶତ କିମ୍ବା ୧୦ ହଜାର ଟଙ୍କା କାଟି ଦିଆଯିବ । ତେଲଙ୍ଗାନା ବିଧାନସଭାରେ ଏଭଳି କଠୋର ଆଇନ ସର୍ବସମ୍ମତି କ୍ରମେ ପାରିତ ହୋଇଯାଇଛି । ଏହାର ନାମ 'ପ୍ୟାରେଣ୍ଟାଲ ସପୋର୍ଟ ବିଲ୍-୨୦୨୬' ରହିଛି । ଏହାକୁ ଏ ପର୍ଯ୍ୟନ୍ତ ଦେଶରେ ଥିବା ସବୁଠାରୁ କଠୋର ଆଇନ ବୋଲି କୁହାଯାଉଛି । କାରଣ ଉଭୟ ସରକାରୀ ଏବଂ ବେସରକାରୀ କର୍ମଚାରୀଙ୍କୁ ଏହି ଆଇନ ପରିସରଭୁକ୍ତ କରାଯାଇଛି । ପ୍ରଥମ ଥର ପାଇଁ ବିଧାୟକ ଏବଂ ସାଂସଦଙ୍କୁ ମଧ୍ୟ ଏହି ଆଇନରେ ସାମିଲ କରାଯାଇଛି । ଘରୋଇ କ୍ଷେତ୍ରର କର୍ମଚାରୀ, ବିଧାୟକ, ସାଂସଦ, ସରପଞ୍ଚ ଆଦିଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି ଯେ ଏହି ଅଭିଯୋଗ ପାଇଁ ମାତାପିତାଙ୍କୁ କୋର୍ଟକୁ ଯିବାକୁ ପଡ଼ିବ ନାହିଁ । ସେମାନେ ସିଧା ଜିଲ୍ଲାପାଳଙ୍କ ପାଖରେ ଆବେଦନ କରିପାରିବେ । ଯାଞ୍ଚରେ ଅଭିଯୋଗ ସତ୍ୟ ସାବ୍ୟସ୍ତ ହେଲେ ଜିଲ୍ଲାପାଳ ସିଧା କମ୍ପାନୀ କିମ୍ବା ବିଭାଗୀୟ କର୍ମଚାରୀଙ୍କ ଦରମା କାଟି ମାତାପିତାଙ୍କ ଖାତାରେ ଜମା କରିବାକୁ ନିର୍ଦ୍ଦେଶ ଦେଇପାରିବେ । ▶ପୃଷ୍ଠା-୭

**ତେଲଙ୍ଗାନା ବିଧାନସଭାରେ ପାରିତ ହେଲା 'ପ୍ୟାରେଣ୍ଟାଲ ସପୋର୍ଟ ବିଲ୍'**

## ପ୍ରେମିକାକୁ ଖଣ୍ଡ ଖଣ୍ଡ କରି ଫ୍ରିଜ୍‌ରେ ରଖିଲେ ଯବାନ



■ବିଶାଖାପାଟନା,୩୦ ।୩(ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟନାରୁ ଏକ ଶିହରଣକାରୀ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ଜଣେ ବିବାହିତ ନୌସେନା କର୍ମଚାରୀ ନିଜ ପ୍ରେମିକାକୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ ପରି କାଟି ଫ୍ରିଜ୍‌ରେ ଲୁଚାଇ ରଖିଥିବା ଅଭିଯୋଗ ହୋଇଛି । ଭାରତୀୟ ନୌସେନା ଜାହାଜ (ଆଇଏନଏସ୍) ଦେଗାରେ କାର୍ଯ୍ୟରତ ଜଣେ ନୌସେନା କର୍ମଚାରୀ ଚନ୍ତାଡ଼ା ରବୀନ୍ଦ୍ର, ନିଜ ପତ୍ନୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପ୍ରେମିକା ପୋଲିପଲ୍ଲୀ ମୌନିକାଙ୍କୁ ହତ୍ୟା କରିବା ପରେ ତାଙ୍କ ଶରୀରକୁ ଅତି ନିର୍ମମ ଭାବେ ଖଣ୍ଡ ଖଣ୍ଡ କରି କାଟି ଦେଇଛନ୍ତି । ୩୦ ବର୍ଷୀୟ ରବୀନ୍ଦ୍ର ୨୦୨୧ରେ 'ମିଙ୍ଗଲ' ନାମକ ଏକ ଡେଟିଂ ଆପ୍ ଜରିଆରେ ୩୧ ବର୍ଷୀୟା ମୌନିକାଙ୍କ ସହ ପରିଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ୨୦୨୪ରେ ରବୀନ୍ଦ୍ର ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ । ପୁଲିସ ସୂଚନା ଅନୁଯାୟୀ, ମୌନିକା ରବୀନ୍ଦ୍ରଙ୍କଠାରୁ ୩.୫ ଲକ୍ଷ ଟଙ୍କା ନେଇଥିଲେ ଏବଂ ସେମାନଙ୍କ ସମ୍ପର୍କ ବିଷୟରେ ରବୀନ୍ଦ୍ରଙ୍କ ପତ୍ନୀଙ୍କୁ ଜଣାଇବାକୁ ବାରମ୍ବାର ଧମକ ଦେଉଥିଲେ । ଏହାକୁ ନେଇ ଦୁହିଁଙ୍କ ▶ପୃଷ୍ଠା-୭

### ରାଜଧାନୀରେ ଚାଞ୍ଚଲ୍ୟ

## ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ

■ଭୁବନେଶ୍ୱର, ୩୦ ।୩ (ସମିସ): ବିଧାନସଭା ଚାଲିଥିବା ବେଳେ ରାଜଧାନୀରେ ଚାଞ୍ଚଲ୍ୟକର ଘଟଣା ଘଟିଛି । ଲିଫ୍ଟ ମାଗି ଦୁଷ୍କର୍ମର ଶିକାର ହୋଇଛନ୍ତି ପଶ୍ଚିମବଙ୍ଗର ମହିଳା । ଷ୍ଟେସନରେ ଛାଡ଼ିଦେବା ବାହାନାରେ ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ କରିଛନ୍ତି ଦୁଇ ବନ୍ଧୁ । ରଣସିଂହପୁର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ, ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ କମାର ସାହିର ନାରାୟଣ ସ୍ୱାଇଁ (୩୧) ଓ ଗଣିଆ ଥାନା କିଶୋରପ୍ରସାଦର ବିଚିତ୍ର ସାହୁ (୩୪) । ଦୁଇ ଜଣ ଯାକ ବେସରକାରୀ ଆମ୍ବୁଲାନ୍ସ ଚାଳକ ।

ପୁଲିସ ସୂଚନାନୁଯାୟୀ, ମହିଳା ଜଣକ ପଶ୍ଚିମବଙ୍ଗର ▶ପୃଷ୍ଠା-୭



- ମଳିପଡ଼ାରୁ ଆଣି ରଣସିଂହପୁରରେ ରଖିଥିଲେ
- ଏତଲା ଦେବାକୁ ୩ ଥାନା ବୁଲିଲେ ପୀଡ଼ିତା
- ଦୁଇ ଆମ୍ବୁଲାନ୍ସ ଚାଳକଙ୍କୁ ବାନ୍ଧିଲା ପୁଲିସ

### ୨୦୨୭ ଜନଗଣନା

## ପ୍ରଥମ ପର୍ଯ୍ୟାୟରେ ୩୩ ପ୍ରଶ୍ନ

■ନୂଆଦିଲ୍ଲୀ,୩୦ ।୩(ଏଜେନ୍ସି): ଏପ୍ରିଲମାସ ପହିଲାରୁ ସାରା ଦେଶରେ ପରବର୍ତ୍ତୀ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ କେନ୍ଦ୍ର ସରକାର ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସମ୍ବଳିତ ଏଫ୍‌ଏକ୍ୟୁ (ଫ୍ରିକ୍ୱେଣ୍ଟଲି ଆସକ୍‌ଡ କୋଶ୍ଚେନ) ଜାରି କରିଛନ୍ତି । ବାରମ୍ବାର ପଚରାଯାଉଥିବା ପ୍ରଶ୍ନଗୁଡ଼ିକୁ ହିଁ ଏଫ୍‌ଏକ୍ୟୁ ବୋଲି କୁହାଯାଉଛି । ଏହି ଜନଗଣନାରେ ଅନେକ ▶ପୃଷ୍ଠା-୭

**ଲିଭ-ଇନ୍ ଯୋଡ଼ିକୁ ମିଳିବ ବିବାହିତ ମାନ୍ୟତା**

### ଏସ୍‌ସିବି ଅଗ୍ନିକାଣ୍ଡ

## ତେଜିଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି

ଭୁବନେଶ୍ୱର,୩୦।୩(ସମିସ): ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୩ ଜଣ ନିରୀହ ରୋଗୀଙ୍କ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି ତେଜିବାରେ ଲାଗିଛି । ବିଭିନ୍ନ ଦିଗରୁ ସରକାରଙ୍କ ଉପରେ ଚାପ ସତ୍ତ୍ୱେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେଉନାହାନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବାକୁ ପଦକ୍ଷେପ ନେଉନାହାନ୍ତି । ଏହି ଘଟଣାକୁ ଆହୁରି ଜୋରଦାର କରିବାକୁ ସୋମବାର ମିଳିତ ବିରୋଧୀଦଳଗୁଡ଼ିକ ପକ୍ଷରୁ ଗାନ୍ଧୀ ମାର୍ଗରେ ଏକ ବିଶାଳ ଗଣଧାରଣା ଆୟୋଜନ ହୋଇଛି । ଏହି ଧାରଣାରେ ▶ପୃଷ୍ଠା-୭

**ଗାନ୍ଧୀ ମାର୍ଗରେ ମିଳିତ ବିରୋଧୀ ଦଳର ଗଣଧାରଣା**



### ସରକାର ଉତ୍ତରଦାୟିତ୍ୱ ନେବାକୁ ବାଧ୍ୟ: ନବୀନ

ଭୁବନେଶ୍ୱର,୩୦।୩(ସମିସ): ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଛି । 'ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ' । ମୋ ଓଡ଼ିଶାର ୧୩ ଟି ନିରୀହ ଜୀବନ ସରକାରୀ ଅବହେଳାରୁ ଏସ୍‌ସିବି ପରି ଦେଶର ପ୍ରତିଷ୍ଠିତ ଡାକ୍ତରଖାନାରେ ଚାଲିଗଲା । ଏତେବଡ଼ ଘଟଣାରେ ମୁଁ କେମିତି ଚୁପ୍ ରହିପାରିବି । ଏହି ଦୁର୍ଘଟଣାରେ ମୋ ଓଡିଶା ମାଟିର ୧୩ ଜଣ ଓଡିଆ ଭାଇ ଭଉଣୀଙ୍କ ଜୀବନ କେବଳ ଯାଇନାହିଁ, ସେମାନଙ୍କ ପରିବାରର ସ୍ୱପ୍ନ ▶ପୃଷ୍ଠା-୭

> ଓଡିଶାବାସୀଙ୍କ ଜୀବନକୁ ବାଜି ଲଗାଇ ରାଜ୍ୟ ସରକାର ଖସିଯାଇ ପାରିବେ ନାହିଁ । ସରକାରୀ ଅବହେଳାରୁ ଚାଲିଗଲା ମୋ' ଓଡ଼ିଶାର ୧୩ଟି ନିରୀହ ଜୀବନ ।




### ଆରଟିଇ ପାରଦର୍ଶୀ ପୋର୍ଟାଲ

# ପ୍ରଥମ ପର୍ଯ୍ୟାୟରେ ୧୦୦୭ ପିଲା ନାମଲେଖା ପାଇଁ ମନୋନୀତ

ବାଲେଶ୍ୱର,୩୦।୩ (ସମିସ)

ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ୭୯୪ ଜଣ ପିଲା ନାମଲେଖା ପାଇଁ ଚୟନ ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୦୦୭କୁ ବୃଦ୍ଧି ପାଇଛି। ପ୍ରଥମ ପର୍ଯ୍ୟାୟରେ ୧୦୦୭ ଜଣ ପିଲା ଘରୋଇ ସ୍କୁଲରେ ମାଗଣାରେ ପାଠ ପଢିବା ପାଇଁ ମନୋନୀତ ହୋଇଛନ୍ତି ବୋଲି ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆରଟିଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆର୍ଥିକ ଅନଗ୍ରସର ଓ ଦୁର୍ବଳ ଶ୍ରେଣୀର ପିଲାମାନେ ଘରୋଇ ସ୍କୁଲର ପ୍ରଥମ ଶ୍ରେଣୀରେ ୨୫ଧ ସିଟ୍‌ରେ ମାଗଣାରେ ନାମ ଲେଖାଉଛନ୍ତି। ଏଥିରେ ଜଣେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନ ପ୍ରଦାନ କରାଯାଉଛି। ୨୦୨୧-୨୨ ଶିକ୍ଷା ବର୍ଷରେ ଆରଟିଇ ପାରଦର୍ଶୀ ଯୋଜନାରେ ବାଲେଶ୍ୱର ଜିଲ୍ଲାରେ ସେତେଟା ସଫଳତା ମିଳିନଥିଲା ମାତ୍ର ଚଳିତବର୍ଷ ଆରଟିଇ ପାରଦର୍ଶୀ ପୋର୍ଟାଲ ଯୋଜନାରୁ ଉପକୃତ ହେଉଛନ୍ତି ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ। ଏହି ଯୋଜନା ବାବଦରେ ବାଲେଶ୍ୱରର ଅନେକ ଅଭିଭାବକ ଜାଣିନଥିବାବେଳେ ୨୦୨୧-୨୨ରେ ଆରଟିଇ ପାରଦର୍ଶୀ ପୋର୍ଟାଲ ଯୋଜନାରେ ମାତ୍ର ୧୯ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ସେହିପରି ୨୦୨୨-୨୩ ବର୍ଷରେ ୬୬୦ ଜଣ ଛାତ୍ରଛାତ୍ରୀ ଘରୋଇ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ପାଠ ପଢ଼ିବା ପାଇଁ ମନୋନୀତ ହୋଇଥିଲେ। ଏହିପରି ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ସୂଚନାଯୋଗ୍ୟ, ଶିକ୍ଷା ଅଧିକାର ଆଇନ ୨୦୧୯ ଅନୁଯାୟୀ ବେସରକାରୀ ତଥା ଘରୋଇ ସ୍କୁଲରେ ମାଗଣାରେ ନାମ ଲେଖାଇ ପାଠ ପଢିପାରିବେ। ଆରଟିଇ ପାରଦର୍ଶୀ ଯୋଜନା ଅଧୀନରେ ପ୍ରତି ଘରୋଇ ସ୍କୁଲରେ ଏଣ୍ଟ୍ରି କ୍ଲାସ ଅର୍ଥାତ ପ୍ରଥମ ଶ୍ରେଣୀରେ ୨୫ ପ୍ରତିଶତ ପିଲାଙ୍କୁ ମାଗଣାରେ ପଢାଇବେ। ଯାହାକି ବାଧ୍ୟତାମୂଳକ। ଏହି ଅନୁସାରେ ଏବର୍ଷ ଏଥିରେ ପିଲାଙ୍କୁ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୬-୨୭ ଶିକ୍ଷା ବର୍ଷରେ ଆରଟିଇ ପାରଦର୍ଶୀ ଯୋଜନାର ୨୫ ପ୍ରତିଶତ ମାଗଣା ନାମଲେଖା ତାଲିକାରେ ବାଲେଶ୍ୱର ଜିଲ୍ଲାରେ ୧୦୦୭ ଜଣ ଛାତ୍ରଛାତ୍ରୀ ଯୋଡି ହୋଇଛନ୍ତି। ସେହିପରି ଆରଟିଆଇ ପାରଦର୍ଶୀ ଯୋଜନା ଅଧୀନରେ ୩୨୫ଟି ଘରୋଇ ସ୍କୁଲ ପଞ୍ଜିକୃତ କରିଛନ୍ତି। ବାହାନଗାରେ ୫୨ ଛାତ୍ରଛାତ୍ରୀ, ବାଲେଶ୍ୱର ପୌରପାଳିକାରେ ୧୬୧ ଛାତ୍ରଛାତ୍ରୀ, ବାଲିଆପାଳ ବ୍ଲକରେ ୭୩ ଜଣ ଛାତ୍ରଛାତ୍ରୀ, ବସ୍ତାରେ ୧୬ ଜଣ, ଭୋଗରାଇରେ ୩୨ ଜଣ, ଜଳେଶ୍ୱର ବ୍ଲକରେ ୫୧ ଜଣ, ଜଳେଶ୍ୱର ଏନଏସିରେ ୯ ଜଣ, ଖଇରା ବ୍ଲକରେ ୬୬ ଜଣ, ନୀଳଗିରି ବ୍ଲକରେ ୨୨ ଜଣ, ନୀଳଗିରି ଏନଏସିରେ ୫ ଜଣ, ଔପଦା ବ୍ଲକରେ ୩୩ ଜଣ, ରେମୁଣା ବ୍ଲକରେ ୧୧୬ ଜଣ, ସଦରରେ ୭୯ ଜଣ, ସିମୁଳିଆ ବ୍ଲକରେ ୮୩ ଜଣ, ସୋର ବ୍ଲକରେ ୧୦୮ ଜଣ ଏବଂ ସୋର ଏନ୍‌ଏସିରେ ୧୦୦ ଜଣ ଛାତ୍ରଛାତ୍ରୀ ନିଜର ନିକଟସ୍ଥ ଘରୋଇ ସ୍କୁଲରେ ମାଗଣାରେ ପାଠପଢ଼ା ପାଇଁ ନାମଲେଖା ନିମନ୍ତେ ମନୋନୀତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ପୌରପାଳିକାରେ ସବୁଠୁ ଅଧିକ ଛାତ୍ରଛାତ୍ରୀ ଅର୍ଥାତ ୧୬୧ ଜଣ ମନୋନୀତ ହୋଇଥିବା ବେଳେ ସର୍ବନିମ୍ନ ନୀଳଗିରି ଏନଏସିରେ ୫ ଜଣ ମନୋନୀତ ହୋଇଛନ୍ତି। ତେବେ ମାର୍ଚ୍ଚ ୧୬ ରେ ପ୍ରଥମ ପର୍ଯ୍ୟାୟ ଅନଲାଇନ୍ ଲଟେରୀ ଏବଂ ସ୍କୁଲ ଆବଣ୍ଟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୧୭ ତାରିଖରୁ ୩୧ ତାରିଖ ଯାଏଁ ସ୍କୁଲରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଚାଲିଛି। ସେହିପରି ଏପ୍ରିଲ ୨୮ ରେ ଦ୍ୱିତୀୟ ପର୍ଯ୍ୟାୟ ଅନଲାଇନ୍ ଲଟେରୀ ଏବଂ ସ୍କୁଲ ଆବଣ୍ଟନ ହେବ ଏବଂ ଏପ୍ରିଲ ୨୯ରୁ ମେ ମାସ ୧୮ ତାରିଖ ଯାଏଁ ସ୍କୁଲରେ ନାମଲେଖା ଚାଲିବ। ତୃତୀୟ ପର୍ଯ୍ୟାୟ ଅନଲାଇନ୍ ଲଟେରୀ ଏବଂ ସ୍କୁଲ ଆବଣ୍ଟନ ଜୁନ୍ ୧୮ ରେ ହେବା ସହ ଜୁନ୍ ୧୯ ରୁ ନାମ ଲେଖା ଚାଲିବ। ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟାର ଆଉ କଟ୍ ଅଫ୍ ତାରିଖ ଶେଷ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ଜୟରାମପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**ଭୋଗରାଇ, ୩୦।୩ (ସମିସ) :** ଭୋଗରାଇ ବ୍ଲକ୍ ଜୟରାମପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପଙ୍କଜାକ୍ଷ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥଲେ। ମୁଖ୍ୟଅତିଥି ଭାବେ ଜୟରାମପୁର ସରପଞ୍ଚ ଦୀପ୍ତିରାଣୀ ମିଶ୍ର ଓ ମୁଖ୍ୟବକ୍ତା ଭାବେ ହରି ନାରାୟଣ ଜେନା ଯୋଗଦେଇ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥ ମହାନ୍ତି, ମୁରଲୀ ମୋହନ ମହାନ୍ତି, ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ସମବାୟ ସମିତିର କର୍ମକର୍ତ୍ତା ଓ ଚାଷୀଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ରହିଲେ ଯାଇ ସମିତିର ଉନ୍ନତି ସମ୍ଭବ ବୋଲି କହିଥିଲେ। ପରିଚାଳନା ସମିତିର ସଦସ୍ୟ ରବୀନ୍ଦ୍ର ନାଥ ଘୋଷ, ଜଗଦୀଶ ପାଣିଗ୍ରାହୀ, ବିଶ୍ୱମ୍ଭର ଦାସ ଅଧିକାରୀ, ହରିଶ ଜେନା, ଶଶାଙ୍କ ଘଡାଇ, ଅନାଦି ବେହେରା, ଭାରତୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଓମ୍ ପ୍ରକାଶ ଘୋଷ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ଶିବହର ଦେ, ହିରଣ୍ମୟ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ପାଳ, ରଶ୍ମିରେଖା ଦାସ, ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟୁତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ଅଶୋକ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ସଫଳ ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ସମିତି ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରଯାଇଥିଲା।

## ୮୧ ବର୍ଷରେ ସିମୁଳିଆର ଲକ୍ଷ୍ମୀନାରାୟଣ ପୂଜା



**ନୀଳଗିରି, ୩୦।୩ (ସମିସ):** ନୀଳଗିରି ଏନ୍‌ଏସିର ୯ନମ୍ବର ୱାର୍ଡର ସିମୁଳିଆ ଗ୍ରାମରେ ୮୧ ବର୍ଷରେ ଲକ୍ଷ୍ମୀ ନାରାୟଣ ପୂଜା ପାଳିତ ହୋଇଛି। ସାତ ଦିନ ଧରି ଯଜ୍ଞ ପାଠ କରାଯାଇଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ପ୍ରମୁଖ ପହଞ୍ଚି ଠାକୁରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଗ୍ରାମର ରବିନ୍ଦ୍ର ମହଲ, ରାମଚନ୍ଦ୍ର ମହଲ, ଗୌରହରି ମହଲ, ପ୍ରଫୁଲ୍ଲ ଦଳାଇ, ହେମନ୍ତ ବେହେରା, ସତ୍ୟନାରାୟଣ ମହଲ, ବ୍ରହ୍ମାନନ୍ଦ ମହଲ, ଦୀପକ ଗୋଚ୍ଛାୟତ, ଆଲୋକ ବେହେରା, କମଳାକାନ୍ତ ବେହେରା, ଶିବ ନାରାୟଣ ଷଡଙ୍ଗୀ ପ୍ରମୁଖ ସାତ ଦିନ ଧରି ପୂଜା ଉତ୍ସବ ପରିଚାଳନା କରିଥିଲେ।

## ଦୁଇ ବ୍ରାଉନସୁଗର ବେପାରୀ ଗିରଫ

**ନୀଳଗିରି, ୩୦।୩ (ସମିସ):** ନୀଳଗିରି ପୁଲିସ ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୦.୨୪୬ମିଲି ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସଦଳବଳେ ରାଉଳ ଖୁଣ୍ଟା ଛକରେ ସନ୍ତରାଗଡିଆ ଗ୍ରାମରେ ଜଗଦୀଶ ପାଣିଗ୍ରାହୀ (୩୦) ଓ କଣ୍ଡିଆ ଟିକର ଗ୍ରାମର ବଳରାମ ମହାକୁଡ଼ (୨୧) ମିଶି ବିକ୍ରି କରୁଥିବା ବେଳେ ପୁଲିସ ମାଡ଼ି ବସିଥିଲା। ଏ ନେଇ ନୀଳଗିରି ଥାନାରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତକାରୀ ଅଫିସର ରଞ୍ଜିତ ବେହେରା ଜବତ ବ୍ରାଉନସୁଗରକୁ ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନାଙ୍କ ଉପସ୍ଥିତିରେ ଓଜନ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ବାପା ଆଗରେ ଚାଲିଗଲା ପୁଅର ଜୀବନ

**ନୀଳଗିରି, ୩୦।୩ (ସମିସ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଅଧୀନ ଧୋବଶିଳା ଗ୍ରାମରେ ଗାଧୋଉଥିବା ବେଳେ ବାପା ଆଗରେ ଚାଲିଗଲା ପୁଅର ଜୀବନ। ସୋମବାର ଦିନ ୩ ଟାରେ ତିନି ବର୍ଷର ପୁଅକୁ ଧରି ବାପା ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁଁ ପୁଅଟି ବୁଡି ଯାଇଥିଲା। ପରେ ମୃତ ଅବସ୍ଥାରେ ପୁଅକୁ ଉଦ୍ଧାର କରିଥିଲା ବାପା। ଏପରି ଏକ ଦୁଃଖଦ ଘଟଣା ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମର ଜଡ଼ା ସିଂଙ୍କ ତିନି ବର୍ଷର ପୁଅ ମୁନା ପୋଖରୀରେ ଗାଧୋଉଥିବା ବେଳେ ଏପରି ଅଘଟଣ ଘଟିଛି। ସଙ୍ଗେ ସଙ୍ଗେ ପିଲାକୁ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ଅଞ୍ଚଳରେ ଏକ ପ୍ରକାର ଶୋକର ଛାୟା ଖେଳିଯାଇଛି।

## କାର-ବାଇକ ଧକ୍କା, ଜଣେ ମୃତ

**ବାଲେଶ୍ୱର,୩୦।୩(ସମିସ):** ଆଜି ସକାଳେ ସଦର ଥାନା ସାରଗାଁ ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ସାରଗାଁ ଅଞ୍ଚଳର ରଘୁନାଥ ପାତ୍ର(୨୮)। ଖବର ପାଇ ଘଟଣା ପୁଲିସ ପହଁଚି ମୃତଦେହକୁ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହାଛଡା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଜି ସକାଳ ପ୍ରାୟ ୧୦ଟା ସମୟରେ ସାରଗାଁ ଛକ ନିକଟସ୍ଥ ପଣାଗଡିଆ ଠାରେ ଉକ୍ତ କାରଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ତଳକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କ ମୃତ ଘୋଷଣା କରିଥିଲେ।

## ଚୋରା ମଦ ସହ କାର୍ ଜବତ

**ଜଳେଶ୍ୱର, ୩୦।୩ (ସମିସ) :** ରାଇବଣିଆ ଅଂଚଳରେ ବ୍ୟାପକ ଚୋରା ଦେଶୀ ମଦ କାରବାର ଚାଲୁଥିବା ବେଳେ ଅବକାରୀ ବିଭାଗ ଚଢ଼ଉ କରିଛି। ଆଜି ଏକ କାର୍‌ରେ ୨୦୦ ଲିଟର ମହୁଲି ମଦ ଛୋଟ ଛୋଟ ପ୍ୟାକେଟ କରାଯାଇ ହାତୀଗଡ ପଟୁ ନେଇଆଉଥିବା ବେଳେ ପୂର୍ବରୁ ଖବର ପାଇ ରାଇବଣିଆ ପୁଲିସ୍ ଭଦୁଆ ଠାରେ ଗାଡିକୁ ଅଟକାଇଥିଲା। ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ଗାଡିକୁ ଜବତ୍ କରାଯାଇ ରାଇବଣିଆ ଥାନାରେ ରଖାଯାଇଛି।

## ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ରାସ୍ତାରୋକ



**ନୀଳଗିରି, ୩୦।୩ (ସମିସ):** ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ବାଉଁଶବଣିଆ ଛକରେ ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ସକାଳ ୯ ଘଟିକା ଠାରୁ ବିଭିନ୍ନ ଦାବି ନେଇ ରାସ୍ତାରୋକ କରାଯାଇଥିଲା। ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା, ଉପ ସଭାପତି ଉମାକାନ୍ତ ମଳିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବିଜୟ କୁମାର ସ, ଅବସର ପ୍ରାପ୍ତ ଶିକ୍ଷକ ରବିନାରାୟଣ ଜେନା, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଗଙ୍ଗାଧର ସାମଲ ପ୍ରମୁଖ ଉପସ୍ଥିତ ରହି ରାସ୍ତାରୋକ ଜାରି ରଖିଥିବା ବେଳେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବିକ୍ଷୋଭ ସ୍ଥଳ ରେ ପହଞ୍ଚି ଉଦବୋଧନ ଦେବା ସହିତ ଏ ଭଳି ନ୍ୟାର୍ଯ୍ୟ ଦାବି ପାଇଁ ତାଙ୍କର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ୧୧. ୩୦ରେ ରାସ୍ତାରୋକ ସ୍ଥଳ ରେ ପହଁଞ୍ଚି ମଞ୍ଚ ର ନେତୃତ୍ୱଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହିତ ଆସନ୍ତା ଏପ୍ରିଲ ମାସ ୧୫ ତାରିଖ ମଧ୍ୟରେ ରାସ୍ତା ର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ନିର୍ଭରଯୋଗ୍ୟ ଦୃଢ ପ୍ରତିଶୃତି ଦେବା ସହିତ ଅନ୍ୟ ଦାବି ଗୁଡିକ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ଧାରଣା ପ୍ରତ୍ୟାହାର ହୋଇଥିଲା। ଉପଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର ହୋଇଥିବା ମଞ୍ଚ ନେତୃତ୍ୱଙ୍କ ଠାରୁ ସୂଚନା ମିଳିଥିବା ବେଳେ ମୁଖ୍ୟ ୩ ଦାବି ଗୁଡିକ ଯଥାକ୍ରମେ ନୀଳଗିରି ବଉଳଗଡିଆ ରାସ୍ତାକୁ ଯୁଦ୍ଧ କାଳୀନ ଭିତ୍ତିରେ ପୁନଃ ନିର୍ମାଣ, ଜନ ବସତିରୁ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର, କୁଳଡିହା ଅଭୟାରଣ୍ୟ ତଥା ପାହାଡ଼ ର ପାଦ ଦେଶ ରେ ତୁରନ୍ତ ସୋଲାର ଫିଲ୍ଡିଙ୍ଗ କରି ବନ୍ୟଜନ୍ତୁ କବଳରୁ ଧନଜୀବନ କୁ ରକ୍ଷା ଦେବା ସହିତ ହାତୀ କବଳରୁ ଲୋକଙ୍କ ଚାଷ ବାସର ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ଆସନ୍ତା ୧୫ ଦିନ ମଧ୍ୟରେ ରାସ୍ତାର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆସନ୍ତା ମେ' ପ୍ରଥମ ସପ୍ତାହରେ ପୁଣି ଅନିର୍ଦ୍ଦିଷ୍ଟ କାଳ ନୀଳଗିରି ବଉଳ ଗଡିଆ ରାସ୍ତାର ଉଭୟ ପାଶ୍ୱର୍ରେ ରାସ୍ତାରୋକ କରିବାର ଚେତାବନୀ ପ୍ରଶାସନକୁ ଦେଇ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ।

## ସୋର ବ୍ଲକରେ ମନରେଗା ଅଭିଯୋଗ ଶୁଣାଣି

**ସୋର, ୩୦।୩ (ସମିସ):** ସୋର ବ୍ଲକ ପରିସରରେ ମନରେଗା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ବିଡିଓ ସତ୍ୟନାଥ ନାଏକ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂହ, ବ୍ଲକ ଅଧକ୍ଷା ଅନୁସୟା ମଳିକ, ଜିଲ୍ଲାପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ ଓ ଏଇଇ ନିର୍ମଳକାନ୍ତ ପରିଡା ଉପସ୍ଥିତ ରହି ଲୋକମାନଙ୍କର ଅଭିଯୋଗ ଶୁଣାଣି କରିଥିଲେ। ଏହି ସମୟରେ ବିଭିନ୍ନ ଅଭିଯୋଗ ସମେତ ଆସନ୍ତା ଏପ୍ରିଲ ୧ରୁ ମନରେଗା ଯୋଜନା ବନ୍ଦ ହେବାକୁ ଥିବା ବେଳେ ଟଙ୍କା କିପରି ମିଳିବ ସେ ନେଇ ଲୋକେ ଚିନ୍ତା ପ୍ରକାଶ କରିଥିଲେ। ରଜତ ମୁଦୁଲି ଓ ଏପିଓ ସୁଭଦ୍ରା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

### ଆଦିବାସୀ ସାହିରେ ନାହିଁ ପାନୀୟ ଜଳ ସୁବିଧା

## ୨୦୦ ପରିବାରର ଭରସା ନଈପାଣି

ଜଳେଶ୍ୱର, ୩୦।୩ (ସମିସ)



ଗୋବରଘଟା ପଂଚାୟତର ଦଶହରା ପଡିଆ ଆଦିବାସୀ ସାହିରେ ନାହିଁ ପାନୀୟ ଜଳ ସୁବିଧା। ସମସ୍ତଙ୍କ ପାଇଁ ପାଇପ ପାଣିର ବ୍ୟବସ୍ଥା କରାଯାଉଥିବା ବେଳେ ସେମାନଙ୍କ ଲାଗି ତାହା ସାତ ସପନ। ଲକ୍ଷ୍ମଣନାଥ ଓ ଗୋବରଘଟା ପଂଚାୟତର ସୀମାରେ ତଥା ସୁବର୍ଣ୍ଣରେଖା ନଦୀକୂଳରେ ସାହିଟି ଅବସ୍ଥିତ ଥିବାରୁ ନଦୀପାଣି ସେମାନଙ୍କ ଲାଗି ଏକମାତ୍ର ସାହାଭରସା। ସାହିରେ ଥିବା ୨୦୦ ପରିବାରର ସମସ୍ତ ଲୋକ ଦିନମଜୁରିଆ ହୋଇଥିବାରୁ ସାହିର ବିକାଶ ବହୁ ଦୂରରେ। ସାହିକୁ ରାସ୍ତା ନାହିଁ କି ବିଦ୍ୟୁତ୍ ମଧ୍ୟ ନାହିଁ। ସାହିବାସୀ ଏକପ୍ରକାର ଅଭିସପ୍ତ ଜିବନ ବିତାଉଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସଂଧ୍ୟାହେଲେ ସମଗ୍ର ଅଂଚଳଟି ଅନ୍ଧକାରରେ ଭରିଯାଏ। ନିର୍ବାଚନ ସମୟରେ ସାହିକୁ ପାଣିପାଇପ୍ ବିଛାଯାଇଥିବା ବେଳେ ସେଥିରୁ ଏବେ ପାଣି ବାହାରୁ ନାହିଁ। ସାହିଠାରୁ ପ୍ରାୟ ୪ କି.ମି. ଦୂରରେ ଏକ ପାନୀୟଜଳ ପ୍ରକଳ୍ପ ରହିଥିଲେ ମଧ୍ୟ ସାହିକୁ ଆଦୌ ପାଣି ଆସିପାରୁ ନାହିଁ। ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ହୋଇଥିବା ବେଳେ ଅନ୍ୟ ଗୋଟିକରୁ ଗୋଳିଆପାଣି ବାହାରୁଛି। ସେହି ନଳକୂପ ଉପରେ ସାହିବାସିନ୍ଦା ନିର୍ଭର କରନ୍ତି। ସାହିର ପଶ୍ଚିମପଟେଥିବା ସୁବର୍ଣ୍ଣରେଖା ନଦୀରୁ ପାଣି ଆଣି ପିଇବା ସହିତ ରୋଷେଇ କାର୍ଯ୍ୟ କରିଥାନ୍ତି। କିଛିଦିନ ପୂର୍ବେ ସମାଜସେବୀ ବିଶ୍ୱରୂପ ଦାସ ଏ ସଂପର୍କରେ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପର ଉପଖଣ୍ଡ ଅଧିକାରୀ ଶେଷନାଗ ପ୍ରଧାନଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟ ଜଳ ଯୋଗାଇବା ଲାଗି ସାହିର ଲୋକମାନେ ମଧ୍ୟ ନିବେଦନ କରିଥିଲେ। ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇନଥିବାରୁ ଗ୍ରାମର ପାରାଗାନା ମାରାଣ୍ଡି, ନୁପୁର ସରେନ୍, ଗୁରୁବାରୀ ହେମ୍ବ୍ରମ, ମୁନା ସିଂ, ରତନ ସିଂ, ସରେନ୍ ମାରାଣ୍ଡି, ଅନିଲ ସିଂ, ଡାକ୍ତର ସରେନ୍, ଗଣେଶ ସରେନ୍, ରବି ମାରାଣ୍ଡି, ଗୁରୁବାରୀ ହେମ୍ବ୍ରମ, ଗିତା ମାରାଣ୍ଡି ପ୍ରମୁଖ ବହୁ ସାହିବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

**ବାଲିଆପାଳ, ୩୦।୩ (ସମିସ):** ଏହି ବ୍ଲକ ଅଧିନ ମଧୁପୁରା ସେବା ସମବାୟ ସମିତି ୨୦୨୬ର ବାର୍ଷିକ ସାଧାରଣ ସଭା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସଭାପତି ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଶାନ୍ତିଲତା ବେହେରା, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇଟି, ଦେଉଳା ସରପଞ୍ଚ ସରୋଜ କୁମାର ପିଲା, ମଧୁପୁରା ସମିତି ସଭ୍ୟ ସୁଶାନ୍ତ ସେଠି, ସଦସ୍ୟା ସବିତା ଜେନା, ବରିଷ୍ଠ ସଦସ୍ୟ ପଦ୍ମ ଲୋଚନ ରାଉତ, ଅଶୋକ କୁମାର ବାଗ, ଗୋପାଳ ମାରାଣ୍ଡି, ପ୍ରମୋଥ ବାରିକ, ଗୋପିନାଥ ମାହାନା, ଗୋପାଳ ମାରାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ସମିତିର ସମ୍ପାଦକ ପ୍ରତାପ ଗିରି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ସୁପରଭାଇଜର ଚଳିତ ବର୍ଷର ଜମା ଖର୍ଚ୍ଚର ହିସାବ ଅବଗତ କରାଇଥିଲେ। ମୁରଲୀ ଧର ପ୍ରଧାନ, ସଞ୍ଜୟ ସାହୁ, ବିବର୍ତ୍ତନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସମିତି ପକ୍ଷରୁ ପଞ୍ଚାୟତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜଶ୍ରୀ ପାଣିଗ୍ରାହୀଙ୍କ ସମେତ ୪୫ ଜଣ ମାସିକ ଓ ବାର୍ଷିକ ଜମାକାରୀ, ଚାଷୀ, ଯୁଗ୍ମ ଋଣକାରୀ, ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ମୁଁ କୁଳଡିହା କହୁଛି'ର ପ୍ରଥମ ଅଧିବେଶନ



**ନୀଳଗିରି, ୩୦।୩ (ସମିସ):** ନୀଳଗିରି ସ୍ଥାନୀୟ ସିଆଡ଼ିମାଳର କୁମ୍ଭକ୍ଷେତ୍ର ପରିସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପରିବେଶ ପ୍ରେମୀ ବାମନ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ମୁଁ କୁଳଡିହା କହୁଛି' ର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅଧିବେଶନରେ ବିନୋଦ ବିହାରୀ ପଣ୍ଡା, ସୁବାସିନୀ ଜୀ, ସୁଶାନ୍ତ ମହାପାତ୍ର, ଚିତ୍ତରଞ୍ଜନ ପତି, ଶିବସୁନ୍ଦର ସାହୁ, ମାଳତୀ ଧଳ, ଯୁବ ଚିତ୍ରଶିଳ୍ପୀ ଦିବ୍ୟ ପ୍ରକାଶ ପରିଡ଼ା, ରଞ୍ଜନ କୁମାର ସେଠୀ, କ୍ରିଷ୍ଣା ନାଥ, ତପନ କୁମାର ମିଶ୍ର, ରୂପମ କର, ଦେବାଶିଷ ଭଞ୍ଜ, ନୀଳାଦ୍ରି ବେହେରା, ଚନ୍ଦନ ସାହୁ ପ୍ରମୁଖ କବି, ଲେଖକ, ଶିଳ୍ପୀ, ସମାଜସେବୀ, ସଂଗଠକ, ପ୍ରକୃତି ଓ ପରିବେଶ ପ୍ରେମୀ ଯୋଗ ଦେଇ ସାଂସ୍କୃତିକ ସଚେତନଧର୍ମୀ ସାମାଜିକ ଅନୁଷ୍ଠାନ 'ମୁଁ କୁଳଡିହା କହୁଛି' ର ରୂପରେଖ ପ୍ରସ୍ତୁତ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇ ବାଲେଶ୍ୱର ଜିଲ୍ଲାର କୁଳର ଡିହ କୁଳଡିହାର ଗୁଣଗାନ କରିବା ସହ ତା'ର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ସର୍ବ ସମ୍ମତି କ୍ରମେ ଶିଳ୍ପୀ କେଶୁ ଦାସଙ୍କୁ ଆବାହକ, ବାମନ ଚନ୍ଦ୍ର ମହାନ୍ତିଙ୍କୁ ସଭାପତି, ଚିତ୍ତରଞ୍ଜନ ପତିଙ୍କୁ ସମ୍ପାଦକ, ଦିବ୍ୟ ପ୍ରକାଶ ପରିଡ଼ାଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ପ୍ରତି ପଞ୍ଚମ ପାଳି ରବିବାର ଏକ ସାହିତ୍ୟ-ସଂସ୍କୃତି ସମ୍ପନ୍ନ ସଚେତନତାଧର୍ମୀ କର୍ମଶାଳା କୁଳଡିହାର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରାଯିବ ବୋଲି ସ୍ଥିର କରାଯାଇ ଆଗାମୀ କର୍ମଶାଳା ମଇ ୩୧ ତାରିଖ ପଞ୍ଚମ ପାଳି ରବିବାର ଔପଦା ବଜାର ଠାରେ ଆୟୋଜନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି।



୩୦/୩/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୨୦,୩୦୫/- ସୁନା:୦୭.୩୦୦ ଗ୍ରାମ୍ ରୁପା: ୪୪.୫୦୦ ଗ୍ରାମ୍



# ୪ ବର୍ଷରେ ସମୁଦ୍ରରେ ଗଲାଣି ୨୮ ଜୀବନ

ପୁରୀ,୩୦ା୩(ସମିସ)

ପୁରୀ ସମୁଦ୍ରରେ ସ୍ନାନ ଆଉ ପର୍ଯ୍ୟଟକଙ୍କ ପାଇଁ ନିରାପଦ ହେଉନି। ବିଭିନ୍ନ ସମୟରେ ମୃତାହତର ଖବର ସେମାନଙ୍କୁ ଭୟଭୀତ କରୁଛି। ୪ ଦିନରେ ୩ ଜଣଙ୍କ ଜୀବନ ଯାଇଥିବାବେଳେ ୪ ବର୍ଷରେ ସମୁଦ୍ରରେ ଗଲାଣି ୨୮ ଜୀବନ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଖୁସିରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ଅକାଳ ମୃତ୍ୟୁ ପାଇଁ ଦାୟୀ କିଏ? ପର୍ଯ୍ୟଟକ, ସମୁଦ୍ର ନା ଆମ ପ୍ରଶାସନିକ ବ୍ୟବସ୍ଥା? ତେବେ ଯିଏ ଦାୟୀ ହେଉନା କାହିଁକି ସମୁଦ୍ର ସ୍ନାନଜନତି ମୃତ୍ୟୁରେ ରୋକ୍ ଲାଗିବା ଦରକାର। ନଚେତ୍ ଶାନ୍ତ ଶୀତଳ ଜଳକୁ ନେଇ ପୁରୀ ସମୁଦ୍ରର ଯେଉଁ ସ୍ୱତନ୍ତ୍ରତା ରହିଛି ସମୟ ଆସିବ ପର୍ଯ୍ୟଟକ ମୁହଁ ମୋଡ଼ିବେ ଏଥିରେ ସନ୍ଦେହ ନାହିଁ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଧାର୍ମିକ ସହର। ସାରା ଦେଶରୁ ଭକ୍ତ, ପର୍ଯ୍ୟଟକ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଆସିଥା'ନ୍ତି। ସମୁଦ୍ରରେ ସ୍ନାନ କରି ଏକ ନିଆରା ଅନୁଭୂତି ନେଇ ଶ୍ରୀକ୍ଷେତ୍ରରୁ ଫେରିଥା'ନ୍ତି। କେବଳ ଓଡ଼ିଶା କିମ୍ବା ବିଭିନ୍ନ ରାଜ୍ୟରୁ ନୁହେଁ, ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ପୁରୀର ଆଧ୍ୟାତ୍ମିକ ପର୍ଯ୍ୟଟନ ପ୍ରତି ଆକର୍ଷିତ ହୋଇ ଆସିଥା'ନ୍ତି। ପୁରୀର ସୁନ୍ଦର ବେଳାଭୂମିରେ ବୁଲାବୁଲି କରିବା ସହ ସମୁଦ୍ର ସ୍ନାନର ମଜା ନେଇଥା'ନ୍ତି। ହେଲେ ଅନେକ ସମୟରେ ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଇ ପର୍ଯ୍ୟଟକ ପ୍ରାଣ ହରାଉଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରୁଛନ୍ତି ପର୍ଯ୍ୟଟକ ଏବଂ ବୁଦ୍ଧିଜୀବୀ।

ଜିଲ୍ଲା ଅଗ୍ନିଶମ ବିଭାଗ ତଥ୍ୟ ଅନୁଯାୟୀ, ଗତ ୪ ବର୍ଷରେ ମୋଟ ୨୮ ଜଣ ପର୍ଯ୍ୟଟକ ପୁରୀ ସମୁଦ୍ରରେ ସ୍ନାନ ବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ଅର୍ଥାତ୍ ୨୦୨୨ରେ ୬ଜଣ, ୨୦୨୩ରେ ୬, ୨୦୨୪ରେ ୬ ଏବଂ ୨୦୨୫ରେ ୧୦ ଜଣଙ୍କ ଜୀବନ ସମୁଦ୍ରରେ



ଯାଇଛି। ଚଳିତ ବର୍ଷ ଏବେ ସୁଦ୍ଧା ୩ ଜଣଙ୍କ ଅକାଳ ବିୟୋଗ ଘଟିଛି। ଗତ ଶୁକ୍ରବାର ନିଖୋଜ ଯୁବକ ଯାଜପୁର ଅଞ୍ଚଳର ଶୁଭେନ୍ଦୁ ପ୍ରଧାନଙ୍କ ମୃତଦେହ ଶନିବାର ମିଳିଥିବାବେଳେ ସୋମବାର ୨ ଜଣଙ୍କ ଜୀବନ ଯାଇଛି। ସେହିପରି ଗତ ୪ ବର୍ଷ ମଧ୍ୟରେ ପୁରୀ ସମୁଦ୍ରରେ ବୁଡ଼ି ଯାଉଥିବା ୧୧୫୯ ଜଣଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରାଯାଇଛି। ମୁଖ୍ୟତଃ ସମୁଦ୍ର ବେଳାଭୂମିରେ ମୁତୟନ ହୋଇଥିବା ଲାଇଫ୍‌ଗାର୍ଡଙ୍କ ଯୋଗୁଁ ଅନେକ ନିରୀହ ପର୍ଯ୍ୟଟକଙ୍କ ଜୀବନ ରକ୍ଷା ହୋଇପାରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀ ବେଳାଭୂମିର ପରିସର ବଢ଼ିଥିଲେ ହେଁ ଲାଇଫ୍‌ଗାର୍ଡଙ୍କ ସଂଖ୍ୟା ସେହି ଅନୁସାରେ ବୃଦ୍ଧି ପାଇନି। ପେଣ୍ଠକଟାଠାରୁ ଷ୍ଟର୍ଲିନ୍ ଛକ ଯାଏଁ ୮ କିଲୋମିଟର ପରିବ୍ୟାପ୍ତ ପୁରୀ ବେଳାଭୂମି। ଏଥିପାଇଁ ଅଗ୍ନିଶମ ବାହିନୀର ୯୪ ଜଣ ଲାଇଫ୍‌ଗାର୍ଡ ମୁତୟନ ଅଛନ୍ତି। ଏମାନଙ୍କ ମଧ୍ୟରୁ ଚନ୍ଦ୍ରଭାଗା ବେଳାଭୂମିରେ ୫ ଜଣ ନିୟୋଜିତ ହୋଇଥିବାବେଳେ ୮୯ ଜଣ ପୁରୀର ୧୬ଟି ସେକ୍ଟରରେ ରହୁଛନ୍ତି। ଏମାନେ ସମୁଦ୍ରର ସ୍ଥିତି

## ଦାୟୀ କିଏ; ପର୍ଯ୍ୟଟକ ନା ପ୍ରଶାସନ?

ଦେଖି ପର୍ଯ୍ୟଟକଙ୍କୁ ସଚେତନ କରିଥା'ନ୍ତି। ସେହିପରି ଯଦି କେହି ବୁଡ଼ିଯାଆନ୍ତି ତାଙ୍କୁ ଉଦ୍ଧାର କରିଥା'ନ୍ତି।

ତେବେ କାହିଁକି ଦିନକୁ ଦିନ ସମୁଦ୍ର ସ୍ନାନ ଅସୁରକ୍ଷିତ ହୋଇପଡୁଛି? ଏହାର କାରଣ ସମୁଦ୍ରର ସ୍ଥିତି, ପର୍ଯ୍ୟଟକ ନା ପ୍ରଶାସନିକ ଅବହେଳା? ଏମିତି ପ୍ରଶ୍ନ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଥିବାବେଳେ ମୁଖ୍ୟତଃ ପର୍ଯ୍ୟଟକଙ୍କ ସଚେତନତାର ଅଭାବ ଏବଂ ପ୍ରଶାସନର ଅବହେଳାକୁ ମଧ୍ୟ ଅନେକ ଦାୟୀ କରୁଛନ୍ତି। କେଉଁ ସ୍ଥାନରେ ଗାଧୋଇବା ଉଚିତ୍ ଏବଂ କେଉଁଠି ଅନୁଚିତ୍, ସମୁଦ୍ରର ସ୍ଥିତି କ'ଣ ରହିଛି, କିଭଳି ଥିଲେ ଗାଧୋଇବା ନିରାପଦ ହେବ ନା ନାହିଁ ଏସବୁ ପର୍ଯ୍ୟଟକଙ୍କୁ ସଚେତନ କରାଇବା ପାଇଁ ବେଳାଭୂମିରେ ସୂଚନାଫଳକ ନାହିଁ। ଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ର ବିଷୟରେ ଅଜ୍ଞ ଥିବାରୁ ସମୁଦ୍ର ସ୍ନାନବେଳେ ଅସାବଧାନତା ହେତୁ ମୃତ୍ୟୁବରଣ କରୁଛନ୍ତି। ଏତଦ୍‌ବ୍ୟତୀତ ଅନେକ ପର୍ଯ୍ୟଟକ ଅଛନ୍ତି ଯେଉଁମାନେ ଲାଇଫ୍‌ଗାର୍ଡଙ୍କ କଥାକୁ ମାନି ନ ଥା'ନ୍ତି। ମନଇଚ୍ଛା ଯେ କୌଣସି ସ୍ଥାନରେ ସ୍ନାନ କରିଥା'ନ୍ତି। ବିପଦରେ ପଡ଼ିଲେ ବି ସେମାନେ ଲାଇଫ୍‌ଗାର୍ଡଙ୍କ ନଜରରେ ରହୁ ନ ଥା'ନ୍ତି। ଫଳରେ ଦୁର୍ଘଟଣାର ଶିକାର ହୋଇଥା'ନ୍ତି। ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଭାତ ରାଉତ କହିଛନ୍ତି, ବର୍ଷକୁ ପ୍ରାୟ ଦେଢ଼କୋଟିରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସୁଛନ୍ତି। ଉପଲବ୍ଧ ଭିତ୍ତିଭୂମି ମଧ୍ୟରେ ସର୍ବୋତ୍କୃଷ୍ଟ ସେବା ଦେବାକୁ ଅଗ୍ନିଶମ ବିଭାଗ ଏବଂ ଲାଇଫ୍‌ଗାର୍ଡମାନେ ସର୍ବଦା ଚେଷ୍ଟା କରୁଛନ୍ତି। ହେଲେ ଅନେକ ଅମାନିଆ ଅଛନ୍ତି, ଯେଉଁମାନେ କଥା ଶୁଣୁନାହାନ୍ତି ବରଂ ଖରାପ ବ୍ୟବହାର କରିଥା'ନ୍ତି। ଏମିତି କିଛି ନିଶା ସେବନ କରି ସ୍ନାନ କରିବାକୁ ଯାଉଛନ୍ତି। ତେଣୁ ପର୍ଯ୍ୟଟକଙ୍କୁ ଅନୁରୋଧ ସେମାନେ ସଚେତନତା ଏବଂ ସତର୍କତା ବାର୍ତ୍ତା ମାନନ୍ତୁ। ଜୁଆର ଫେରିବା, ରିପ୍ କରେଣ୍ଟ, ସମୁଦ୍ର ଅଶାନ୍ତ ଥିବାବେଳେ, ଅଧିକ ପାଣି ଭିତରକୁ ଯାଆନ୍ତୁ ନାହିଁ। ପର୍ଯ୍ୟଟକମାନେ ସଚେତନ ହେଲେ ଦୁର୍ଘଟଣା ନିଶ୍ଚିତ ଭାବେ ହ୍ରାସ ପାଇବ ବୋଲି କହିଛନ୍ତି ଅଗ୍ନିଶମ ଅଧିକାରୀ ଶ୍ରୀ ରାଉତ।

## ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଦାବିରେ ଆମରଣ ଅନଶନ

**ପୁରୀ,୩୦ା୩(ସମିସ):** ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ହନ୍ତୁକ ପଞ୍ଚାୟତ କୁରୁଣ୍ଟି ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଏବଂ ପ୍ରାଥମିକ ବିଦ୍ୟାଳୟର ଅବ୍ୟବସ୍ଥା ବିରୋଧରେ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ସଦର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଥିଲା। ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ତୁରନ୍ତ ନିର୍ମାଣ, ପ୍ରାଥମିକ ବିଦ୍ୟାଳୟର ସୁପରିଚାଳନା ନିମନ୍ତେ ଦାବି କରି ସର୍ବଶ୍ରୀ ଦେବଦତ୍ତ ପ୍ରଧାନ, ବୈରାଗୀ ପ୍ରଧାନ, ଦନେଇ ପ୍ରଧାନ ଓ ଅମୂଲ୍ୟ ପ୍ରଧାନ ପ୍ରମୁଖ ଏହି ଅନଶନରେ ସାମିଲ୍ ହୋଇଥିଲେ। ପରିଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନାରେ ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରାଯାଇ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଜମି ଅଧିକାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥାଗତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ଆଜି ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି

ପୁରୀ,୩୦ା୩(ସମିସ): ମଙ୍ଗଳବାର ଶ୍ରୀମନ୍ଦିରରେ ଦୟଣା ଚୋରି ନୀତି ଅନୁଷ୍ଠିତ ହେବ। ଏହି ସ୍ୱତନ୍ତ୍ର ନୀତିକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ। ଦୟଣା ଚୋରି କରିବେ ମହାପ୍ରଭୁ। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସରିବା ପରେ ଏହି ନୀତି ଆରମ୍ଭ ହେବ। ଏଥିପାଇଁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ରାମ କୃଷ୍ଣ ଜଗନ୍ନାଥ ବଲ୍ଲଭ ମଠ ପରିସରକୁ ବିଜେ କରିବେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

● ସ୍ୱାମୀ କହୁଛନ୍ତି ଦୁର୍ଘଟଣା; ମାଆ କହୁଛନ୍ତି ହତ୍ୟା

**ପୁରୀ,୩୦ା୩(ସମିସ):** ସ୍ୱାମୀଙ୍କ ସହିତ ବାଇକ୍‌ରେ ବସି ଯାଉଥିବାବେଳେ ମହିଳାଙ୍କ ମୃତ୍ୟୁ ଏବେ ସନ୍ଦେହ ଭିତରକୁ ଠେଲି ହୋଇଯାଇଛି। ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ବାଇକ୍‌ରୁ ଡେଇଁ ପଡ଼ିବାରୁ ସ୍ତ୍ରୀର ମୃତ୍ୟୁ ଘଟିଥିବା ସ୍ୱାମୀ କାକଟପୁର ଅଞ୍ଚଳର ଆରତ ସେଠୀ କହୁଛନ୍ତି। ହେଲେ ଜ୍ୱାଇଁର ଏହି କଥାକୁ ଗ୍ରହଣ କରିପାରୁନାହାନ୍ତି ଝିଅର ମାଆ ପୁରୀ ପେଣ୍ଠକଟାର ଲକ୍ଷ୍ମୀ ବେହେରା। ଜ୍ୱାଇଁ ମାରି ଦେଇଥିବା ନେଇ ସେ ରାମଚଣ୍ଡୀ ଥାନାରେ ଅଭିଯୋଗ କରିଛନ୍ତି। ମୃତା ହେଉଛନ୍ତି ୧୮ ବର୍ଷୀୟା ମାନସୀ ବେହେରା। ଲକ୍ଷ୍ମୀଙ୍କ ୪ ପୁଅ ଓ ଗୋଟିଏ ଝିଅ। ଏକମାତ୍ର ଝିଅ ମାନସୀ କାକଟପୁର ଅଞ୍ଚଳର ଆରତଙ୍କୁ ମାତ୍ର ୮ ମାସ ତଳେ ବିବାହ କରିଥିଲେ। ରବିବାର ଆରତ ଶଶୁର ଘରକୁ ଆସି ସ୍ତ୍ରୀ ମାନସୀଙ୍କୁ ନେଇ କାକଟପୁର ନିଜ ଗାଁକୁ ଯାଇଥିଲେ। ହଠାତ୍ ସୋମବାର ସକାଳେ ବାଇକ୍‌ରୁ ପଡ଼ି ଝିଅର ମୃତ୍ୟୁ ହୋଇଥିବା ଆରତ ଖବର ଦେଇଥିଲେ। ଖବର ପାଇ ମୃତା ମାନସୀଙ୍କ ମାଆ ଓ ଭାଇ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଲକ୍ଷ୍ମୀ କହିଛନ୍ତି ଯଦି ଗାଡ଼ିରୁ ପଡ଼ିଲା, ତେବେ ଶରୀରର କୌଣସି ସ୍ଥାନରେ କ୍ଷତ କିପରି ହେଲା ନାହିଁ। ତାଙ୍କ ଝିଅକୁ ମାରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ରାମଚଣ୍ଡୀ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ କରୁଛି।

## ଶ୍ରୀକ୍ଷେତ୍ରରେ ସାହିଯାତ: ରାମ ଗଲେ ବନବାସ

**ପୁରୀ,୩୦ା୩(ସମିସ):** ସୀତାଙ୍କୁ ବିବାହ କରି ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟାରେ ପହଞ୍ଚିବା ପରେ ପୁରପଲ୍ଲୀରେ ଆନନ୍ଦ ଖେଳିଯାଇଥିଲା। ସମସ୍ତଙ୍କ ମୁହଁରେ ଗୋଟିଏ



କଥା ରାମଚନ୍ଦ୍ର ଅଯୋଧ୍ୟାର ରାଜା ହେବେ। କିନ୍ତୁ ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଲା। ଏହି ସମୟରେ କୈକେୟୀ ଦଶରଥଙ୍କୁ ବର ମାଗିଥିଲେ। ସତ୍ୟ କରି କୈକେୟୀଙ୍କୁ ଦଶରଥ ବର ଦେଇଥିଲେ। ପିତୃ ସତ୍ୟ ରକ୍ଷାକରି ରାମଚନ୍ଦ୍ର ପତ୍ନୀ ସୀତା ଏବଂ ସାନଭାଇ ଲକ୍ଷ୍ମଣଙ୍କୁ ସାଥିରେ ଧରି ୧୪ ବର୍ଷ ବନବାସ ଯାଇଥିଲେ। ସାହିଯାତର ଚତୁର୍ଥ ସନ୍ଧ୍ୟାରେ ସୋମବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ବିଗ୍ରହଙ୍କ ସମ୍ମୁଖରେ ମାର୍କଣ୍ଡେଶ୍ୱର ସାହି ଆଖଡ଼ା ପକ୍ଷରୁ ଏହି ରାମ ବନବାସ ଲୀଳା କରାଯାଇଛି। ଚୈତ୍ର ଶୁକ୍ଳ ଦ୍ୱିତୀୟା ଅବସରରେ ସମ୍ପନ୍ନ ହୋଇଛି ରାମଲୀଳାର ବନବାସ ପ୍ରସ୍ତାବ ନୀତି। ବୁଧବାର ସୀତା ଚୋରି ନୀତି ଅନୁଷ୍ଠିତ ହେବ।

ମାର୍କଣ୍ଡେଶ୍ୱର ସାହି ଜାଗାରୁ ଶ୍ରୀରାମ, ଲକ୍ଷ୍ମଣ, ସୀତା, ବିଶ୍ୱାମିତ୍ର, ଗୁହକ ଶବର ଏବଂ ଡଗରଙ୍କ ନିରାଡ଼ମ୍ବର ତଥା ଦୁଃଖଦ ପଟୁଆର ବାହାରି ସାହି ଓ ବିଭିନ୍ନ ଜାଗା ପରିକ୍ରମା କରିଥିଲା। ଏପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢ଼ିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ ଲକ୍ଷ୍ମଣଙ୍କୁ ବଟ ବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନ ବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଘର ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ହୋଇଥିଲା। ଠାକୁରଙ୍କ ନିକଟରେ ଶୀତଳ ଭୋଗ ପନ୍ତି ହୋଇଥିଲା। ଏହାପରେ ମାର୍କଣ୍ଡେଶ୍ୱର ସାହି ଆଖଡ଼ା ନୀତିରେ ସାମିଲ୍ ହୋଇ ବନବାସ ପ୍ରସ୍ତାବ ଆଗତ କରିଥିଲେ।

## ମନ୍ଦିରରୁ ଚୋରି କରି ଜଣେ ଗିରଫ

**ପୁରୀ,୩୦ା୩(ସମିସ):** ମନ୍ଦିର ତାଲା ଭାଙ୍ଗି ଅଳଙ୍କାର ଚୋରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ଜଣେ ନାବାଳକକୁ ଗିରଫ କରିଛି। ଏନେଇ ପୁଲିସ କେସ୍ ନଂ ୧୭୦/୨୬ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ନିକଟରୁ ପୁଲିସ ସୁନା ନିର୍ମିତ ଆଖି, ଆଖିର ପତା, ରୁପାର କାନ ଫୁଲ, ମନ୍ଦିର ହୁଣ୍ଡିରୁ ଚୋରି ହୋଇଥିବା ନଗଦ ୪୦୦ ଟଙ୍କା ଜବତ କରିଛି। ଗତ ୨୮ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା କି ଘୋଡ଼ାବଜାର ନକଟସ୍ଥ ମହାବୀର ମନ୍ଦିରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ମନ୍ଦିର ହୁଣ୍ଡି ସହ ଅନ୍ୟାନ୍ୟ ଜିନିଷ ଚୋରି କରିନେଇଛି। ପୁଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଥିବା ନାବାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଭଗବତୀ ବିଦ୍ୟା ନିକେତନର ସାମ୍ବତ୍ସରିକ ସମାରୋହ

# ଶିକ୍ଷା ହେଉଛି ଜାଗ୍ରତ ଜାତିର ମାପ ଦଣ୍ଡ

ପୁରୀ,୩୦ା୩(ସମିସ)

ଭଗବତୀ ବିଦ୍ୟା ନିକେତନର ୨୭ତମ ସାମ୍ବତ୍ସରିକ ସମାରୋହ ରବିବାର ଭୋଳାନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମୁଖ୍ୟଅତିଥି, ଓସେପାର ଯୁଗ୍ମ ନିର୍ଦ୍ଦେଶିକା ମମତା ମିଶ୍ର ମୁଖ୍ୟବକ୍ତା, ହୋଟେଲ ଉଦ୍ୟୋଗୀ ତଥା ଲାୟନ୍ସ ଡିଷ୍ଟ୍ରିକ୍ଟ ଚେୟାରପର୍ସନ ଗିରିଶ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ମହେନ୍ଦ୍ର ବିଶୋଇ। ଅତିଥିମାନେ ଉଦ୍‌ବୋଧନ ଦେଇ ଶିକ୍ଷା ହେଉଛି ଜାଗ୍ରତ ଜାତିର ମାପଦଣ୍ଡ। ଶିକ୍ଷା ହିଁ ଆଲୋକ ବର୍ତ୍ତିକା। ତେଣୁ ସମସ୍ତ ଶିଶୁ ଉପଯୁକ୍ତ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ଦିଗରେ ଅଭିଭାବକମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ।



ପ୍ରାରମ୍ଭରେ ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ବିଦ୍ୟାର୍ଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର "ପ୍ରତିଜ୍ଞା' ଉନ୍ମୋଚିତ ହୋଇଥିଲା। ସମାରୋହରେ ଯୋଗଗୁରୁ ତଥା ପ୍ରାକୃତିକ ଚିକିତ୍ସକ ଡା. ମଧୁସୂଦନ ରାୟଙ୍କୁ କୈଳାସ ରାୟ ସ୍ମୃତି ସମ୍ମାନ, ବନ୍ଦାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଦାନନ୍ଦ ସାମନ୍ତରାୟ, ଦତ୍ତତୋଟା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଧାଶ୍ୟାମ ପଟ୍ଟନାୟକଙ୍କୁ "ଶିକ୍ଷକ ଗୌରବ ସମ୍ମାନ' ଏବଂ ଗୁରୁ ରବୀନ୍ଦ୍ର ବେହେରା, ସୁସ୍ମିତା ବାରିକଙ୍କୁ ନୃତ୍ୟଗୁରୁ ସମ୍ମାନ ଏବଂ ଗୁରୁ ପ୍ରତାପ କୁମାର ବାରିକଙ୍କୁ ବିଶିଷ୍ଟ ତବଲା ବାଦକ ଭାବେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଚଳିତ ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ, ଶ୍ରେଷ୍ଠ କ୍ରୀଡ଼ାବିତ୍, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଏବଂ ଗଣିତ, ସାହିତ୍ୟରେ ସର୍ବୋଚ୍ଚ ନମ୍ବରଧାରୀ ବିଦ୍ୟାର୍ଥୀମାନେ ପୁରସ୍କୃତ ହୋଇଥିଲେ। ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ ମଞ୍ଚ ସଂଯୋଜନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ମମତା ଦାସ। ସଭା ପର୍ବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ପ୍ରଜ୍ଞା ସାହୁଙ୍କ ସଂଯୋଜନାରେ କୁନି କୁନି ବିଦ୍ୟାର୍ଥୀଗଣ ଓଡ଼ିଶୀନୃତ୍ୟ, ଭଜନ ନୃତ୍ୟ, ଦେଶାତ୍ମବୋଧ ନୃତ୍ୟ ସହିତ ରାଇମ୍ସ ଏବଂ ଘୋଡ଼ାନାଚ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମାନସୀ ଦାଶ, ମମତା ନାୟକ, ଗୋଲ୍‌ଡି ଭଞ୍ଜ, ସୁସ୍ମିତା ବାରିକ, ଦିବ୍ୟାଶା ମହାନ୍ତି, ଅପରାଜିତା ଦ୍ୱିବେଦୀ, ରତ୍ନମଣୀ ଦଳେଇ, ସୋନମ୍‌ପ୍ରିୟା ସେନାପତି, ଶୁଚିସ୍ମିତା ମହାପାତ୍ର, ପୂଜା ସାହୁ, ସବିତା ପରିଡ଼ା, ସ୍ୱାଗତିକା ପାତାଳସିଂହ, ଜଳନ୍ଧର ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି ଜୋର୍ ଧରିଲା

**ପୁରୀ,୩୦ା୩(ସମିସ):** କୁହାଯାଏ ଭାଗ୍ୟରେ ଥିଲେ ଶ୍ରୀକ୍ଷେତ୍ରରେ ଜନ୍ମ ମିଳିଥାଏ। ବ୍ରହ୍ମାଣ୍ଡର ମାଲିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ହେଉଛି ପୁରୀ। ପ୍ରତିଦିନ ମଙ୍ଗଳ ଆଳତି ହେଉ ବା ବଡ଼ସିଂହାର ବେଶ ଏମିତି ଅନେକ ନୀତିକାନ୍ତି ଦେଖିବାକୁ ଦୈନିକ ଏକାଧିକଥର ଶ୍ରୀମନ୍ଦିର ଯାଇଥା'ନ୍ତି ପୁରୀ ଲୋକେ।

ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପରେ ତୁଳସୀ ଗ୍ରହଣ କରି ଅନ୍ନ ଗ୍ରହଣ କରିଥା'ନ୍ତି। କିନ୍ତୁ ଏବେ ଜଗା ଦର୍ଶନ ସତେ ଯେମିତି ଦୁର୍ବିସହ ହୋଇପଡ଼ିଛି। ବୃଦ୍ଧବୃଦ୍ଧା, ବିଧବା ମହିଳାଙ୍କ କଥା ତ ଦୂରର କଥା ସାଧାରଣ ପୁରୀ ବାସିନ୍ଦା ଏବେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରୁ ନାହାନ୍ତି। ପୁରୀବାସୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଗଠିତ ହୋଇଛି ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ। ସୋମବାର ଅନୁଷ୍ଠିତ ବୈଠକରେ ବିଭିନ୍ନ ବର୍ଗର ଲୋକେ ଯୋଗଦେଇ ନିଜ ନିଜର ମତ ଓ ପ୍ରସ୍ତାବ ଦେଇଛନ୍ତି। ପୂର୍ବରୁ ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚ ସହ ଏକାଧିକ ସଂଗଠନ ଦୀପଦାନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। କିନ୍ତୁ ଏଯାଏଁ କିଛି ସୁଫଳ ମିଳିପାରିନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଓ ଇଚ୍ଛାଶକ୍ତିକୁ ଦାୟୀ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଓ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ। ତେଣୁ ମଞ୍ଚ ପକ୍ଷରୁ ପୁନଶ୍ଚ ଅଧିକାରୀଙ୍କୁ ଦାବିପତ୍ର ସହ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ପୁରୀ ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ସ୍ୱାଧୀନ ପଣ୍ଡା, ହେକ୍ଟର ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଇପିଏଲ୍ ଢାଞ୍ଚାରେ ତୃତୀୟ ଶ୍ରୀକ୍ଷେତ୍ର ଥ୍ରୋ ବଲ୍ ପ୍ରିମିୟର ଲିଗ୍




**ପୁରୀ,୩୦ା୩(ସମିସ):** ସ୍ଥାନୀୟ ଝାଡ଼େଶ୍ୱରୀ କ୍ଲବ୍‌ରେ ରବିବାର ତୃତୀୟ ଶ୍ରୀକ୍ଷେତ୍ର ଥ୍ରୋ ବଲ୍ ପ୍ରିମିୟର ଲିଗ୍‌ର ଟ୍ରଫି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆଇପିଏଲ୍ ଢାଞ୍ଚାରେ ଜାତୀୟସ୍ତରର ଖେଳାଳିମାନଙ୍କର ମଧ୍ୟ କିଣାବିକା ସରିଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଉଭୟ ପୁରୁଷ ଓ ମହିଳା ଖେଳାଳି ଭାଗ ନେବାକୁ ଯାଉଛନ୍ତି। ଏଥିପାଇଁ ୨୩୫ ପୁରୁଷ, ୧୭୦ ମହିଳା ନିଜର ନାମ ପଞ୍ଜୀକରଣ କରିଥିଲେ। ଉଭୟ ପୁରୁଷ ଓ ମହିଳା ଦଳରେ ସର୍ବମୋଟ୍ ୫ଟି ଦଳ କରାଯାଇଛି। ଅକ୍ସନ ପରେ ୧୨ ଜଣ ଲେଖାଏଁ ମୋଟ ୬୦ ଜଣ ଖେଳାଳି ଚୟନ ହୋଇଛନ୍ତି। ଶ୍ରୀକ୍ଷେତ୍ର ୱାରିଅର୍, ଲାଇଟ୍ ଆଣ୍ଡ ନାଇଟ୍ ପୁରୀ, ମା' ବିରଜା ଫାଇଟର୍, କଳିଙ୍ଗ ଫାଇଟର୍, ଟିମ୍ ଡେଷ୍ଟ୍ରୟର୍ ନାମରେ ଗଠିତ ୫ଟି ଦଳ ଖେଳାଳିଙ୍କୁ କିଣିଛନ୍ତି। ଏହି ଅକ୍ସନ ସମୟରେ ମୁଖ୍ୟଅତିଥି ଭାବେ ବୈଭବ ଛୋଟରାୟ, ଆଲୋକ କୁମାର ଦାଶ, ମଞ୍ଜୁଲତା ବରାଳ, ଜିତେନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେବା ସହ ତୃତୀୟ ଶ୍ରୀକ୍ଷେତ୍ର ଥ୍ରୋ ବଲ୍ ପ୍ରିମିୟର ଲିଗ୍‌ର ଟ୍ରଫି ଉନ୍ମୋଚନ କରିଥିଲେ। ଆଗାମୀ ଦିନରେ ଏହି ଜାତୀୟସ୍ତରୀୟ ପ୍ରିମିୟର ଲିଗ୍ କିଭଳି ଭାବେ ସୁଚାରୁ ରୂପେ ସମ୍ପାଦନ ହେବ ଆଲୋଚନା କରି ଅକ୍ସନ ଶେଷ କରିଥିଲେ।




## ବାଇକ ଦୁର୍ଘଟଣାରେ ୨ ଆହତ

ବ୍ରାହ୍ମଣୀଗାଁ,,୩୦।୩(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ଏକ ବାଇକ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଗଦାପୁରରେ ଜଣେ ସମ୍ପର୍କୀୟ ଘରକୁ ଅନ୍ତର୍ବା ଗ୍ରାମର ସନ୍ତୋଷ ବେହେରା ନିଜ ସ୍ତ୍ରୀ ଓ ୨ ବର୍ଷର ଶିଶୁକୁ ଧରି ବାଇକରେ ଯାଇଥିଲେ। ସେଠାରୁ ନିଜ ଗ୍ରାମକୁ ଫେରିବା ବାଟରେ ବ୍ରାହ୍ମଣୀଗାଁ ଶିବମନ୍ଦିର ନିକଟରେ ତାଙ୍କ ବାଇକ୍ ସାମ୍ନାକୁ ହଠାତ୍ ଏକ ଛେଳି ଚାଲି ଆସିଲା ଯୋଗୁଁ ସେ ନିୟନ୍ତ୍ରଣ ହରାଇ ବାଇକ୍ ସହିତ ତଳେ ପଡ଼ି ଯାଇଥିଲେ। ସ୍ତ୍ରୀ ଓ ଶିଶୁ ଏଥିରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶିଶୁର ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ଜି.ଉଦୟଗିରି,୩୦।୩(ସମିସ): ଜି.ଉଦୟଗିରିର ମହାଗୁଡା ସାହିରେ ଦୀର୍ଘ ଦିନ ହେଲା ବିପଦସଂକୁଳ ଅବସ୍ଥାରେ ଏକ ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ଏବେ କାଳବୈଶାଖୀ ଯୋଗୁଁ ଅଧିକ ବିପଦ ଆଶଙ୍କା ଦେଖାଦେଇଛି। ଲୁହାଖମ୍ବ ତଳପଟୁ ନଷ୍ଟ ହୋଇଯାଇଥିବା ବେଳେ କେତେବେଳେ କିଛି ଅଘଟଣ ଘଟିପାରେ ବୋଲି ସାହି ବାସିନ୍ଦା ଅଭିଯୋଗ କରୁଛନ୍ତି। ଅଭିଯୋଗ ଆଧାରରେ ଏହାର ବିକଳ୍ପରେ ନୂଆ ଖମ୍ବ ପୋତା ଯାଇଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ ଶୀଘ୍ର ଖମ୍ବ ସ୍ଥାନାନ୍ତରିତ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି।

## ପୋଲ ତଳକୁ ଖସିଲା ବାଇକ; ଜଣେ ମୃତ



ବାଲିଗୁଡା,୩୦।୩(ସମିସ): ଭାରସାମ୍ୟ ହରାଇ ପୋଲ ତଳକୁ ବାଇକ ଖସି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ଅନ୍ତର୍ଗତ କୁମ୍ଭାର ସାହି ଛକରେ ଏହି ଘଟଣା ଘଟିଛି। କାମ ସାରି ନିଜ ଘରକୁ ଫେରିବା ସମୟରେ ଭାରସାମ୍ୟ ହରାଇ ଏକ ଛୋଟ ଶଙ୍ଖ ତଳକୁ ବାଇକ ଖସି ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ବ୍ୟକ୍ତି ଜଣକ ହେଲେ ବାରଖମା ଫାଣ୍ଡି ଗୁମାସାହିର ନିରଞ୍ଜନ ମଲ୍ଲିକ(୫୦)। ଘଟଣାସ୍ଥଳରେ ବାରଖମା ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ବାହୁବଳୀ ସୁବୁଦ୍ଧି ପହଞ୍ଚି ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ପୁଲିସ ହସ୍ତାନ୍ତର କରିଥିଲା।

## ଗ୍ରାମୀଣ ମଣ୍ଡଳର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଜି.ଉଦୟଗିରି,୩୦।୩(ସମିସ): ଜି.ଉଦୟଗିରି ଗ୍ରାମୀଣ ମଣ୍ଡଳ ବିଜେପି ତରଫରୁ ଚାଲିଥିବା ଦୁଇ ଦିନିଆ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ ଆଜି ଉଦଯାପିତ ହୋଇଛି। ଗ୍ରାମୀଣମଣ୍ଡଳ ସଭାପତି ବିରାଜ କହଁର ସଭାପତିତ୍ୱରେ ଆୟୋଜିତ ଶିବିରରେ ଜିଲ୍ଲା ସଂଯୋଜକମାନ ଗୋବିନ୍ଦ ପ୍ରଧାନ, ଜି.ଉଦୟଗିରି ପ୍ରଭାରୀ ସୁକାନ୍ତ କୁମାର ସାହୁ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଅବନେଶ୍ୱର ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ଦଳର ପୃଷ୍ଠଭୂମି, ଦୃଷ୍ଟିକୋଣ, କାର୍ଯ୍ୟପଦ୍ଧତି, ବୁଥ ପରିଚାଳନା, ସାମାଜିକ ଗଣମାଧ୍ୟମ, ସରଳ ଆପ ନମୋ, ଏସଆଇଆର, ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କର୍ମୀ ଜ୍ଞାନଚନ୍ଦ୍ର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ମାୟାବନ୍ଧୁ ପ୍ରଧାନ, ନବ କିଶୋର ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ମଲିକ, ରମାକାନ୍ତ ମାଲିକ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଜିତେନ୍ଦ୍ର କୁମାର ନାୟକ, ମଣ୍ଡଳ କୋଷାଧକ୍ଷ ମହନ୍ଦା ପ୍ରଧାନଙ୍କ ସହିତ ଶତାଧିକ କର୍ମୀ ପ୍ରଶିକ୍ଷଣ ନେଇଥିଲେ।

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ

ପାରଳାଖେମୁଣ୍ଡି,୩୦।୩ (ସମିସ): ପାରଳାଖେମୁଣ୍ଡି ସହରର ଦୋଳବନ୍ଧ ନିକଟରେ ଥିବା ହନୁମାନ ଓ ସାଇ ମନ୍ଦିର ପରିସର ମଧ୍ୟରେ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ଭୂମୀ ପୂଜନ ହୋଇଯାଇଛି। ଏହି ମନ୍ଦିର ଦୋଳବନ୍ଧ ଉନ୍ନୟନ କମିଟି ପକ୍ଷରୁ ନିର୍ମାଣ କରାଯିବ। ଭୂମୀ ପୂଜନ ଉତ୍ସବରେ କମିଟି ସଦସ୍ୟ ରମେଶ ଚନ୍ଦ୍ର ହୋତା ପୁରୋହିତ ଭାବେ ଯୋଗଦେଇଥିବା ବେଳେ ହୋମ ଯଜ୍ଞର କର୍ତ୍ତା ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଥିଲେ। ରାଜେନ୍ଦ୍ରବେହେରା, ଦେବେନ୍ଦ୍ର ମିଶ୍ର ,ଗଣେଶ ପଟ୍ଟନାୟକ, ମଙ୍ଗଳା ପଟ୍ଟନାୟକ ଓ ଅଯୋଧ୍ୟା ଶବର ସହଯୋଗ କରିଥିଲେ। ଆସନ୍ତା ଦୁଇ ମାସ ମଧ୍ୟରେ ମନ୍ଦିର ସମ୍ପୂର୍ଣ୍ଣ କରାଯାଇ ପ୍ରଭୂ ଶ୍ରୀ ରାମଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବ। ଏଥି ସହ ଭଗବାନ ଲକ୍ଷ୍ମଣ, ମା ସୀତାଙ୍କ ବିଗ୍ରହ ମଧ୍ୟ ସ୍ଥାପନ କରାଯାଇ ପ୍ରତିଷ୍ଠା ଉତ୍ସବର ଆୟୋଜନ କରାଯିବା ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି।

# ଗଙ୍ଗାବାଡ଼ ପଞ୍ଚାୟତ ଅସ୍ତିତ୍ୱ ପାଇଁ ସଂଘର୍ଷ



- ଗୁଡ଼ିଖୁଡି ଗ୍ରାମକୁ ନେଇ ବିବାଦ, ଆନ୍ଧ୍ରର ପ୍ରଭାବ ଅଧିକ
- ଗ୍ରାମବାସୀଙ୍କ ପାଖରେ ରହିଛି ଦୁଇ ରାଜ୍ୟର ବିଭିନ୍ନ କାର୍ଡ
- ବିବାଦ ଯୋଗୁଁ ଲାଭ ଉଠାଉଛନ୍ତି ଗ୍ରାମବାସୀ



ରାୟଗଡ,୩୦।୩(ସମିସ): ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ବହୁ ବାଧାବିଘ୍ନ ସହି ଅସଂଖ୍ୟ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଏହି ମହାନ କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ସେବେକାର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏହାର ପୁରୋଧା ସାଜିଥିଲେ। ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଲକ୍ଷ୍ୟରେ ଅନେକ ଧନ ଜୀବନ ମଧ୍ୟ କ୍ଷତି ହୋଇଥିଲା। ହେଲେ ଆଜି ସେହି ସ୍ୱତନ୍ତ୍ର ପ୍ରଦେଶର ଅସ୍ତିତ୍ୱ ବଞ୍ଚାଇବାକୁ ଅନେକ ସଂଘର୍ଷ, ବାଦ ପ୍ରତିବାଦ ଦେଇ ଗତି କରୁଛନ୍ତି ପାରଳାର ମସ୍ତକ କୁହାଯାଉଥିବା ତଥା ପୌରାଣିକ କ୍ଷେତ୍ର ମହେନ୍ଦ୍ରଗିରିର ପାଦଦେଶରେ ଅବସ୍ଥିତ ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତବାସୀ। ସ୍ୱତନ୍ତ୍ର ପ୍ରଦେଶ ଗଠନର ଦୀର୍ଘ ନବେ ବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ସ୍ଥାନୀୟ ପଞ୍ଚାୟତବାସୀ ନିଜ ପରିଚୟ, ପରମ୍ପରା, ସଂସ୍କୃତି ଓ ଅସ୍ମିତ୍ୱକୁ ଖୋଜି ପାଇପାରୁନାହାନ୍ତି। ବିଭିନ୍ନ ସମୟରେ ଏଠାକାର ସୀମା ନିର୍ଦ୍ଧାରଣ, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ପର୍ବପର୍ବାଣୀ ଆଦିକୁ ନେଇ ମଧ୍ୟ କେଉଁଠି ନା କେଉଁଠି ବିବାଦ ମୁଣ୍ଡ ଟେକୁଥିବା ନଜିର ରହିଛି।

୧୯୭୩ ମସିହାରେ ଅବିଭକ୍ତ କଇଁପୁର ପଞ୍ଚାୟତରୁ ଅଲଗା ହୋଇ ସମୁଦାୟ ୨୩ ଛୋଟ ବଡ଼ ଗ୍ରାମକୁ ନେଇ ସ୍ୱତନ୍ତ୍ର ଭାବେ ଗଙ୍ଗାବାଡ଼ ପଞ୍ଚାୟତ ଗଠନ ହୋଇଥିଲା। ଏହି ପଞ୍ଚାୟତର ଶତ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଦୁର୍ଗମ ପାହାଡିଆ ଅଞ୍ଚଳରେ ଏହାର ଅବସ୍ଥିତି। ନୂଆ ପଞ୍ଚାୟତ ଗଠନ ହୋଇଥିଲେ ମଧ୍ୟ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ଅନେକ ଭିତ୍ତିଭୂମିର ଅଭାବ କାରଣରୁ ନାହିଁନଥିବା ସମସ୍ୟାକୁ ମୁଣ୍ଡରେ ବୋହି ନିରୀହ ଆଦିବାସୀ ଜୀବନଯାପନ କରୁଥିବା ବେଳେ ଆଉ ଗୋଟେ ପଟେ ଆନ୍ଧ୍ର ପୁଲିସର କାର୍ଯ୍ୟାନୁଷ୍ଠାନ ଭୟରେ ଓଡ଼ିଶାମୁହାଁ ମାଓବାଦୀଙ୍କ ଦୌରାତ୍ମ୍ୟ ସ୍ଥାନୀୟ ଲୋକଙ୍କ ପାଇଁ ଆଉ ଏକ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। କାଳକ୍ରମେ ମାଓବାଦୀଙ୍କ ଗତିବିଧି ସମାପ୍ତ ହେବା ପରେ ଧିରେ ଧିରେ ଏଠାକାର ସ୍ଥିତି ସାମାନ୍ୟ ସୁଧୁରିଥିଲା। ଏହି ପଞ୍ଚାୟତର ପିଲାଙ୍କ ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାତଟି ସ୍କୁଏ ଖୋଲାଯାଇଛି। ଏହି ସ୍କୁଲମାନଙ୍କରେ ୩୬୦ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ପୂର୍ବରୁ ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଆନ୍ଧ୍ରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଥିଲେ। ଶେଷରେ ପ୍ରଶାସନର ଉଦ୍ୟମ ଫଳରେ ବର୍ତ୍ତମାନ ଅଭିଭାବକ ସେହି ଛାତ୍ରଛାତ୍ରୀଙ୍କୁ ପୁଣି ନିଜ ଗ୍ରାମରେ ସ୍କୁଲମାନଙ୍କରେ ପାଠ ପଢ଼ାଉଛନ୍ତି। କିନ୍ତୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କହିଲେ ସେମାନଙ୍କୁ ଆଜି ବି ଆନ୍ଧ୍ର ଡାକ୍ତରଖାନା ଏକମାତ୍ର ଭରସା ପାଲଟିଛି। ସବୁଠୁ ବଡ଼ ସମସ୍ୟା ଭାବେ ଆନ୍ଧ୍ର-ଓଡିଶା ସୀମା ବିବାଦ ସ୍ଥାନୀୟ ଜନସାଧାରଣ ଏବଂ ପ୍ରଶାସନକୁ ଚିନ୍ତାରେ ପକାଇଛି। ଯେହେତୁ ଉକ୍ତ ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ଓଡ଼ିଶା ସରକାରଙ୍କ ଯୋଜନା ମାଧ୍ୟମରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଥିଲେ ମଧ୍ୟ ଆନ୍ଧ୍ର ସରକାରଙ୍କ କିଛି ଯୋଜନା ମଧ୍ୟ ଉପଲବ୍ଧ ହେଉଛି। ଏହି କାରଣରୁ ସୁବିଧା ହାତେଉଥିବା ପରିବାର ଓ ବସ୍ତିକୁ ନିଜର ବୋଲି






ଆନ୍ଧ୍ର ଦାବି କରି ବାରମ୍ବାର ହସ୍ତକ୍ଷେପ କରୁଥିବା ଭଳି ଘଟଣାମାନ ଦେଖିବାକୁ ମିଳିଛି। ଏହି ପଞ୍ଚାୟତର ବହୁ ଚର୍ଚ୍ଚିତ ଗୁଡିଖୁଡି ଗ୍ରାମ। ଏଠାରେ ୩୪ ପରିବାରର ୧୩୭ ଲୋକ ବସବାସ କରୁଛନ୍ତି। ଉକ୍ତ ଗ୍ରାମ ଦୁଇଟି ରାଜ୍ୟର ତିନୋଟି ନାମରେ ନାମିତ ହୋଇଛି। ଉକ୍ତ ଗ୍ରାମକୁ ଓଡ଼ିଶାର ଗଜପତି, ଗଞ୍ଜାମ ଏବଂ ଆନ୍ଧ୍ରର ଶ୍ରୀକାକୁଳମ ଜିଲ୍ଲାର ଅଂଶବିଶେଷ ଗ୍ରାମ ବୋଲି ସେମାନେ ନିଜ ନିଜର ଦାବି କରୁଥିବାବେଳେ ଏଯାଏଁ କିନ୍ତୁ ଉକ୍ତ ଗ୍ରାମ କାହାର, ତାହା ଓଡିଶା ସରକାର ସ୍ପଷ୍ଟ କରିନାହାନ୍ତି। ଏହି କାରଣରୁ ବାରମ୍ବାର ଏଠାରେ ତିନୋଟି ଜିଲ୍ଲା ପ୍ରଶାସନ ଉପସ୍ଥିତି ଜାହିର କରୁଥିବା ଜଣାପଡିଛି। ସମ୍ପୃକ୍ତ ଗ୍ରାମବାସୀ ବହୁ ଦିନ ଧରି ଆନ୍ଧ୍ର ମୁହାଁ ହେଉଥିବା ସାଧାରଣରେ କାହାକୁ ଅଛପା ନାହିଁ। ହେଲେ ଏହାର ସ୍ଥାୟୀ ସମାଧାନ ପାଇଁ ସରକାର ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଏହାରି ଭିତରେ ଗୁଡ଼ିଖୁଡି ଗ୍ରାମବାସୀ ଖୋଲାଖୋଲି ଭାବେ ସେମାନେ ଓଡ଼ିଶା ବଦଳରେ ଆନ୍ଧ୍ର ପ୍ରତି ଆଶକ୍ତ ରହିଥିବା ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମରେ ଆନ୍ଧ୍ରର ପ୍ରଭାବ ମଧ୍ୟ ଅଧିକ ରହିଥିବା ପରିଲକ୍ଷିତ ହେଉଛି। ଯେଉଁଥିରୁ ସ୍ପଷ୍ଟ ଭାବେ ଏଠାରେ ପ୍ରଶାସନର ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଏହି ଗ୍ରାମ ଗଜପତି ଜିଲ୍ଲା ରେକର୍ଡ ଅନୁଯାୟୀ ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତର ଗୁଡିଖୁଡି, ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତର ଅବଣ୍ଡିଆ ଏବଂ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ମଞ୍ଜୁଷା ମଣ୍ଡଳ ଅଧିନ ବୁଡାରସିଂ ପଞ୍ଚାୟତର ଗୁଡିଖୋଲା ଗ୍ରାମ ଭାବେ ଉଲ୍ଲେଖ ରହିଛି। ଏହି ଗ୍ରାମର ସବିତା ଶବର ନାମ୍ନୀ ମହିଳା ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନ ବାସଗୃହରେ ପାତ୍ରପୁର ବ୍ଲକ ବୁରାତାଳ ପଞ୍ଚାୟତ ଅଧିବାସୀ ଭାବେ ଫଳକରେ ଉଲ୍ଲେଖ ରହିଛି। ସେହିଭଳି ଉକ୍ତ ଗୁଡିଖୁଡି ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଗଜପତି ଜିଲ୍ଲା ଅଧିନରେ କାର୍ଯ୍ୟ କରୁଥିବା କେନ୍ଦ୍ରର ନାମଫଳକରୁ ସ୍ପଷ୍ଟ ହେଉଥିବା ବେଳେ ଠିକ ସେହି ଗ୍ରାମର ଅନେକ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଫଳକରେ ଆନ୍ଧ୍ରପ୍ରଦେଶ ଅଧିବାସୀ ଭାବେ ଉଲ୍ଲେଖ କରାଯାଇଛି। ଏପରି ସ୍ଥଳେ ଗୁଡିଖୁଡି-ଅବଣ୍ଡିଆ-ଗୁଡିଖୋଲା ଏଭଳି ଭାବେ ଗୋଟିଏ ଗ୍ରାମ ତିନୋଟି ନାମ ରହିଥିବା ଯୋଗୁଁ ଏହି ଗ୍ରାମ କେଉଁ ରାଜ୍ୟ ଓ ଜିଲ୍ଲାର ତାହାକୁ ନେଇ ପ୍ରଶ୍ନ ହେଉଛି।

ଉକ୍ତ ପଞ୍ଚାୟତର ବିଦ୍ୟୁତ ସେବା ଠାରୁ ଆରମ୍ଭ କରି ଆବାସିକ ଯୋଜନା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଆଦି ପ୍ରାୟ ସମସ୍ତ ସୁବିଧା ଆନ୍ଧ୍ର ସରକାର ଯୋଗାଉଥିବା ବେଳେ ଲୋକଙ୍କୁ ଆଧାର କାର୍ଡ, ରାସନ କାର୍ଡ ମଧ୍ୟ ଆନ୍ଧ୍ର ପ୍ରଦାନ କରିଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଆଧାର ଓ ରାସନ କାର୍ଡକୁ ବ୍ୟବହାର ନକରି ଲୋକେ ଆନ୍ଧ୍ର ଆଧାର ଓ ରାସନ କାର୍ଡ ଆଦି ପ୍ରସ୍ତୁତ କରି ସେଠାକାର ସରକାରୀ ସୁବିଧା ପାଉଛନ୍ତି। ଏପଟେ ରାୟଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟଜଳ ଯୋଗାଣ, ବ୍ରିଜ ନିର୍ମାଣ, ଭତ୍ତା, ରାସ୍ତାଘାଟ ଆଦି ଯୋଗାଇ ଦିଆଯାଇଥିବା ବେଳେ ପ୍ରାୟ ୨୪ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନା ପ୍ରଦାନ କରାଯାଇଥିଲା। ହେଲେ ଗ୍ରାମବାସୀ ଏହାକୁ ଗ୍ରହଣ ନକରି ଆନ୍ଧ୍ରର ଆବାସ ଯୋଜନା ହାତେଇଥିବା ସରପଞ୍ଚ ହରିବନ୍ଧୁ କାର୍ଜି କହିଛନ୍ତି। ପାତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୫ ମସିହାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ କରକମଳରେ ଗୁଡ଼ିଖୋଳା ଠାରୁ ବିଲୁଗାଁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ରାସ୍ତା ନିର୍ମାଣ କାର୍ଯ୍ୟ ସହ କେତକ ପରିବାରକୁ ମଧ୍ୟ ଆବାସ ଯୋଜନା ପ୍ରଦାନ କରାଯାଇଛି।

ଏହି ଗ୍ରାମର ପ୍ରାୟତଃ ପରିବାର ନିକଟରେ ଉଭୟ ରାଜ୍ୟର ବିଭିନ୍ନ କାର୍ଡ ରହିଛି। ଆନ୍ଧ୍ର ଓ ଓଡ଼ିଶା ସରକାର ତଥା ପ୍ରଶାସନ ଆସି ଏଠାରେ ସୁବିଧା ଦେଉଛନ୍ତି ଓ ତାର ଲାଭ ଉଠାଉଛନ୍ତି ଗ୍ରାମବାସୀ। ଗଙ୍ଗାବାଡ଼ ପଞ୍ଚାୟତର ଏଭଳି ପରିସ୍ଥିତିରେ ଏହା ଗୋଟିଏ ଗ୍ରାମ ନୁହେଁ। ଏମିତି ଅନେକ ଗ୍ରାମରେ ଏପରି ପରିସ୍ଥିତି ରହିଛି। ପ୍ରଶାସନ ଓ ରାଜସ୍ୱ ବିଭାଗ ପୁନଃ ସର୍ଭେ ବା ଡିମାର୍କେସନ କରି ସୀମାନ୍ତ ଗ୍ରାମାଞ୍ଚଳକୁ ଚିହ୍ନଟ କରି ଆବଶ୍ୟକ ସେବା ଯୋଗାଇ ଦେଲେ ଆନ୍ଧ୍ର ପ୍ରଲୋଭନ ଦେଖାଇ ଗ୍ରାମବାସୀଙ୍କୁ ନିଜ ଆଡକୁ ଟାଣିବାରେ ସକ୍ଷମ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏପଟେ ଉଭୟ ରାଜ୍ୟର ଭୋଟର କାର୍ଡ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇ ଥିବାବେଳେ ସେମାନେ ତିନୋଟି ସ୍ଥାନରେ ଭୋଟ ଦେଉଥିବା ଜଣାପଡ଼ୁଛି। ଏହା ଆଗାମୀ ପଞ୍ଚାୟତ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି। ଇତି ମଧ୍ୟରେ ରାଜ୍ୟ ୯୦ ତମ ଉତ୍କଳ ଦିବସ ପାଳନ କରୁଥିବା ବେଳେ ରାଜ୍ୟର ବିଭିନ୍ନ ଗ୍ରାମର ଭୌଗଳିକ ସ୍ଥିତି ନିର୍ଣ୍ଣୟ କରିବାରେ ସରକାରଙ୍କ ଅପାରଗତାକୁ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯାଇଛି।

ଉକ୍ତ ସମସ୍ୟାର ସମାଧାନ ପାଇଁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଭଳି ସ୍ପର୍ଶକତାର ଘଟଣାରେ ପ୍ରଶାସନ ଫେଲ ମାରିଥିବା କାରଣରୁ ଲୋକେ ବାଧ୍ୟ ହୋଇ ଆନ୍ଧ୍ର ମୁହାଁ ହୋଇଥିବା ସରପଞ୍ଚ ଶ୍ରୀ କାର୍ଜି ଅଭିଯୋଗ କରିଛନ୍ତି।

- ପଞ୍ଚାୟତସ୍ତରୀୟ ଜନଶୁଣାଣି ସହ ଗ୍ରାମ୍ୟମୁଖୀ ପ୍ରଶାସନ ଶିବିର

## ଶୁଣାଣିରେ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ



ନୂଆଗଡ଼,୩୦।୩(ସମିସ): ନୂଆଗଡ଼ ବ୍ଲକ ଅନ୍ତର୍ଗତ କେରେଡାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ସହ ଗ୍ରାମ୍ୟମୁଖୀ ପ୍ରଶାସନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ବ୍ଲକ ପ୍ରଶାସନ ଦ୍ୱାରା ପଞ୍ଚାୟତସ୍ତରରେ ଜନ ଶୁଣାଣି କରାଯାଉଛି। କିନ୍ତୁ କେତେକ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ ରହୁଥିବା ଯୋଗୁଁ ଲକ୍ଷ୍ୟ ସାଧିତ ହୋଇପାରୁନଥିବା ଅଭିଯୋଗ ହୋଇଛି। ଆଜିର ଜନ ଶୁଣାଣିରେ ମୁଖ୍ୟତଃ ତହସିଲ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପୂର୍ତ୍ତ ଏବଂ ଗ୍ରାମାଞ୍ଚଳ ଉନ୍ନୟନ ବିଭାଗ କର୍ମଚାରୀ ଅନୁପସ୍ଥିତ ଥିବା ଜଣାପଡିଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ବ୍ଲକ ଅଧ୍ୟକ୍ଷା, ମାଳତୀ ପ୍ରଧାନ, ଏଇଇ ପ୍ରଦ୍ୟୁମ୍ନ କୁମାର ଦାସ, ଗୋଷ୍ଠୀ ମଙ୍ଗଳ ଅଧିକାରୀ ସତ୍ୟଜିତ ମହାନ୍ତି, ବ୍ଲକ ଗ୍ରାମ ପଞ୍ଚାୟତ ଉନୟନ ଅଧିକାରୀ ଶଶାଙ୍କ ଶେଖର ସୁବୁଦ୍ଧି ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଆଜିର ଜନଶୁଣାଣିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ପାନୀୟଜଳ, ବିଦ୍ୟୁତ, ରାସ୍ତା, ଭତ୍ତା, ନୂତନ ଖାଉଟି କାର୍ଡ, ଗ୍ରାମୀଣ ଗୃହ ଭଳି ମୋଟ ୩୩ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୩ଟି ଗୋଷ୍ଠୀଗତ ସମସ୍ୟା ଥିବା ବେଳେ ୩୦ ବ୍ୟକ୍ତିଗତ ସମସ୍ୟା ରହିଥିଲା। ୧୧ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ ବ୍ଲକ ପ୍ରଶାସନ। ଅବଶିଷ୍ଟ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ପୂଜାରୀ, ସମିତିସଭ୍ୟା କାନ୍ଧୁନି ବେହେରା, ନାଏବ ସରପଞ୍ଚ ସିମିୟ ପ୍ରଧାନ ଓ ପିଇଓ ପୁଷ୍ପା ସହଯୋଗ କରିଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ଜି.ଉଦୟଗିରି,୩୦।୩ (ସମିସ): ଆଗକୁ ଦେଶର ଜନଗଣନା କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଏଥିରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବେ ରାଜ୍ୟରେ ଚାଲିଛି। ଏହି କ୍ରମରେ ଆଜି ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟରେ ତହସିଲଦାର ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏବଂ ଅତିରିକ୍ତ ତହସିଲଦାର ଦେବାଶିଷ ଜେନାଙ୍କ ସହଯୋଗରେ ବ୍ଲକରେ ଜନଗଣନା ହେବା ନେଇ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ଶିବିରକୁ ତହସିଲଦାର ଶ୍ରୀ ସାହୁ ଉଦଘାଟନ କରିଥିବା ବେଳେ ଏନୁମେରାଟର ଓ ସୁପରଭାଇଜରଙ୍କ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ପ୍ରଶିକ୍ଷଣ ଶିବିର ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଜି.ଉଦୟଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୮୨ ଜଣ ଶିକ୍ଷକ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର ଭାବେ ଗିରିଶ ମୁଠାମାଝି, ସୌରଭ ସୁନ୍ଦର ପ୍ରଧାନ, ନୀଳମାଧବ ପାଢୀ ଓ ନିରଞ୍ଜନ ମହାରଣା ତାଲିମ ପ୍ରଦାନ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି,୩୦।୩ (ସମିସ)

ଆର.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନର ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆର୍. ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାକେଶ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗ ଦେଇଥିଲେ। ଏଥିରେ ଆର.ଉଦୟଗିରି ପଞ୍ଚାୟତ ସମିତିର ୪୫ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୬ ଅଭିଯୋଗ ରହିଥିବା ବେଳେ ୩୯ ଗ୍ରାମଭିତ୍ତିକ ଅଭିଯୋଗ ରହିଥିଲା। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ତହସିଲଦାର ଜ୍ୟୋତିର୍ମୟ ଦାଶଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।




**ରାଇକିଆ :** ରାଇକିଆ ବ୍ଲକ ସଭାଗୃହରେ ଜନସାଧାରଣଙ୍କ ୭୯ ଅଭିଯୋଗର ଶୁଣାଣି ଜିଲ୍ଲାପାଳ ବେଦଭୂଷଣ କରିଛନ୍ତି। ଶୁଣାଣି ଅବସରରେ ୪୪ ବ୍ୟକ୍ତିଗତ ଅଭିଯୋଗ , ୩୪ ସାମୂହିକ ଅଭିଯୋଗ ରହିଥିଲା। ତ୍ୱରିତ ଶୁଣାଣି କରାଯାଇ ସମାଧାନ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୂତନ ଭାବେ ପାଞ୍ଚ ଜଣଙ୍କୁ ଭତ୍ତା ପ୍ରଦାନ ସହ ବସୁନ୍ଧରା ଯୋଜନାରେ ୨୮ ଜଣଙ୍କୁ ଏବଂ ଜଙ୍ଗଲ ଜମି ଅଧିକାର ଯୋଜନାରେ ୫୧ ଜଣ ହିତାଧିକାରୀଙ୍କୁ ଜିଲ୍ଲାପାଳ ଜମିପଟ୍ଟା ପ୍ରଦାନ କରିଥିଲେ। ଶୁଣାଣିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶି, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣିତା ଦାସ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦି , ପିଏଆଇଟିଡିଏ କୃପାସିନ୍ଧୁ ବେହେରା, ସମିତି ଅଧ୍ୟକ୍ଷା ରୀନା ପ୍ରଧାନ, ବିଡ଼ିଓ ସବ୍ୟସାଚୀ ସାହୁ, ତହସିଲଦାର ବରିଆଲ ମୂର୍ମୁ ଓ ଅତିରିକ୍ତ ତହସିଲଦାର ଏନ. ପଲ୍ଲବୀଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବ୍ଲକର ସମସ୍ତ କର୍ମଚାରୀ ଅଭିଯୋଗ ପଞ୍ଜୀକରଣ କରିବା ସହ ଜନ ଶୁଣାଣି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଜନ ଶୁଣାଣି ପରେ ଜିଲ୍ଲାପାଳ ରାଇକିଆ ସରକାରୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀଗୃହ, ଖେଳପଡ଼ିଆ ଦେଖିବା ସହ ଦଶମ ଶ୍ରେଣୀ ଛାତ୍ରୀଙ୍କ ସହ ପାଠପଢା ସମ୍ବନ୍ଧୀୟ ଆଲୋଚନା କରିଥିଲେ। ପରେ ରାଇକିଆ ଗମାଣ୍ଡି ଠାରେ ନିର୍ମାଣାଧୀନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରି ଅବଧି ମଧ୍ୟରେ କାର୍ଯ୍ୟ ସମାପ୍ତି ନିମନ୍ତେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବିଦ୍ୟାଳୟ ପରିଦର୍ଶନ କରି ଖାଦ୍ୟର ମାନ ଯାଞ୍ଚ କଲେ ଜିଲ୍ଲା ଶିକ୍ଷାଧିକାରୀ



ରାଇକିଆ,୩୦।୩(ସମିସ): ରାଇକିଆ ବ୍ଲକ୍‌ର ବିଭିନ୍ନ୍ ବିଦ୍ୟାଳୟ ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥାକୁ ନିରୀକ୍ଷଣ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ। ସୋମବାର ରାଇକିଆରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ରାଇକିଆ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏବଂ ସେଣ୍ଟ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟ ମଧ୍ୟ ବୁଲି ଦେଖିବା ସହ କସ୍ତୁରବା ବିଦ୍ୟାଳୟରେ ରାଇକିଆ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ କେଶବ ମଲ୍ଲିକଙ୍କ ସହ ଛାତ୍ରୀଙ୍କ ସହିତ ମିଶି ମଧ୍ୟାହ୍ନଭୋଜନ ଖାଇଥିଲେ। ଏଥି ସହ ଖାଦ୍ୟର ମାନ ମଧ୍ୟ ଯାଞ୍ଚ କରିଥିଲେ। ବ୍ଲକର ବିଦ୍ୟାଳୟ ମାନଙ୍କରେ ମଧ୍ୟାହ୍ନ ଭୋଜନରେ ଯେପରି ଉତ୍ତମ ଗୁଣବତ୍ତା ରହିବ ସେଥିପାଇଁ ପର୍ଯ୍ୟାୟ କ୍ରମେ ବିଭିନ୍ନ ବିଦ୍ୟାଳୟରେ ଯାଞ୍ଚ କରାଯିବ ବୋଲି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି।

## ୩ ମନ୍ଦିରରୁ ଚୋରି ଘଟଣାରେ ୩ ଗିରଫ

# ସୋଲାର ବ୍ୟାଟେରି, ରୁପା ଅଳଙ୍କାର ଜବତ



ଜଗତସିଂହପୁର,୩୦।୩(ସମିସ)

ଗତ ୨୩ ତାରିଖ ବିଳମ୍ବିତ ରାତିରେ ଜଗତସିଂହପୁର ସଦର ଥାନା ଅଞ୍ଚଳରେ ୩ଟି ମନ୍ଦିରରୁ ହୋଇଥିବା ଚୋରି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଆଜି ସନ୍ଧ୍ୟାରେ ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେ ଏହି ସୂଚନା ଦେଇଛନ୍ତି। ଗତ ୨୭ ତାରିଖରେ ପୁରୋହିତପୁରର ଗୋଲେଖ ଭୋଇ ଓରଫ ଚଗଲୁ ଏବଂ ସିପିମକୁନ୍ଦପୁରର ଲିପୁ ଦାସ ଓରଫ ବାବୁକୁ ପୁଲିସ ଗିରଫ କରିଥିଲା। ଆଜି ଅନ୍ୟତମ ଅଭିଯୁକ୍ତ ପୁରୋହିତପୁରର ରାକେଶ ଦାଶ ଓରଫ ସାମ୍ବାକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ଠାରୁ ଗୋଟିଏ ସୋଲାର ବ୍ୟାଟେରି, ୨ଟି ମାଇକ୍ରୋଫୋନ, ଗୋଟିଏ ମାଇକ୍ରୋଫୋନ ଷ୍ଟାଣ୍ଡ ଏବଂ ବିକ୍ରି ଉଦ୍ଦେଶ୍ୟରେ ଛୋଟ ଛୋଟ ଖଣ୍ଡରେ କଟାଯାଇଥିବା ରୂପା ଅଳଙ୍କାର ଜବତ କରାଯାଇଛି। ଗୋଲେଖ ଏବଂ ଲିପୁକୁ ପୂର୍ବରୁ କୋର୍ଟଚାଲାଣ କରାଯାଇଥିବା ବେଳେ ଆଜି ରାକେଶକୁ କୋର୍ଟଚାଲାଣ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖ ବିଳମ୍ବିତ ରାତିରେ ବଡ଼ଲହଙ୍ଗାର ମା' ଲହଙ୍ଗେଇ ମନ୍ଦିର, ତରଡ଼ାପଡ଼ାର ମା' ବେଲବାସୀ ଓ ମା' ଚଣ୍ଡୀ ମନ୍ଦିରରୁ ସୁନା/ରୂପା ଅଳଙ୍କାର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଚୋରି ସମ୍ପର୍କରେ ଅଭିଯୋଗ ପାଇବା ପରେ ସଦର ଥାନା ପୁଲିସ ୩ଟି ଅଲଗା ଅଲଗା ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଥିଲା। ଆଜିର ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀ ମାନେଙ୍କ ସହିତ ଆଇଆଇସି ସରୋଜ କୁମାର ସାମଲ ଏବଂ ଅନ୍ୟ ପୁଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଚୋରି ଘଟଣାରେ ୩ ଗିରଫ

ତିର୍ତ୍ତୋଲ,୩୦।୩(ସମିସ): ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ଥାନା ପୁଲିସ ଏକ ଟାଟା ଏସି ଗାଡ଼ି ଚୋରି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେହି ଥାନା ଅନ୍ତର୍ଗତ କୋଲଟା ଗ୍ରାମର ଅମିର ଖାନ, ନାରିଜଙ୍ଗ ଗ୍ରାମର ସୁବ୍ରତ ପତି, ବିସନପୁର ଗ୍ରାମର ବିମ୍ବାଧର ମହାପାତ୍ର। ସୂଚନାଯୋଗ୍ୟ ଯେ ଗତ ୨୫ ତାରିଖ ରାତିରେ ଦାମୋଦର ପାଟଣା ଗ୍ରାମର ରାକେଶ ଦଲାଇଙ୍କ ଏକ ଟାଟା ଏସି ଗାଡ଼ି ତାଙ୍କ ଘର ନିକଟରୁ ଚୋରି ହୋଇଯାଇଥିଲା। ଚୋରମାନେ କେନ୍ଦ୍ରାପଡ଼ା ହଳଦିଆଗଡ଼ାକୁ ଚୋରି କରି ନେଇଯାଉଥିବା ବେଳେ ତେଲ ସରିଯାଇଥିଲା। ତେଲ ପକାଇବା ପାଇଁ ସେମାନେ ଏକ ଗାଡ଼ିର ଷ୍ଟେପ ଇନ୍‌କୁ ଏକ ଗ୍ୟାରେଜରେ ବିକ୍ରୟ କରିବା ପାଇଁ ଉଦ୍ୟମ କରିଥିଲେ। ଗ୍ୟାରେଜ ମାଲିକ୍‌ଙ୍କ ସନ୍ଦେହ ହେବାରୁ ସେ ଗାଡ଼ିରେ ଥିବା ଗାଡି ମାଲିକ୍‌ଙ୍କ ନମ୍ବରକୁ ଜଣାଇଥିଲେ। ମାଲିକ୍ ରାକେଶ ଏ ସଂପର୍କରେ କୃଷ୍ଣାନନ୍ଦପୁର ପୁଲିସକୁ ଜଣାଇଥିଲେ। ପୁଲିସ ହଳଦିଆ ଗଡାରୁ ଟାଟା ଏସିକୁ ଉଦ୍ଧାର କରିବା ସହ ଏହି ତିନି ଜଣ ଚୋରକୁ କାବୁ କରି ଥାନାକୁ ଆଣିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚୋରମାନଙ୍କୁ ଆଜି ଅଦାଲତ ଚାଲାଣ କରିଥିବା ନେଇ ଥାନା ସୂତ୍ରରୁ ଜଣାପଡିଛି।

## ଗୋପୀନାଥ ପୀଠରେ ନବାହ୍ନ ପାରାୟଣ

କୁଜଙ୍ଗ,୩୦।୩(ସମିସ): ଗୋପୀନାଥ ମନ୍ଦିର ପ୍ରାଙ୍ଗଣ ପଙ୍କପାଳ ପରିସରରେ ରାମ ନବମୀ ପାଳନ ସହ ନବାହ୍ନ ପାରାୟଣ ଜ୍ଞାନ ଯଜ୍ଞ ଶୁଭାରମ୍ଭ ହୋଇଛି। ବ୍ୟାସ ବିଜେନ ମିଶ୍ରଙ୍କ ପୌରୋହିତ୍ୟରେ ଏହି ନବଦିନାତ୍ମକ ହୋମ ଯଜ୍ଞରେ ଚୌଧୁରୀ ଚନ୍ଦ୍ର କିଶୋର ମିଶ୍ର ମିଶ୍ର କର୍ତ୍ତା ରୂପେ କାର୍ଯ୍ୟ ପରିଚାଳନା କରିଥିଲେ। ଭୋରୁ କଳସ ଆନୟନ, ଘଟ ସ୍ଥାପନ, ଷୋଡ଼ଶ ଉପଚାର ପୂଜା ପରେ ଦିବା ୯ଟାରୁ ମାନସ ପାରାୟଣ ଓ ସନ୍ଧ୍ୟାରୁ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଛି। ପ୍ରବଚକ ତଥା ରାମାୟଣୀ ଜିତୁ ଦାଶ ଯୋଗ ଦେଇ ପ୍ରବଚନ ପ୍ରଦାନ କରିଥିଲେ। ସେହିପରି ପ୍ରବଚକ ଅନିଲ କୁମାର ଦାଶ ମଧ୍ୟ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଚୌଧୁରୀ ପ୍ରଫୁଲ୍ଲ କୁମାର ମିଶ୍ର, ନାରାୟଣ ଦାସ, ନୀରଞ୍ଜନ ମିଶ୍ର, କୀର୍ତ୍ତିକୁମାର ମିଶ୍ର, ପୂଜକ ବନମାଳୀ ଶତପଥି ଓ ଶିକ୍ଷାବିତ ପୀତବାସ ଜେନା ପ୍ରମୁଖଙ୍କ ସହ ପାରାୟଣ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ମୁରବୀ ମାନେ ପରିଚାଳନା କରୁଛନ୍ତି।

## ଖରିଫ ଧାନ ସଂଗ୍ରହ ସମୟସୀମା ବୃଦ୍ଧି ଦାବି

ଜଗତସିଂହପୁର,୩୦।୩(ସମିସ): ଆଉ ଗୋଟିଏ ଦିନ ପରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ହୋଇଯିବ। ଏପଟେ କିନ୍ତୁ ଆବଶ୍ୟକତା ଅନୁସାରେ ମିଲର ନଥିବାରୁ ଜଗତସିଂହପୁର ଜିଲ୍ଲାର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କ ଧାନ ବିକ୍ରି କରିପାରିନାହାନ୍ତି। ଏବେବି ୧.୫୯ ଲକ୍ଷ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ପଡି ରହିଛି। ଯଦି ଏହି ଧାନ ବିକ୍ରି ନହୁଏ ସମ୍ପୃକ୍ତ ଚାଷୀମାନେ ଆର୍ଥିକ ଏବଂ ମାନସିକ ସ୍ତରରେ କ୍ଷତି ସହିବେ। ତେଣୁ ଏହାକୁ ଦୃଷ୍ଟିରେ ରଖି ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାର ସମୟସୀମା ଆଉ ୧୦ ଦିନ ବଢ଼ାଇବା ପାଇଁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଏହାଦ୍ୱାରା ଚାଷୀମାନେ ଉପକୃତ ହେବା ସହିତ ଜିଲ୍ଲା ପାଇଁ ରହିଥିବା ଟାର୍ଗେଟ ମଧ୍ୟ ପୂରଣ ହୋଇପାରିବ ବୋଲି ବିଧାୟକ ଶ୍ରୀ ଦାସ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

**● ଥାନାରେ ଦମ୍ପତିଙ୍କ ଗଣ୍ଡଗୋଳ ମାମଲା**

## ଅଭିଯୋଗ କଲା ସ୍ତ୍ରୀ, ବିଷ ଖାଇଲା ସ୍ୱାମୀ

ଏରସମା,୩୦।୩(ସମିସ): ସ୍ୱାମୀ ବିରୋଧରେ ଥାନାରେ ଅଭିଯୋଗ କଲା ସ୍ତ୍ରୀ। ବିଷ ଖାଇଦେଲା ସ୍ୱାମୀ। ଗୁରୁତର ସ୍ୱାମୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇ ଚିକିତ୍ସା କଲା ପୁଲିସ୍। ଏଭଳି ଏକ ଘଟଣା ଘଟିଛି ଏରସମା ଥାନାରେ। ରବିବାର ସକାଳେ କର୍ଣ୍ଣାଗୁଳି ଗାଁର ଅଳିଭା ରାଉତ ଏରସମା ଥାନାରେ ଅଭିଯୋଗ କରିଥିଲେ କି ବିବାହ ପରଠାରୁ ତାଙ୍କ ସ୍ୱାମୀ ଅନାଦି ରାଉତ ଛୋଟ ଛୋଟ କଥାକୁ ନେଇ ତାକୁ ସଦାବେଳେ ଗାଳିଗୁଲଜ କରିବା ସହିତ ମାରଧର କରୁଛନ୍ତି। ଅଳିଭା ରାଉତ ଥାନାରେ ଅଭିଯୋଗ କରିବା କଥା ଜାଣି ତା'ର ସ୍ୱାମୀ ଅନାଦି ରାଉତ ଅପରାହ୍ନ ୫ ଘଟିକାରେ ବାହାରେ ବିଷାକ୍ତ ପଦାର୍ଥ ଖାଇ ଥାନାକୁ ଆସି ଅଭିଯାଗେକାରିଣୀକୁ ଦେଖା କରିବ ସହିତ ଯୁକ୍ତିତର୍କ କରିଥିଲେ। ଥାନା ବାହାରେ ପାଟି କରି 'ମୁଁ ବିଷ ଖାଇଛି। ଆଜି ମୁଁ ମରିବି।' କହି ଅଭେଯାଗକାରିଣୀକୁ ଧମକାଇ ଥାନା ଆଗେର ଶୋଇ ରହିଲେ। ତାଙ୍କ ପାଟିର ବିଷ ଗନ୍ଧ ଆସୁଥବା ଜାଣି ଥାନାର କର୍ମଚାରୀ ମାନେ ସାଙ୍ଗେ ସାଙ୍ଗେ ତାକୁ ଏରସମା ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା ପରେ ଜଗତସିଂହପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଅଳିଭା ରାଉତଙ୍କ ଅଭିଯାଗ ଅନୁଯାଇ ତାଙ୍କ ସ୍ୱାମୀ ଅନାଦି ରାଉତ ନାମରେ ଏକ ମକଦମା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ପ୍ରେମଜିତ ଦାସ ସୂଚନା ଦେଇଛନ୍ତି।

## ବିରିଡ଼ିରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର,୩୦।୩(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୫ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୬ଟି, ଆବାସ ପାଇଁ ୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୬ଟି, ଭତ୍ତା ପାଇବା ପାଇଁ ୭ଟି, ପୁଲିସ ସହାୟତା ପାଇଁ ୧ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୨ଟି ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟା ମାଣେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବିରିଡ଼ି ଆୟୁଷୀ ପତି, ତହସିଲଦାର ବିରିଡ଼ି, ପ୍ରିଙ୍କିଲ ପରବୀନ, ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷା ମମତା ପାତ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଛୁଟିଦିନରେ ମରାମତି



ନାଉଗାଁ,୩୦।୩(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତସିଂହପୁର ବିଭାଜନ ପକ୍ଷରୁ ନାଉଗାଁ ବ୍ଲକରେ ହେଉଥିବା ଉନ୍ନତୀକରଣ ରାସ୍ତାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କେଉଁଠି ରାସ୍ତା ଉନ୍ନତୀକରଣର ବର୍ଷ ପରେ ବର୍ଷ ବିତିଯାଇଥିଲେ ବି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନଥିବା ବେଳେ ଆଉ କେଉଁଠି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାର ବର୍ଷ କେତେଟାରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହା ଉପରେ ଠା'କୁ ଠା' ପଟି ପକାଇ ବିଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିଦେଉଛି। ଶନିବାର ଛୁଟି ଦିବସ ଥିବା ବେଳେ ଅବଶିଷ୍ଟାଂଶ କାର୍ଯ୍ୟ ଶେଷ କରି ଦେଇଛନ୍ତି। ଉକ୍ତ କାର୍ଯ୍ୟକୁ ସନ୍ଧ୍ୟା ସମୟରେ କରାଯାଇଥିବା ବେଳେ କାର୍ଯ୍ୟସ୍ଥଳରେ ଯନ୍ତ୍ରୀ ଅନୁପସ୍ଥିତ ଥିଲେ। ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ରାସ୍ତା କାର୍ଯ୍ୟ ହେବାର ଦିନକ ପରେ ରାସ୍ତାରେ ପିଚୁରୁ ଗୋଡ଼ି ବାହାରି ରାସ୍ତାରେ ଗଡୁଥିବାର ଦେଖିବାକୁ ମିଳୁଥିଲା। ରାସ୍ତାରେ ଗୋଡ଼ି ଗଡୁଥିବା ସଂପୃକ୍ତ ଠିକାଦାର ଦେଖି ରାସ୍ତାକୁ ଝାଡୁ ମାରି ଗୋଡ଼ିକୁ ସଫା କରିଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା କାର୍ଯ୍ୟସ୍ଥଳରେ ଯନ୍ତ୍ରୀଙ୍କ ଅନୁପସ୍ଥିତର ସୁଯୋଗ ନେଇ ଠିକାଦାରମାନେ ନିମ୍ନମାନର କାର୍ଯ୍ୟ କରୁଛନ୍ତି। ଫଳରେ କାର୍ଯ୍ୟ ହେବାର ଦିନେ କି ଦୁଇ ଦିନ ମଧ୍ୟରେ ପିଚୁ ରାସ୍ତାରୁ ଗୋଡ଼ି ଉଠି ରାସ୍ତାରେ ଗଡୁଛି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଡେରିକି (ବାଲିଚନ୍ଦ୍ରପୁର) ଗ୍ରାମ ନିକଟରୁ ଭଟଣା ଗ୍ରାମ ଦେଇ ଓଷକଣା ଦେବୀ ନଦୀ ବନ୍ଧକୁ ସଂଯୋଗ କରୁଥିବା ରାସ୍ତାରେ। ସୂଚନା ଅନୁଯାୟୀ, ବିଭାଗ ପକ୍ଷରୁ ପ୍ରାୟ ୧୫ ଦିନ ହେବ ଓଷକଣା ଦେବୀନଦୀ ବନ୍ଧରୁ ପିଚୁ ନିର୍ମିତ ରାସ୍ତାର ପିଚୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବାରୁ ରାସ୍ତା କାର୍ଯ୍ୟ ବନ୍ଦ ରହିଥିଲା। ସଂପୃକ୍ତ ଠିକାଦାର ଯାହାକି ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଉପରେ ଭଟଣା, ଡେରିକି (ବାଲିଚନ୍ଦ୍ରପୁର), ଓଷକଣା, ନୟାସିଙ୍ଗଡା, ପୂର୍ବ ଓଷକଣା, ପୁରୀ ଜିଲ୍ଲାର ଭଣ୍ଡିସାହି, ମୁତୁଣିଆ ଆଦି ଗ୍ରାମର ଶହ ଶହ ଲୋକ ନିର୍ଭର କରିଥାନ୍ତି। ଅଥଚ ରାସ୍ତା ନିର୍ମାଣର ୨ ଦିନ ନ ପୂରୁଣୁ ନିର୍ମିତ ହୋଇଥିବା ରାସ୍ତାରୁ ପରସ୍ତ ପରସ୍ତ ଗୋଡ଼ି ଉଠି ଖାଲ ସୃଷ୍ଟି ହେଲାଣି। ରାସ୍ତାର ଏପରି ନିମ୍ନମାନର କାର୍ଯ୍ୟକୁ ନେଇ ଓଷକଣା ପଞ୍ଚାୟତ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ସମସ୍ୟାକୁ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟକୁ ପୁନର୍ବାର କରାଯିବ ବୋଲି କହିଥିଲେ।

## ରସଲପୁରରେ ମା' ବାସନ୍ତୀ ଦୁର୍ଗାପୂଜା



ଜଗତସିଂହପୁର,୩୦।୩(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ରସଲପୁର ଗ୍ରାମରେ ମା' ବାସନ୍ତୀ ଦୁର୍ଗାଙ୍କ ୨୭ତମ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିଦିନାତ୍ମକ ଦୁର୍ଗା ପୂଜା ପାରମ୍ପରିକ ରୀତିନୀତି ସହିତ ପାଳନ କରାଯାଇଥିଲା। ରାମନବମୀରେ ବିହିତ ଚଣ୍ଡୀପାଠ, କୁମାରୀ ପୂଜା, ଯଜ୍ଞ ପୂର୍ଣ୍ଣାହୁତି ପ୍ରଭୃତି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶନିବାର ଦଶହରା ଅବସରରେ ମା'ଙ୍କ ଅପରାଜିତା ପୂଜା, ପରେ ଘଟ ବିସର୍ଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କାଳିକା ନାଚ, କାଠି ଲଉଡ଼ି, ଭଜନ ସନ୍ଧ୍ୟା ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ସମସ୍ତ ପୂଜାରେ ବାସନ୍ତୀ ଦୁର୍ଗା ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ଉପସ୍ଥିତ ରହିଥିଲେ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ପୂଜାରେ ସ୍ଥାନୀୟ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ଶତାଧିକ ଜନସାଧାରଣ ସହଯୋଗ କରିଥିଲେ।

## ସ୍ୱାରୋ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



ଜଗତସିଂହପୁର,୩୦।୩(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ସ୍ୱାରୋ ପ୍ଲେ ସ୍କୁଲର ୭ମ ବାର୍ଷିକ ଉତ୍ସବ ଆଦିକବି ସାରଳାଦାସ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିଶୁସାହିତ୍ୟିକା ଡ. ଜ୍ୟୋତିର୍ମୟୀ ମହାନ୍ତି, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ଆଲୋକ ରଞ୍ଜନ ଦାସ ଏବଂ ସମ୍ମାନିତ ଅତିଥି ଭାବେ ରେଡିଓ ସଂସ୍କାରର ନିର୍ଦ୍ଦେଶକ ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଶିକ୍ଷାଦାନ ସହିତ ଚରିତ୍ର ଗଠନ ଏବଂ ଭଲମଣିଷ ଭାବେ ଗଢିତୋଳିବା ଦିଗରେ ଶିକ୍ଷକ/ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଶିଶୁମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ନିର୍ଦ୍ଦେଶିକା ମଧୁସ୍ମିତା ସାହୁ ସ୍ୱାଗତଭାଷଣ ଓ ଶିକ୍ଷୟିତ୍ରୀ ରିତୁ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସ୍ଥାପିକା ସସ୍ମିତା ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ସଞ୍ଜୟ କୁମାର ସାହୁ ଏବଂ ସମସ୍ତ ଶିକ୍ଷୟିତ୍ରୀ ତଥା କର୍ମଚାରୀ ବୃନ୍ଦ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୁନିକୁନି ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପଙ୍କପାଳ ବିକେସିଏମ୍ ସ୍କୁଲ୍ ବିଦ୍ୟାଭାରତୀର ବାର୍ଷିକ ଉତ୍ସବ

କୁଜଙ୍ଗ,୩୦।୩(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ସ୍ଥିତ ବିକେସିଏମ୍ ସ୍କୁଲ୍ ବିଦ୍ୟାଭାରତୀର ଏକବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନିର୍ମଳ କୁମାର ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସର ସାମାଜିକ କର୍ମୀ ତ୍ରିଭୁବନ ସାହୁ, ମୁଖ୍ୟବକ୍ତା ରୂପେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଗୋବିନ୍ଦ, ସମ୍ମାନିତ ଭଗବାନ, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ସେବା ନିବୃତ୍ତ ବ୍ୟାଙ୍କ୍ ଅଧିକାରୀ ରଜତ କୁମାର ମିଶ୍ର, ପଙ୍କପାଳ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଅଜୟ କୁମାର ଖୁଣ୍ଟିଆ, ଅକ୍ଷୟ କୁମାର ଷଡ଼ଙ୍ଗୀ, ଶିକ୍ଷା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏକ ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ପିତୃମାତୃ ପୂଜନ, ପୁରାତନ ଛାତ୍ରଛାତ୍ରୀ



ଅତିଥି ରୂପେ ସିଆର୍‌ସିସି ଲଳିତ କୁମାର ସେଠୀ ଭଗବାନ ଯୋଗଦେଇ କୃତୀ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ମାର୍ଗଦର୍ଶନ କରିଥିଲେ। ବିକେସିଏମ୍ ସ୍କୁଲ୍ ପ୍ରତିଷ୍ଠାତା ଚୌଧୁରୀ ପଦ୍ମନାଭ ମିଶ୍ର ସ୍ୱାଗତ ଭାଷଣ ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟକ୍ଷ ସୁନାକର ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଦଘାଟନ ସତ୍ରରେ ମୁଖ୍ୟଅତିଥି ଭାବେ ଗୋବିନ୍ଦ ସମାବେଶ, ଆଲୋଚନାଚକ୍ର, ପରିବେଶ ସୁରକ୍ଷା ପାଇଁ ସଚେତନତା, ଛଦ୍ମବେଶ ପ୍ରତିଯୋଗିତା ସହ ବହୁବିଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପାଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ, ସୁଜିତ୍ ଷଡଙ୍ଗୀ ପ୍ରମୁଖ ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ନାଟକ, ସମେବତ ସଙ୍ଗୀତ, ସର୍ବଧର୍ମ ପ୍ରାର୍ଥନା ଓ ନୃତ୍ୟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**● ରାସ୍ତାରେ ମାଡୁଛି ଆବର୍ଜନା ପାଣି**

## ହନ୍ତସନ୍ତ ହେଉଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ

ଜଗତସିଂହପୁର,୩୦।୩(ସମିସ): ସର୍ବସାଧାରଣ ରାସ୍ତାରେ ଆବର୍ଜନା ପାଣି ଲହଡ଼ି ଭାଙ୍ଗୁଥିବା ବେଳେ ଏହି ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ। ରାସ୍ତା ପାଶ୍ୱର୍ରେ ଥିବା ଏକ ତିନି ମହଲା କୋଠା ଘରର ପରିତ୍ୟକ୍ତ ଏବଂ ଆବର୍ଜନା ପାଣି ନିୟମିତ ଭାବରେ ରାସ୍ତାକୁ ଛଡ଼ା ଯାଉଥିବାରୁ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିବା ସହସ୍ରାଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ଜଗତସିଂହପୁର ପୌର ପ୍ରଶାସନକୁ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସମ୍ପୃକ୍ତ ଘର ମାଲିକଙ୍କୁ ନୋଟିସ୍ ଏବଂ ୧୦ ହଜାର ଟଙ୍କା ଜରିମାନା ପାଇଁ ପୌର ପ୍ରଶାସନ ଚିଠି କରିଥିଲେ ମଧ୍ୟ ଆବର୍ଜନା ପାଣି ଛାଡିବାରେ ରୋକ ଲାଗିବା ସମ୍ଭବ ହେଉନାହିଁ। ଯାହାଦ୍ୱାରା ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ ବାଧ ହୋଇ ଏହି ଆବର୍ଜନାମୟ ପାଣି ଉପରେ ଯାତାୟାତ କରୁଛନ୍ତି। ଏଭଳି ଘଟଣା ଅଭିଭାବକ ଓ ସ୍ଥାନୀୟ ଜନ ସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସ୍ଥାନୀୟ ବିଧାୟକ, ପୌର ପରିଷଦ ଅଧକ୍ଷା, ନିର୍ବାହୀ ଅଧିକାରୀ ଏବଂ ସର୍ବୋପରି ଜିଲ୍ଲାପାଳ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।



## ଇଫ୍‌କୋ ପକ୍ଷରୁ କୁସୁନପୁରରେ ସ୍ୱାସ୍ଥ୍ୟ ଶିବିର



ପାରାଦୀପ,୩୦।୩(ସମିସ): ପାରାଦୀପ ଇଫକୋ ୟୁନିଟ ପକ୍ଷରୁ କେନ୍ଦ୍ରାପଡାର ଗରଦପୁର ବ୍ଲକର କୁସୁନପୁର ଗ୍ରାମରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ବଡ଼ବେତାରା ଗ୍ରାମ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହା ଇଫ୍‌କୋ ପାରାଦୀପ ୟୁନିଟ୍ ଏବଂ ଇଫକୋ କୋର୍ଡେଟ ପାରାଦୀପ, କଳିଙ୍ଗ ହସ୍ପିଟାଲ ଭୁବନେଶ୍ୱର ଏବଂ ରୋଟାରୀ ଚକ୍ଷୁ ହସ୍ପିଟାଲ କଟକର ମିଳିତ ପ୍ରୟାସ ଥିଲା। ଜିଲ୍ଲା ସାରା ଗ୍ରାମାଞ୍ଚଳର ଗ୍ରାମବାସୀ/ଗ୍ରାମାଞ୍ଚଳର ଲୋକମାନେ ଏହି କାର୍ଯ୍ୟକ୍ରମରେ ପଞ୍ଜୀକରଣ କରିଥିଲେ, ଯେଉଁଠାରେ ରକ୍ତଚାପ ଏବଂ ଶର୍କରା ପରୀକ୍ଷା ସମେତ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଇଫକୋ ରୋଗୀମାନଙ୍କୁ ସେମାନଙ୍କର ଚିକିତ୍ସା ପାଇଁ ମାଗଣା ଔଷଧ ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମକୁ ଇଫକୋ କୋର୍ଡେଟ, ପ୍ରିନ୍ସିପାଲ କୁଳମଣି ମାଝୀ ଏବଂ ଇଫକୋ ଲୋକସମ୍ପର୍କ ଅଧିକାରୀ ଡାକ୍ତର ପ୍ରସନ୍ନ କୁମାର ବେଉରା ପରିଚାଳନା କରିଥିଲେ। କଟକର ଭୁବନେଶ୍ୱର ରୋଟାରୀ ଚକ୍ଷୁ ହସ୍ପିଟାଲର କଳିଙ୍ଗ ହସ୍ପିଟାଲର ଡାକ୍ତରଙ୍କ ଦଳ ରୋଗୀମାନଙ୍କର ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ ସଞ୍ଜୁକ୍ତା ମହାପାତ୍ର, ସମାଜସେବୀ କିଶୋର ଚନ୍ଦ୍ର ମହାପାତ୍ର, ରଞ୍ଜନ କୁମାର ରଥ, ରଞ୍ଜନ କୁମାର ରାଉତ, ବିଶ୍ୱ ରଞ୍ଜନ ସାହୁ, ଭଞ୍ଜନ କୁମାର ରଥ ଏବଂ ପତିତବନ ବିଶ୍ୱାଳ। ଶିବିର ସମୟରେ, ବିଭିନ୍ନ ରୋଗୀଙ୍କ ରୋଗର ସମାଧାନ ଏବଂ ପରୀକ୍ଷା କରାଯାଇଥିଲା, ପରାମର୍ଶିତ ଚିକିତ୍ସା ପ୍ରଦାନ କରାଯାଇଥିଲା।

## ପିସିଏଲ୍ ତୃତୀୟ ଦିନରେ ୩ଟି ମ୍ୟାଚ୍

# ଶ୍ରୀରାମ, ଜିଡିସି, ଡିକେଟି ଟିମ୍ ବିଜୟୀ

ପାରାଦୀପ,୩୦।୩(ସମିସ)



ପାରାଦୀପ କ୍ରିକେଟ୍ ଲିଗ୍ (ପିସିଏଲ୍)ର ତୃତୀୟ ଦିନର ଖେଳ ବେଶ ରୋମାଞ୍ଚକର ଭାବେ ଶେଷ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ମହାକାଳ ୱାରିଅର ଟିମ୍ ଓ ଶ୍ରୀରାମ ସ୍ପୋର୍ଟ୍ସ ମଧ୍ୟରେ ଜୋରଦାର ମୁକାବିଲା ଦେଖିବାକୁ ମିଳିଥିଲା। ଶ୍ରୀରାମ ସ୍ପୋର୍ଟ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୧୮୩ ରନ କରିଥିଲା। ଜବାବରେ ମହାକାଳ ୱାରିଅର ଟିମ୍ ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୧୧୮ ରନ କରି ପରାଜିତ ହୋଇଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଅମିତ ସାହୁଙ୍କୁ ବଛା ଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ରୋମାଞ୍ଚକର ଭାବେ ଜିଡିସି ବ୍ଲାଷ୍ଟର ଟିମ୍‌ର ବିଜୟ ହୋଇଥିଲା। ପ୍ରଥମେ ବାବା ସାଇ ଡାଇମଣ୍ଡ ବ୍ୟାଟିଂ କରି ୧୭.୫ ଓଭରରେ ୭୮ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲା। ଜବାବରେ ପାରାଦୀପ ଜିଡିସି ବ୍ଲାଷ୍ଟର ଦଳ ୮.୪ ଓଭରରେ ୧ ୱିକେଟ୍ ହରାଇ ୭୯ ରନ କରି ବିଜୟୀ ହୋଇଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ରୋହିତ ଚୌଗୁଲେଙ୍କୁ ଚୟନ କରାଯାଇଥିଲା। ତୃତୀୟ ମ୍ୟାଚର ଡିକେଟି ଷ୍ଟାର ଟିମ୍ ରୋମାଞ୍ଚକର ଭାବେ ବିଜୟ ହୋଇଥିଲା। ଟସ୍ ଜିତି ଡିକେଟି ଷ୍ଟାର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ୧୭୧ ରନ କରିଥିଲା। ଜବାବରେ ଜେସିସି ୱାରିଅର ଦଳ ନିର୍ଦ୍ଧାରିତ ଓଭରରେ ୯ ୱିକେଟ ହରାଇ ୧୪୮ ରନ କରିଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଶାଶ୍ୱତ ମହାନ୍ତିଙ୍କୁ ଚୟନ କରାଯାଇଥିଲା। ଆଜିର ମ୍ୟାଚରେ ଅତିଥି ଭାବେ ଶ୍ରମିକ ନେତା ରାକେଶ ପଟ୍ଟନାୟକ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



# ସିଟି କଟକ

## ଗୋପୀନାଥଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**କଟକ,୩୦।୩(ସମିସ):** ରୌପ୍ୟନଗରୀ କଟକର କଲେଜଛକସ୍ଥିତ ପାଟରାସାହିଠାରେ ଶ୍ରୀ ଗୋପୀନାଥ ଜୀଉଙ୍କ ପୁନରୁଦ୍ଧାର ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅତ୍ୟନ୍ତ ଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଯାଇଛି। ପାଞ୍ଚ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ପୁରୀ, ବ୍ରହ୍ମପୁର ଓ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ପଣ୍ଡିତମାନେ ଯୋଗଦେଇ ଶାସ୍ତ୍ରୀୟ ବିଧି ଅନୁସାରେ ଯଜ୍ଞ ଓ ଜୀଉଙ୍କ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସମାରୋହ ସହିତ ଶତାଧିକ ଭକ୍ତଙ୍କ ପାଇଁ ନାରାୟଣ ସେବାର ବ୍ୟବସ୍ଥା କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟରଙ୍କ ସମେତ ଜୟ ମହାବୀର ଯୁବକ ସଂଘ, ମା' ବୁଢ଼ୀମଙ୍ଗଳା ବରିଷ୍ଠ ସଂଘ ଏବଂ ମୁକ୍ତି ପସରାର ମହିଳାମାନେ ସକ୍ରିୟ ସହଯୋଗ କରିଥିଲେ। ବ୍ୟାସଦେବ ପାତ୍ର, ବିଷ୍ଣୁ ଚରଣ ସାହୁ, ନୀଳମାଧବ ଲେଙ୍କା, ଜଗନ୍ନାଥ ଲେଙ୍କା, ବଟକୃଷ୍ଣ ସାହୁ, ପ୍ରଫୁଲ୍ଲ ଲେଙ୍କା ଏବଂ ପ୍ରଦୀପ ଲେଙ୍କା ପ୍ରମୁଖ ସପତ୍ନୀକ ପୂଜାକାର୍ଯ୍ୟରେ ସାମିଲ ହୋଇଥିଲେ। ସାହି ବାସିନ୍ଦା ଓ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଏହି ମହୋତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ। ମନ୍ଦିର ପ୍ରତିଷ୍ଠା ପରେ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି ହୋଇଛି।

## ବୈରାଗୀ ଚରଣ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୩୦।୩(ସମିସ):** ଆଜି ଅପରାହ୍ନ ୫ଟାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ତଥା ସାରଳା ସାହିତ୍ୟ ସଂସଦର ଆଜୀବନ ସଦସ୍ୟ ପ୍ରଫେସର ଡ. ବୈରାଗୀ ଚରଣ ଜେନା ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା ସାରସ୍ୱତ ପୀଠ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ସାହିତ୍ୟିକ ଡ. ସତ୍ୟନାରାୟଣ ପଣ୍ଡା, କବି ଭାଗବତ ମହାନ୍ତି, ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ପ୍ରଫେସର ଡା. ନିମାଇଁ ଚରଣ ପରିଜା, କୈଳାସ ଚନ୍ଦ୍ର ଦଳାଇ, ବିଜୟ ଶଙ୍କର ପାତ୍ର, ବ୍ରହ୍ମାନନ୍ଦ ମହାନ୍ତି, ଅଜୟ ଯଜ୍ଞେଶ୍ୱର ନାଥ, ଡ. ସରସ୍ୱତୀ ପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଓଡ଼ିଆ ସାହିତ୍ୟରେ ପ୍ରଫେସର ବୈରାଗୀ ଚରଣ ଜେନା ଜଣେ ସଫଳ ପ୍ରାବନ୍ଧିକ, ସମାଲୋଚକ ଭାବେ ସୁପରିଚିତ ଥିଲେ। ସଭାପତି ଡ. ସ୍ୱାଇଁ ତାଙ୍କର ଅଭିଭାଷଣରେ କହିଲେ ସାହିତ୍ୟ ସାଧନା ଓ ଗବେଷଣା କ୍ଷେତ୍ରରେ ପ୍ରଫେସର ବୈରାଗୀ ଚରଣ ସୁବିଦିତ ଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ତାଙ୍କର ଆତ୍ମା ସଦଗତି ପାଇଁ ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

■ ୟଙ୍ଗ୍ ଉତ୍କଳ ଫୁଟବଲ୍ ଧମାକା

## କୁରାଙ୍ଗ କ୍ଲବକୁ ହରାଇ ଆୟୋଜକ ଦଳ ଚାମ୍ପିଅନ



**କଟକ,୩୦।୩(ସମିସ):** ୟଙ୍ଗ୍ ଉତ୍କଳ କ୍ଲବ ଆନୁକୂଲ୍ୟରେ ଆୟୋଜିତ 'ୟଙ୍ଗ୍ ଉତ୍କଳ ଫୁଟବଲ୍ ଧମାକା' ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ଆୟୋଜକ ୟଙ୍ଗ୍ ଉତ୍କଳ କ୍ଲବ, ଭୁବନେଶ୍ୱରର କୁରାଙ୍ଗ ଫୁଟବଲ୍ କ୍ଲବକୁ ଟାଇବ୍ରେକରରେ ୯-୮ ଗୋଲ୍‌ରେ ପରାସ୍ତ କରି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୫,୦୦୦ ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ କୁରାଙ୍ଗ ଦଳର ଆଶିଷ ପ୍ରଧାନଙ୍କୁ "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଏବଂ ୟଙ୍ଗ୍ ଉତ୍କଳ କ୍ଲବର ଗଣେଶ ସେଠୀଙ୍କୁ "ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳକୁ ମୁଖ୍ୟ ରେଫରି ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଏସ.କେ. ହାୟତ ଓ ରାମଚନ୍ଦ୍ର ମୁର୍ମୁ ଲାଇନ୍‌ରେ ସହାୟତା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରୋଟାରୀ କ୍ଲବ୍ ଗଭର୍ଣ୍ଣର ଯଜ୍ଞଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଖେଳାଳି ଗୋପୀନାଥ ସାହୁ, ମୁଖ୍ୟ କୋଚ୍ ଜନାର୍ଦ୍ଦନ ଜେନା, କ୍ଲବ୍ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦୀପ ମହାନ୍ତି ଓ କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୈଳାଶ ଚନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, କାହ୍ନୁଚରଣ ସାହୁ ଓ ରାଜୀବ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଅଗ୍ନିକାଣ୍ଡ ନୁହେଁ; ବ୍ୟବସ୍ଥାର ହତ୍ୟାକାଣ୍ଡ

- ପୁରୁଣା ତ୍ରୁଟି ଆଳରେ କେତେଦିନ ଖେଳାଯିବ ଜୀବନ ସହ ଖେଳ?
- ପ୍ରଶ୍ନଘେରରେ ବର୍ତ୍ତମାନର ଶାସନ ବ୍ୟବସ୍ଥା
- ତଳିଆ କର୍ମଚାରୀଙ୍କୁ ବଳି ପକାଇବା ବନ୍ଦ ହେଉ

**କଟକ,୩୦।୩(ସମିସ):**

କଟକର ପ୍ରତିଷ୍ଠିତ ଏସସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଘଟିଥିବା ସାମ୍ପ୍ରତିକ ଅଗ୍ନିକାଣ୍ଡ କେବଳ ଏକ "ଦୁର୍ଘଟନା' ନୁହେଁ, ବରଂ ଏହା ଆମ ଶାସନ ବ୍ୟବସ୍ଥାର ଚରମ ଅବହେଳାର ଏକ ନଗ୍ନ ଚିତ୍ର। ଯେଉଁଠାରେ ରୋଗୀ ଜୀବନ ବଞ୍ଚାଇବାକୁ ଆଶା ନେଇ ଆସନ୍ତି, ସେଠାରେ ସେମାନଙ୍କୁ ମୃତ୍ୟୁର କରାଳ ଶିଖା ମଧ୍ୟକୁ ଠେଲିଦେବା କେବଳ ଅବହେଳା ନୁହେଁ, ଏହା ଏକ ଅକ୍ଷମଣୀୟ ଅପରାଧ। ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ନିଜକୁ ଯେତେ ଦକ୍ଷ ବୋଲାଉଥିଲେ ମଧ୍ୟ ତାଙ୍କ ନାକ ତଳେ ଏତେବଡ଼ ମୌଳିକ ସୁରକ୍ଷା ବ୍ୟବସ୍ଥା କିପରି ଧରାଶାୟୀ ହେଲା, ତାହା ଏବେ ସାଧାରଣ ଜନତାଙ୍କ ମନରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରଶାସନ ପକ୍ଷରୁ ସବୁବେଳେ ଏକ ଚିରାଚରିତ ଯୁକ୍ତି ଦିଆଯାଏ ଯେ "ତ୍ରୁଟି ପୁରୁଣା ଥିଲା'। ମାତ୍ର ବୁଝିବାକୁ ହେବ ଯେ, ପୁରୁଣା ତ୍ରୁଟି ବର୍ତ୍ତମାନର ବିଫଳତାକୁ କଦାପି ଲୁଚାଇ ପାରିବ ନାହିଁ। ଯଦି ପୂର୍ବରୁ ସୁରକ୍ଷା ବ୍ୟବସ୍ଥାରେ ଛିଦ୍ର ଥିଲା, ତେବେ ତାହାକୁ ସୁଧାରିବା ବର୍ତ୍ତମାନର ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ଥିଲା। ସେଥିରେ ବିଫଳ ହେବା ଅର୍ଥ ହେଉଛି ନିଜ ଦାୟିତ୍ୱରୁ ମୁହଁ ଫେରାଇ ନେବା। ସମ୍ପ୍ରତି ହୋଇଥିବା ବୈଠକରେ କେବଳ ଦାୟିତ୍ୱ ବଣ୍ଟନର ନାଟକ କରାଯାଇଛି ସତ, କିନ୍ତୁ ସମସ୍ୟାର ସମାଧାନ ପାଇଁ କୌଣସି ନିର୍ଦ୍ଦିଷ୍ଟ "ସମୟସୀମା' ଧାର୍ଯ୍ୟ କରାଯାଇ ନାହିଁ। ଯେଉଁଠାରେ ମଣିଷର ଜୀବନ ମୃତ୍ୟୁ ସହ ପଞ୍ଝା ଲଢୁଛି, ସେଠାରେ ସମୟସୀମା ବିହୀନ ଫମ୍ପା ପ୍ରତିଶ୍ରୁତିର ମୂଲ୍ୟ କ'ଣ? ଏସସିବି ଭଳି ବୃହତ ହସ୍ପିଟାଲ୍ ପାଖରେ ଆଜି ପୂର୍ଣ୍ଣାଙ୍ଗ ଅଗ୍ନି ସୁରକ୍ଷା ପ୍ରମାଣପତ୍ର (ଏନଓସି) ଅଛି କି? ଯଦି ନାହିଁ, ତେବେ କେଉଁ ସାହସରେ ଏହି ମୃତ୍ୟୁଯନ୍ତ୍ରକୁ ଚାଲୁ ରଖିବା ପାଇଁ ଅନୁମତି ଦିଆଯାଇଛି? ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବାରମ୍ବାର ସ୍ପଷ୍ଟ କରିଛନ୍ତି ଯେ ଅଗ୍ନି ସୁରକ୍ଷା ବିନା କୌଣସି ସଂସ୍ଥା ଚାଲିପାରିବ ନାହିଁ। ସମ୍ବିଧାନର ଧାରା ୨୧ ପ୍ରତ୍ୟେକ ନାଗରିକଙ୍କୁ "ସୁରକ୍ଷିତ ଜୀବନର ଅଧିକାର' ଦେଇଥିବା ବେଳେ, ଏହି ଅଗ୍ନିକାଣ୍ଡ ସେହି ଅଧିକାରକୁ ଖୋଲାଖୋଲି ଭାବେ ଦଳି ଚକଟି ଦେଇଛି। ସୁରକ୍ଷା ମାନଦଣ୍ଡ ପୂରଣ କରୁ ନ ଥିବା ଏଭଳି ସଂସ୍ଥାମାନଙ୍କୁ ଚାଲୁ ରଖିବା ଆରମ୍ଭରୁ ହିଁ ଅବୈଧ। ସବୁଠାରୁ ଦୁଃଖଦ ବିଷୟ ହେଉଛି, ଦୁର୍ଘଟଣା ପରେ ମନ୍ତ୍ରୀ ଓ ଶୀର୍ଷ ଅଧିକାରୀମାନେ ଅତି ଚତୁରତାର ସହ ସବୁ ଦୋଷ "ତଳିଆ କର୍ମଚାରୀ'ଙ୍କ ଉପରେ ଲଦି ଦେଇ ନିଜକୁ ସ୍ୱଚ୍ଛ ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି। ମାତ୍ର ଶାସନର ନୀତି କହେ, ଯଦି ନିଷ୍ପତ୍ତି ନେବାର କ୍ଷମତା ଶୀର୍ଷସ୍ତରର, ତେବେ ବିଫଳତାର ଦାୟିତ୍ୱ ମଧ୍ୟ ସେହିସ୍ତରରେ ରହିବା ଉଚିତ। କେବଳ ଛୋଟ କର୍ମଚାରୀଙ୍କୁ ଦଣ୍ଡ ଦେଇ ମନ୍ତ୍ରୀ କିମ୍ବା ସରକାର ନିଜର ନୈତିକ ଉତ୍ତରଦାୟିତ୍ୱରୁ ଖସିଯାଇ ପାରିବେ ନାହିଁ। ଜନସାଧାରଣ ଏବେ ଆଶ୍ୱାସନା ନୁହେଁ, ବରଂ ପ୍ରମାଣ ସହିତ ସ୍ପଷ୍ଟ ଉତ୍ତର ଚାହୁଁଛନ୍ତି। ଜନସୁରକ୍ଷା କୌଣସି ରାଜନୈତିକ ଦଳର ପ୍ରାଥମିକତା ନୁହେଁ, ଏହା ଏକ ଅନିବାର୍ଯ୍ୟ କର୍ତ୍ତବ୍ୟ। ଆଜି ଯଦି କଠୋର ପଦକ୍ଷେପ ନିଆ ନ ଯାଏ, ତେବେ ଆମେ ପୁଣି ଏକ ଦୁର୍ଘଟଣାକୁ ଅପେକ୍ଷା କରିବା ଏବଂ ସେତେବେଳେ ହୁଏତ ଅନୁତାପ କରିବା ପାଇଁ ଆମ ପାଖରେ ବହୁତ ଡେରି ହୋଇଯାଇଥିବ।



## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କଟକ,୩୦।୩(ସମିସ):** ୭ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ମାମଲାରେ ବଡମ୍ବା ଥାନା ଅଞ୍ଚଳର କାଳିଆ ଓରଫ ଗୋପାଳ ବାଇ(୩୦)କୁ ୨୦ ବର୍ଷ ସଶ୍ରମ ଜେଲ ଓ ୪୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି କଟକ ଆଡ-ହକ୍ ଅତିରିକ୍ତ ଦୌରା ଅଦାଲତ। ଭାରତୀୟ ନ୍ୟାୟ ସଂହିତାର ଧାରା ୬୫(୨) ଓ ପୋକସୋ ଆଇନର ଧାରା ୬ରେ ଉପରୋକ୍ତ ଦଣ୍ଡ ପ୍ରଦାନ କରିଛନ୍ତି। ଜରିମାନା ରାଶି ନ ଦେଲେ ଆସାମୀକୁ ଅଧିକ ୨ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ। ଏଥି ସହିତ ପୀଡିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୪, ସେପ୍ଟେମ୍ବର ୧୫ରେ ଘରେ ବିଦ୍ୟୁତ ନ ଥିବାରୁ ନାବାଳିକା ପୀଡିତା ଓ ତାଙ୍କ ଦୁଇ ଶିଶୁ ପୁତ୍ରଙ୍କୁ ଘରେ ଛାଡି ମା' ପାଖ ଚା ଦୋକାନକୁ ମୋବାଇଲ ଚାର୍ଜ କରିବା ପାଇଁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଫେରିବା ପରେ ପୀଡିତା କାନ୍ଦୁଥିବା ମା ଦେଖିବାକୁ ପାଇଥିଲେ। ଅଭିଯୁକ୍ତ ଘରେ ପଶି ଦୁଷ୍କର୍ମ କରିଥିବା ପୀଡିତାଙ୍କ ନିକଟରୁ ପରିବାର ସଦସ୍ୟ ଜାଣିବାକୁ ପାଇଥିଲେ। ଏ ନେଇ ମର୍କତନଗର ଥାନାରେ ପୀଡିତାଙ୍କ ପରିବାର ତରଫରୁ ଏତଲା ଦିଆଯିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ୨୦୨୪, ସେପ୍ଟେମ୍ବର ୧୭ରେ ଗିରଫ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମିହିର ଶେଖର ସାହୁ ମାମଲା ପରିଚାଳନା କରୁଥିଲେ।

## ଉଦ୍‌ଯାପିତ ହେଲା 'କଟକ ସାହିତ୍ୟ ସରୋବର'




**କଟକ,୩୦।୩(ସମିସ):** କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ପ୍ରଥମ କରି ଆୟୋଜିତ ଜିଲ୍ଲାସ୍ତରୀୟ ପୁସ୍ତକ ମେଳା "କଟକ ସାହିତ୍ୟ ସରୋବର-୨୦୨୬' ରବିବାର ଉଦ୍‌ଯାପିତ ହୋଇଯାଇଛି। ଐତିହାସିକ ବାଲିଯାତ୍ରା ପଡ଼ିଆରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ୧୦ ଦିନିଆ ମହୋତ୍ସବରେ ପାଠକମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୦୦ରୁ ଅଧିକ ପ୍ରକାଶକ ଓ ବିକ୍ରେତା ଏଥିରେ ଅଂଶଗ୍ରହଣ କରିଥିଲେ। ଦୀର୍ଘ ୧୨ ବର୍ଷ ପରେ କଟକରେ ଏଭଳି ଏକ ସାହିତ୍ୟିକ ପରିବେଶ ସୃଷ୍ଟି ହୋଇଥିବାରୁ ଏହା ସହରର ସାଂସ୍କୃତିକ ଗୌରବକୁ ଆହୁରି ବୃଦ୍ଧି କରିଛି। ଉଦ୍‌ଯାପନୀ ସନ୍ଧ୍ୟାରେ ସିଏମସି ମେୟର ସୁବାସ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏବଂ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଯୋଗଦେଇ ସିଏମସିର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସିଏମସି କମିଶନର କିରନଦୀପ୍ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ଶର୍ମା ଏବଂ ପ୍ରକାଶକ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁସ୍ତକ ମେଳାରେ ଆଶାଠାରୁ ଅଧିକ ବ୍ୟବସାୟ ହୋଇଥିବା ପ୍ରକାଶକମାନେ ପ୍ରକାଶ କରିଛନ୍ତି। ବିଶେଷ କରି ଯୁବ ପିଢ଼ି ଓ ଛାତ୍ରଛାତ୍ରୀଙ୍କ ଭିଡ଼ ପ୍ରମାଣିତ କରିଛି ଯେ ଡିଜିଟାଲ୍ ଯୁଗରେ ମଧ ବହିର ଚାହିଦା ଅପରିବର୍ତ୍ତିତ ରହିଛି। ପ୍ରତି ସନ୍ଧ୍ୟାରେ ସାହିତ୍ୟ ଆସର, କବିତା ପାଠ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ପାଠକଙ୍କୁ ବାନ୍ଧି ରଖିଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଫୁଡ୍ ଷ୍ଟଲ୍ ମେଳାର ଆକର୍ଷଣକୁ ଦ୍ୱିଗୁଣିତ କରିଥିଲା। ଶେଷରେ ସମସ୍ତ ପ୍ରକାଶକ ଓ କର୍ପୋରେଟରମାନଙ୍କୁ ସିଏମସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ



**ସମାନତା ଓ ଅଧିକାର ପାଇଁ ଆହ୍ୱାନ**

**କଟକ,୩୦।୩(ସମିସ):** ସମାଜରେ ଟ୍ରାନ୍ସଜେଣ୍ଡର ବା କିନ୍ନର ସମୁଦାୟଙ୍କୁ ସମାନ ସୁଯୋଗ ଓ ସମ୍ମାନଜନକ ଜୀବନ ପ୍ରଦାନ କରିବା ଲକ୍ଷ୍ୟରେ ସୋମବାର କଟକ ନେତାଜୀ ସଂସ୍କୃତି ଭବନଠାରେ "ଆନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଟ୍ରାନ୍ସଜେଣ୍ଡର ସମୁଦାୟ ସମାଜର ଏକ ଅବିଭାଜ୍ୟ ଅଂଶ। ଜିଲ୍ଲା ପ୍ରଶାସନ ସବୁବେଳେ ସେମାନଙ୍କ ଅଧିକାର ରକ୍ଷା ଓ ସୁବିଧା ସୁନିଶ୍ଚିତ କରିବା ପାଇଁ ତତ୍ପର ରହିଛି। ସମାଜରୁ ଅନ୍ଧବିଶ୍ୱାସ ଓ ବିଭେଦ ଦୂର କରି ସେମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ ଉପସ୍ଥିତ ରହି ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଟ୍ରାନ୍ସଜେଣ୍ଡର ସମୁଦାୟ ଦ୍ୱାରା ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀକୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଲୁଥେରାନ୍ ୱାର୍ଲ୍ଡ ସର୍ଭିସ ଇଣ୍ଡିଆ ଟ୍ରଷ୍ଟର ପ୍ରକଳ୍ପ ସଂଯୋଜିକା ବେବୀ ନାୟକ ଏବଂ ଗୋଷ୍ଠୀ ସଂଯୋଜିକା ସରିତା ମଞ୍ଜରୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ସୁଶ୍ରୀ ଶୀତଲ ବସ୍ତିଆ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ଟ୍ରାନ୍ସଜେଣ୍ଡର ସମୁଦାୟର ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ।

## ହାଇକୋର୍ଟରୁ ନର୍ଲା ନିର୍ବାଚନୀ ମାମଲା ପ୍ରତ୍ୟାହାର

**କଟକ,୩୦।୩(ସମିସ):** ପରାଜିତ କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସ ହାଇକୋର୍ଟରେ ଦାୟର କରିଥିବା ନର୍ଲା ନିର୍ବାଚନ ମାମଲା ହାଇକୋର୍ଟରୁ ପ୍ରତ୍ୟାହୃତ ହୋଇଛି। ବିଧାୟିକା ମନୋରମା ମହାନ୍ତିଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ଏହି ମାମଲା ରୁଜୁ ହୋଇଥିଲା ଓ ଆଜି ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କ ଖଣ୍ଡପୀଠରେ ନିର୍ବାଚନୀ ମୋକଦ୍ଦମାର ଶୁଣାଣି ବେଳେ ଶ୍ରୀ ଦାସଙ୍କ ତରଫରୁ ଆବେଦନ ପ୍ରତ୍ୟାହାର ପାଇଁ ଅନୁମତି ଲୋଡ଼ା ଯାଇଥିଲା। ହାଇକୋର୍ଟ ଏଥି ପାଇଁ ଅନୁମତି ଦେବା ସହିତ ନର୍ଲା ନିର୍ବାଚନୀ ମୋକଦ୍ଦମାର ଶୁଣାଣିରେ ଅନ୍ତ ଘଟାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୪ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀ ମନୋରମା ମହାନ୍ତି ନର୍ଲା ଆସନରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଦାସ ହାଇକୋର୍ଟରେ ନିର୍ବାଚନୀ ମୋକଦ୍ଦମା ଦାୟର କରିଥିଲେ।

● ହାଇକୋର୍ଟରେ କଣ୍ଟାବାଞ୍ଜି ନିର୍ବାଚନ ଅନିୟମିତତା ମାମଲା

## ୧୫ ଦିନ ମଧ୍ୟରେ ଦସ୍ତାବିଜ ଦାଖଲ କରିବା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**କଟକ,୩୦।୩(ସମିସ):** ଗତ ୨୦୨୪ କଣ୍ଟାବାଞ୍ଜୀ ବିଧାନସଭା ନିର୍ବାଚନ ଅନିୟମିତା ମାମଲାରେ ଆବେଦନକାରୀ ଲୋଡିଥିବା ନିର୍ବାଚନୀ ଦସ୍ତାବିଜଗଡ଼ିକୁ ଆସନ୍ତା ୧୫ ଦିନ ମଧ୍ୟରେ ଅଦାଲତରେ ଦାଖଲ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବଲାଙ୍ଗିର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଗିରିରାଜ ସିଂହ ମାଝୀଙ୍କ ତରଫରୁ ରୁଜୁ ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନ୍ୟାୟାଳୟର ପ୍ରାଥମିକ କର୍ତ୍ତବ୍ୟ ହେଉଛି ସତ୍ୟର ସନ୍ଧାନ କରିବା। ଯେତେବେଳେ କୌଣସି ଦସ୍ତାବିଜ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଜରୁରୀ ହୋଇଥାଏ, ତେବେ ସେଗୁଡ଼ିକୁ କୋର୍ଟକୁ ମଗାଇବା ପାଇଁ ହେଉଥିବା ଆବେଦନକୁ ସାଧାରଣତଃ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ନିର୍ବାଚନରେ କଣ୍ଟାବାଞ୍ଜୀ ବିଧାନସଭା ଆସନରୁ ଜିତିଥିବା ବିଧାୟକ ଲକ୍ଷ୍ମଣ ବାଗ ନାମାଙ୍କନ ବେଳେ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ଦର୍ଶାଇ ହାଇକୋର୍ଟରେ ସେହି ନିର୍ବାଚନ ମଣ୍ଡଳୀର ଜଣେ ଭୋଟର ଗିରିରାଜ ସିଂହ ନିର୍ବାଚନୀ ମକଦ୍ଦମା ଦାୟର କରିଥିଲେ। ନିର୍ବାଚନ ଆବେଦନର ସଠିକ୍ ବିଚାର ପାଇଁ ବଲାଙ୍ଗୀର ଜିଲ୍ଲାପାଳଙ୍କ ପାଖରେ ଥିବା କିଛି ଦସ୍ତାବିଜ ଅତ୍ୟନ୍ତ ଆବଶ୍ୟକ ବୋଲି ଦର୍ଶାଇ ଆବେଦନକାରୀ ଏକ ଅନ୍ତରୀଣ ଆବେଦନ କରିଥିଲେ।

## ବୈଧ ପରମିଟ୍ ଥିବା ଗାଡ଼ିର ଆର୍‌ସି ସସ୍‌ପେଣ୍ଡ ବେଆଇନ: ହାଇକୋର୍ଟ

**କଟକ,୩୦।୩(ସମିସ):**

ବେଆଇନ ବାଲି ପରିବହନ ଅଭିଯୋଗରେ ଜବତ ହୋଇଥିବା ହାଇୱା ଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର (ଆର୍‌ସି) ସସ୍‌ପେଣ୍ଡ କରିବା ନେଇ ପରିବହନ ବିଭାଗର ଅଧିକାରୀଙ୍କ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଅଶୋକ କୁମାର ସ୍ୱାଇଁ ଓ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ପରିବହନ କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ଅଧିକାର ବର୍ହିଭୂତ ବୋଲି ଦର୍ଶାଇଛନ୍ତି। ଯେତେବେଳେ ଗାଡ଼ିର ପରମିଟ୍ ବୈଧ ଅଛି, ସେତେବେଳେ ପରିବହନ କର୍ତ୍ତୃପକ୍ଷଙ୍କ ପାଖରେ ଧାରା -୫୩ ଅନୁଯାୟୀ ପଞ୍ଜୀକରଣ ସସପେଣ୍ଡ କରିବା ପାଇଁ କୌଣସି ଯଥାର୍ଥ କାରଣ ନାହିଁ। ସେହିଭଳି ବେଆଇନ ବାଲି ପରିବହନ ପାଇଁ 'ଓଡ଼ିଶା କ୍ଷୁଦ୍ର ଖଣିଜ ରିହାତି ନିୟମାବଳୀ-୨୦୧୬' କିମ୍ବା ଅନ୍ୟ ଆପରାଧିକ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କିନ୍ତୁ ଏହାଦ୍ୱାରା ଆର୍‌ସି ସସପେଣ୍ଡ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ଆବେଦନକାରୀଙ୍କ ଆବେଦନକୁ ଗ୍ରହଣ କରି ଗାଡ଼ି ଗୁଡ଼ିକର ଆର୍‌ସିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ବିବରଣୀରୁ ପ୍ରକାଶ ଯେ, ଜଗତସିଂହପୁର ଜିଲ୍ଲାର କିଲିପାଳ ସୈରାତରୁ ବେଆଇନ ଭାବେ ବାଲି ପରିବହନ କରୁଥିବା ଅଭିଯୋଗରେ ୨୦୨୫ ନଭେମ୍ବର ୨୭ ତାରିଖରେ ପୁଲିସ ଏବଂ ପରିବହନ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ପ୍ରାୟ ୪୬ଟି ହାଇୱା ଗାଡ଼ିକୁ ଜବତ କରାଯାଇଥିଲା। ଏହା ପରେ ଆଞ୍ଚଳିକ ପରିବହନ ଅଧିକାରୀ ମୋଟରଯାନ ଆଇନର ଧାରା ୫୩(୧)(ବି) ପ୍ରୟୋଗ କରି ଏହି ଗାଡ଼ିଗୁଡ଼ିକର ପଞ୍ଜୀକରଣକୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସସପେଣ୍ଡ କରିଦେଇଥିଲେ। ଏହା ବେଆଇନ ଦର୍ଶାଇ ଆବେଦନକାରୀ ଗାଡି ମାଲିକମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗାଡ଼ିଗୁଡ଼ିକ ଜବତ ହେବା ସମୟରେ ସେଗୁଡ଼ିକର ବୈଧ ପରମିଟ୍ ଥିଲା। ମୋଟରଯାନ ଆଇନର ଧାରା ୫୩(୧)(ବି) କେବଳ ସେତିକି ବେଳେ ଲାଗୁ କରାଯାଇପାରିବ, ଯେତେବେଳେ କୌଣସି ଗାଡ଼ି ବିନା ପରମିଟ୍‌ରେ ଭଡ଼ା କିମ୍ବା ବ୍ୟବସାୟିକ କାର୍ଯ୍ୟରେ ବ୍ୟବହୃତ ହେଉଥିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଥିଲେ।

### ପରିବହନ ଅଧିକାରୀଙ୍କ ଆଦେଶ ରଦ୍ଦ

## ଦେବଗଡ଼ ପୌରପରିଷଦ ଅଧ୍ୟକ୍ଷାଙ୍କୁ ବହିଷ୍କାର ନିର୍ଦ୍ଦେଶ ହାଇକୋର୍ଟରେ ରଦ୍ଦ

**କଟକ,୩୦।୩(ସମିସ):** ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ପଦରୁ ଶାନ୍ତି ମଞ୍ଜରୀ ଦେଇଙ୍କୁ ବହିଷ୍କାର ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଅଧ୍ୟକ୍ଷା ପଦରୁ ଶ୍ରୀମତୀ ଦେଇଙ୍କ ବହିଷ୍କାର ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହିତ ଏ ସମ୍ପର୍କିତ ୨୦୨୫, ଜାନୁଆରି ୨୮ର ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। ଏଥି ସହିତ ଆବେଦନକାରୀ ଶ୍ରୀମତୀ ଦେଇଙ୍କୁ ଦେବଗଡ଼ ପୌରପରିଷଦ ଅଧ୍ୟକ୍ଷା ପଦରେ ପୁନଃଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଶ୍ରୀମତୀ ଦେଇ ଦାୟର କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ପୌରପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ବିଭିନ୍ନ ଅନିୟମିତତାରେ ସଂପୃକ୍ତି ଓ ଦାୟିତ୍ୱ ସଂପାଦନରେ ଅବହେଳା ଅଭିଯୋଗରେ ନଗର ଉନ୍ନୟନ ବିଭାଗ ଏଭଳି ବହିଷ୍କାର ପଦକ୍ଷେପ ନେଇଥିଲା। ଏହା ପରେ ଉପାଧ୍ୟକ୍ଷଙ୍କୁ ପୌରପରିଷଦର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ ପାଇଁ ପୌର ପ୍ରଶାସନ ନିର୍ଦ୍ଦେଶକ ଆଦେଶ ଦେଇଥିଲେ। ଏପରି ନିର୍ଦ୍ଦେଶକୁ ବିରୋଧ କରି ଶ୍ରୀମତୀ ଦେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମିଲନ କାନୁନଗୋ ମାମଲା ପରିଚାଳନା କରୁଥିଲେ।

## ବିନା ଯଥାର୍ଥ କାରଣରେ ଚରିତ୍ର ପ୍ରମାଣପତ୍ର ପ୍ରଦାନ ପାଇଁ ମନା କରିପାରିବ ନାହିଁ ପୁଲିସ : ହାଇକୋର୍ଟ

**କଟକ,୩୦।୩(ସମିସ):** ବିନା କୌଣସି ଯଥାର୍ଥ କାରଣରେ ଜଣେ ବ୍ୟକ୍ତିଙ୍କୁ ଚରିତ୍ର ପ୍ରମାଣପତ୍ର ଦେବାକୁ ପୁଲିସ ମନା କରିବା ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ହାଇକୋର୍ଟ କହିଛନ୍ତି। ଚରିତ୍ର ପ୍ରମାଣପତ୍ର ପ୍ରଦାନ କରିବାରେ ପୁଲିସର ଟାଳଟୁଳ ନୀତି ଏବଂ ମନମୁଖୀ କାର୍ଯ୍ୟାନୁଷ୍ଠାନକୁ ନେଇ ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାତ ରଞ୍ଜନ ଓଝାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଏକ ମାମଲାର ରାୟକୁ ଦୃଷ୍ଟାନ୍ତ ଭାବେ ଉଦାହରଣ ଦେଇ ହାଇକୋର୍ଟ କହିଛନ୍ତି ଯେ, ପୁଲିସ ବା ପ୍ରଶାସନ ଏଭଳି ପ୍ରମାଣପତ୍ର ଦେବା ସମୟରେ ଅତି ସମ୍ବେଦନଶୀଳ ହେବା ଉଚିତ। କୌଣସି ପାରିବାରିକ କଳହ ବା ସାମାନ୍ୟ ମାମଲାକୁ ଆଧାର କରି ଚରିତ୍ର ପ୍ରମାଣପତ୍ର ଜାରି ପାଇଁ ମନା କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଏଥିସହ ବୈରୀ ଥାନାର ଆଇଆଇସିଙ୍କୁ ତୁରନ୍ତ ଆବେଦନକାରୀଙ୍କ ସପକ୍ଷରେ ଚରିତ୍ର ପ୍ରମାଣପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ଏକ କମ୍ପାନୀର ଟେକ୍ନିସିଆନ ଭାବେ କାର୍ଯ୍ୟ କରନ୍ତି। ସମ୍ପୃକ୍ତ କମ୍ପାନୀ ତାଙ୍କୁ ଧାମରା ବନ୍ଦରରେ ନିୟୋଜିତ କରିଥିଲା। ବନ୍ଦର ପରିସରକୁ ପ୍ରବେଶ ପାଇଁ ଏକ ପୁଲିସ ଚରିତ୍ର ପ୍ରମାଣପତ୍ର ଜରୁରୀ ହୋଇଥିବାରୁ ପ୍ରଭାତ ଏଥିପାଇଁ ଯାଜପୁର ଜିଲ୍ଲା ବୈରୀ ଥାନାରେ ଦୁଇଥର ଆବେଦନ କରିଥିଲେ। ମାତ୍ର ପୁଲିସ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରି ନ ଥିଲା। ତାଙ୍କର ଗେଟ୍ ଏଣ୍ଟ୍ରି ପାସ୍‌ର ଅବଧି ଗତ ୩୧ ମାର୍ଚ୍ଚ ୨୦୨୬ ରେ ଶେଷ ହେଉଥିବାରୁ ପ୍ରମାଣପତ୍ର ନ ମିଳିଲେ ସେ ଚାକିରି ହରାଇବା ସହ ବଡ଼ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ନବନିର୍ମାଣ କୃଷକ ସଂଗଠନ

# ଧାନଗାଡ଼ି ଆଗେ ଆଗେ ସାଷ୍ଟାଙ୍ଗ ଦଣ୍ଡବତ

ଯାଜପୁର, ୩୦।୩(ସମିସ)



ଚଳିତ ବର୍ଷ ସାରା ଯାଜପୁର ଜିଲ୍ଲାରେ ଆଶାଧିକ ସରସ ସୁନ୍ଦର ଧାନ ଅମଳ ହୋଇଛି। ଚାଷୀଙ୍କର ଅମଳ ଏତେ ସ୍ୱଚ୍ଛ ହୋଇଥିଲେ ମଧ୍ୟ ଧାନ ମଣ୍ଡିରେ ହଟହଟା ପ୍ରସଙ୍ଗ ସାରା ଯାଜପୁର ଚାଷୀଙ୍କୁ ହତୋତ୍ସାହ କରିଛି। ଟୋକନ ଲାପ୍ସ ହେବା ପରେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ଅମଳ ମୁତାବକ ଟୋକନ ମିଳି ନ ଥିବାରୁ ଚାଷୀ ଅମଳ ଧାନକୁ ଘର ବାରଣ୍ଡାରେ ଥାକ ମାରି ବସିଛି। ଭାଗ ଚାଷୀ ବଞ୍ଚିବାକୁ ରାହା ଖୋଜୁଛି। ତେବେ ଏ ବିଭିନ୍ନ ସମସ୍ୟାକୁ ନେଇ କିଛିଦିନ ତଳେ ନବନିର୍ମାଣ କୃଷକ ସଂଗଠନର ଚାଷୀମାନେ ଯାଜପୁର ଜିଲ୍ଲା ମହୋତ୍ସବ ମଞ୍ଚରେ ଚଢ଼ି ନିଆରା ଭାବରେ ପ୍ରତିବାଦ ଜଣାଇଥିଲେ। ୧୫ ଜଣ ଗିରଫ ହୋଇ ଶେଷରେ ୨୨ଘଣ୍ଟା ପରେ ଘରକୁ ଫେରିଥିଲେ। ପ୍ରଶାସନର ନିଦ ନ ଭାଙ୍ଗିବାରୁ ୨୬ ତାରିଖରେ ଜିଲ୍ଲାପାଳ ନିଜେ ଏକ କେନ୍ଦ୍ରୀୟ ମଣ୍ଡି ଖୋଲି ବଳକା, ଲାପ୍ସ ଓ ଭାଗଚାଷୀର ଧାନ କିଣନ୍ତୁ ବୋଲି କହିଥିଲା ସଂଗଠନ। ତଥାପି ଜିଲ୍ଲା ପ୍ରଶାଶନର କୌଣସି ଆଲୋଚନା ବିମର୍ଷ ନ ହୋଇପାରିବାରୁ ଆଜି ସଂଗଠନ ପକ୍ଷରୁ ଏକ ଅଭିନବ ଉପାୟରେ ଚାଷୀମାନଙ୍କ ଧାନ ଧରି ଆସିଥିଲେ। ଯାଜପୁର ସହରର ମାନସା ପୋଲ ନିକଟରୁ ଚାଷୀମାନେ ଟ୍ରାକ୍ଟର, ପିକ୍ଅପ, ଡାଲା ଅଟୋରେ ଭର୍ତ୍ତିଧାନ ଗାଡ଼ି ସହ, ଗାଡି ଆଗେ ଆଗେ ସାଷ୍ଟାଙ୍ଗ ଦଣ୍ଡବତ କରି କରି ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ। ଚାଷୀମାରଣ ନୀତିକୁ ନିନ୍ଦା କରିବା ସହ ଗରିବ ନିରୀହ ଚାଷୀର ଧାନକୁ ଜିଲ୍ଲାପାଳ କିଣିବା ପାଇଁ ବିକଳ୍ପ ବାହାର କରିବାକୁ ଗୁହାରି ଜଣାଉଥିଲେ। ଜିଲ୍ଲାରେ ସମ୍ପୂର୍ଣ୍ଣ ଧାନ କିଣା ନ ସରିବା ଯାଏ ଧାନ କିଣା ସମୟସୀମା ଆଉ ୧୫ ଦିନ ବୃଦ୍ଧି ପାଇଁ ଜୋରଦାର ଦାବି କରିଥିଲେ। ସୂଚନା ଅନୁସାରେ ଚଳିତ ବର୍ଷ ଚାଷୀମାନଙ୍କର ପଞ୍ଜୀକରଣ ଅନୁଯାୟୀ ଜିଲ୍ଲାରେ ୧୮୨ ଗୋଟି ମଣ୍ଡିର ବ୍ୟବସ୍ଥା ହୋଇଥିଲେ ହେଁ, ଗତ ୨୭ ତାରିଖ ସୁଦ୍ଧା ସମୁଦାୟ ୧୯ ଲକ୍ଷ ୫୫ ହଜାର ୬୪୯ କ୍ୱିଣ୍ଟାଲ ଧାନରୁ ୧୯ ଲକ୍ଷ ୯ ହଜାର ୫୮୫ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି। ଉକ୍ତ ଦିନର ତଥ୍ୟ ଆଧାରରେ ଆହୁରି ୧୪୦୦ ଟୋକନଧାରୀଙ୍କର ୫୩୭୮ କ୍ୱିଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରହିଛି। ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ କହିବା ଅନୁସାରେ ଜିଲ୍ଲାର ଚାଷୀମାନଙ୍କ ହତାକର୍ତ୍ତା ହେଉଛନ୍ତି ଜିଲ୍ଲାପାଳ। ଗତ ୨୭ ତାରିଖ ତଥ୍ୟ ଆଧାରରୁ ବୁଝାପଡେ ଯେ, ପ୍ରତ୍ୟେକ ମଣ୍ଡିରେ କ୍ୱିଣ୍ଟାଲ ପିଛା ୭/୮ କେଜି କଟନୀ ଛଟନୀ କରାଯିବା ସହ ୫୦/୮୦ ଟଙ୍କା ଲେଖାଏଁ ହାତଗୁଞ୍ଜା ନେବା ଓ ଲୋଡିଂ ବାବଦକୁ ଅଖା ପିଛା ୧୦ ଟଙ୍କା ସିଧାସଳଖ ଚାଷୀଠାରୁ ଲୁଟ ହେଉଛି। କ୍ୱିଣ୍ଟାଲ ପିଛା ୭ କିଲୋ ହିସାବରେ ୨୦ ଲକ୍ଷ କ୍ୱିଣ୍ଟାଲରୁ ଲକ୍ଷେ ଚାଳିଶ ହଜାର କ୍ୱିଣ୍ଟାଲ ଅର୍ଥାତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଆଧାରରେ ୪୩ କୋଟି ୪୦ ଲକ୍ଷ ଟଙ୍କା ଆତ୍ମସାତ ହୋଇ ସାରିଲାଣି। ଅଥଚ ଜିଲ୍ଲାପାଳଙ୍କ ହାତରେ ମିଲରଙ୍କ ହାତକଡ଼ି ପଡ଼ିଛି ବୋଲି କହିଛନ୍ତି ଶ୍ରୀ ରାୟ। ଅନ୍ୟପଟେ ଚାଷୀମାନଙ୍କ ଏହି ଅଭିନବ ପ୍ରତିବାଦ ଓ ଗୁହାରି ଦଣ୍ଡଯାତ୍ରା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୁଅନ୍ତେ ଅତିରିକ୍ତ ରାଜସ୍ୱ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଚାଷୀମାନଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଯେଉଁ ଚାଷୀମାନଙ୍କର ଧାନ ବଳକା ରହିଛି କିମ୍ବା ଟୋକନ ଲାପ୍ସ ହୋଇଛି, କିମ୍ବା ଭାଗଚାଷୀର ଧାନ ରହିଛି, ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ। ତାଲିକା ପାଇବା ପରେ ତଦନ୍ତ କରାଯାଇ ଚାଷୀଙ୍କ ଧାନ କିଣିବାରେ ନିଶ୍ଚୟ ପ୍ରଶାସନ ଚାଷୀଙ୍କ ସ୍ୱାର୍ଥରେ ସୁବନ୍ଦୋବସ୍ତ କରିବା ସହ ସୁପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ ଚାଷୀମାନଙ୍କ ତାଲିକା ପ୍ରସ୍ତୁତ କରି ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କୁ ଦେଇଥିଲେ। ଆଉ ଯଥାଶୀଘ୍ର ଜିଲ୍ଲାର ପ୍ରତ୍ୟେକ ମଣ୍ଡିରେ ଅତିରିକ୍ତ ଅଧିକାରୀମାନ ନିୟୋଜିତ କରି ଚାଷୀ ବାରଣ୍ଡାରୁ ଧାନ କିଣି ନେବାକୁ ଦାବି କରିଥିଲେ। ଏହି ଚାଷୀ ଦଣ୍ଡଯାତ୍ରାରେ ମାଧବାନନ୍ଦ ଶାନ୍ତି, ପ୍ରଫୁଲ୍ଲ କଣ୍ଠ, ଧନଞ୍ଜୟ ବିଶ୍ୱାଳ, ଅଜୟ ରାଉତ, ହେମନ୍ତ ଧଳ, ଦିଲ୍ଲୀପ ବେହେରା, ଶ୍ରୀଧର ମହଲ, ହରିଶ ଦଳେଇ, ବଲ୍ଲଭ ଜେନା, ଅରୁଣ ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ସୁବ୍ରତ ସାହୁ, ମହେନ୍ଦ୍ର ସାହୁ, ସୁଶାନ୍ତ ଦାସ, ଅବିନାଶ ନାୟକ ପ୍ରମୁଖ ସାମିଲ ହୋଇ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି ଜଣାଇଥିଲେ।

### ଥାନା ହାଜତରୁ ଅଭିଯୁକ୍ତ ଫେରାର ଘଟଣା

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମବରଦା, ୩୦।୩(ସମିସ):** ବ୍ରହ୍ମବରଦା ଥାନା ହାଜତରୁ ଘେରାର ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବା ନେଇ ଆଜି ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ବ୍ରହ୍ମବରଦା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ଶୁକ୍ରବାର ସନ୍ଧ୍ୟାରେ ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଉତ୍ତରପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରା(ସୋନୁ)ଙ୍କୁ ଥାନାରେ ଅଟକ ରଖାଯାଇଥିଲା। ହେଲେ ପୁଲିସ କର୍ମଚାରୀଙ୍କ ଅବହେଳାର ସୁଯୋଗ ନେଇ ଅଭିଯୁକ୍ତ ଆଶିଷ ଥାନା ହାଜତରୁ ଚମ୍ପଟ ହୋଇଯାଇଥିଲା। ଘଟଣାକୁ ନେଇ ଯାଜପୁର ଏସ୍‌ପି ୩ ଜଣ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚାନ୍ଦମୋହିନୀ ଗ୍ରାମର ଏକ କାଜୁ ବଗିଚାରୁ ଆଶିଷକୁ କାବୁ କରିଥିବା ବେଳେ ସହଯୋଗକାରୀ ଭାବେ ତାଙ୍କ ବାପା ଅଶୋକ ବେହେରା(୫୫) ଓ ଚୋରି ସାମଗ୍ରୀ ରଖିଥିବା କୁଣ୍ଡପାଟଣା ଗ୍ରାମର ଜୟଦେବ ଦାଶ(୪୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା କହିଛନ୍ତି। ଗିରଫ କରିବା ବେଳେ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଫ୍ୟାନ, କିଛି ଗ୍ରୋସରୀ ସାମଗ୍ରୀ, ଗୋଟିଏ ହିରୋ ସ୍ପେଣ୍ଡର ବାଇକ, ଗୋଟିଏ ସାମସଙ୍ଗ ଟାବଲେଟ, ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ତେବେ ଅଭିଯୁକ୍ତ ଆଶିଷ ବେହେରାଙ୍କ ନାମରେ ପୂର୍ବରୁ କୁଣ୍ଡପାଟଣା ମେଡିକାଲରୁ ଚୋରି କେସ ନମ୍ବର୨୩୨/୨୫ରେ ମାମଲା ରୁଜୁ ହୋଇଥିବା ବେଳେ ମଙ୍ଗରାଜପୁର ଦେଉଳି ଗ୍ରାମର ଏକ ଗ୍ରୋସରୀ ଦୋକାନରୁ ଚୋରି କେସ ନମ୍ବର ୧୧/୨୬ରେ ମାମଲା ରୁଜୁ ହୋଇଛି। ସେହିପରି ବ୍ରହ୍ମବରଦା ବରଦାସାହି ଅଞ୍ଚଳରୁ ଚିନ୍ମୟ କୁମାର ରାଉତ(ରାଜୁ)ଙ୍କ ବାଇକ ଚୋରି କରିବା ଘଟଣାରେ କେସ ନମ୍ବର ୫୮/୨୬ ଓ ବ୍ରହ୍ମବରଦା ଥାନାରୁ ଚୋରି କରିବା ଘଟଣାରେ କେସ ନମ୍ବର ୫୯/୨୬ରେ ୪ଟି ମାମଲା ରୁଜୁ ହୋଇଥିବା ଜାଣିବାକୁ ମିଳିଛି।

## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର




**ଦାନଗଦି, ୩୦।୩(ସମିସ):** ଦାନଗଦି ବ୍ଲକ ଟୋଲକାନି ସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଉଦଘାଟନ କରିଥିଲେ। ସାତ ଦିନ ଧରି ଚାଲିଥିବା ଏହି ଶିବିରର ବିଭିନ୍ନ ଦିବସରେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଗୋକୁଳ ବିହାରୀ ପୃଷ୍ଟି, କଲେଜର ପ୍ରତିଷ୍ଠାତା ଦୀନବନ୍ଧୁ ପୃଷ୍ଟି, ଡିଗ୍ରୀ କଲେଜର ଅଧ୍ୟକ୍ଷ ବିଜୟ କୁମାର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ଦେବେନ୍ଦ୍ର ନାଥ ପୁହାଣ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ୫୦ ଜଣ ଶିବିରାର୍ଥୀ ଭାବେ ଯୋଗଦେଇ ବିଭିନ୍ନ ଦିବସରେ କଲେଜ ଓ ଛାତ୍ରବାସ ପରିସର ସଫେଇ, ପୁଷ୍କରିଣୀ ସଫେଇ, ଝାଡ଼େଶ୍ୱର ମନ୍ଦିର ଓ ମଙ୍ଗଳା ମନ୍ଦିରର ପ୍ରାଙ୍ଗଣ ସଫେଇ, ପଥପ୍ରାନ୍ତ ନାଟକ ମାଧ୍ୟମରେ ନିରକ୍ଷରତା ଓ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ଶିବିରର ଉଦଯାପନୀ ଦିବସ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସ୍‌ଏସ୍‌ର ଜିଲ୍ଲା ସଂଯୋଜକ ସୁଦୀପ୍ତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହାଦେବ ଟୁଡୁ ଓ ଦୁର୍ଗୀ ମୁର୍ମୁଙ୍କୁ ସର୍ବୋତ୍ତମ ସ୍ୱେଚ୍ଛାସେବୀ ଭାବେ ପ୍ରମାଣପତ୍ର ଓ ଟ୍ରଫି ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ରଞ୍ଜନ କୁମାର ସାହୁ ଏହି ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକା ମୀରାମ୍ବିକା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ପାରିଜାତ ମହାନ୍ତି ଓ କଲ୍ୟାଣୀ ମହାନ୍ତ, ଅଧ୍ୟାପକ ଖଗେଶ କୁମାର ଜେନା, ମୁନା ନାୟକ, ଅମର ସେଠୀ, ରଞ୍ଜନ ଖଣ୍ଡା, ଶ୍ରୀମନ୍ତ ନାୟକ, ଗୋବର୍ଦ୍ଧନ ସାହୁ, ବାଇଧର ସାହୁ ପ୍ରମୁଖ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏଥିରେ ସହଯୋଗ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ଜନସଚେତନତା କାର୍ଯ୍ୟକ୍ରମ

**ପ୍ରୀତିପୁର, ୩୦।୩(ସମିସ):** ବରୁଣେଇ ବରିଷ୍ଠ ନାଗରିକ ସଂଘ ଫତେପୁର ଦ୍ୱାରା ଶିଶିରଣା ଗ୍ରାମର ଜାଗୁଳାଇ ଯୁବକ ସଂଘ ପ୍ରାଙ୍ଗଣରେ ଏକ ପଥପ୍ରାନ୍ତ ଜନ ସଚେତନତା କାର୍ଯ୍ୟକ୍ରମ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ଗୁରୁ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ନିରଞ୍ଜନ ପାତ୍ର ଓ ପରିଚାଳନା ପରିଷଦର ସଦସ୍ୟ ବୃନ୍ଦଙ୍କ ମଧ୍ୟରେ ସୁଧିର ଆଚାର୍ଯ୍ୟ, ଉମାଶଙ୍କର ଗୁରୁ, ବିଜୟ ସାମଲ, ସହଦେବ ସେଠୀ, କୀର୍ତ୍ତନ ବିହାରୀ ସାହୁ, ରବୀନ୍ଦ୍ର ସାମଲ, ବିଷ୍ଣୁ ସାମଲ, ଅର୍ଜୁନ ରାଉତ, ବନମାଳୀ ପତି, କୃପାସିନ୍ଧୁ ପତି, ବସନ୍ତ ସେଠୀ, ପ୍ରଫୁଲ୍ଲ କୁମାର ବେହେରା, ସୁରେନ୍ଦ୍ର କୁମାର ପତି, ରବିନାରାୟଣ ସାମଲ ପ୍ରମୁଖ ସଦସ୍ୟଗଣ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ, ସ୍ୱଚ୍ଛତା ପରିବେଶ ଓ ସହଯୋଗିତା ବିଷୟରେ କିପରି ଜନ ସଚେତନତା ପ୍ରତ୍ୟେକ ସ୍ତରରେ ପହଞ୍ଚାଇ ଏକ ନୂତନ ଜନଜାଗରଣ ସୃଷ୍ଟି ପୂର୍ବକ ସମାଜର ମଙ୍ଗଳ କାମନା କରାଯାଇ ପାରିବ ତା' ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶେଷରେ ରାମଚନ୍ଦ୍ର ନାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ସଦସ୍ୟ ତଥା ଶିଶିରଣା ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଅନୁରୂପ କାର୍ଯ୍ୟକ୍ରମ ଟିଣା ଗ୍ରାମରେ ଅପ୍ରେଲ ୨୬ତାରିଖ ରବିବାର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା।

## ବଡ଼ଚଣା ବିଜେଡିର ସାଂଗଠନିକ ବୈଠକ



**ବଡ଼ଚଣା, ୩୦।୩(ସମିସ):** ବଡ଼ଚଣା ବିଜେଡି କାର୍ଯ୍ୟାଳୟରେ ସାଂଗଠନିକ ବୈଠକ ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତିସଭ୍ୟ ଓ କର୍ମକର୍ତ୍ତାମାନେ ଏହି ବୈଠକରେ ସାମିଲ ହୋଇଥିଲେ। ଏହି ବୈଠକରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଆଗାମୀ ଦିନରେ ସଂଗଠନକୁ ୱାର୍ଡ ସ୍ତରରେ ଏକାଠି କରି ମଜବୁତ କରିବା ପାଇଁ ୫ଟି ଜୋନର ପର୍ଯ୍ୟବେକ୍ଷକ ଘୋଷଣା କରିଥିଲେ। ୧୬ନଂ ଜୋନ ପାଇଁ ବିବେକ ରଞ୍ଜନ ସୁବୁଦ୍ଧି, ଯୁଗଳ କିଶୋର ଖିଲାର, ସତ୍ୟ ପ୍ରକାଶ ଦାସ, ଜଗନ୍ନାଥ ମୁଦୁଲି, ୧୭ନଂ ପାଇଁ ସଞ୍ଜୟ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ବେହେରା, ପ୍ରକାଶ କୁମାର ପ୍ରଧାନ, ୧୮ନଂ ପାଇଁ ଧୁଳେଶ୍ୱର ଦାସ, ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ ୧୯ ନଂ ପାଇଁ ତାପସ କୁମାର ରାୟ, ଦେବେନ୍ଦ୍ର ଜେନା, ଗୁଲାମ କିବିରିଆ ଖାଁ, ମନ୍ମଥ କେଶରୀ ସାହେବରାୟ, ୨୦ନଂ ପାଇଁ ଜ୍ଞାନ ରଞ୍ଜନ ସାହୁ, ଦିଲ୍ଲିପ କୁମାର ସାମଲ, ଧନେଶ୍ୱର ସାହୁଙ୍କ ନାମ ପର୍ଯ୍ୟବେକ୍ଷକ ଭାବେ ଘୋଷଣା କରାଯାଇଥିଲା। ଏହି ବୈଠକରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ ଓ କୈଳାସ ଚନ୍ଦ୍ର ରାଉତ, ଧନେଶ୍ୱର ବେହେରା, ପ୍ରଦୀପ୍ତ କୁମାର ମହାନ୍ତି, ସଞ୍ଜୟ ବେହେରା, ଦମୟନ୍ତୀ ସାମଲ, ପ୍ରିୟବ୍ରତ ଖିଲାର, ଉମେଶ ଚନ୍ଦ୍ର ଜେନା, ଜୟନ୍ତୀ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ଗଣେଶ୍ୱର ସାମଲ, ବିଜୟ କୁମାର ପ୍ରଧାନ, ମାନ ଗୋବିନ୍ଦ ସେଠୀ, ଜୟନ୍ତ କୁମାର ସ୍ୱାଇଁ, ପ୍ରଭାକର ସାମଲ, ମନୋଜ ମାହାଲା, ସୁରେନ୍ଦ୍ର ନାୟକ, ସଞ୍ଜୀବ ସାମଲ, ରମାକାନ୍ତ ଖୁଣ୍ଟିଆଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡା. ପବନେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିମନ୍ୟୁ ବାଲିଆରେ ଶ୍ରୀ ରାମନବମୀ



**ବରୀ, ୩୦।୩(ସମିସ):** ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମପୀଠ ଅଭିମନ୍ୟୁ ବାଲିଆ ସ୍ଥିତ କଲେଜଛକ ଶ୍ରୀରାମ ନବମୀ ପୂଜା କମିଟି ଦ୍ୱାରା ପବିତ୍ର ଶ୍ରୀ ରାମନବମୀ ପୂଜା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିଥିଲା। ଅନୁଷ୍ଠାନ ତରଫରୁ ଶରତ କୁମାର ଜେନା, ସୁରେଶ ଚନ୍ଦ୍ର ଘଡ଼ାଇ, ରବୀନ୍ଦ୍ର କୁମାର ବେହେରା, ସୋମନାଥ ଜେନା, ବିଶ୍ୱଜିତ ଜେନା, ଚରଣ କୁମାର ଜେନା, ଗୋପାଳ ସାହୁ, ପ୍ରିତୀ ରଞ୍ଜନ ସାହୁ, ରଶ୍ମି ରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ସାହୁ, ପରେଶ ଜେନା, ସନ୍ତୋଷ ରାଉତ, ନଳିନୀକାନ୍ତ ସାହୁ ପ୍ରମୁଖ ଯୁବକ ମାନେ ଦାୟିତ୍ୱ ବହନ କରିବା ସହିତ ପୂଜା କମିଟିର ସମସ୍ତ ବ୍ୟବସାୟୀ ମାନେ ଏହି କାର୍ଯ୍ୟରେ ବଳିଷ୍ଠ ସହଯୋଗ କରିଥିଲେ। ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି ଦିବ୍ୟ ଦର୍ଶନ କରି ଆନନ୍ଦ ଲାଭ କରୁଥିବାର ଦେଖା ଯାଉଛି। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନ ବ୍ୟବସ୍ଥା କରା ଯାଇଥିଲା। ଗାୟିକା କୁମୁଦିନୀ ନାୟକଙ୍କ ପାଲା ପରିବେଷଣ ଶ୍ରୋତା ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

## ଯାଜପୁର ଆଇଟିଆଇରେ କବିତା ଆସର

**ଦଶରଥପୁର, ୩୦।୩(ସମିସ):** ଦଶରଥପୁର ବ୍ଲକ କଟିକଟା ସ୍ଥିତ ଯାଜପୁର ଆଇଟିଆଇ ପରିସରରେ ନାରାୟଣଚନ୍ଦ୍ର ମଲ୍ଲିକ ସ୍ମୃତିସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି ଡ. ସତ୍ୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିଭାବେ ଗାଳ୍ପିକ ତଥା ନକ୍ଷଟ୍ୟକାର ଡ. ରାଜକିଶୋର ପଣ୍ଡା, ଡ. ରୁଦ୍ରନାରାୟଣ ପୃଷ୍ଟି, ପରିବେଶବିତ ଦାମୋଦର ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ ରାଉତ, ଶ୍ରୀହରୀ ଧଳ, ବିଷ୍ଣୁ ଚରଣ ସାହାଣୀ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ନବପ୍ରତିଭା କବିମାନଙ୍କୁ ଆହ୍ୱାନ ଜଣାଇଥିଲେ। କବି ଜିତେନ୍ଦ୍ର କୁମାର ବେହେରା, କବୟିତ୍ରୀ ଅମ୍ରିତା ସିଂ, ବନସ୍ମିତା ପଣ୍ଡାଙ୍କ ସଂଯୋଜନାରେ କବି ଅଜୟ ଜେନା, ଡାକ୍ତର ବିଜୟ ମୋହନ ରାୟ, ବରିଷ୍ଠ କବି ଯଯାତି କେଶରୀ ସାହୁ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ପ୍ରଭାତ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରଞ୍ଜିତା ଦାସଙ୍କ ସଂଯୋଜନାରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ସମାଜରେ ବିଭିନ୍ନ କ୍ଷେତ୍ରରେ ନିଷ୍ଠା ପ୍ରଦର୍ଶନ କରିଥିବା ପ୍ରତିଭା ସାମ୍ବାଦିକ ମାନସ କୁମାର ଜେନା, କୃଷିବିତ ରବିନାରାୟଣ ବିଶ୍ୱାଳ, ସେବାନିବୃତ୍ତ ବାୟୁସେନା କର୍ମଚାରୀ ପରମାନନ୍ଦ ସାହୁ, ଆଦର୍ଶ ଶିକ୍ଷକ ଅଜିତ କୁମାର ରଣା, ସାରସ୍ୱତ ସାଧକ ନିରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବି ମନୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସାମ୍ବାଦିକ ସଙ୍ଘ ଜିଲ୍ଲା କମିଟି ଗଠନ



**ମଇଦା, ୩୦।୩(ସମିସ):** ଓଡ଼ିଶା ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ସାଂଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ ସହିତ ଜିଲ୍ଲା କମିଟି ଗଠନ କରାଯାଇଛି। ଉକ୍ତ ବୈଠକରେ କାହ୍ନୁ ଚରଣ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସଂଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ ମୁଖ୍ୟବକ୍ତା, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ସମ୍ମାନିତ ଅତିଥି, ସଂଘର ଜାତୀୟ କାଉନସିଲ ମେମ୍ବର ଅଶୋକ କୁମାର ସାହୁ ଓ ବରିଷ୍ଠ ସାମ୍ବାଦିକ ଗୋପାଳ ସୁତାର ଅନ୍ୟତମ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସଂଘ ଜିଲ୍ଲା କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ ପଦାଧିକାରୀ ଓ କର୍ମକର୍ତ୍ତାମାନଙ୍କ ସମ୍ମତି ଅନୁସାରେ ସରୋଜ କୁମାର ଧଳଙ୍କୁ ସଂଘର ଯାଜପୁର ଜିଲ୍ଲା ଶାଖା ସଭାପତି, କାହ୍ନୁ ଚରଣ ଜେନାଙ୍କୁ ଉପସଭାପତି, ଉତ୍ତମ କୁମାର ଦାସଙ୍କୁ ସାଧାରଣ ସମ୍ପାଦକ, ବିଜୟ କୁମାର ବାରିକଙ୍କୁ ସହ ସମ୍ପାଦକ, ଜୟନ୍ତ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଓ ଗୋପାଳ ସୁତାରଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସଂଘର ଯାଜପୁର ଜିଲ୍ଲା ଶାଖା ସଭାପତି ସରୋଜ ଧଳ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁମହାନ୍ତିଙ୍କ ପ୍ରକଳ୍ପକୁ ନେଇ ବିବାଦ

**କଯାଁଗୋଲା, ୩୦।୩(ସମିସ):** ଦଶରଥପୁର ବ୍ଲକ ଦଉପୁର ଠାରେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବହୁ ଚର୍ଚ୍ଚିତ ବନ୍ଧୁ ମହାନ୍ତିଙ୍କ ସ୍ମାରକୀ ପୀଠକୁ ନେଇ ବିବାଦ ଦେଖା ଦେଇଛି। ଏକ ନିର୍ଦ୍ଧିଷ୍ଟ ଗୋଷ୍ଠୀ ଏହି ପ୍ରକଳ୍ପକୁ ଗ୍ରାମର ପ୍ରବେଶ ପଥରେ ଥିବା ସରକାରୀ ଜମିରେ ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦେଇ ପ୍ରକଳ୍ପ ମଞ୍ଜୁରୀ କରାଇଥିଲେ। କିନ୍ତୁ ଗୋଚର ଜମି ଉପରେ ଏହି ପ୍ରକଳ୍ପ ନିର୍ମାଣ ହେବାକୁ ଥିବା ବେଳେ ଏହି ଗ୍ରାମରେ ବାସ କରୁଥିବା କିଛି ଦଳିତ ଓ ଗରିବ ପରିବାରଙ୍କ ଦୈନନ୍ଦିନ ଚଳଣି ଉପରେ ଏହାକୁ ନେଇ ସମସ୍ୟା ଦେଖାଦେଇଥିଲା। ସେମାନଙ୍କ ଅଭିଯୋଗ ଅନୁଯାୟୀ ପ୍ରଶାସନ ପକ୍ଷରୁ ପଞ୍ଚାୟତର ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ କରିବାକୁ ଯାଗା ଚିହ୍ନଟ କରାଯାଇଛି, ସେହି ସ୍ଥାନରେ ପ୍ରକଳ୍ପ ନିର୍ମାଣ କରା ନ ଯାଇ ଗ୍ରାମ ସନ୍ନିକଟ ଗୋଚର ଯାଗା ଉପରେ ରାଜନୈତିକ ଉଦ୍ଦେଶ୍ୟ ରଖି ଜୋର ଜବରଦସ୍ତ ନିର୍ମାଣ କରାଯାଇଛି। ଦଳିତମାନଙ୍କ ଦୈନିକ ଚଳଣି ସହ ଗ୍ରାମର ଶତାଧିକ ଲୋକଙ୍କ ଗୋରୁ ଗାଈଙ୍କ ଚରାଭୂମି ଭାବେ ଉକ୍ତ ଯାଗା ବ୍ୟବହାର କରା ଯାଉଥିବାରୁ ସେମାନେ ଏହି ପ୍ରକଳ୍ପ ନିର୍ମାଣକୁ ବିରୋଧ କରୁଛନ୍ତି। ଦଳିତମାନଙ୍କ ପକ୍ଷରୁ ଏ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ପ୍ରକଳ୍ପ ଅନ୍ୟତ୍ର ସ୍ଥାପନ କରିବାକୁ ମାମଲା ଦାୟର କରାଯାଇଛି ବୋଲି ଶ୍ରୀକାନ୍ତ ଜେନା, ଅଜୟ ରାଉତ, ରାଜକିଶୋର ନାୟକ, ସୁଶାନ୍ତ ସାହୁ, ସାଗର ଦାସ, ଅନିତା ଦାସ, ସବିତା ଦାସ, ଦୁଃଶାସନ ଦାସ, ଅଜୟ ଦାସ, ଭିମସେନ ଦାସ ପ୍ରମୁଖ କହିଛନ୍ତି। ମାମଲା ବିଚାରାଧୀନ ଥିବା ବେଳେ ଅଦାଲତକୁ ଅବମାନନା କରି ପ୍ରକଳ୍ପ ନିର୍ମାଣ ନିମନ୍ତେ ମସୁଧା ଚାଲୁଥିବାରୁ ଲୋକେ ଏହାକୁ ବିରୋଧ କରିଛନ୍ତି।



### ରେଲୱେ ଓଭରବ୍ରିଜ୍ ସଂଯୋଗୀକରଣ ରାସ୍ତାକୁ ନେଇ ଚିନ୍ତା

## ଗାଁ ଭିତରେ ନୁହେଁ; ବାହାରେ ନେବାକୁ ଦାବି

ବ୍ୟାସନଗର, ୩୦।୩(ସମିସ)

ପୂର୍ବତଟ ରେଳବାଇର ଯାଜପୁର ରୋଡ୍ ରେଳଷ୍ଟେସନ ନିକଟ ସାପଗାଡ଼ିଆ ନିକଟରେ ନିର୍ମାଣ ହେଉଥିବା ରେଲୱେ ଓଭରବ୍ରିଜକୁ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ଅଧିବାସୀ। ଯେଉଁ ମାନେ ଅଭିଯୋଗ କରିଛନ୍ତି କି ରେଲୱେ ଓଭର ବ୍ରିଜ ସଂଯୋଗୀ କରଣ ରାସ୍ତା ପାଇଁ ଆବଶ୍ୟକ ହେବାକୁ ଥିବା ଜମି ପାଇଁ ଏକାଧିକ ଗାଁର ବହୁ ସଂଖ୍ୟାର ପରିବାର ବାସହରା ହେବେ।

ବ୍ୟାସନଗର ପୌରପାଳିକା ଏବଂ ଯାଜପୁର କେନ୍ଦୁଝର ରୋଡ୍ ରେଳଷ୍ଟେସନ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳାରେ ପରିଣତ ହୋଇଛି। ଏହି ଅଞ୍ଚଳ ୧୮୯୬ ମସିହାରୁ ରେଳସେବା ଯାଜପୁର, କେନ୍ଦୁଝର, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାର କିଛି ସ୍ଥାନକୁ ରେଳ ଗମନା ଗମନର ମାଧ୍ୟମ ଏହାର ଭୌଗୋଳିକ ସ୍ଥିତି ଯୋଗୁଁ ସମ୍ଭବ ହେଉଛି। ଏହି ସହରକୁ ରେଳ ଲାଇନ ୨ ଭାଗରେ ବିଭକ୍ତ କରୁଛି। ଯାହା ଅଞ୍ଚଳବାସୀଙ୍କ ଜୀବନ ଯାତ୍ରାର/ଗମନା ଗମନର ଦୁଃଖ ଓ ଦଣ୍ଡର କାରଣ। ସମସ୍ତ ବ୍ୟତିକ୍ରମକୁ ଦୃଷ୍ଟିରେ ରଖି ରେଲୱେ ବୋର୍ଡ ନିଷ୍ପତି କ୍ରମେ ପ୍ରଧାନମନ୍ତ୍ରୀ ଗତ ୨୦୨୪ରେ ୨ଟି ଗଳିପୋଲ ଓ ଗୋଟିଏ ରେଲୱେ ବ୍ରିଜର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନିର୍ମାଣଧୀନ ଗୋଟିଏ ଗଳିପୋଲ ସ୍ଥିତି ସାମାନ୍ୟବର୍ଷାରେ ବେହାଲ ହେଇପଡୁଥିବା ବେଳେ ଅନ୍ୟଟି ନିର୍ମାଣ ହୋଇନି। ତେବେ ଧିମେଇ ଚାଲିଥିବା ଓଭରବ୍ରିଜ ବହୁସଂଖ୍ୟାର ପରିବାରକୁ ବେଘର କରିବ। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଧିବାସୀ। ସେମାନଙ୍କ ଅଭିଯୋଗ ଚୂନଭାଟି ସାହି ନିକଟରେ ନିର୍ମାଣଧୀନ ରେଲୱେ ଓଭରବ୍ରିଜର ଦକ୍ଷିଣ ପାର୍ଶ୍ୱରେ ଜୋକଡ଼ିଆ ମୁଖ୍ୟ ରାସ୍ତାକୁ ମୁଣ୍ଡମାଳ ମୌଜାରେ ସଂଯୋଗ କରିବାକୁ ବହୁ ସରକାରୀ ଜମି, ଅନାବାଦୀ, ବାସପଯୋଗୀ ବିନା ୧୦୦ଏକରରୁ ଅଧିକ ଜମି ଥିବା ବେଳେ ଏହାକୁ ସଠିକ ଧ୍ୟାନ ଦିଆଯାଇନାହିଁ। ୨୦୨୨ମସିହା ପୂର୍ବର ସରକାରୀ ଅଧିକାରୀ ଦୂରଦୃଷ୍ଟି ବିହୀନ/ମନ୍ଦ ଉଦେଶ୍ୟରେ ଅନୁମୋଦନ କଲେ ଏବଂ ଏହି ରେଲୱେ ଓଭରବ୍ରିଜ ପାଇଁ ମ୍ୟାପ ନଂ ସିଇଏସ?ଆରଜି -୫୦୨୮/୨୦୨୨ ରାଜ୍ୟ ସରକାରଙ୍କ କାର୍ମିକ ବିଭାଗ ଅନୁମୋଦନ କଲା। ଏହାର ସଂଯୋଗୀକରଣ ରାସ୍ତା ଦ୍ୱାରା ବହୁବର୍ଷର ସ୍ଥାୟୀ ବାସିନ୍ଦା ନଟପଡ଼ା, ଖଟିଆସାହି, ନୁଆମାର୍କେଟ, ବୀଣାପାଣିସାହି, ଗୋଶାଳା ଓ ମହତାବନଗର ବହୁପରିମାଣରେ କ୍ଷତିଗ୍ରସ୍ତ ହେବେ ଏବଂ ପରିବେଶ ପ୍ରଦୂଷିତ ହେବ। ଓଡ଼ିଶାର ସମସ୍ତ ସ୍ଥାନର ବାଇପାସ ରାସ୍ତା ଏହାର ବ୍ୟତିକ୍ରମ। କେନ୍ଦୁଝର ଜିଲ୍ଲା ଘସିପୁରା ନିକଟସ୍ଥ ବେଲବାହାଲି ରାସ୍ତା ବହୁ ସଙ୍ଘର୍ଷ ପରେ ଆଇଆଇଟି ଖଡ଼ଗପୁରର ବିଶେଷଜ୍ଞ ଗ୍ରାମ ବାହାରେ ନେବାକୁ ସେତେବେଳର ସରକାରଙ୍କୁ ରିପୋର୍ଟ ଦେବା ଓ କାର୍ଯ୍ୟକାରି ହେବାର ଦୃଷ୍ଟାନ୍ତ ଅଛି। ତେଣୁ ଏଠାରେ ନିର୍ମାଣଧୀନ ଓଭରବ୍ରିଜ ସଂଯୋଗୀ କରଣ ରାସ୍ତା ପାଇଁ ପ୍ରତିକାର ଆବଶ୍ୟକ। ଏସମ୍ପର୍କରେ ସାମାଜିକ କର୍ମୀ ଭାଗିରଥି ଆଚାର୍ଯ୍ୟଙ୍କ ସହ ସାଧାରଣ ଜନତା ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ, ସାଂସଦ ଯାଜପୁର ଏବଂ ବିଧାୟକ କୋରେଇ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

### ବୁକିଂର ଦୀର୍ଘଦିନ ପରେ ବି ମିଳୁନି ଗ୍ୟାସ୍

# ସିଲିଣ୍ଡର ଧରି ରାସ୍ତାରେ ଉପଭୋକ୍ତା



କେନ୍ଦୁଝର,୩୦।୩(ସମିସ): ଘରୋଇ ଗ୍ୟାସ ଅନଲାଇନ ବୁକିଂ କରି ଅନେକଦିନ ପର୍ଯ୍ୟନ୍ତ ଅପେକ୍ଷା ପରେ ମଧ୍ୟ ଗ୍ୟାସ୍ ନ ମିଳିବାରୁ ତାତିଛନ୍ତି ଉପଭୋକ୍ତା। ଖାଲି ଗ୍ୟାସ ସିଲିଣ୍ଡର ରଖି ରାସ୍ତା ଅବରୋଧ କରିଛନ୍ତି। କେନ୍ଦୁଝରରେ ଏଲ୍‌ପିଜି ଗ୍ୟାସ ସଙ୍କଟ ତୀବ୍ର ହୋଇଛି। ଉପଭୋକ୍ତାମାନେ ଗ୍ୟାସ୍ ବୁକିଂ କରି ବି ପାଉନାହାନ୍ତି। ଏଚ୍‌ପି ଉପଭୋକ୍ତା ଏହାର ପ୍ରତିବାଦ କରି ଉପଭୋକ୍ତାମାନେ ଶଙ୍କରପୁରସ୍ଥିତ ଏଲପିଜି ଗ୍ୟାସ ଗୋଦାମ ସମ୍ମୁଖରେ ଆଜି ସକାଳୁ ରାସ୍ତା ଅବରୋଧ କରିଥିଲେ। ଖାଲି ଏଲପିଜି ସିଲିଣ୍ଡର ରଖି ରାସ୍ତାରୋକ କରିବା ଫଳରେ ୨ ଘଣ୍ଟା ଧରି ଶଙ୍କରପୁର-କେନ୍ଦୁଝର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଗ୍ୟାସ ଗୋଦାମରେ ନୋ ଷ୍ଟକ ଲେଖି ଚାବି ପକାଇ କର୍ମଚାରୀ ପଳାଉଥିବାରୁ ଉପଭୋକ୍ତାମାନେ କୌଣସି ସୂଚନା ନ ପାଇ ହୀନସ୍ତା ହେଉଛନ୍ତି। କେବେ ଆସିବ ତାହା ମଧ୍ୟ ଜଣାଉନାହାନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଗ୍ୟାସ୍ ର ଅଭାବ ଦେଖାଦେଇଛି। ଗୋଟିଏ ସିଲିଣ୍ଡର ବୁକିଂର ୨୫ ଦିନ ପରେ ଆଉ ଗୋଟିଏ ବୁକିଂ କରିବାର ନିୟମ ଥିଲେ ମଧ୍ୟ ମାସାଧିକ କାଳ ପରେ ତାହା ସମ୍ଭବ ହେଉନାହିଁ। ଗ୍ୟାସ ଯୋଗାଣରେ ଅହେତୁକ ବିଳମ୍ବ ପାଇଁ କେନ୍ଦୁଝର ସହର ଡାଙ୍ଗରପଡ଼ାରେ ଥିବା ବ୍ରହ୍ମେଶ୍ୱର ଗ୍ୟାସ ଏଜେନ୍ସିକୁ କମ୍ପାନୀ ପକ୍ଷରୁ ନିଲମ୍ବନ କରାଯାଇଛି। ନିଲମ୍ବନ ପରେ ଏଚ୍‌ପି କମ୍ପାନୀ ଶଙ୍କରପୁରରେ ଏଲ୍‌ପିଜି ଗ୍ୟାସ ଗୋଦାମରେ ଘରୋଇ ଉପଭୋକ୍ତାଙ୍କୁ ଏଲ୍‌ପିଜି ସିଲିଣ୍ଡର ଦିଆଯାଉଛି। ତେବେ ସେଠାରେ ମଧ୍ୟ ସିଲିଣ୍ଡର ପାଇବା ପାଇଁ ବୁକିଂ କରି ଉପଭୋକ୍ତା ହଇରାଣ ହେଉଛନ୍ତି। ବୁକିଂ ପରେ ହୋମ୍ ଡେଲିଭରି ଦେବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଦିଆଯାଉନାହିଁ। ଫଳରେ ପୁରୁଷ ଓ ମହିଳାମାନେ କାମଧନ୍ଦା ଛାଡ଼ି ଶଙ୍କରପୁରସ୍ଥିତ ଗ୍ୟାସ ଗୋଦାମରେ ଗ୍ୟାସ ସିଲିଣ୍ଡର ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ନିରାଶ ହେଉଛନ୍ତି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗ୍ୟାସ ସିଲିଣ୍ଡର ପାଇବା ପାଇଁ ଗୋଦାମ ଘର ନିକଟରେ ସକାଳୁ ରାତି ପର୍ଯ୍ୟନ୍ତ ରହିଲେ ମଧ୍ୟ ମିଳୁନାହିଁ। ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଏଣୁ ଏଲପିଜି ଗ୍ୟାସ୍ ମିଳିବାରେ ବହୁ ବିଳମ୍ବ ହେଉଥିବାରୁ ଲୋକଙ୍କ ମଧ୍ୟରେ ଦେଖା ଦେଉଥିବା ପୁଞ୍ଜିଭୂତ ଅସନ୍ତୋଷ ଆଜି ଉଗ୍ରରୂପ ନେଇଥିଲା। ଉପଭୋକ୍ତାମାନେ ଆଜି ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଖବର ପାଇ ଅତିରିକ୍ତ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ବୀରକିଶୋର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଆଜି ସନ୍ଧ୍ୟାରେ ୩୪୨ଟି ଗ୍ୟାସ ସିଲିଣ୍ଡର ଆସିବା ପରେ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। କେନ୍ଦୁଝରର ଅନେକ ଉପଭୋକ୍ତା କହିଛନ୍ତି ଯେ ସେ ଏକ ମାସ ତଳୁ ବୁକିଂ କରିଥିଲେ ମଧ୍ୟ ଏଲପିଜି ଗ୍ୟାସ ସିଲିଣ୍ଡର ମିଳୁନାହିଁ। ଆଜି ଭୋର ସମୟରୁ ୧୦କିଲୋମିଟର ଦୂରରୁ ଆସି ନିରାଶ ହୋଇ ଖାଲି ଗ୍ୟାସ ସିଲିଣ୍ଡର ନେଇ ଘରକୁ ଫେରିଛନ୍ତି। କିଛିଇ ଗ୍ରାହକ କହିଛନ୍ତି ଯେ, ଗ୍ୟାସ ସିଲିଣ୍ଡର ପାଇବା ପାଇଁ ୨ ଦିନ ହେବ ଅଟୋରେ ଅଯଥା ଖର୍ଚ୍ଚାନ୍ତ ହୋଇ ଗ୍ୟାସ ଗୋଦାମକୁ ଆସୁଛନ୍ତି। ଏ ବାବଦରେ ଏଚ୍‌ପି ଗ୍ୟାସ ସେଲସ ଅଫିସର ସୂର୍ଯ୍ୟ ନାରାୟଣ ଦାସଙ୍କ ସହ ଯୋଗଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହିତ ଯୋଗାଯୋଗ ହୋଇନଥିବାରୁ ତାଙ୍କର ମତାମତ ମିଳିନାହିଁ।

## ହରିପୁର ରାସ୍ତା ମରଣଯନ୍ତା; ଯାତ୍ରୀ ହନ୍ତସନ୍ତ



ଆନନ୍ଦପୁର,୩୦।୩(ସମିସ): ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର କଇଁସିଆରୀ ଗ୍ରାମରୁ ଅଳତି ପଞ୍ଚାୟତର ହରିପୁରକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର କେଉଁଠି ପିଚୁ ଉଠିଯାଇଛି ତ କିଛି ସ୍ଥାନରେ ମେଟାଲ ଉଠିଗଲାଣି। ଏପରିକି ରାସ୍ତାରେ ବଡ଼ ବଡ଼ ଖାଲ ହେବାରୁ ଅଦିନିଆ ବର୍ଷାରେ ପାଣି ଆଣ୍ଠୁଏ ଲେଖାଏଁ ଜମି ରହୁଛି। ଯାହାଦ୍ୱାରା ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି। ରାସ୍ତାର ମରାମତି ପାଇଁ ବାରମ୍ବାର ଦାବି ହେଉଥିବାବେଳେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହି ରାସ୍ତା ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୫ଟି ଗ୍ରାମର ଲୋକେ ନିର୍ଭର କରନ୍ତି। ତେବେ ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ଲୋକମାନେ ବାରମ୍ବାର ଲୋକ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କୁ କହୁଥିଲେ ମଧ୍ୟ ସେମାନେ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

**● କୃଷ୍ଣପୁର ଆଞ୍ଚଳିକ ଗୋପବନ୍ଧୁ ବିଦ୍ୟାପୀଠ**

## ପୁଷ୍ଟିକର ଖାଦ୍ୟ ଯୋଗାଉଛି ପାକଶାଳା ବଗିଚା



ଆନନ୍ଦପୁର,୩୦।୩(ସମିସ): ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତର କୃଷ୍ଣପୁରସ୍ଥିତ ଆଞ୍ଚଳିକ ଗୋପବନ୍ଧୁ ବିଦ୍ୟାପୀଠରେ ପାକଶାଳା ବଗିଚା (କିଚେନ୍ ଗାର୍ଡେନ) ପିଲାଙ୍କୁ ଯୋଗାଉଛି ପୁଷ୍ଟିକର ଓ ଭିଟାମିନ ଯୁକ୍ତ ପନିପରିବା। ଯାହା ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ବେଶ୍ ସହାୟକ ହୋଇପାରୁଛି। ଏହି ପାକଶାଳା ବଗିଚା ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଉଦ୍ୟମରେ ପରିଚାଳିତ ହେଉଛି। ଏଥିରୁ ପ୍ରତିଦିନ ବାଇଗଣ, ଟମାଟୋ, ବିଭିନ୍ନ ପ୍ରକାରର ଶାଗ, ଲଙ୍କା, କଦଳୀ, ଅମୃତ ଭଣ୍ଡା, ଛୁଇଁ ଆଦି ପନିପରିବା ବାହାରୁଛି। ବଗିଚାଟି ବେଶ୍ ଆକର୍ଷଣୀୟ ହୋଇଛି। ୧୯୯୨ ମସିହାରେ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ବେଳେ ଏହା ସରକାରଙ୍କ ବ୍ଲକ ଅନୁଦାନପ୍ରାପ୍ତ ସ୍କୁଲର ମାନ୍ୟତା ପାଇଥିଲା। ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ପରେ ବିଦ୍ୟାଳୟର ପାଚେରି ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ କରାଯାଇଛି। ପରିସରରେ ବଗିଚା ପାଇଁ ପାଣିର ସୁବିଧା ହୋଇଛି। ଚଳିତ ବର୍ଷ ସମସ୍ତଙ୍କ ସହଯୋଗରେ ଏହି କିଚେନ୍ ଗାର୍ଡେନ କରାଯାଇଛି। ଏଠାରୁ ଉତ୍ପାଦନ ହେଉଥିବା ପନିପରିବା ରୋଷେଇ ପରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଦିଆଯାଉଥିବା ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମିଶ୍ର କହିଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇଥିବା କହିଛନ୍ତି। ଏହି ବିଦ୍ୟାଳୟର ପାକଶାଳା ବଗିଚା ବ୍ଲକର ଅନ୍ୟ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡ଼ିକ ପାଇଁ ଉଦାହରଣ ପାଲଟିଛି।

## ୬ ପଞ୍ଚାୟତକୁ ଆଇଏସ୍‌ଓ ମାନ୍ୟତା

ତୁରୁମୁଙ୍ଗା,୩୦।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ର ୫ ପଞ୍ଚାୟତ ଓ ସାହାରପଡ଼ା ବ୍ଲକ୍‌ର ଗୋଟିଏ ପଞ୍ଚାୟତକୁ କେନ୍ଦ୍ର ସରକାରଙ୍କ ଆଇଏସ୍‌ଓ ୯୦୦୧-୨୦୧୫ ମାନ୍ୟତା ମିଳିଛି। ପାଟଣା ବ୍ଲକ୍‌ର ବଡ଼ପାଟଣା, ମୂଷାଖୋରୀ, ଟାଙ୍ଗରପଡ଼ା, କେନ୍ଦେଇପଶି ଓ ଖିରେଇଟାଙ୍ଗରୀ ଏବଂ ସାହାରପଡ଼ା ବ୍ଲକ୍‌ର କପୁଣ୍ଡି ପଞ୍ଚାୟତକୁ ଏହି ମାନ୍ୟତା ମିଳିଛି। ଏହି ସବୁ ପଞ୍ଚାୟତର ସାଧାରଣ ଜନତାଙ୍କୁ ଉନ୍ନୟନ ଯୋଜନାର ସଫଳ ରୂପାୟନ, କେନ୍ଦ୍ର ଓ ସରକାରୀ ଯୋଜନାର ସଠିକ ଉପଯୋଗ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ ଏହି ମାନ୍ୟତା ମିଳିଛି। ବିଡିଓ ମାନସ କୁମାର ଦଣ୍ଡପାଟ ଏହିସବୁ ପଞ୍ଚାୟତର ସରପଞ୍ଚମାନଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ପଦୋନ୍ନତି ପରେ ପୂର୍ବସ୍ଥାନକୁ ଡେପୁଟେସନ, ସ୍ୱଚ୍ଛତା ନେଇ ପ୍ରଶ୍ନ

**କେନ୍ଦୁଝର,୩୦।୩(ସମିସ)** : କେନ୍ଦୁଝର ଜିଲ୍ଲାର ୯ ଜଣ ବରିଷ୍ଠ ରାଜସ୍ୱ ସହାୟକ ବା ଏସ୍ଆର୍‌ଏ ସେକ୍ସନ ଅଫିସର ପଦକୁ ଏବଂ ୧୮ ଜଣ କନିଷ୍ଠ ରାଜସ୍ୱ ସହାୟକଙ୍କୁ ବରିଷ୍ଠ ରାଜସ୍ୱ ସହାୟକ ପଦବୀକୁ ପଦୋନ୍ନତି ପାଇଛନ୍ତି। ମୋଟ ୨୭ ଜଣ ରାଜସ୍ୱ କର୍ମଚାରୀ ପଦୋନ୍ନତି ପାଇଥିବାବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଅନ୍ୟତ୍ର ବଦଳି ନ କରି ପୁଣି ଡେପୁଟେସନରେ ପୂର୍ବସ୍ଥାନରେ ଥଇଥାନ କରିବା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାହାକି ପ୍ରଶାସନର ଡେପୁଟେସନ ଓ ବଦଳି ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଗୋଟିଏ କାର୍ଯ୍ୟାଳୟରେ ଜଣେ ଜଣେ କର୍ମଚାରୀ ଅନେକ ବର୍ଷ ଧରି ରହି ଆସୁଥିଲେ ମଧ୍ୟ ସରକାରୀ ନିୟମ ଉଲ୍ଲଙ୍ଘନ ହୋଇ ସେମାନଙ୍କୁ ଅନ୍ୟତ୍ର ବଦଳି କରିବା ବଦଳରେ ପୁଣି ଡେପୁଟେସନରେ ସେହିଠାରେ ନିଯୁକ୍ତି ଦେବା ନିଯୁକ୍ତିରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ କାର୍ଯ୍ୟାଳୟରେ ୩ବର୍ଷରୁ ଅଧିକ କାମ କରୁଥିବା କର୍ମଚାରୀଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ବହୁ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇ ପୁଣି ପୂର୍ବ ସ୍ଥାନକୁ ଡେପୁଟେସନ କରାଯାଉଛି। ସୂଚନା ଅନୁସାରେ ଜିଲ୍ଲା ତଉଜି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଅଭୟ ଚନ୍ଦ୍ର ଦାସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏଷ୍ଟାବ୍ଲିସମେଣ୍ଟ ସେକ୍ସନକୁ ପଦୋନ୍ନତି ପାଇ ବଦଳି ହୋଇଥିଲେ ମଧ୍ୟ ପୂର୍ବ ଭଳି ତଉଜି ଅନୁ ବିଭାଗରେ କାର୍ଯ୍ୟ କରିବେ। ଘଟଗାଁ ତହସିଲ ଅଫିସର ସୁଶ୍ରୀ ସଂଗୀତା ମହାପାତ୍ର ପଦୋନ୍ନତି ପରେ ସେହି କାର୍ଯ୍ୟାଳୟ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ କେନ୍ଦୁଝରରେ ଥିବା ମୁକ୍ତିକାନ୍ତ ପାତ୍ର ଡେପୁଟେସନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସେ ପଦୋନ୍ନତି ପାଇ ବଦଳି ହୋଇଥିଲେ ସୁଦ୍ଧା ପୂର୍ବବତ୍ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ। କେନ୍ଦୁଝର ସଦର ତହସିଲ ଅଫିସରେ କାର୍ଯ୍ୟରତ ସେକ୍ ରଫିକ୍ ମହମ୍ମଦ ବାଂଶପାଳ ବ୍ଲକକୁ ବଦଳି ହୋଇଥିଲେ ମଧ୍ୟ ଡେପୁଟେସନରେ କେନ୍ଦୁଝର ତହସିଲରେ ପୂର୍ବବତ କାର୍ଯ୍ୟ କରିବେ। କେନ୍ଦୁଝର ତହସିଲ ଅଫିସର ଜିତେନ୍ଦ୍ର କୁମାର ସାହୁ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟକୁ ପଦୋନ୍ନତି ପରେ ବଦଳି ହୋଇଥିଲେ ମଧ୍ୟ ପୂର୍ବବତ କେନ୍ଦୁଝର ସଦର ତହସିଲ ଅଫିସରେ ଡେପୁଟେସନରେ କାର୍ଯ୍ୟ କରିବେ। କେନ୍ଦୁଝର ତହସିଲ କାର୍ଯ୍ୟାଳୟର ସାଗରିକା ଦେହୁରୀ ଚମ୍ପୁଆ ତହସିଲକୁ ପଦୋନ୍ନତି ପରେ ବଦଳି ହୋଇଥିଲେ ମଧ୍ୟ କେନ୍ଦୁଝର ସଦର ତହସିଲରେ ଡେପୁଟେସନରେ କାର୍ଯ୍ୟ କରିବେ। ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ଯାଜ୍ଞସେନୀ ସିଂ ପଦୋନ୍ନତିରେ ପରେ ସେହି କାର୍ଯ୍ୟାଳୟରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ଥିବା ତନ୍ମୟ ରାୟ ବରିଷ୍ଠ ରାଜସ୍ୱ ସହାୟକ ବା ଏସ୍ଆର୍‌ଏ ଭାବରେ ପଦୋନ୍ନତି ପାଇବା ପରେ ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ଡେପୁଟେସନରେ ପୂର୍ବପରି କାର୍ଯ୍ୟ କରିବେ। ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ଗୁଡିକରେ କର୍ମଚାରୀ ମାନଙ୍କର ଅଭାବ ରହିଛି ସତ ମାତ୍ର ଗୋଟିଏ ଗୋଟିଏ ସ୍ଥାନରେ ଜଣେ ଜଣେ କର୍ମଚାରୀ ଅନେକ ବର୍ଷଧରୀ ରହିବା କାରଣକୁ ସାଧାରଣରେ ନାପସନ୍ଦ କରାଯାଉଛି। ପ୍ରଶାସନ ଏଦିଗରେ ଧ୍ୟାନଦେବାକୁ ଦାବୀ ଉଠୁଛି।

## କୈରାଳି ନର୍ସିଂ କଲେଜରେ ଦକ୍ଷତା ବିକାଶ କର୍ମଶାଳା

ଚମ୍ପୁଆ,୩୦।୩(ସମିସ): ଚମ୍ପୁଆସ୍ଥିତ କେରଳ ଟ୍ରଷ୍ଟ ଅଧୀନରେ ଥିବା କୈରାଳି କଲେଜ ଅଫ୍ ନର୍ସିଂ ଏବଂ କୈରାଳି ମେଡିକାଲ ସାଇନ୍ସ ଅନୁଷ୍ଠାନରେ ୪ ଦିନିଆ ଦକ୍ଷତା ବିକାଶ ଜାତୀୟ କର୍ମଶାଳା ଆଜି ଉଦ୍‌ଘାଟିତ ହୋଇଯାଇଛି। ମାର୍ଚ୍ଚ ୩୦ତାରିଖରୁ ଏପ୍ରିଲ ୨ ଯାଏଁ ଚାଲିବାକୁ ଥିବା ଏହି କର୍ମଶାଳାରେ ଟ୍ରଷ୍ଟର ଅଧ୍ୟକ୍ଷ ଡଃ.ପି.ଏସ. ରାଜମୋହନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଟ୍ରଷ୍ଟରେ ସଚିବ ଡଃ. ଉମା ରାଜମୋହନ, ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ଉମାକାନ୍ତ ସାହୁ ଏବଂ ନର୍ସିଂ କଲେଜର ଅଧ୍ୟକ୍ଷା ଡଃ.ସନା କମେଇ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ନର୍ସିଂ ଏବଂ ମେଡିକାଲ ସାଇନ୍ସର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ବକ୍ତାଭାବେ ଦୀପ ନାଏକ, ଦିଭେସ ମାକ ୱାନା ଏବଂ ରଞ୍ଜିତ ମୀନା ଯୋଗଦେଇ ଫାଷ୍ଟ ଏଡ୍, ବିସିଏଲଏସ୍ , ଏସ୍‌ବିଏ, ଇଏନବିସି, ହେଲ୍ଥ ଆସେସମେଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।

## ରାସ୍ତା କାମ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ



ଆନନ୍ଦପୁର ୩୦।୩(ସମିସ): ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ୨୦ନଂ ଜାତୀୟ ରାଜପଥ ଠାରୁ ତାଳଗାଁ ପର୍ଯ୍ୟନ୍ତ ଥିବା ଏହି ଗ୍ରାମ୍ୟ ଉନ୍ନୟନ ବିଭାଗର ପିଚୁ ରାସ୍ତା ମରାମତି ଦୁଇ ଦିନ ତଳେ ହୋଇଥିଲା। ତେବେ ରାସ୍ତାର ଲମ୍ବ ୨.୫୮୦କିମି ଥିବା ବେଳେ ମାତ୍ର କିଛି ସ୍ଥାନରେ ପିଚୁ ପଡ଼ିବା ଏବଂ ଖାଲ ଥିବା ସ୍ଥାନକୁ ଛାଡ଼ି ଦେବା ଘଟଣାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ କେତେ ଟଙ୍କା ଆସିଥିଲା ଏହି ପିଚୁ ପଡ଼ିବା ପାଇଁ ତାକୁ ନେଇ ପ୍ରଶ୍ନ ଉଠିଛି। ଆବଶ୍ୟକ ନଥିବା ସ୍ଥାନରେ ପିଚୁ ପଡ଼ିଥିବବେଳେ ଯେଉଁଠି ଆବଶ୍ୟକ, ସେଠାରେ ପକାଯାଇନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ତେବେ ରାଜ୍ୟ ସରକାର ଲୋକଙ୍କ ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପକ୍କା ଓ ପିଚୁ ସଡ଼କ ତିଆରି କରୁଥିବା ବେଳେ କାହାର କି ପ୍ରକାର ସ୍ୱାର୍ଥ ଥିଲା ଯେ ଭଲ ରାସ୍ତା ଉପରେ ପିଚୁ ପକାଇ ସରକାରଙ୍କ ଉପରକୁ ଆଙ୍ଗୁଠି ଉଠାଇବା ଭଳି ପରିସ୍ଥିତି ସୃଷ୍ଟି କଲା, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ହେଉଛି। ସବୁଠାରୁ ବଡ଼ କଥା ହେଉଛି, ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘାସ ଓ ମାଟି ସଫା ନକରି ସିଧାସଳଖ ପିଚୁ ପକାଯାଇଥିବା ଅଭିଯୋଗ ଆସିଛି। ଏହା ଫଳରେ କାମର ଗୁଣମାନ ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହା ସହିତ, ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ପିଚୁ ପକାଇଥିବା ଘଟଣାକୁ ନେଇ ଆହୁରି ଚର୍ଚ୍ଚା ବଢ଼ିଛି। ସରକାରୀ ନିୟମ ଉଲ୍ଲଂଘନ କରି କାମ କରାଯାଇଥିବା ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଅନୁଦାନ ଅର୍ଥ ଅନୁସାରେ ପିଚୁ ପଡ଼ିନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ନେଇ ଲୋକମାନେ ତଦନ୍ତ ଦାବି କରିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଘସିପୁରା,୩୦।୩(ସମିସ): ଘସିପୁରା ବ୍ଲକ୍ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ +୩ ୩ୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉତ୍ସବ ନିକଟସ୍ଥ ରେମାଳଠାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟକାଳୀନ ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ମହେଶ୍ୱର ପାତ୍ର ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣିତ ବିଭାଗ ମୁଖ୍ୟ ସୁଧାକର ଜେନା, ମନ୍ମଥ କୁମାର ପୃଷ୍ଟି, ପ୍ରଭାତ ବାରିକ, କ୍ଷେତ୍ରବାସୀ ସୋରେନ, ଅଧ୍ୟାପିକା ଲିପି ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଯଦୁନାଥ ମୁର୍ମୁ, ବିବେକାନନ୍ଦ, ତ୍ରିଲୋଚନ ସାହୁ, ମଙ୍ଗେତା ମୁର୍ମୁ, ମନିଷା ଜେନା, ଅଲିଭା ଦାସ, ପ୍ରମୁଖ ଛାତ୍ରଛାତ୍ରୀ ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ବିଭାଗୀୟ ଅଧ୍ୟାପିକା ପ୍ରୀତି ପାରମିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ସ୍ୱତନ୍ତ୍ର ସଚିବ



କେନ୍ଦୁଝର,୩୦।୩(ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଚିବ ମିର୍ଦ୍ଧା ଟପୋ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ପାଇଁ କେନ୍ଦୁଝରରେ ପହଞ୍ଚିଛନ୍ତି। ଏହି ଅବସରରେ ବିଜେପିର ଦଳୀୟ କର୍ମୀମାନଙ୍କ ସହ ସଦର ବ୍ଲକ୍ ବାଉରୀପଦା ପଞ୍ଚାୟତ ମୁକୁନା ଶ୍ରୀରାମ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିଛନ୍ତି। ଶ୍ରୀ ଟପୋଙ୍କ ସମେତ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସଦର ବ୍ଲକ୍‌କୁ ଦିଆ ଯାଇଥିବା ଅନୁଦାନର ସଦୁପଯୋଗ ଓ ଆଗାମୀ ଦିନରେ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ସଙ୍ଗଠିତ ଢଙ୍ଗରେ ଲାଗୁ କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଧନୁର୍ଜୟ ମହାନ୍ତ, ରାଇସୁଆଁ ମଣ୍ଡଳ ସଭାପତି ସମୀର ସାହୁ, ଲିଲି ଦେହୁରୀ, ପଦ୍ମିନୀ ନାୟକ, ନାରାୟଣ ଦେହୁରୀ ଓ ଭୀମସେନ ମହାନ୍ତଙ୍କ ଉପସ୍ଥିତିରେ କିଛି ଜନହିତକାରୀ ଦାବି ଶ୍ରୀ ଟପୋଙ୍କ ନିକଟରେ ଉପସ୍ଥାପନ କରିଥିଲେ।

## ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



କେନ୍ଦୁଝର,୩୦।୩(ସମିସ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ବାଲିସାହିରେ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଙ୍କ ତୃତୀୟ ଜନ୍ମ ବାର୍ଷିକ ଯଜ୍ଞ ଉତ୍ସବ ୨୭ ରୁ ଅଖଣ୍ଡ ଚବିଶ ପ୍ରହର ନାମ ଯଜ୍ଞ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ନାମ ଯଜ୍ଞରେ ପୂଜକ ଶାନ୍ତନୁ ଦାସ ପୂଜାର୍ଚ୍ଚନା କରିଥିବାବେଳେ କର୍ତ୍ତା ଭାବେ ପ୍ରମିଳା ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ ସମ୍ପାଦନ କରିଥିଲେ। ଓସ୍ତପଙ୍ଗା ବକ୍ସି ବାରିଗାଁ(ଝିଅ ଦଳ), ଝୁମ୍ପୁରା ବ୍ଲକ ଅର୍ଶଳା (ପୁଅ ଦଳ), ପାଟଣା ଚୁଟିଆପଶି (ଝିଅ ଦଳ), ଝୁମ୍ପୁରା ଭାଲୁକା (ପୁଅ ଦଳ) ବାସନ୍ତପୁର ବାଇଜାପଡା (ଝିଅ ଦଳ) ସଂକୀର୍ତ୍ତନ ଦଳ ନାମଯଜ୍ଞ ପରିବେଷଣ କରିଥିଲେ। ବୀରକିଶୋରପୁର ବାଲିସାହି ଜୟ ଶ୍ରୀରାମ ଜୟ ହନୁମାନ କମିଟିର ସମ୍ପାଦକ ଭାଗୀରଥି ମହାକୁଡ଼, ବିଦ୍ୟାଧର ମହାନ୍ତଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

### କେନ୍ଦୁଝରରେ ସେନାର ମାନବୀୟ ସେବା

# ଅବସରପ୍ରାପ୍ତ ସୈନିକଙ୍କ ପାଇଁ ମେଡିକାଲ୍ କ୍ୟାମ୍ପ





କେନ୍ଦୁଝର,୩୦।୩(ସମିସ): ଭାରତୀୟ ସେନା ପକ୍ଷରୁ କେନ୍ଦୁଝର ଜିଲ୍ଲାରେ ପୂର୍ବତନ ସୈନିକ, ବୀର ନାରୀ, ବୀର ମାତା ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ କଲ୍ୟାଣ ନିମନ୍ତେ ଏକ ସ୍ୱତନ୍ତ୍ର "ମଡେଲ୍ ସମନ୍ୱିତ ଚିକିତ୍ସା ଶିବିର' ଆୟୋଜିତ ହୋଇଯାଇଛି। ଛତିଶଗଡ଼ ଏବଂ ଓଡ଼ିଶା ସବ୍ ଏରିଆର କମାଣ୍ଡର ବ୍ରିଗେଡିୟର୍ ଟି.ଏସ୍. ବାୱା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦୁଇ ଦିନିଆ ଶିବିରକୁ ଉଦ୍‌ଘାଟନ କରିଛନ୍ତି। ବାଲେଶ୍ୱର (ଚାନ୍ଦିପୁର) ଷ୍ଟେସନ ମୁଖ୍ୟାଳୟ, କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ କେନ୍ଦୁଝର ଜିଲ୍ଲା ପୂର୍ବତନ ସୈନିକ ସଂଘର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଶିବିରରେ ପୂର୍ବତନ ସୈନିକଙ୍କ ପାଇଁ ଏକାଧିକ ସେବା ପ୍ରଦାନ କରାଯାଉଛି। ଭୁବନେଶ୍ୱରସ୍ଥିତ ହାଇ-ଟେକ୍ ମେଡିକାଲ କଲେଜର ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ, ଦନ୍ତ, ଅସ୍ଥିଶଲ୍ୟ ଏବଂ ସାଧାରଣ ଚିକିତ୍ସା ସେବା ପ୍ରଦାନ କରାଯାଉଛି। 'ସ୍ପର୍ଶ' ମାଧ୍ୟମରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ତୁରନ୍ତ ସମାଧାନ କରାଯାଉଛି। ଇସିଏଚ୍‌ଏ ପଞ୍ଜୀକରଣ, ସିଏସ୍‌ଡି ସୁବିଧା ଏବଂ ଆଇନଗତ ସହାୟତା ପାଇଁ ସ୍ୱତନ୍ତ୍ର କାଉଣ୍ଟର କରାଯାଇଛି। ଏହି ଶିବିରରେ ପ୍ରଥମ ଥର ପାଇଁ ଦିବ୍ୟାଙ୍ଗଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ଗୋଟିଏ ସ୍ଥାନରେ କରାଯାଇଛି। ଏଠାରେ ମାନସିକ ଓ ସ୍ନାୟୁଗତ ରୋଗର ପରୀକ୍ଷା ସହ ଘଟଣାସ୍ଥଳରେ ହିଁ ୟୁଡିଆଇଡି କାର୍ଡ ପ୍ରଦାନ କରାଯାଉଛି। ଏହା ସହିତ ବୟସ୍କ ନାଗରିକଙ୍କ ପାଇଁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ସୁବିଧା ମଧ୍ୟ ଉପଲବ୍ଧ କରାଯାଉଛି। ଏହି ଶିବିର ଦ୍ୱାରା ପ୍ରାୟ ୩ ହଜାରରୁ ୫ହଜାର ପୂର୍ବତନ ସୈନିକ ଓ ସେମାନଙ୍କ ପରିବାର ଉପକୃତ ହେବେ ବୋଲି ଆଶା କରାଯାଉଛି। ବ୍ରିଗେଡିୟର୍ ବାୱା ନିଜ ଅଭିଭାଷଣରେ କହିଛନ୍ତି ଯେ, ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ଆମର ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରକୁ ମର୍ଯ୍ୟାଦାଜନକ ସେବା ଓ ଉପଯୁକ୍ତ ସମୟରେ ସହାୟତା ଯୋଗାଇଦେବା ଆମର ମୁଖ୍ୟ ଲକ୍ଷ୍ୟ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ସେନା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହେବ। ଏହି କାର୍ଯ୍ୟକ୍ରମରେ ୧୪ (ଓ) ଏନ୍‌ସିସି ବାଟାଲିଅନର କ୍ୟାଡେଟମାନେ ସ୍ୱେଚ୍ଛାସେବୀ ଭାବେ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ଚିକିତ୍ସା ଶିବିର ଆସନ୍ତାକାଲି ଅର୍ଥାତ୍ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ। ଏହି ପରିପ୍ରେକ୍ଷୀରେ, ସମସ୍ତ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶିବିରରେ ଉପସ୍ଥିତ ରହି ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି।

### ଶୋଭାଯାତ୍ରାରେ ନବୀନ ଜୈନଙ୍କ ଗୁଳିଚାଳନା ଘଟଣା

# ମାମଲା ପରେ ଶୋଇପଡ଼ିଲା ପୁଲିସ

ବଲାଙ୍ଗିର,୩୦ ।୩(ସମିସ)

ରାମନବମୀ ଶୋଭାଯାତ୍ରାରେ ଟିଟିଲାଗଡ ସହର ଭିତରେ ସ୍ଥାନୀୟ ବିଜେପି ବିଧାୟକ ନବୀନ ଜୈନ ଫାଙ୍କା ଗୁଳି ଚାଳନା କରିବା ଘଟଣା ଦିନକୁଦିନ ବିବାଦୀୟ ହେବାରେ ଲାଗିଛି । ଏହି ଘଟଣାକୁ ତିନି ଦିନ ବିତିଯାଇଥିବା ବେଳେ ଉଭୟ ବିଧାୟକ ଓ ପିଏସଓଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି; କିନ୍ତୁ ଏପର୍ଯ୍ୟନ୍ତ କେହି ଗିରଫ ହୋଇନାହାନ୍ତି । ଆର୍ମ୍ସ ଆକ୍ଟ ଭଳି ଏକ ସଙ୍ଗିନ ଦଫାରେ ମାମଲା ରୁଜୁ ହୋଇଥିବା ସତ୍ତ୍ୱେ କେହି ଗିରଫ ନ ହେବା ସରକାରଙ୍କ ଅନୁକମ୍ପା ବୋଲି ସ୍ପଷ୍ଟ ହୋଇଛି । ତେବେ ସତରେ ସରକାରୀ ଦଳର ବିଧାୟକ ହୋଇଥିବାରୁ ପୁଲିସ ଗିରଫ କରିବାକୁ ସାହସ କରୁନାହିଁ ନା ଗିରଫ କରିବାକୁ ଉପର ମହଲରୁ ମନା ହୋଇଛି ତାହା ମଧ୍ୟ ପ୍ରଶ୍ନ ଉଠୁଛି । ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ପଚାରିଲେ ସେ ନେଇ କିଛି ନ ପଚାରିବାକୁ ମନା କରିଛନ୍ତି ।



ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ସହରରେ ଗତ ରାମନବମୀ ଦିନ ସ୍ଥାନୀୟ ବିଜେପି ବିଧାୟକ ନବୀନ ଜୈନ ଶୋଭାଯାତ୍ରା ଚାଲିଥିବା ସମୟରେ ଦୁଇଟି ସ୍ଥାନରେ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ । ତାଙ୍କୁ ଗୁଳି ଚାଳନା କରିବାରେ ତାଙ୍କ ନିଜ ପିଏସଓ ପ୍ରେମଚାନ୍ଦ ନାଗ ସହାୟତା କରୁଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଏହି ଘଟଣା ସାମ୍ନାକୁ ଆସିବା ପରେ ଦିନକ ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ପ୍ରଥମେ ତାଙ୍କୁ ପିଏସଓଙ୍କୁ କାରଣ ଦର୍ଶାଅ ନୋଟିସ, ମୁଖ୍ୟାଳୟକୁ ଡାକି ଜେରା କରିବା ପରେ ନିଲମ୍ବିତ କରାଯାଇଥିଲା । ସେହିପରି ପୁଲିସ ବିଧାୟକ ଓ ପିଏସଓଙ୍କ ନାମରେ ମାମଲା ରୁଜୁ କରିଥିଲା । ବିଧାୟକଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରୁ ପିସ୍ତଲ ମଧ୍ୟ ଜବତ କରିଥିଲା । ପରେ ଉକ୍ତ ପିସ୍ତଲ ବିଧାୟକଙ୍କ ବୋଲି ଏସ୍‌ପି ସୂଚନା ଦେଇଥିଲେ । ବାସ୍ ଏତିକିରେ ଏହିଭଳି ଏକ ସଙ୍ଗିନ ମାମଲାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଅଟକିଯାଇଥିବା ଦେଖିବାକୁ ମିଳିଛି । ମାମଲା ରୁଜୁ ହେବାର ୩ ଦିନ ବିତିଥିବା ବେଳେ ଏଯାଏଁ ବିଧାୟକ ଶ୍ରୀ ଜୈନଙ୍କୁ ପୁଲିସ ଗିରଫ କରିପାରିନାହିଁ । ଏପରିକି ପୁଲିସ କର୍ମଚାରୀ ପିଏସଓଙ୍କୁ ମଧ୍ୟ ତାଙ୍କ ନାମରେ ରୁଜୁ ହୋଇଥିବା ମାମଲାରେ ପୁଲିସ ତଦନ୍ତ ପରିସରଭୁକ୍ତ କରିନାହିଁ କି ଗିରଫ କରିନାହିଁ । ଅନ୍ୟପକ୍ଷରେ ବିଧାୟକ ଶ୍ରୀ ଜୈନ କୁଆଡେ ଗଲେ ବୋଲି ପ୍ରଶ୍ନ ଉଠିଛି । ସେ ଟିଟିଲାଗଡରେ ଅଛନ୍ତି ନା ଭୁବନେଶ୍ୱରରେ ଅଛନ୍ତି ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି । ନା ଗିରଫଦାରୀ ଏଡାଇବା ପାଇଁ ସେ ଫେରାର ଅଛନ୍ତି ତାହା ମଧ୍ୟ ପୁଲିସ ସ୍ପଷ୍ଟ କରିନାହିଁ । ମୋଟାମୋଟି ଭାବେ ଦେଖିବାକୁ ଗଲେ ଏହି ମାମଲାକୁ ପୁଲିସ ମଧ୍ୟ ଚପାଇବାକୁ ଉଦ୍ୟମ ଆରମ୍ଭ କରିଛି । ଏହି ସବୁ ଭିତରେ ବିଧାୟକଙ୍କ ଦାୟିତ୍ୱହୀନ ମନ୍ତବ୍ୟ ମଧ୍ୟ ସାମ୍ନାକୁ ଆସିଥିଲା । ସେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି କିଛି ଗଣମାଧ୍ୟମକୁ ତାହା ଖେଳଣା ବନ୍ଧୁକ ବୋଲି କହିଥିଲେ । ପରେ କିନ୍ତୁ ତାହା ଅସଲି ବନ୍ଧୁକ ବୋଲି ଜଣାପଡିଥିଲା; ଯାହା ବିଧାୟକଙ୍କ ମିଛ ଓ ଦାୟିତ୍ୱହୀନ ମନ୍ତବ୍ୟକୁ ସାମ୍ନାକୁ ଆଣିଥିଲା । ଏଭଳି ସ୍ଥିତିରେ ଏହିଭଳି କାର୍ଯ୍ୟ କରିଥିବା ବିଧାୟକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଥମେ ବିଜେଡି ଓ ପରେ କଂଗ୍ରେସ ମଧ୍ୟ ଦାବି କରିବା ଆରମ୍ଭ କରିଛି; କିନ୍ତୁ ପୁଲିସ ସଂପୂର୍ଣ୍ଣ ଭାବେ ନୀରବ ରହିଥିବା ଦେଖିବାକୁ ମିଳିଛି । ଏପରିକି ଏନେଇ କୌଣସି ପ୍ରତିକ୍ରିୟା ଦେବାକୁ ସ୍ଥାନୀୟ ଥାନା ଅଧିକାରୀ ମନା କରୁଛନ୍ତି । ତାହା ଉପର ଲେଭୁଲର କଥାବାର୍ତ୍ତା । ଆମକୁ ଦୟା କରି ପଚାରନ୍ତୁ ନାହିଁ ବୋଲି କହିଛନ୍ତି । ତେବେ ସେ ଉପର ଲେଭୁଲ କିଏ, କିଏ ଏହି ପ୍ରଶ୍ନର ଉତ୍ତର ରଖିବେ ତାହା ବର୍ତ୍ତମାନ ସମୟରେ ବଡ ପ୍ରଶ୍ନ । ତେବେ ଘଟଣା ଘଟିବା ଦିନରୁ ହିଁ ପୁଲିସ ବିଧାୟକ ଶ୍ରୀ ଜୈନଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛି । କେବଳ ଚାପରେ ଆସି ମାମଲା ରୁଜୁ କରାଯାଇଥିବା ବିଜେଡି ଅଭିଯୋଗ କରିଛି । ଏହି ସବୁ ଭିତରେ ତାଙ୍କ ସୁରକ୍ଷା ପାଇଁ ପୁଣି ଆଉ ଜଣେ ବ୍ୟକ୍ତିଗତ ସୁରକ୍ଷା କର୍ମୀ ବା ପିଏସଓଙ୍କୁ ନିଯୁକ୍ତି ଦିଆଯାଇଛି । ଏହା ହିଁ ସରକାରୀ ଦଳର ଆଇନ ଭାଙ୍ଗିଥିବା ବିଧାୟକଙ୍କ ପ୍ରତି କିଭଳି ମନୋଭାବ ରହିଛି ତାହା ସ୍ପଷ୍ଟ କରୁଥିବା ଚର୍ଚ୍ଚା ହେଉଛି । ଯଦି ମାମଲା ରୁଜୁ ହୋଇଛି ତେବେ ବିଧାୟକଙ୍କୁ ଗିରଫ କରାଯାଉନାହିଁ କାହିଁକି ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି । ତେବେ ବିଧାୟକ ଶ୍ରୀ ଜୈନ କେବେ ଗିରଫ ହେବେ ତାହା ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ପ୍ରଶ୍ନ ହୋଇ ରହିଛି ।

● ଘଟଣା ଚାପିଦେବାକୁ ପୁଲିସ ଉଦ୍ୟମ ଚଳାଇଛି

● ଅଟକି ଯାଇଛି ପୁଲିସର କାର୍ଯ୍ୟାନୁଷ୍ଠାନ



## କଂଗ୍ରେସ ପକ୍ଷରୁ ନବୀନ ଜୈନଙ୍କ ଗିରଫ ଦାବି

ଟିଟିଲାଗଡରେ ରାମ ନବମୀ ଅବସରରେ ଆୟୋଜିତ ଶୋଭାଯାତ୍ରାରେ ହୋଇଥିବା ବିବାଦୀୟ ଘଟଣାର କର୍ଣ୍ଣଧାର ନବୀନ ଜୈନଙ୍କ ଗିରଫ ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଘେରଉ କରାଯାଇଛି । ବିଧାୟକ ଶ୍ରୀ ଜୈନଙ୍କ ତୁରନ୍ତ ଗିରଫ ଦାବି କରାଯାଇଛି । ଛାତ୍ର କଂଗ୍ରେସ ପକ୍ଷରୁ ଏହାକୁ ଅସଚେତନ ଓ ଦାୟିତ୍ୱହୀନ କାର୍ଯ୍ୟ ବୋଲି ଅଭିହିତ କରାଯାଇଛି । ସାଧାରଣ ଲୋକଙ୍କ ପାଇଁ ଓ ନେତାଙ୍କ ପାଇଁ ଆଇନ ଭିନ୍ନ କି ବୋଲି ପ୍ରଶ୍ନ କରାଯାଇଛି । ସାଧାରଣ ସ୍ଥାନରେ ଏପରି କାର୍ଯ୍ୟ



ଆଇନ ଶୃଙ୍ଖଳା ପାଇଁ ହାନିକାରକ ବୋଲି ମତ ପ୍ରକାଶ କରାଯାଇଛି । ଘଟଣାର ସତ୍ୟତା ନିର୍ଣ୍ଣୟ ପାଇଁ ପୂର୍ଣ୍ଣ ତଦନ୍ତ ଆବଶ୍ୟକ ବୋଲି କୁହାଯାଇଛି । ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରାଙ୍କ ସଭାପତିତ୍ୱ ଓ ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଏହି ଘଟଣାକୁ ତୀବ୍ର ସମାଲୋଚନା କରାଯାଇଛି । ଆଜିର ଏହି ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, କିଶାନ ସେଲ୍ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସଂପାଦକ ନୀତିଶ ପଧାନ, ଜୁଲୁ ପଟ୍ଟନାୟକ, ରାମ ପ୍ରସାଦ ମିଶ୍ର, କୈଳାସ ମିଶ୍ର, ଜ୍ୟୋତିଷ ମୁଗ୍ରୀ, ଉମାକାନ୍ତ ସାହୁ, ଲୋପନ ମିଶ୍ର, ସଂଜୟ ମିଶ୍ର, ଶିବ ପଧାନ ବିପିନ କୁସଲିଆ, କିରନ ସେଠ, ସମୀର କୁମ୍ଭାର, ଅବଦୁଲ ରଜାକ, ହିମାଂଶୁ ନାଏକ, ପ୍ରଦୋଶ ପାଣିଗ୍ରାହୀ, ସୋହନ ନାଏକ, ପଞ୍ଚାନନ ଷାଣ୍ଢ, କାହ୍ନା ପାତ୍ର, ଶୁଭମ ନାଏକ, ରାହୁଲ, ଅମିତାଭ, ଅବ୍ରହାମ ନାଗ ପମୁଖ ଉପସ୍ଥିତ ଥିଲେ ।

**ଦେଓଗାଁ:** ପବିତ୍ର ଶ୍ରୀରାମ ନବମୀ ଅବସରରେ ଟିଟିଲାଗଡରେ ବିଧାୟକ ନବୀନ ଜୈନ ଫାଙ୍କା ଗୁଳିଚାଳନା କରି ଆଇନକୁ ହାତକୁ ନେଇଥିବା ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କଂଗ୍ରେସ ତରଫରୁ ସୋମବାର ଦେଓଗାଁ ଥାନାରେ ଏତଲା ଦିଆଯାଇଛି । ବ୍ଲକର ଛାତ୍ର ଓ ଯୁବ କଂଗ୍ରେସ କର୍ମକର୍ତ୍ତା ଥାନା ସମ୍ମୁଖରେ ଏକତ୍ରୀତ ହୋଇ ବିଧାୟକଙ୍କ ଦ୍ୱାରା ହୋଇଥିବା ଆଇନ ବିରୁଦ୍ଧାଚରଣ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ । ଫାଙ୍କା ଗୁଳଇଚାଳନା କରି ଲୋକଙ୍କୁ ଭୟଭିତ କରାଯିବା ଓ ଏହି ଘଟଣାରେ ତାଙ୍କୁ ସହଯୋଗ କରିଥିବା ପିଏସଓଙ୍କ ବିରୋଧରେ ଏକତରଫା କାର୍ଯ୍ୟାନୁଷ୍ଠାନକୁ ତୀବ୍ର ନିନ୍ଦା କରିଥିଲେ । ପରେ ଥାନାଧିକାରୀ ସବିତା ଠେମରିଆଙ୍କୁ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଜିଲ୍ଲା କଂଗ୍ରେସ ଉପସଭାପତି ଜନ୍ମେଜୟ ସାହୁ, ବନ୍ଧପଡା ସମିତିସଭ୍ୟ କାନ୍ତେଶ୍ୱର ପଧାନ, ହାତିସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ଜରାସିଂହା ସମିସିସଭ୍ୟ ଅମିତ ତ୍ରିପାଠୀ, ଛାତ୍ର ସଭାପତି ସମିର ସାହୁ, ବୈଷ୍ଣବ ଧରୁଆ ତଥା ଅନ୍ୟମାନେ ସାକ୍ଷାତ କରି ବିଧାୟକ ଜୈନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ ।



## କ୍ୱାର୍ଟରରୁ ଡାକ୍ତରଙ୍କ ବାଇକ୍ ନେଇଗଲେ

ପାଟଣାଗଡ଼,୩୦ ।୩ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଘସିଏନ ଡାକ୍ତରଖାନାର ଡାକ୍ତର ଟଙ୍କଧର ମେହେରଙ୍କ ପଲସର ବାଇକ୍ ତାଙ୍କ କ୍ୱାଟରରୁ ଚୋରି ହୋଇଯାଇଛି । ଏ ନେଇ ଲଠମ୍ବା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ୨୮ ତାରିଖ ରାତି ୯ଟାରେ ଡ୍ୟୁଟି ସାରି ସେ ତାଙ୍କ ବାଇକ୍ (ଓଡି ୩୧ ୯୪୨୯)କୁ କ୍ୱାଟର ଭିତରେ ରଖିଥିଲେ; ହେଲେ ବାହାର ଗେଟ୍ ବନ୍ଦ କରିବାକୁ ଭୁଲି ଯାଇଥିଲେ । ଭୋର୍ ୪ଟାରେ ଉଠିଲା ବେଳେକୁ ବାଇକ୍ ନ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସକାଳୁ ଡାକ୍ତରଖାନାରେ ଲାଗିଥିବା ସିସିଟିଭି ଚେକ୍ କରିଥିଲେ; ହେଲେ ଅଧଘଣ୍ଟାର ଭିଡିଓ ଉତ୍ତୋଳନ ହେଉଥିବାରୁ କିଛି ଜଣା ପଡି ନ ଥିଲା । ଏହାପରେ ସେ ନିକଟସ୍ଥ ଏକ ଔଷଧ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ । ସିସିଟିଭିରେ ରାତ୍ରି ୨ଟାରେ ୩ଜଣ ଯୁବକ ବାଇକକୁ ଠେଲି ଠେଲି ନେଉଥିବା ଜଣାପଡିଥିଲା । ଡାକ୍ତରଖାନା ସମ୍ମୁଖରେ ଥିବା ମାଂସ ଦୋକାନୀଙ୍କୁ କେଉଁଠି ପେଟ୍ରୋଲ ମିଳିବ ବୋଲି ପଚାରିଥିଲେ । ତେବେ ସମ୍ପୃକ୍ତ ୩ଜଣଙ୍କୁ ଦୋକାନୀ ଜାଣି ନ ଥିବା କହିଛନ୍ତି । ଅନ୍ୟପଟେ ରାତିରେ ଡାକ୍ତରଖାନାରେ ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି ।

● ୩ ବର୍ଷ ପରେ ଧରାପଡ଼ିଲେ ଦୁଇ ଠକ

## ଅସଲି ଦେଖାଇ ନକଲି ସୁନା ବିକ୍ରି କରି ଫେରାର ଥିଲେ

ବଲାଙ୍ଗିର,୩୦ ।୩(ସମିସ): ବଲାଙ୍ଗିର ସଦର ଥାନା ଅଞ୍ଚଳରେ ଗତ ୨୦୨୨ ମସିହାରେ ହୋଇଥିବା ଏକ ନକଲି ସୁନା କାରବାର ଘଟଣାରେ ପୁଲିସ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ସୁନା ବିକିବା ବାହାନାରେ ନକଲି ସୁନା ଦେଇ ଫେରାର ଥିବା ଦୁଇ ଅଭିଯୁକ୍ତକୁ



ପୁଲିସ ପ୍ରାୟ ୩ ବର୍ଷର୍ ପରେ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖପ୍ରାଖୋଲ ଥାନା ମାଟିଖାଇ ଗାଁର କମଲ ନାଗ ଓରଫ ବିଜୁ ଓ ହୀରାକୁଦ ଥାନା ରେମେଡ ଅଞ୍ଚଳର ତପ୍ନେଶ୍ୱର ବାଗ ।

୨୦୨୨ ଡିସେମ୍ବର ୨୬ ତାରିଖରେ ଅଭିଯୋଗକାରୀ ବଳରାମ ତାଣ୍ଡିଆ ଠକେଇର ଶିକାର ହୋଇଥିବା ଅଭିଯୋଗ କରିଥିଲେ । ଦୁଇ ଜଣ ଯୁବକ ତାଙ୍କୁ ସୁନା ବଦଳରେ ନକଲି ସୁନା ଦେଇ ତାଙ୍କ ଠାରୁ ୪ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିବା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକ୍ରମେ ତାଙ୍କର ଜଣେ ସଂପର୍କୀୟ ମକଶୀର ଦୀପଙ୍କୁ ସେ ସୁନା କିଣିବା ବିଷୟରେ ଜଣାଇଥିଲେ । ସେହି ସଂପର୍କୀୟ ଜଣକ ତାଙ୍କର ଜଣେ ପରିଚିତ ବ୍ୟକ୍ତି ତପନେଶ୍ୱର ବାଗଙ୍କ ଫୋନ ନମ୍ବର ଦେଇ ଯୋଗାଯୋଗ କରିବାକୁ କହିଥିଲେ । ତାଙ୍କ ସହ ବଳରାମ ଡିସେମ୍ବର ୧୮ ତାରିଖରେ ଚୁଡାପାଲିରେ ଭେଟ ହୋଇ ଅନ୍ୟ ଦୁଇ ଜଣ ଯୁବକଙ୍କୁ ଡାକିଥିଲେ । ସେମାନେ ସୁନା ନେଇ ଆସିବା ପରେ ତାହା ପରୀକ୍ଷା କରିଥିଲେ; ଯାହା ଅସଲି ସୁନା ବୋଲି ଜାଣିବା ପରେ ତାହା କିଣିବା ପାଇଁ ସ୍ଥିର କରିଥିଲେ । ନିଷ୍ପତ୍ତି କ୍ରମେ ୨୬ ତାରିଖରେ ତପ୍ନେଶ୍ୱରଙ୍କ ସହଯୋଗୀ ବିଜୁ ଓ ଆଉ ଜଣେ ଯୁବକ ଗୋପାଲ ଆସି ଗେଡାବାଞ୍ଜି ଛକରେ ବଳରାମଙ୍କୁ ସୁନା ମୁଣ୍ଡା ଦେଇ ୪ ଲକ୍ଷ ଟଙ୍କା ନେଇ ଫେରାର ହୋଇଥିଲେ । ପରେ ଉକ୍ତ ସୁନାକୁ ପରୀକ୍ଷା କରିବା ପରେ ତାହା ନକଲି ବୋଲି ଜଣାପଡିଥିଲା । ଏହି ମାମଲାରେ ପୁଲିସକୁ ସେହି ସମୟରେ କୌଣସି ସଫଳତା ମିଳି ନ ଥିଲା । ବର୍ତ୍ତମାନର ସଦର ଥାନା ଅଧିକାରୀ ରାଜ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଦୁଇ ଅଭିଯୁକକୁ ପୁଲିସ ଶେଷରେ ଗିରଫ କରିଛି ।

## ସ୍ତ୍ରୀକୁ ତଣ୍ଟି ଚିପି ହତ୍ୟା ମାମଲାରେ ସ୍ୱାମୀ ସମେତ ୩ ଗିରଫ

ବଲାଙ୍ଗିର,୩୦ ।୩(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ମହିପୁର ଗାଁରେ ମହିଳାଙ୍କୁ ତଣ୍ଟି ଚିପି ହତ୍ୟା ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ୱାମୀ ମୈଦାଂଶୁ ମହାନନ୍ଦ, ସୁଧାଂଶୁ ମହାନନ୍ଦ ଓ ଶିବାନୀ ସୁନା । ଗତ ଶୁକ୍ରବାର ରାତିରେ ମୈଦାଂଶୁଙ୍କ ସ୍ତ୍ରୀ ଅନୁପମା ମହାନନ୍ଦଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଅନୁପମାଙ୍କ ମୃତଦେହ ଦେଖିବା ପରେ ପରିବାର ଲୋକେ ତାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକ୍ରମେ ପୁଲିସ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ବର୍ଷେ ତଳେ ସଦର ଥାନା ବାଗଭାଡି ଗାଁର ଗୋବିନ୍ଦ ନାଗଙ୍କ ଝିଅ ଅନୁପମା ମୈଦାଂଶୁଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ସ୍ୱାମୀଙ୍କ ପରକୀୟା ପ୍ରୀତି ରହିଥିବା ନେଇ ସ୍ତ୍ରୀ ସନ୍ଦେହ କରିଥିଲେ । ଏଣୁ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହେବା ସହ ନିୟମିତ ଗଣ୍ଡଗୋଳ ହୋଇଆସୁଥିଲା । ଶୁକ୍ରବାର ରାତିରେ ଅନୁପମାଙ୍କ ଦେହ ଗୁରୁତର ଥିବା ବାପଘରକୁ ମୈଦାଂଶୁ ଖବର ଦେଇଥିଲେ । ଖବର ପାଇ ଅନୁପମାଙ୍କ ବାପା ଗୋବିନ୍ଦ ଆସି ଦେଖିଲା ବେଳକୁ ତାଙ୍କ ଝିଅର ମୃତ୍ୟୁ ଘଟିସାରିଥିଲା । ଝିଅର ବେକରେ ଦାଗ ରହିଥିବା ଦେଖି ସେ ସନ୍ଦେହ କରିଥିଲେ । ଅନୁପମାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଛି ବୋଲି ତୁଷୁରା ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଅନୁସାରେ ପୁଲିସ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରି ୩ ଜଣକୁ ଗିରଫ କରିଛି ।

## ମୁରିବାହାଲରେ ନୂତନ୍ ସ୍କୁଲର ଉଦଘାଟିତ

ମୁରିବାହାଲ,୩୦ ।୩ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ସଦମହକୁମାରେ ସଂସ୍କାରଭେଲି ସ୍କୁଲ ଉଦ୍‌ଘାଟିତ ହୋଇଛି । ଜିଲ୍ଲା ବିଜେପି ସଭପତି ଶ୍ରୀବସ୍ତ ବେହେରା, ମୁରିବାହାଲସରପଞ୍ଚବିଶ୍ୱବିହାରୀଯୋଶୀ, ରାଜୀବମହାନ୍ତି, ଦିଲୀପପୃଷ୍ଟିପ୍ରମୁଖଅତିଥିଭାବେ ଯୋଗ ଦେଇଥିଲେ । ସ୍କୁଲର ସଂସ୍ଥାପକ ସୁବ୍ରତ ମହାକୁର ଧନ୍ୟବାଦ ଜଣାଇଥିଲେ । ସ୍କୁଲର ମୁଖ୍ୟ ଉପଦେଷ୍ଟା ଫାଲ୍ଗୁନି ହାତୀ, ଲକ୍ଷ୍ମୀଧର ବାଗ, ହରିଦାସ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ଡଙ୍ଗରବୁଢା ପୁଞ୍ଜିପଥର ମନ୍ଦିରରେ ଅମୃତ ଧାରା ଉଦ୍‌ଘାଟିତ



ମୁରିବାହାଲ,୩୦ ।୩ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି- ବଙ୍ଗୋମୁଣ୍ଡା ୪୨ ନମ୍ବର ରାଜ୍ୟ ରାଜପଥ ପାଶ୍ୱର୍ରେ ଥିବା ଡଙ୍ଗରବୁଢା ପୁଞ୍ଜିପଥର ମନ୍ଦିରରେ ଅମୃତ ଧାରା ଉଦ୍‌ଘାଟିତ ହୋଇଛି । ମୁରିବାହାଲ ବ୍ଲକ୍ ଡଙ୍ଗରପଡା ପଞ୍ଚାୟତ ସରପଞ୍ଚ ରାମଦାସ ମହାକୁର ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମୁରିବାହାଲ ବ୍ଲକ୍ ଅଧ୍ୟକ୍ଷ ହରିବନ୍ଧୁ ମେହେର, ସମ୍ମାନୀୟ ଅତିଥି ଭାବେ ମୁରିବାହାଲ ବ୍ଲକର କନିଷ୍ଠ ଯନ୍ତ୍ରୀ ଅମିତା ଜେନା, ମନ୍ଦିର ପରିଚାଳନା କମିଟିର ସଭାପତି ପୃଥିରାଜ ପୁଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ଆହତ ଦନ୍ତାହାତୀର ଚିକିତ୍ସା ପାଇଁ ଉଦ୍ୟମ



ମୁରିବାହାଲ,୩୦ ।୩(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଧୀନ ଜଙ୍ଗଲରେ ଏକ ଅସୁସ୍ଥ ଦନ୍ତାହାତୀର ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ଏନେଇ ବଲାଙ୍ଗିର ଡିଏଫ୍‌ଓ ଅଜିତ୍ ବିଶି, ବଲାଙ୍ଗୀର ଏସିଏଫ୍ ମାନସ ବେହେରା, ମୁରାରୀ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଉଦ୍ୟମ ଜାରି ରହିଛି । ଆହତ ଦନ୍ତାହାତୀଟି ଠିକ୍ ଭାବେ ଖିଆପିଆ କରୁନି । ଚଲାବୁଲାରେ ଅସୁବିଧା ଭୋଗୁଛି ।

## ସାଲେପାଲିରେ ରାମାୟଣ ପାରାୟଣ

ଦେଓଗାଁ,୩୦।୩(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ସାଲେପାଲି ପଞ୍ଚାୟତ ସାଲେପାଲିରେ ଶ୍ରୀରାମ ନବମୀ ଅବସରରେ ପ୍ରତିବର୍ଷ ପରି ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଛି । ଏଥିରେ କର୍ତ୍ତା ଭାବେ ଭୁବନେଶ୍ୱର ସାମଲ ଓ ତାଙ୍କ ପତ୍ନୀ କାଞ୍ଚନ ସାମଲ ଦାୟିତ୍ୱ ତୁଲାଉଛନ୍ତି । ପୁରାଣ ବ୍ୟାସ ଭାବେ ପ୍ରଶାନ୍ତ ମିଶ୍ର ଯୋଗ ଦେଇଛନ୍ତି । ଏହି ଅବସରରେ ପ୍ରତ୍ୟେକ ରାତିରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ପ୍ରଭୁଶ୍ରୀ ରାମଚନ୍ଦ୍ରଙ୍କ ଲୀଳା ନାଟ୍ୟାଭିନୟ ଅନୁଷ୍ଠିତ ହେଉଛି । ରବିବାର ରାତିରେ ଶ୍ରୀରାମଚନ୍ଦ୍ର ଓ ମାତା ସୀତାଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀ ସହଯୋଗ କରୁଛନ୍ତି ।

### ଅଭିଯୋଗ ଶୁଣାଣିରେ ଅପ୍ରୀତିକର ପରିସ୍ଥିତି

## ଅତିରିକ୍ତ ଜିଲ୍ଲାପାଳ-ଆଦିବାସୀ ନେତା ମୁହାଁମୁହିଁ

ଲୋଇସିଂହା,୩୦ ।୩(ସମିସ): ସୋମବାର ବଲାଙ୍ଗିର ଜିଲା ଲୋଇସିଂହା ବ୍ଲକ୍ ସଭା ଗୃହରେ ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଚାଲିଥିବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ଜିଲ୍ଲା ଆଦିବାସୀ ନେତା ସତ୍ୟନାରାୟଣ ଭୋଇ ମୁହାଁମୁହିଁ ହୋଇଥିଲେ । ଲୋଇସିଂହା ପଞ୍ଚାୟତ ସୁଜିଆ ଗ୍ରାମର ଅନେକ ଅସହାୟ ବ୍ୟକ୍ତି ଉପଯୁକ୍ତ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ।

ଏ ସମ୍ପର୍କରେ ବ୍ଲକରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କଲାପରେ ସୁଦ୍ଧା ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରୁନାହିଁ । ସୋମବାର ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ ବ୍ଲକ୍ ପରିସରରେ ଚାଲିଥିବା ଜନ ଅଭିଯୋଗ ଶୁଣାଣି ଶିବିରକୁ ସୁଜିଆ ଗ୍ରାମର ପ୍ରାୟ ୨୮ ଜଣ ଅସହାୟଙ୍କୁ ସାଙ୍ଗରେ ଧରି ଆସିଥିଲେ । ଅସହାୟଙ୍କ ସମ୍ପର୍କରେ ଶିବିରର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଏଥିପାଇଁ ବ୍ଲକ୍ ପ୍ରଶାସନକୁ ଦାୟୀ କରିଥିଲେ । ଅଧିକାରୀଙ୍କ ଆରୋପ ପ୍ରତ୍ୟାରୋପରେ ଅସହାୟ ବ୍ୟକ୍ତି ବଳି ପଡୁଥିବା ଅଭିଯୋଗ କରି ଶ୍ରୀ ଭୋଇ ଅତିରିକ୍ତ ଜିଲ୍ଲାପାଳଙ୍କ ଉପରେ ଖପ୍ପା ହୋଇଥିଲେ । ଏହାପରେ ଶିବିର ମଧ୍ୟରେ ଉଭୟଙ୍କ ମଧ୍ୟରେ କଥା କଟାକାଟି ହୋଇଥିଲା । ଏହି ଘଟଣାର ଖବର ପାଇ ଲୋଇସିଂହା ପୁଲିସ ଶିବିରରେ ପହଞ୍ଚିଥିଲା ।

## ପୂଜ୍ୟପୂଜା ସେବା ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ବଲାଙ୍ଗିରି,୩୦ ।୩(ସମିସ): ପୂଜ୍ୟପୂଜା ସେବା ସଂଗଠନ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ନ୍ୟାସର ପ୍ରତିଷ୍ଠାତା ବାଞ୍ଛାନିଧି ରଥ ଓ ବିଶିଷ୍ଟ ଲେଖକ ଭ୍ରମରବର ସେଠୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ବିଶିଷ୍ଟ ଶିକ୍ଷାବିତ୍ ଗିରିଜା ଶଙ୍କର ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ସଭାରେ ଡ. ପ୍ରେମ.ନ୍ଦ ମହାନ୍ତି, ଶୁଭେନ୍ଦ୍ର ନେପାକ, ମଦନ ମୋହନ ରଥ, କେଶବ ଚନ୍ଦ୍ର ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କପିଳ ପତି, କେଶବଚନ୍ଦ୍ର ମିଶ୍ର, ସୁନାଧରବନଛୋର, ମାଳତିଉଦ୍‌ଗାତା, ନିହାରିକାମିଶ୍ର, ଦୁର୍ଗା ଚରଣ ସାହୁ, ସିତାଂଶୁ ଶେଖର ନାୟକ, ପ୍ରଦୀପ ପଶାୟତ, ଚୁଡେନ୍ଦ୍ର ବେହେରା, ଅରୁଣ ଖୁଆସ ଓ ମଧୁ ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଜଳିଗଲା ୩ ଦୋକାନ

ବଲାଙ୍ଗିରି,୩୦ ।୩(ସମିସ): ବଲାଙ୍ଗିର ସହର ପ୍ୟାଲେସ ଲାଇନ୍ ରାସ୍ତା କଡରେ ଥିବା ୩ଟି ଦୋକାନରେ ନିଆଁ ଲାଗି ଛାର ଖାର ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ବ୍ୟବସାୟୀଙ୍କ ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି । ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ । ସୋମବାର ଭୋର୍‌ରୁ ହଠାତ୍ ପ୍ୟାଲେସ୍ ଲାଇନ୍ ରାସ୍ତା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତା ଛକରେ ଥିବା ୩ଟି ଦୋକାନରେ ନିଆଁ ଲାଗିଯାଇଥିଲା । ଏକ ଟାୟାର ଦୋକାନ, ଏକ ସାଇକଲ ଦୋକାନ ଓ ଆଉ ଏକ ଛୋଟ କ୍ୟାବିନ୍‌ରେ ଏହି ନିଆଁ ଲାଗିଥଲା । ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ଏହା ସହ ଅଗ୍ନିଶମ ବିଭାଗକୁ ମଧ୍ୟ ଜଣାଇଥିଲେ । ଅଗ୍ନିଶମ ଟିମ୍ ପହଞ୍ଚି ନିଆଁ ଆୟତ୍ତ କରିବା ପୂର୍ବରୁ ସବୁ କିଛି ପୋଡ଼ି ଛାର୍‌ଖାର ହୋଇଯାଇଥିଲା ।

## ୟୁଜିସି ଆଇନ ଲାଗୁ ସହ ଓବିସି ଗଣନା ଦାବି

ବଲାଙ୍ଗିର,୩୦ ।୩(ସମିସ)

ରାଷ୍ଟ୍ରୀୟ ପଛୁଆ ବର୍ଗ ଏବଂ ଭାରତ ମୁକ୍ତି ମୋର୍ଚ୍ଚା ବଲାଙ୍ଗିର ତରଫରୁ ବଲାଙ୍ଗିରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଓବିସି ଏସ୍‌ଟି ଏସ୍‌ସି ମିଳିତ ମଞ୍ଚର ସଂଯୋଜକ ସରୋଜ ମେଶ୍ରାଙ୍କ ସଭାପତିତ୍ୱରେ ବଲାଙ୍ଗିର ଟାଉନ ହଲରୁ ଶୋଭାଯାତ୍ରା ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟ ଓବିସି ମଞ୍ଚ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ୟୁଜିସି ବିଲ୍-୨୦୨୬ ତୁରନ୍ତ ଲାଗୁ କରିବା ଏବଂ ୨୦୨୭ ଜନଗଣନାରେ ଓବିସି ବର୍ଗର ଠିକ୍ ଜନଗଣନା କରିବାକୁ ଦାବି କରିଛନ୍ତି । ଜନଗଣନା ଫର୍ମର ୧୨ ନଂ. କଲମରେ ଓବିସି ସ୍ଥାନରେ କେବଳ ଅନ୍ୟାନ୍ୟ ଲେଖାଯିବାକୁ ନିଷ୍ପତ୍ତି ନେଇ ସରକାର ଓବିସି ଜନସାଧାରଣଙ୍କ ସହିତ ପ୍ରତାରଣା କରୁଥିବା ଅଭିଯୋଗ କରି ସେ କ୍ଷୋଭ ପ୍ରକାଶ କରିଛନ୍ତି । ୮ ଦଫା ଦାବି ସମ୍ବଳିତ ଦାବିପତ୍ରରେ ୟୁଜିସି ବିଲ୍-୨୦୨୬କୁ ଲାଗୁ କରିବା, ଜାତି ଜନଗଣନାରେ ସ୍ୱତନ୍ତ୍ର ଭାବେ ପଛୁଆ ବର୍ଗର ଗଣନା କରିବା, ବିଶ୍ୱ ବିଦ୍ୟାଳୟରେ ଏସ୍‌ସି ଏସ୍‌ଟି ଓ ପଛୁଆ ବର୍ଗର ଅଧ୍ୟାପକ ନିଯୁକ୍ତି ପୂରଣ କରିବା, ସାମାଜିକ ସୁରକ୍ଷା ଭତ୍ତା ଏବଂ କଳାକାର ସହାୟତା ଭତ୍ତା ୭ ହଜାର ଟଙ୍କାକୁ ବୃଦ୍ଧି କରିବା, ସମାନୁପାତିକ ଆଧାରରେ ରାଜନୀତିରେ ପ୍ରତିନିଧିତ୍ୱ ବ୍ୟବସ୍ଥା କରିବା, ଇଭିଏମ୍ ଜାଲିଆତି ରୋକିବା, ମାଗଣା ବିଜୁଳି ଯୋଗାଇ ଦେବା, ଜମିହୀନଙ୍କୁ ଜମି ଯୋଗାଇ ଦେବା ଇତ୍ୟାଦି ଦାବିରେ ବକ୍ତାମାନେ ନିଜ ନିଜର ଅଭିମତ ପ୍ରଦାନ କରିଥିଲେ । ଦେଶକୁ ଦୁର୍ନୀତିମୁକ୍ତ ପାଇଁ ଆଉ ଏକ ଆନ୍ଦୋଳନ ଆବଶ୍ୟକତା ଅଛି ବୋଲି କହି ମଞ୍ଚ ସଂଯୋଜକ ସରୋଜ ମେଶ୍ରା ତାଙ୍କ ବକ୍ତବ୍ୟରେ ସରକାରୀ ବ୍ୟବସ୍ଥା ଉପରେ ବର୍ଷିଥିଲେ । ଭୀମ ଆର୍ମି ଜୟ ଭୀମ ସଂଗଠନ ସଭାପତି ଅଚ୍ୟୁତ କୁମ୍ଭାର, ଭାରତ ମୁକ୍ତି ମୋର୍ଚ୍ଚା ତରଫରୁ ଲଳିତ ମହାନନ୍ଦ, ସନ୍ତୋଷ ଛତ୍ରିଆ, ଏସ୍‌ସି ଏସ୍‌ଟି ଓବିସି ସମନ୍ୱୟ ସଭାପତି ଦ୍ୱିଜ ଦଳପତି, ରାଜେନ୍ଦ୍ର ସୁନା, ସନାତନ ଦୀପ, ସସ୍ମିତା ମେହେର, ସୁବାଷିନୀ ସାହୁ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସଂଜୟ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ବାଗ, ଭକ୍ତ ଛତ୍ରିଆ ପ୍ରମୁ ଏଥିରେ ଯୋଗ ଦେଇଥିଲେ ।



**● ନବୋଦୟ, ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା**

# ଡିଏଭି ଗୁରୁକୁଳର ୨୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ



କାଳିମେଳା, ୩୦।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ କାଳିମେଳା ସଦର ସ୍ଥିତ ଡିଏଭି ଗୁରୁକୁଳ ବିଦ୍ୟାଳୟର ୨୮ ଜଣରୁ ୨୦ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇ ଜବାହର ନବୋଦୟ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଚୟନ ହୋଇଛନ୍ତି। ସୋମବାର ଦିନ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ କାଳିମେଳା ଡିଏଭି ଗୁରୁକୁଳ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରିନସିପାଲ ଜୟଦେବ ଦେଓ, ପରିଚାଳନା ନିର୍ଦ୍ଦେଶକ ଅନନ୍ତ ଦାସ, ଅଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ, ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଗଣମାଧ୍ୟମପ୍ରତିନିଧିଙ୍କ ଉପସ୍ଥିତିରେ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ଜୟଦ୍ରତ ରାୟ, ବଦ୍ରିନାଥ ମାଡକାମୀ, ବିଦ୍ୟାସା ମାଢ଼ି, ମଧୁ ବଓ୍ବାଲୀ, ନୁପୁର ହାଲଦାର, ଗଙ୍ଗା ରତନମା ଖିଲୋ, ବିଦ୍ୟାସା ମାଢ଼ି, ଜୟଦ୍ରତ ରାୟ, ଅଭୟ ମଣ୍ଡଳ , ଓମ ପ୍ରକାଶ ଡର୍ଲି, ସୁଧୀର କୁମାର ମାଡକାମୀ, ଶୁଭ କ୍ରିଷ୍ଣ ରାୟ, ଅଙ୍କିତ ମାଢ଼ି, ଲିଜା ହାଲଦାର, ବର୍ଣ୍ଣାଳୀ ଜୋରଦାର, ଅନୁଷ୍କା ରାୟ, ଅନୁଶ୍ରୀ ସରକାର ବଦ୍ରୀନାଥ ମାଡକାମୀ , ଅର୍ଣ୍ଣବ ଦାସ, ରାଜେଶ୍ୱରୀ ମାଡକାମୀ। ନବୋଦୟ ପ୍ରବେଶିକା ପରୀକ୍ଷାରେ ମେଧାବୀ ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାର ସୁଯୋଗ ପାଇଛନ୍ତି। ବିଦ୍ୟାଳୟର ଶିକ୍ଷକ ଅଭିଷେକ ମଲିକଙ୍କ କଠୋର ପରିଶ୍ରମ ବଳରେ ଡିଏଭି ଗୁରୁକୁଳର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରି ଜବାହର ନବୋଦୟ ବିଦ୍ୟାଳୟ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ପରି ଉନ୍ନତ ବିଦ୍ୟାଳୟରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି, ଯାହା କାଳିମେଳା ଅଞ୍ଚଳ ପାଇଁ ବହୁତ ଗର୍ବର ବିଷୟ ବୋଲି କାଳିମେଳା ଡିଏଭି ଗୁରୁକୁଳ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଅନନ୍ତ ଦାସ କହିଛନ୍ତି।

# ତ୍ରୁଟିଲା ଟେଣ୍ଡର ପ୍ରକ୍ରିୟା ଅନିୟମିତତା ବିବାଦ

ରାୟଗଡ଼ା,୩୦।୩ (ସମିସ) :



ଠିକାଦାର ସଂଘ ଓ କ୍ଷୁଦ୍ର ଜଳସେଚନ ବିଭାଗ ଆଲୋଚନା

ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅନୁକମ୍ପା ଓ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତାକୁ ନେଇ ଚଳିତ ମାସରେ ରାୟଗଡ଼ା ଠିକାଦାର ସଂଘ ପକ୍ଷରୁ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ରାୟଗଡ଼ା କାର୍ଯ୍ୟାଳୟ ଘେରାଉ ସହ ରାୟଗଡ଼ା ଥାନାରେ ଏ ନେଇ ଏତଲା ଦିଆଯାଇଥିଲା। ଫଳରେ ଠିକାଦାର ସଂଘ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ କିଛି ଦିନର ବ୍ୟବଧାନ ପରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଠିକାଦାର ସଂଘ ସଦସ୍ୟଙ୍କ ମଧ୍ୟରେ ଆଲୋଚନା ଓ ଆପୋଷ ବୁଝାମଣା ହୋଇପାରିଛି। ପୂର୍ବରୁ ଅନ୍ୟ ଠିକାଦାରମାନେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରି ଯେଉଁ କାମ ପାଉଥିଲେ, ସେଭଳି ଅବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଠିକାଦାର ସଂଘ ଜଣାଇଥିଲେ। ଯାହାକୁ ସରକାରୀ ନିୟମ ପ୍ରକାରେ ସମସ୍ତ ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛତାର ସହ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଥିଲେ। ପରେ ଠିକାଦାର ସଂଘର ଅନେକ ଠିକାଦାର ଆଜି ସ୍କେଡୁଲ ଅଫ୍ ରେଟ୍ ପ୍ରକାରେ ବିଭାଗୀୟ କାମ ପାଇଥିବା ବେଳେ ଜିଲ୍ଲାରେ ସମସ୍ତ କାମ ଉନ୍ନତମାନର କରାଯିବ ବୋଲି ଆଲୋଚନା ହୋଇଥିଲା। ଫଳରେ କିଛି ଦିନ ଧରି ଲାଗି ରହିଥିବା ବିବାଦ ତ୍ରୁଟିଛି ବୋଲି ଠିକାଦାର ସଂଘ ପକ୍ଷରୁ କୁହାଯାଇଛି।

# କୁନ୍ଦୁରାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



କୁନ୍ଦୁରା, ୩୦।୩(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ଏହି ଶୁଣାଣିରେ ଏସ୍‌ପି ରୋହିତ ବର୍ମା, ସିଡିଓ ବେଣୁଧର ଶବର, ପିଏ ଆଇଟିଡିଏ ତୃପ୍ତି ବାରାଇ, ସିଡିଏମଓ ରବି ନାରାୟଣ ମିଶ୍ର, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଗୋଷ୍ଠୀଗତ ୨୭ଟି ଓ ବ୍ୟକ୍ତିଗତ ୨୧ଟି ସମୁଦାୟ ୪୮ ଅଭିଯୋଗ ଶୁଣାଣି କରିଛନ୍ତି । ଗୋଷ୍ଠୀଗତରେ ରାଣୀଗୁଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବଦଳି, ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭିତ୍ତିଭୂମି ପାଇଁ ଜମି ପ୍ରଦାନ, ଆଟିଗାଁ ଜଙ୍ଗଲରୁ ପଥର ଖନନ ନ କରିବା, ଦିଗାପୁର ପ୍ରଧାନୀପୁଟ ଠାରୁ କୋଲାବ ନଦୀ ରାସ୍ତା ଓ ପୋଲ ନିର୍ମାଣ କରିବା, ଆସନା ଠାରେ ନୂତନ ପଞ୍ଚାୟତ ଭବନ ନିର୍ମାଣ ଓ ପିଡିଏସ୍ ସମାଗ୍ରୀ ବଣ୍ଟନ, ଡଙ୍ଗରପାଉଁଶି ପୋଲରେ ଡ୍ରେନ ଓ ମରାମତି ଏବଂ କୁନ୍ଦୁରା ଠାରୁ ଡଙ୍ଗରପାଉଁଶି ପୋଲ ପର୍ଯ୍ୟନ୍ତ ରାସ୍ତା କଡ଼ରେ ବୃକ୍ଷରୋପଣ କରିବା, ୮୦ ବର୍ଷରୁ ଅଧିକ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ, ଆବାସ ଗୃହର ଫାଇନାଲ ବିଲ କରିବା, ମସିଗାଁ ଠାରେ ଟାୱାର ସ୍ଥାପନ, ଗଲରୀଗୁଡ଼ା ଠାରେ ରବି ମଣ୍ଡି ଖୋଲିବା, କେରମେଟି ପଞ୍ଚାୟତ ବାଲିବେଡ଼ା ଛକରୁ ଆମ୍ବଗୁଡ଼ା ଛକ ପର୍ଯ୍ୟନ୍ତ ରାସ୍ତା ମରାମତି, କାପୁଗୁଡ଼ାରେ ନୂତନ ନଳକୂପ ଖନନ ଓ ଚଳିତ ଖରା ଦିନ ପାଇଁ ଟାଙ୍କି ପାଣି ଯୋଗାଣ, ଚଳିତ ରବି ମଣ୍ଡିରେ ଧାନ ବିକ୍ରି ନିମନ୍ତେ ସମୟ ସୀମା ସ୍ୱଳ୍ପତା ଓ ପୂର୍ବରୁ ଦାୟିତ୍ୱରେ ଥିବା ଏସ୍‌ଏଚଜି ଗୁଡ଼ିକ ବିବରଣୀ ପ୍ରଦାନରେ ବିଳମ୍ବ ହେତୁ ଚାଷୀ ପଞ୍ଜିକରଣ କରି ପାରି ନାହାନ୍ତି । ଏହାର ସମୟ ସୀମା ବୃଦ୍ଧି ସାଙ୍ଗକୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ୧୩ ଦଫା ଦାବିପତ୍ର ପ୍ରଦାନ ଆଦି ରହିଥିଲା। ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଶୁଣାଣି ପରେ ମିଶନ ଶକ୍ତି ପକ୍ଷରୁ ଆସନା, ଦିଗାପୁର ଓ ଗର୍ଲାଗୁଡ଼ା ଏସ୍‌ଏଚଜିକୁ ଚେକ ମାଧ୍ୟମରେ ଋଣ ପ୍ରଦାନ ଓ ନୂତନ ହିତାଧିକାରୀ ମାନଙ୍କୁ ପେନସନ ବଣ୍ଟନ କରିଥିଲେ ମଞ୍ଚାସୀନ ଅଧିକାରୀ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ, ବିଡିଓ ପି.ମନସ୍ମିତା, ତହସିଲଦାର ବିନୋଦ କୁମାର ନାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟା କନକ ଲତା ପେଣ୍ଡିଆ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଗଣେଶ ପ୍ରସାଦ ଦାସଙ୍କ ସମେତ ବ୍ଲକ ସ୍ତରୀୟ ବିଭାଗୀୟ ମୁଖ୍ୟ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ବାଇପାସ୍ ରୋଡ୍‌ରେ ଷ୍ଟ୍ରିଟ୍ ଲାଇଟ୍ ଜଳାଇବାକୁ ଦାବି

ଗୁଣୁପୁର, ୩୦।୩(ସମିସ): ବାଇପାସ୍ ରୋଡ୍‌ରେ ଆଲୋକୀକରଣ ପ୍ରଣାଳୀର ଉଦ୍‌ଘାଟନ ଏବଂ କାର୍ଯ୍ୟକାରୀ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ବାଇପାସ୍ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟ ଶେଷ ହୋଇଛି। ତଥାପି ସେଗୁଡିକ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଉପଯୁକ୍ତ ଆଲୋକର ଅନୁପସ୍ଥିତି ଯୋଗୁଁ ସାଧାରଣ ଜନତା ରାତି ସମୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତାଟି ଅନ୍ଧାରରେ ରହି ଦୁର୍ଘଟଣାର ଆଶଙ୍କା ବଢିଯାଇଛି। ପଥଚାରୀ, ଯାତ୍ରୀ ଏବଂ ନିକଟସ୍ଥ ବାସିନ୍ଦାଙ୍କ ମଧ୍ୟରେ ଅସୁରକ୍ଷା ଭାବନା ସୃଷ୍ଟି ହେଉଛି। ଏଣୁ ବାଇପାସ୍ ରୋଡ୍ ଲାଇଟ୍‌ର ଉଦଘାଟନ ଏବଂ ସକ୍ରିୟତା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଯଥାଶୀଘ୍ର ଗ୍ରହଣ କରିବା ପାଇଁ ଦାବି ଜୋର ଧରିଛି।

# ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଂଗଠନର ବିଶ୍ୱ ନାଟ୍ୟ ଦିବସ



ମାଲକାନଗିରି,୩୦।୩(ସମିସ): ମାଲକାନଗିରି ଜିଲ୍ଲାର ଲୋକକଳା ଗ୍ରାମ କୁହାଯାଉଥିବା ବିରଲକ୍ଷ୍ମଣପୁର ଗ୍ରାମର ଆମ୍ବତୋଟାରେ ମାଲ୍ୟବନ୍ତ ଦେଶିଆ ନାଟଗୁରୁ ସାଂସ୍କୃତିକ ସଂଗଠନ ପକ୍ଷରୁ ସଭାପତି ଅନାଦି କଡ଼ାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ନାଟ୍ୟଦିବସ ପାଳିତ ହୋଇଯାଇଛି। ଉତ୍ସବରେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ରତ୍ନାକର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ନାଟ୍ୟ ଦିବସ ଓ ନାଟକ ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦେଶିଆ ନାଟ ଦ୍ୱାରା କଳା ସଂସ୍କୃତି ବଞ୍ଚିରହିଛି। ମଞ୍ଚ ନାଟକ ଦ୍ୱାରା ଆବାହମାନ କାଳରୁ ସମାଜ ପ୍ରଭାବିତ ହୋଇ ଆସିଛି। ସମାଜରେ ସୁଧାର ଆଣିବା ପାଇଁ ନାଟକର ପରମ୍ପରାକୁ ଉଜ୍ଜୀବିତ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନାଟଗୁରୁ ଧନଫୁଲ ବାରିକ, ସମ୍ମାନିତ ଅତିଥି ଭାବେ ନାଟଗୁରୁ ଭୀମସେନ ଖୁଡ଼ପିଆ, ନାଟ୍ୟକାର ଦାମ ଦରକଡ଼ା, ଅନ୍ୟତମ ଅତିଥି ଭାବେ ରାମଚନ୍ଦ୍ର ହନ୍ତାଳ, ଅନନ୍ତ ବର୍ଜା ଯୋଗ ଦେଇ ଦେଶିଆ ନାଟରେ ଥିବା ଆଦର୍ଶ, ନୀତି, ରୀତି ଓ ସମାଜିକ ମୂଲ୍ୟବୋଧ ସମ୍ପର୍କରେ ସୁନ୍ଦର ଭାବରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ନାଟଗୁରୁ ଓ ଦେଶିଆ ନାଟ ଦଳର କଳାକାର ମାନେ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଲୋକ କଳା ଗ୍ରାମର ମହିଳା ମାନେ ସ୍ୱରଚିତ ଗୀତ ଗାଇଥିଲେ।

# ୫୫ଟି ଅଭିଯୋଗର ଶୁଣାଣି କଲେ ଅତିରିକ୍ତ ଜିଲ୍ଲାପାଳ



ବିଷମକଟକ, ୩୦।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ଗୁନସରବାର୍ଲା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡି. ସରୋଜିନି ଦେବୀ ଉପସ୍ଥିତ ରହି ମୋଟ ୫୫ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଏହି ଅଭିଯୋଗ ଗୁଡିର ତୁରନ୍ତ ଫଇସଲା କରିବା ନିମନ୍ତେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ନାୟକ। ମୋଟ ଅଭିଯୋଗ ମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ବିଶେଷ କରି ପାନୀୟଜଳ ସମସ୍ୟା, ରାସ୍ତାଘାଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ଓ ଭତ୍ତା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ନେଇ ଦରଖାସ୍ତ ଦାଖଲ ହୋଇଥିଲା। ଅଭିଯୋଗ ଶୁଣାଣିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବିଷମକଟକ ବିଡିଓ ଶିବପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଭିଯୋଗ ଶୁଣାଣିରେ ବିଷମ କଟକ ଏସ୍‌ଡିପିଓ ସନ୍ତୋଷୀନି ଓରାମ, ବ୍ଲକର ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରାଜଶ୍ରୀ ପାତ୍ର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ଶାସମଲ, ପଞ୍ଚାୟତ ଅଧିକାରୀ ସୁଦିପ କ୍ରିଷ୍ଣା ବେହେରା, ବ୍ଲକ ଯୋଗାଣ ଅଧିକାରୀ ଧିରେନ ସାହୁ, ବିଏସ୍‌ଏସ୍‌ଓ ମୁନା ତାଡିଙ୍ଗି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରକ୍ତ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ



ପଟ୍ଟାଙ୍ଗି,୩୦।୩(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ସହର ଠାରେ ଉଦ୍‌ଘାଟନ ହେଲା ପ୍ରେମା ରକ୍ତ ପରୀକ୍ଷା କେନ୍ଦ୍ର। ପଟ୍ଟାଙ୍ଗି ବସ୍‌ଷ୍ଟାଣ୍ଡ ନିକଟ ତଥା ଡାକଘର ସମ୍ମୁଖରେ ଉକ୍ତ ପ୍ରେମା ରକ୍ତ ପରୀକ୍ଷା କେନ୍ଦ୍ରଟି ଆଜି ଠାରୁ ପରିଚାଳିତ ହୋଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରକ୍ତ ପରୀକ୍ଷା କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ଗୁପ୍ତ ଶଙ୍କର ପଟ୍ଟନାୟକ, ବିଜେପି ଜିଲ୍ଲା ସମ୍ପାଦକ ବଳରାମ ବାରିକ, କଂଗ୍ରେସ ବ୍ଲକ୍ ସଭାପତି ଅର୍ଜୁନ ବାଙ୍କା, ବିଜେଡି ବ୍ଲକ୍ ସଭାପତି ଜୟସିଂ ପଡାସେଠୀ, ସମାଜସେବୀ ପ୍ରତାପ ଚୈଉଧୁରୀଙ୍କ ସହ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦାନ ଦେଇଥିଲେ। ଆଜିଠାରୁ ଏଠାରେ ଅଞ୍ଚଳବାସୀ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରିବାର ସୁବିଧା ପାଇବେ।

# ଗଣେଶ ମାଳିଙ୍କୁ ଜ୍ୟୋତିଷ ବାଚସ୍ପତି ସମ୍ମାନ



ଟିକିରି,୩୦।୩(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ସାନମାଟିକଣା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜ୍ୟୋତିର୍ବିଦ୍ ଗଣେଶ ମାଳୀ ରବିବାର ଦିନ କଟକରେ ଏକ ଦିବସୀୟ ରାଜ୍ୟ ସ୍ତରୀୟ ଜ୍ୟୋତିଷ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାର କୋଣ ଅନୁକୋଣରୁ ବିଶିଷ୍ଟ ଜ୍ୟୋତିର୍ବିଦଗଣ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଗୁଣପୁରର ଯୁବ ପ୍ରତିଭା ଜ୍ୟୋର୍ତିବିତ୍ ତଥା ସାନମାଟିକଣା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡକ୍ଟର ଗଣେଶ ମାଳି ଯୋଗଦେଇ ଜ୍ୟୋତିଷ ଓ ମନ୍ତ୍ର ଶକ୍ତିର ମାହାତ୍ମ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମିଳନୀରେ ଶ୍ରୀ ମାଳିଙ୍କୁ ଜ୍ୟୋତିଷ ବାଚସ୍ପତି ସମ୍ମାନ ପ୍ରାପ୍ତ ହୋଇଥିଲା।

**ମୌସୁମୀ ପୂର୍ବରୁ ସେତୁ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ**

# ନିର୍ମାଣାଧୀନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ



ମାଲକାନଗିରି,୩୦।୩(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ଏହି ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ମାଛକୁଣ୍ଡ ନଦୀ ଉପରେ ନିର୍ମାଣାଧୀନ ବିଶୋଇଗୁଡ଼ାରୁ ଯନ୍ତ୍ରୀ ଏବଂ ଯନ୍ତ୍ରୀରୁ ଦିଶାରୀଗୁଡ଼ା ମଧ୍ୟରେ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବ ପ୍ରଥମେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବିଶୋଇଗୁଡ଼ା-ଯନ୍ତ୍ରୀ ସେତୁ କାର୍ଯ୍ୟ ଅନୁଧ୍ୟାନ କରିଥିଲେ ଜିଲ୍ଲାପାଳ। ବର୍ଷା ଦିନେ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଥିବାରୁ ମୌସୁମୀ ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ସେ ବିଭାଗୀୟ ଯନ୍ତ୍ରୀ ଓ ଠିକାସଂସ୍ଥାକୁ ତାଗିଦ୍ କରିଛନ୍ତି। କଞ୍ଚାମାଲ ସମସ୍ୟାର ସମାଧାନ ପାଇଁ ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ହେଉଥିବା ବାଲି ଓ ମାଟିର ଅଭାବ ସମ୍ପର୍କରେ ସେ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ଠିକାସଂସ୍ଥା ଯେପରି ସହଜରେ ନିକଟସ୍ଥ କ୍ୱାରୀରୁ ସାମଗ୍ରୀ ଉଠାଇ ପାରିବେ, ସେଥିପାଇଁ ତୁରନ୍ତ ସ୍ଥାନ ଚିହ୍ନଟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଯନ୍ତ୍ରୀ-ଦିଶାରୀଗୁଡ଼ା ସେତୁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସେ ସମ୍ପୃକ୍ତ ଏଜେନ୍ସିକୁ ତୁରନ୍ତ ଏକ ସଂଶୋଧିତ କାର୍ଯ୍ୟ ଯୋଜନା ଦାଖଲ କରି କାର୍ଯ୍ୟ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଏହି କ୍ଷେତ୍ର ପରିଦର୍ଶନ ସମୟରେ ମାଲକାନଗିରି ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ସିଡିଓ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଗ୍ରାମ୍ୟ ଉନ୍ନୟନ ବିଭାଗ-୧ ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରି, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡା ଏବଂ ଅନ୍ୟାନ୍ୟ ଜିଲ୍ଲା ଓ ବ୍ଲକ ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବର୍ଷା ଦିନେ ସ୍ୱାଭିମାନ ଅଞ୍ଚଳବାସୀଙ୍କ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଏହି ସେତୁଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



## ସୁଧୁରୁନି ମଣ୍ଡି ଅବ୍ୟବସ୍ଥା | ବଳକା ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ

**ରାଇରଙ୍ଗପୁର, ୩୦।୩(ସମିସ)**

ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପରେ ମଧ୍ୟ ଧାନମଣ୍ଡିର ଅବ୍ୟବସ୍ଥାର ସୁଧାର ହେଉନାହିଁ। ଅବ୍ୟବସ୍ଥା ପାଇଁ ଚାଷୀ ଧନ୍ଦୀ ହେଉଛନ୍ତି। ଧାନ ବିକ୍ରି କରିବାକୁ ଚାଷୀ ଅପେକ୍ଷା କରିଥିବାବେଳେ ବିଭାଗୀୟ ମନମାନି ପାଇଁ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବହଳଦା ତହସିଲ ଅନ୍ତର୍ଗତ ବିଞ୍ଜୁଆ ଗ୍ରାମର ଜୟନ୍ତ କୁମାର ମହାପାତ୍ର ବହଳଦା ଲ୍ୟାମ୍ପରେ ବଳକା ଧାନ ବିକ୍ରୟ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆସନ୍ତା ଏପ୍ରିଲ ୨ରୁ ଲ୍ୟାମ୍ପ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଖରିପ ୨୦୨୫-୨୬ରେ ନିଜ ଜମିରେ ଉତ୍ପାଦନ କରିଥିବା ଧାନ ବିକ୍ରୟ ନିମନ୍ତେ ବହଳଦା ଲ୍ୟାମ୍ପରେ ପଞ୍ଜିକରଣ କରିଥିଲେ। ବିକ୍ରୟ କରିବାକୁ ଆସିଥିବାବେଳେ ୯୬ କ୍ୱିଣ୍ଟାଲ ୮୭ କିଲୋଗ୍ରାମ ଧାନ ଲ୍ୟାମ୍ପରେ ବିକ୍ରି କରିଥିଲେ। ଏହାପରେ ପ୍ରାୟ ୫୫ କ୍ୱିଣ୍ଟାଲ ଧାନ ବିକ୍ରି ହୋଇ ନ ପାରି ବଳକା ରହିଯାଇଛି। ତାହାକୁ ପରେ ବିକ୍ରି କରିବା ପାଇଁ ଲ୍ୟାମ୍ପ କର୍ତ୍ତୃପକ୍ଷ ତାଙ୍କୁ କହିଥିଲେ। କିନ୍ତୁ ପରେ ତାହା ସମ୍ଭବ ହୋଇ ନ ଥିଲା। ବହୁ ପରିମାଣର ଧାନ ଥିବାବେଳେ ତାହାକୁ ଲ୍ୟାମ୍ପରେ ବିକ୍ରି କରି ନ ପାରି ଦଲାଲଙ୍କୁ ବିକ୍ରି କଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବ। ବଳକା ଧାନ ବିକ୍ରି କରିବା ନିମନ୍ତେ ଅଭିଯୋଗ ଜଣାଇଥିଲେ। ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଦୁଇଥର ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ। ସମସ୍ୟାର ସମାଧାନ କରିବାକୁ ତୁରନ୍ତ ଧାନ ସଂଗ୍ରହ କରିବାକୁ ସିଏସଓ ଓ ଡିଆରସିଏସଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ଅଧିକାରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶଙ୍କୁ ଅବଜ୍ଞା କରି ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ସଂଗ୍ରହ କରିନାହାନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଇରଙ୍ଗପୁର ବିଧାୟକ, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଏଆରସିଏସ ଓ ବହଳଦା ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। କିନ୍ତୁ ଏହାପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଚାଷୀ ଜଣକ ଶୀତ, ଖରା ଓ ବର୍ଷାକୁ ଖାତର ନକରି ଅମଳ କରୁଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ମନମାନି ପାଇଁ ଧାନ ବିକ୍ରି କରିବାକୁ ଧନ୍ଦୀ ହେଉଛନ୍ତି। ସ୍ଥାନୀୟ ସାଂସଦ, ବିଧାୟକ ଓ ସରକାରୀ ବାବୁ ସବୁ ଜାଣି ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ସେ ବଳକା ଧାନ ବିକ୍ରି କରିବା ପାଇଁ ବାଧ ହୋଇ ବହଳଦା ଲ୍ୟାମ୍ପ ସମ୍ମୁଖରେ ଏପ୍ରିଲ ୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଯେପର୍ଯ୍ୟନ୍ତ ତାଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେ ତାଙ୍କର ଆନ୍ଦୋଳନ ଜାରି ରଖିବେ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଜଣାଇଛନ୍ତି। ଏ ନେଇ ଲିଖିତ ଅଭିଯୋଗ ପତ୍ର ବହଳଦା ତହସିଲଦାର, ଲ୍ୟାମ୍ପ ଏମଡି, ଥାନା ଅଧିକାରୀ ଆଦିଙ୍କୁ ପ୍ରଦାନ କରିଛନ୍ତି। ଏ ବାବଦରେ ବହଳଦା ତହସିଲଦାର ଶିବ ପ୍ରସାଦ ମୁର୍ମୁଙ୍କୁ ପଚାରିବାରୁ ଅଭିଯୋଗ ପତ୍ର ସେ ପ୍ରଦାନ କରିଛନ୍ତି। ତେବେ ଅଭିଯୋଗ ବାବଦରେ ଯାଞ୍ଚ କରି ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ରାଜ୍ୟ ସରକାର ଧାନ ମଣ୍ଡି ନିୟମ ନେଇ ଯାହା ଘୋଷଣା କରିଛନ୍ତି, ବାମନଘାଟି ଉପଖଣ୍ଡର ମଣ୍ଡିରେ ତାହାର ବିପରୀତ ଚିତ୍ର ଦେଖାଯାଉଛି। ମଣ୍ଡି ଅବ୍ୟବସ୍ଥା ନେଇ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବାବେଳେ ସମାଧାନରେ ବିଳମ୍ବ ହେଉଛି। ଗୋଟିଏ ପଟେ ମଣ୍ଡିରେ ଚାଷୀ କଟନୀ ଛଟନୀର ଶିକାର ହେଉଛନ୍ତି ତ ଅନ୍ୟପଟେ ଧାନ ବିକିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅବ୍ୟବସ୍ଥା ସୁଧାର ନେଇ ପଦକ୍ଷେପ ଗ୍ରହଣ କରିବାର ନିହାତି ଆବଶ୍ୟକତା ରହିଛି।

**ବିଧାୟକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବି ପଦକ୍ଷେପ ଶୂନ୍**

**ଏପ୍ରିଲ ୨ରୁ ଚାଷୀଙ୍କ ଆମରଣ ଅନଶନ ଚେତାବନୀ**

## ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ୍ ପ୍ରତିଯୋଗିତା




**ରାଇରଙ୍ଗପୁର, ୩୦।୩(ସମିସ):** ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ ଇନ୍ନୋଭେସନ୍ ଆଣ୍ଡ ଷ୍ଟାଟଅପ୍ ପ୍ରତିଯୋଗିତା ଆଧାରିତ ଏକ ଅଭିନବ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଇଗ୍ନୋ ଆଞ୍ଚଳିକ ନିର୍ଦ୍ଦେଶକ ଡ ବଂଶୀଧର ବାରିକ ଓ ସହଧର୍ମିଣୀ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏଥିରେ ଅଧ୍ୟକ୍ଷ ରବି ଶଙ୍କର ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଜୟ କୁମାର ରାମ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବରିଷ୍ଠ ଅଧ୍ୟାପିକା ରାଜଶ୍ରୀ ଦାଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ କହିଥିଲେ। ମାଟିର ବରପୁତ୍ର ପଦ୍ମଶ୍ରୀ ଚରଣ ହେମ୍ବ୍ରମ କଳା, ସଂସ୍କୃତି ଓ ସୃଜନଶୀଳତା ବିଷୟବସ୍ତୁ ଉପରେ ଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଅଧ୍ୟାପିକା ତିଲୋତ୍ତମା ଷଡ଼ଙ୍ଗୀ, ପ୍ରିୟତମା ହେମ୍ବ୍ରମ, ରେଣୁକା ମହାନ୍ତ, ଅନୀତା ସାମାଡ, ବିଦ୍ୟାବତୀ ବେହେରା, ଗୁଞ୍ଜନ ଖଣ୍ଡେଲୱାଲ ଓ ଅନୁପ୍ରିୟା ମହାନ୍ତ, ବବିତା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଏ ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସୃଜନଶୀଳ ବାଉଁଶ କାରିଗରୀ, ମେହେନ୍ଦୀ କଳା ଓ ମାଣ୍ଡିଆରୁ ପ୍ରସ୍ତୁତ ଘରୋଇ ଖାଦ୍ୟ ପ୍ରସ୍ତୁତି ଉପରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଞ୍ଚଳର ତାଲିମପ୍ରାପ୍ତ ଉଦ୍ୟୋଗୀ ରୀନା ପ୍ରଧାନ ଛାତ୍ରୀଙ୍କୁ ବାଉଁଶ ଶିଳ୍ପର ଚାହିଦା ସମ୍ପର୍କରେ ଅବଗତ କରିଥିଲେ। ମହିଳା ମହାବିଦ୍ୟାଳୟର ନୋଡାଲ ଅଫିସର ଅଧ୍ୟାପିକା ଶୁଭଦର୍ଶନୀ ମିଶ୍ର ଏହି କାର୍ଯ୍ୟକ୍ରମର ନିୟମିତ ଆୟୋଜନ ଦ୍ୱାରା ଯୁବସମାଜ ଆତ୍ମନିର୍ଭରଶୀଳ ହେବା ଉପରେ ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ସଞ୍ଜନା ଧଳ, ପାର୍ବତୀ ଜେନା ଓ ଅନ୍ୟମାନେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।

## ମୋବାଇଲ ଦୋକାନରୁ ଚୋରି

**ରାଇରଙ୍ଗପୁର, ୩୦।୩(ସମିସ):** ମୋବାଇଲ ଦୋକାନରୁ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଏ ନେଇ ବଡ଼ଦୁନ୍ଦୁ ଗ୍ରାମର ମହମ୍ମଦ ରିଜୱାନ ବହଳଦା ଥାନାରେ ଅଭିଯୋଗ କରିଛନ୍ତି। ବହଳଦା ବଜାରରେ ଥିବା ମୋବାଇଲ ଦୋକାନକୁ ରାତିରେ ବନ୍ଦ କରିଥିଲେ। ରାତିରେ ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ପ୍ରବେଶ କରି ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୫୦, ୦୦୦ ଟଙ୍କା ହେବ। ସକାଳୁ ଦୋକାନ ଖୋଲିବା ବେଳେ ଘଟଣା ବାବଦରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି।

## ଗର୍ଭବତୀ ଓ ପ୍ରସୂତି ମାଆଙ୍କୁ ସ୍ୱାସ୍ଥ୍ୟ ଓ ହାଇଜିନ୍ କିଟ୍ ବିତରଣ



**ମହୁଲଡିହା, ୩୦।୩(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ନୁଦଡିହା ଦ୍ୱାରା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜରକ, ଚମ୍ପାଝର, ତରାମରା ପଞ୍ଚାୟତର ଗର୍ଭବତୀ ଓ ପ୍ରସୂତି ମାଆମାନଙ୍କୁ ସ୍ୱାସ୍ଥ୍ୟ ଓ ହାଇଜିନ୍ କିଟ ବଣ୍ଟନ ଅଭିଯାନ ଆରମ୍ଭ ହୋଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଓ ବଣପାହାଡ଼ ଘେରା ଉପାନ୍ତ ଗ୍ରାମରେ ବସବାସ କରୁଥିବା ମାଆମାନଙ୍କ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରି ସଂକ୍ରାମକ ରୋଗ ଡାଇରିଆ, ଯକ୍ଷ୍ମା, ସର୍ଦ୍ଦିକାସ, ମ୍ୟାଲେରିଆ, କାଛୁ, କୁଣ୍ଡିଆ ଆଦି ରୋଗରୁ ରକ୍ଷା କରିବା। ଏହି କ୍ରମରେ ଆଜି ତରାମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଫୁଟା, ଡକେଇପାଳ ଓ ତରାମରା ଅଙ୍ଗନବାଡି କେନ୍ଦ୍ରରେ ୮୦ରୁ ଅଧିକ ଗର୍ଭବତୀ ଓ ପ୍ରସୂତି ମାଆମାନଙ୍କୁ ଏହି କିଟ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଙ୍ଗନାୱାଡି ସୁପରଭାଇଜର ପଙ୍କଜିନୀ ବାରିକ, କୋଷାଧ୍ୟକ୍ଷ ଗଜେନ୍ଦ୍ର ନାଥ ବେହେରା, ସଂଯୋଜକ ବଂଶୀଧର ବେହେରା ଓ ଗୀତାଞ୍ଜଳି ବେହେରା ପରିଚାଳନା କରିଥିଲେ। ଜରକ ଓ ଚମ୍ପାଝର ପଞ୍ଚାୟତରେ ଏହା ଉଦଘାଟନ ହୋଇ ପର୍ଯ୍ୟାୟକ୍ରମେ ମହୁଲଡିହା, କେଶଡିହା, ଭାଲିଆଡାଳ, ହାତୀଗଡ଼ା, ସଲେଇବେଡା ଓ ସାତକୋଶିଆକୁ ସାମ୍ପ୍ରସାରିତ ହେବ ବୋଲି ଅନ୍ୱେଷଣ କୋଷାଧ୍ୟକ୍ଷ ଗଜେନ୍ଦ୍ର ନାଥ ବେହେରା ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାଂସଦ | ଜିଲ୍ଲାର ବିକାଶ ପାଇଁ ଅର୍ଥ ଅନୁମୋଦନ ଦାବି

**ରାଇରଙ୍ଗପୁର, ୩୦।୩(ସମିସ):** ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ ନିମନ୍ତେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଦାବି ଉପସ୍ଥାପନ କରିଛନ୍ତି। ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅର୍ଥରାଶି ପ୍ରଦାନ ପାଇଁ ଜଣାଇଛନ୍ତି। ଜିଲ୍ଲାର ସାମଗ୍ରିକ ବିକାଶ, ଅନ୍ତର୍ଗତ ପ୍ରକଳ୍ପ ଓ ସ୍ଥାନୀୟ ଆବଶ୍ୟକତା ଉପରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି। ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ବିଭିନ୍ନ ପ୍ରକଳ୍ପ ପାଇଁ ଅର୍ଥରାଶି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଜିଲ୍ଲାର ଉନ୍ନୟନ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପୁନର୍ବ୍ୟକ୍ତ କରିବେ ବୋଲି ସାଂସଦ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି। ପୂର୍ବରୁ ଘୋଷଣା ହୋଇଥିବା ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଶିଳ୍ପ ସ୍ଥାପନ ପାଇଁ ବିଶେଷ ପ୍ୟାକେଜ୍ ଘୋଷଣା କରିବା, ଏହାକୁ ତ୍ୱରିତ କରିବା ନେଇ ଦାବି ଉପସ୍ଥାପନ କରିଛନ୍ତି।



## ମୟୂରଭଞ୍ଜ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ






**ବାରିପଦା, ୩୦।୩(ସମିସ)**

ନବନିର୍ମିତ ନିଜସ୍ୱ ସଭାଗୃହରେ ସଦସ୍ୟ/ସଦସ୍ୟା ଓ କର୍ମକର୍ତ୍ତା ତଥା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ଯୋଗଦେଇଥିବା ସାରସ୍ୱତ ଅନୁରାଗୀଙ୍କ ହର୍ଷ ଉଲ୍ଲାସ ମଧ୍ୟରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଓଡ଼ିଆ ଭାଷା ଓ ଉତ୍କଳୀୟ ସଂସ୍କୃତିର ପ୍ରତୀକ ପରିଷଦର ପତାକା ଉତ୍ତୋଳନ ପରେ କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ଅତଥି ପରିଚୟ ପ୍ରଦାନ କ୍ରମେ ସଭାପତି ପଦ୍ମନାଭ ସାହୁ ଉତ୍ସବରେ ପୌରୋହିତ୍ୟ କରିଥିଲେ। ପରିଷଦର ବାର୍ଷିକ ବିବରଣୀ ସମ୍ପାଦକ ଇଂ. ମନୋଜ ଦଳବେହେରା ଉପସ୍ଥାପନ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ପ୍ରମୋଦ ଶତପଥୀ ମୁଖ୍ୟଅତିଥି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବିଶେଷ ସମ୍ମାନିତ ଅତିଥି, ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ, ଉତ୍କଳୀୟ ଅସ୍ମିତା ଓ ପରମ୍ପରାର ସୁରକ୍ଷା ଦିଗରେ ପରିଷଦର ସୁଦୀର୍ଘ ୪୧ ବର୍ଷର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ଅତିଥିମାନେ ପରିଷଦର ବାର୍ଷିକ ପତ୍ର 'ମୟୂରାକ୍ଷୀ' ଉନ୍ମୋଚନ କରିଥିଲେ। ଏ ଅବସରରେ ବର୍ଷିୟାନ ସାହିତ୍ୟିକ ନରସିଂହ ବାରିକ, ବରିଷ୍ଠ କବୟିତ୍ରୀ ହାରାମଣି ଦଳେଇ, ବିଶିଷ୍ଟ ଲେଖକ ରାମ ନାରାୟଣ ଗିରି, କବୟିତ୍ରୀ ରାଜଲକ୍ଷ୍ମୀ ଦାସ, ଯୁବ ଲେଖିକା ସୁଚରିତା ବେହେରାଙ୍କୁ 'ମୟୂରଭଞ୍ଜ ସାହିତ୍ୟ ସମ୍ମାନ', 'ସରୋଜିନୀ ପ୍ରଫୁଲ୍ଲ ଓତା ସ୍ମୃତି ସମ୍ମାନ', 'ସଲୀଳା ମହାନ୍ତି ସ୍ମୃତି ସମ୍ମାନ' ଓ 'ଲକ୍ଷ୍ମୀ କୁମାରୀ ଦାସ ଯୁବ ଲେଖକ ସମ୍ମାନ' ପ୍ରଦାନ କରାଯାଇଥିଲା। ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ, ପାର୍ବତୀ ବାରିକ, ଗୋପାଳ ଚନ୍ଦ୍ର ସାଓ, ଶର୍ମିଷ୍ଠା ମହାନ୍ତି ଓ ସୁଶ୍ରୀ ଭାରତୀ ବେବର୍ତ୍ତା ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ।

ବିଗତ ଦିନରେ ପରିଷଦର ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିବା ମହର୍ଷି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଅଶୋକ କରଙ୍କୁ ପୁଷ୍ପ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ପୌରୋପାଳିକା କାଉନସିଲର୍ ସୁକେଶିନୀ ସେଠୀଙ୍କୁ ମଧ୍ୟ ସମ୍ମାନିତ କରାହୋଇଥିଲା। ଏତଦ୍‌ବ୍ୟତୀତ ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସହରକୁ ଅଧିକ ଗତିଶୀଳ କରିବାରେ ଯତ୍ନବାନ ଥିବା ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଅନୁପସ୍ଥିତି ହେତୁ ପ୍ରଦାନ ହୋଇପାରି ନ ଥିବାରୁ 'ମୟୂରଭଞ୍ଜ ପୁସ୍ତକ ମେଳା' ସମ୍ମାନ ପ୍ରଦାନ କରାଯାଇଥିଲା। ଏ ଅବସରରେ କବି ନରସିଂହ ବାରିକଙ୍କ କବିତା ପୁସ୍ତକ 'ମନ ନିର୍ଝରିଣୀ' ଲୋକାର୍ପିତ ହୋଇଥିଲା। ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଅଜିତ କବାଟ, ସହସମ୍ପାଦକ ଶିଉଲାଲ ମହାନ୍ତ, ସଦସ୍ୟ ସୁନୀଲ ଜେନା, ଶଙ୍କର ଜେନା, ଅଜୟ ପାଲ, କୁମାର ବାବୁଲି ଓ ସୁଶ୍ରୀ ଜ୍ୟୋତ୍ସ୍ନାରାଣୀ ମୁଦି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯୁଗ୍ମ ସମ୍ପାଦିକା ବାସନ୍ତୀ ଲତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନର ସାହିତ୍ୟ ସଭା ଓ କବିତା ପାଠ ଉପ ଭାପତି ଜୟନ୍ତ କୁମାର ଦ୍ୱାରିଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ଅଧ୍ୟକ୍ଷା ବୀଣାପାଣି ଦାଶ ମୁଖ୍ୟଅତିଥି ଓ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ପୁଷ୍ପା ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କବି ଡଃ ଶଶିଧର ବିଶ୍ୱାଳ ଓ ବରିଷ୍ଠ କବୟିତ୍ରୀ ସୁଶ୍ରୀ ବୀଣାପାଣି ପଣ୍ଡା କବିତା ଆସର ପରିଚାଳନା କରିଥିଲେ। ସମ୍ପାଦକ ଇଂ. ମନୋଜ ଦଳବେହେରା ଧନ୍ୟବାଦ ଦେଇଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

**ବିଶୋଇ, ୩୦।୩ (ସମିସ):** ମଣଦା କଲ୍ୟାଣ ମଣ୍ଡପରେ ମଣଦା ମଣ୍ଡଳ ପ୍ରଶିକ୍ଷଣ ବର୍ଗସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ସାରସକଣା ବିଧାୟକ ଭାଦବ ହାଁସଦା ଓ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭଦ୍ରକ ଜିଲ୍ଲା ପ୍ରଭାରୀ ସଞ୍ଜୀବ ମହାନ୍ତି, ମହେନ୍ଦ୍ର ମାର୍ଣ୍ଡି ପ୍ରମୁଖ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଚତୁର୍ଥ ସତ୍ରରେ ଆସି ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ସାଧାରଣ ସମ୍ପାଦକ ବିପିନ ବିହାରୀ ମହାନ୍ତ ପ୍ରଥମ ଦିନରେ କାର୍ଯ୍ୟକ୍ରମକୁ ବିରାମ ଦେଇଥିଲେ। ଦ୍ୱିତୀୟ ଦିନରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ଉପସଭାପତି ତାପସ ଦତ୍ତ ଓ ସତ୍ୟରଞ୍ଜନ ମଣ୍ଡଳ ଅଭିଭାଷଣ ରଖିଥିଲେ। ପ୍ରଶିକ୍ଷଣରେ ମଣ୍ଡଳର ବିଶୋଇ ବ୍ଲକ ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ମଣଦା ମଣ୍ଡଳ ସଭାପତି ପ୍ରଭାତ ଗିରି, ସାଧାରଣ ସମ୍ପାଦକ ବାସୁଦେବ ମୁର୍ମୁ, କୋଷାଧ୍ୟକ୍ଷ ଲୋକନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

**ଶ୍ରୀଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ**

## 'ଭଲ ମଣିଷ ଗଢ଼ିବାରେ ଶିକ୍ଷାନୁଷ୍ଠାନର ଭୂମିକା ଅପରିହାର୍ଯ୍ୟ'




**ଉଦଳା, ୩୦।୩ (ସମିସ):** ଭଲ ମଣିଷ ଗଢ଼ିବାରେ ଶିକ୍ଷାନୁଷ୍ଠାନର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ତା'ଛଡା ଆଜିର ଛାତ୍ରଛାତ୍ରୀ ନିଜକୁ ସଂସ୍କାରି ହେବା ସହିତ ଦେଶ ଗଠନ କରିବାର ଭୂମିକା ଶିକ୍ଷାରୁ ହିଁ ମିଳିଥାଏ ବୋଲି ଉଦଳା ବ୍ଲକ ଡିହିରାକୁଳ ଗ୍ରାମର ଶ୍ରୀଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ସମାରୋହରେ ଅତିଥି ଭାବେ ବିଧାୟକ ଭାସ୍କର ମଢେଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିନତୀ ମଞ୍ଜରୀ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ସାହୁ, ପଞ୍ଚାୟତ ସମିତି ସଦସ୍ୟା ଗୌରୀମଣି ପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ଭୂମିକା ବିଷୟରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଗତ ରବିବାର ସନ୍ଧ୍ୟା ୭ ଘଟିକା ସମୟରେ ବିଦ୍ୟାଳୟ ନିକଟସ୍ଥ ଡିହିରାକୁଳ ଦୋଳ ପଡ଼ିଆରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥିଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭାକୁ ରମେଶ ଚନ୍ଦ୍ର ପୃଷ୍ଟି ପରିଚାଳନା କରିଥିବାବେଳେ ଉଦଘୋଷିକା ଭାବେ ପ୍ରିୟା ପ୍ରମୋଦିନୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ସେନାପତିଙ୍କ ସମେତ ସମସ୍ତ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ମଙ୍ଗଳବାର ୩୧ ତାରିଖ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପଣ୍ଡା ଅବସର ଗ୍ରହଣ କରୁଥିବାରୁ ଶିକ୍ଷାନୁଷ୍ଠାନ ତରଫରୁ ବିଧାୟକ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

KERALA ENGLISH MEDIUM SCHOOL
Affiliated to CBSE, New Delhi (Senior Secondary)
ADMISSION OPEN 2026-27
XI (SCIENCE & COMMERCE)
• CBSE SCHOOLING
• IIT - JEE COACHING
• MEDICAL COACHING
• OLYMPIADS COACHING
A RESIDENTIAL-CUM-DAY SCHOOL
SEPARATE HOSTEL FACILITIES FOR BOYS AND GIRLS
9439060431, 8260283695
SHIKSHA NAGARI, CHAMPUA, KEONJHAR, ODISHA-758041
principal.kems@yahoo.com www.kemschampua.org





ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ନବନିର୍ବାଚିତ ସାଂସଦ ଦିଲ୍ଲୀପ ରାୟ

# ଏନ୍ଆଇଟି ଗବେଷକଙ୍କ ଦ୍ୱାରା ଟ୍ରାକ୍ ମଲ୍ଟି-ସେନ୍ସର ସିଷ୍ଟମ୍ ବିକଶିତ

**ରାଉରକେଲା, ୩୦।୩(ସମିସ)**

ଏନ୍ଆଇଟି ରାଉରକେଲାର ଗବେଷକମାନେ ଏକ ଏଆଇ-ସକ୍ଷମ ସିଷ୍ଟମ୍ ବିକଶିତ କରିଛନ୍ତି ଯାହା ମଣିଷଙ୍କ ଶୋଇବା ପୋଷଣକୁ ଟ୍ରାକ୍ କରିପାରିବ। ଏହା ସ୍ୱାସ୍ଥ୍ୟସେବା ସେଟିଂରେ ଉପଯୋଗୀ, କାରଣ ଏହା ରୋଗୀମାନଙ୍କୁ କମ୍ବଳରେ ଆଚ୍ଛାଦିତ କରିବା ସମୟରେ ସେମାନଙ୍କର ଗୋପନୀୟତା ବଜାୟ ରଖିବା ସହିତ ନିରୀକ୍ଷଣ କରିବାର ଏକ ଅଣ-ହସ୍ତକ୍ଷେପକାରୀ ଉପାୟ ପ୍ରଦାନ କରିବ। ସାରା ବିଶ୍ୱର ଅଧ୍ୟୟନରୁ ଜଣାପଡ଼ିଛି ଯେ ଖରାପ ଶୋଇବା ପୋଜିସନ୍ ମେରୁଦଣ୍ଡ, ସନ୍ଧି ଏବଂ ସ୍ନାୟୁଉପରେ ଘଣ୍ଟାଘଣ୍ଟା ଧରି ନିରନ୍ତର, ଅସମାନ ଚାପ ପକାଇ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଅବସ୍ଥା ସୃଷ୍ଟି କରିପାରେ। ଶାରୀରିକ ଭାବରେ ସକ୍ରିୟ ବ୍ୟକ୍ତି ପାଇଁ ମଧ୍ୟ ଏହା ଦୀର୍ଘକାଳୀନ ମସ୍କୁଲୋକେଲେଟାଲ ଯନ୍ତ୍ରଣା, ମେରୁଦଣ୍ଡର ଅବନତି, ଅବଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନିଆ,




ସ୍ନାୟୁ କ୍ଷତି, ଖରାପ ପାଚନ ଏବଂ ଏସିଡ୍ ରିଫ୍ଲକ୍ସ ଏବଂ ଆର୍ଥ୍ରାଇଟିସ୍ ଭଳି ସମସ୍ୟା ସୃଷ୍ଟି କରିପାରେ। ତେବେ ରୋଗୀ ପୋଜିସନ୍ ମନିଟରିଂ ପ୍ରାୟତଃ ମାନୁଆଲି କରାଯାଏ, ଯାହା ଅସଙ୍ଗତ ଏବଂ ମାନବ ତ୍ରୁଟିର ସମ୍ଭାବନା ଥାଏ। ଏହି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଏନ୍ଆଇଟି ରାଉରକେଲାର ଇଲେକ୍ଟ୍ରୋନିକ୍ସ ଏବଂ ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗର ସହାୟକ ପ୍ରଫେସର ସପ୍ତର୍ଷି ଚାଟାର୍ଜୀ

NIT Rourkela Research Team



Prof. Saptarshi Chatterjee, Assistant Professor, NIT Rourkela

Mr. Shiladitya Mondal, B. Tech Student, NIT Rourkela

ଏବଂ ତାଙ୍କ ଦଳ ଏକ ଏଆଇ-ଆଧାରିତ ସିଷ୍ଟମ ବିକଶିତ କରିଛନ୍ତି। ବିକଶିତ ସିଷ୍ଟମ ବିଷୟରେ ପ୍ରଫେସର ସପ୍ତର୍ଷି ଚାଟାର୍ଜୀ କହିଛନ୍ତି, ଆମର ସିଷ୍ଟମ ଆରଜିବି ଛବିଗୁଡ଼ିକୁ ସିଧାସଳଖ ବ୍ୟବହାର ନକରି ଶୋଇବାର ସ୍ଥିତି ଚିହ୍ନଟ କରିବା ପାଇଁ କମ୍-ତରଙ୍ଗ ଇନ୍ଫ୍ରାରେଡ୍, ଗଭୀରତା ଏବଂ ଚାପ ମାନଚିତ୍ର ତଥ୍ୟକୁ ମିଶ୍ରଣ କରି ଏକ ଫ୍ୟୁଜନ୍ କୌଶଳ ସହିତ ଜେନେରେଟିଭ୍ ଏଆଇ ବ୍ୟବହାର କରେ। କମ୍

## ମଣିଷର ଶୋଇବା ପୋଷଣକୁ ଟ୍ରାକ୍ କରିପାରିବ

ଆଲୋକ ଏବଂ ବିଭିନ୍ନ ପ୍ରକାରର ଆବରଣ ଭଳି ଚ୍ୟାଲେଞ୍ଜିଂ ପରିସ୍ଥିତିରେ ମଧ୍ୟ ମଡେଲ୍ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରେ। ଉଲ୍ଲେଖଯୋଗ୍ୟ ଯେ ମଲ୍ଟି-ମୋଡାଲ୍ ଇମେଜିଂ ସିଷ୍ଟମ ସହିତ ଏକ ସମନ୍ୱିତ ମଡ୍ୟୁଲ୍ ଭାବରେ ବ୍ୟବହାର କରାଯିବା ପାଇଁ ବିକଶିତ ପ୍ରଯୁକ୍ତିର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ, ଯାହାର ବହୁଳ ବିକାଶ ସହିତ ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିଯୁକ୍ତି ଚୟନରେ ଅନିୟମିତତା ଅଭିଯୋଗ




**ବଣାଇଁ, ୩୦।୩(ସମିସ):** ବଣାଇଁ ବ୍ଲକ ଅଧୀନ ବାବୁନୁଆଗାଁ ଠାରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ ପଦରେ ନୂତନ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ୨୦୨୫ ନଭେମ୍ବର ୮ରେ ବିଦ୍ୟାଳୟ ପକ୍ଷରୁ ହଷ୍ଟେଲ ସୁବିଧା ପାଇଁ ୱାର୍ଡେନ ୨ଟି, ରୋଷେୟା ୬ଟି ଓ ଜଗୁଆଳି ୨ଟି ପଦ ପାଇଁ ମୋଟ୍ ୧୦ଟି ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଆବେଦନକାରୀମାନେ ଅନଲାଇନ୍‌ରେ ସମସ୍ତ ପ୍ରମାଣପତ୍ର ସହିତ ଆବେଦନ ଦାଖଲ କରିଥିଲେ। ପରେ ୧୦ ଡିସେମ୍ବର ୨୦୨୫ ତାରିଖରେ ଚୟନ ପରୀକ୍ଷା ପାଇଁ ପ୍ରାର୍ଥୀମାନଙ୍କୁ ବିଦ୍ୟାଳୟକୁ ଡକାଯାଇଥିଲା। କିନ୍ତୁ ଅଭିଯୋଗ ଅନୁଯାୟୀ, ଚୟନ ପ୍ରକ୍ରିୟାରେ ପାରଦର୍ଶିତା ରହିନଥିବା ବେଳେ ସଠିକ ନିୟମ ଅନୁସରଣ କରାଯାଇ ନଥିବା କୁହାଯାଇଛି। ଚୟନିତ ପ୍ରାର୍ଥୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଡାକି ଚୁକ୍ତିପତ୍ରରେ ସ୍ୱାକ୍ଷର କରାଯାଇଥିଲେ ମଧ୍ୟ, ସେମାନଙ୍କର ନାମ ସରକାରୀ ୱେବସାଇଟ୍‌ରେ ନାହିଁ କିମ୍ବା ବିଦ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶ କରାଯାଇ ନାହିଁ। ଏହା ସହିତ ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ ମାଗିଲେ ମଧ୍ୟ ବିଦ୍ୟାଳୟ ପକ୍ଷରୁ କୌଣସି ସଠିକ ଉତ୍ତର ମିଳୁ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଏହି ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ସହିତ ଅର୍ଥ ନେଣ ଦେଣ ମଧ୍ୟ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ଏହି ସମ୍ବନ୍ଧରେ ନଳିନୀ କିଷାନ, ସରସ୍ୱତୀ କିଷାନ, ମାଳତୀ କିଷାନ, ମନୋଜ କୁମାର କୈବର୍ତ୍ତ, ସ୍ୱପ୍ନେଶ୍ୱରୀ କିଷାନ, ଟୁନି ବେହେରା, ରଶ୍ମୀ ନାଏକ, କ୍ଷମାକର ସାଥୁଆ ଓ ରାଜେନ୍ଦ୍ର ପାତ୍ର, ଦୀନବନ୍ଧୁ ସାହୁ ଗଣ ମାଧ୍ୟମରେ ଅଭିଯୋଗ ଉଠାଇଛନ୍ତି। ଏନେଇ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନିଲ ମୁଣ୍ଡୁଙ୍କୁ ପଚାରିବାରେ ସେ କହିଥିଲେ ଯେ, ତାଙ୍କ ଜାଣିବାରେ ଏହି ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଥିବା ବେଳେ, ପ୍ରଶାସନ ପକ୍ଷରୁ ଅଭିଯୋଗର ତଦନ୍ତ କରାଯିବ କି ଓ ଦୋଷୀଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯିବ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ରହିଥିବା ଜଣାପଡ଼ିଛି।

# ଗାଡ଼ି ଧକ୍କାରେ ସ୍କୁଟିଚାଳକ ମୃତ

**କୁତ୍ରା, ୩୦।୩ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ବିଜୁ ଏକ୍ସପ୍ରେସ ୱେ ରାଞ୍ଚି ରୋଡ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। କଟଙ୍ଗ ତୁରୀପଡ଼ା ଗ୍ରାମର ଅମ୍ରିତ ମିଞ୍ଜ (୪୦) ଆଜି ଅପରାହ୍ନ ପ୍ରାୟ ୧୧ଟା ସମୟରେ ସ୍କୁଟିରେ କୁତ୍ରା ପଟୁ ଘରକୁ ଫେରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଧକ୍କାର ଜୋର ଏତେ ଭୟଙ୍କର ଥିଲା ଯେ ଅମ୍ରିତ ଗାଡ଼ିରୁ ଛିଟିକି ପଡ଼ି ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁତ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହିତ ଅଜଣା ଗାଡ଼ିକୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

# 'ତେଲିଙ୍ଗିବାଜା' ପତ୍ରିକାର ଶିଶୁ ସାହିତ୍ୟିକ ସମ୍ମିଳନୀ




**ରାଉରକେଲା, ୩୦।୩(ସମିସ):** ତ୍ରୈମାସିକ ଶିଶୁକିଶୋର ପତ୍ରିକା ତେଲିଙ୍ଗିବାଜା ପକ୍ଷରୁ ବେଦବ୍ୟାସ ସ୍ଥିତ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରୟୋବିଂଶ ସମ୍ମାନ ସମାରୋହ ଓ ରାଜ୍ୟସ୍ତରୀୟ ଶିଶୁସାହିତ୍ୟିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ଶିଶୁର ସରଳ ମନକୁ ପାଠ୍ୟପୁସ୍ତକ ସହିତ ଶିଶୁସାହିତ୍ୟ ଆଡକୁ ଟାଣି ନେଇ ସେମାନଙ୍କୁ ପଠନ ମନସ୍କ କରିବା ସାହିର୍ତ୍ୟିକମାନଙ୍କର ମୁଖ୍ୟ କର୍ତ୍ତବ୍ୟ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଡିଜିଟାଲ ପ୍ରଭାବରେ ଶିଶୁଙ୍କ ପୁସ୍ତକ ପଠନ ପ୍ରତି ଆଗ୍ରହର ଚିତ୍ର' ପ୍ରସଙ୍ଗ ଉପରେ ଆଲୋଚନା କରିଥିବାବେଳେ ଶିଶୁ ସାହିତ୍ୟିକ କୁଞ୍ଜବିହାରୀ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ବରିଷ୍ଠ ସମ୍ବାଦଦାତା ଆଶିଷ ଶତପଥୀ ଶିଶୁଙ୍କ ସାହିତ୍ୟ ହିଁ ବାସ୍ତବ ସାହିତ୍ୟ। ଯେଉଁ ଦେଶର ସାହିତ୍ୟ ଯେତେ ଉନ୍ନତ, ସେ ଦେଶ ସେତେ ସମୃଦ୍ଧ ବୋଲି କହିଥିଲେ। ତେଲିଙ୍ଗିବାଜା ପତ୍ରିକାର ବିଷୁବ ବିଶେଷାଙ୍କ 'ବାନର ସେନା' ଖବରକାଗଜ ଲୋକାର୍ପିତ ହୋଇଥିଲା। ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ-ସମ୍ପାଦିକା କମଳା ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ସମ୍ପାଦକ ସତ୍ୟବ୍ରତ ଦାସ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଏହି ଅବସରରେ ପିଲାଙ୍କ ସମ୍ବାଦ ପତ୍ର 'ବାନର ସେନା'ର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇଙ୍କୁ ତେଲିଙ୍ଗିବାଜା ଶିଶୁସାହିତ୍ୟ ସମ୍ମାନ, ଗାଳ୍ପିକ ବିଭୂତି ଭୂଷଣ ସ୍ୱାଇଁଙ୍କୁ ଗଳ୍ପ ସମ୍ମାନ ଓ କବି ଅମୂଲ୍ୟ କୁମାର ବାରିକଙ୍କୁ କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ଲେଖକ କୁଞ୍ଜବିହାରୀ ସାହୁ, ବରିଷ୍ଠ ଗୀତିକବି ତାରିଣୀ ଚରଣ ସାହୁ ଓ ବିଶିଷ୍ଟ ବିଜ୍ଞାନ ଲେଖକ ଧର୍ମରାଜ ପ୍ରଧାନଙ୍କୁ ଯଥାକ୍ରମେ ବାଣୀସାଧକ ସରୋଜିନୀ, ନାରାୟଣ ସାହୁ ସ୍ମୃତି ସମ୍ମାନ, ଉପାନ୍ତକବି ଅଲେଖ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ ଓ ବୈଜ୍ଞାନିକ ଡ. ନୀଳାଚଳ ସାହୁ ବିଜ୍ଞାନ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ପୂର୍ବରୁ ଆୟୋଜିତ ଓଡ଼ିଆ ଶ୍ରୁତଲିଖନ, ଶୁଦ୍ଧ ପଠନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପତ୍ରିକାର ସହଯୋଗୀ ସମ୍ପାଦକ କବି ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ମଞ୍ଚ ପରିଚାଳନା ଓ କବି କଳ୍ପନା ସାହୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଦେବେନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଉପାନ୍ତକବି ଅଲେଖ ଚନ୍ଦ୍ର ସାହୁ ଓ ଲେଖିକା ଡା. ଗୀତାଞ୍ଜଳି ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତାରିଣୀ ଚରଣ ସାହୁ ଓ କବି ସ୍ନେହଲତା ପଟ୍ଟନାୟକ, ସଂଯୋଜିକା ଭାବେ କବି ହରପ୍ରିୟା ସାମଲ ଓ କବି କଳ୍ପନା ସାହୁ ଯୋଗ ଦେଇଥିଲେ। ୫୩ ଜଣ କବି ସେମାନଙ୍କ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ବିଜୟ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କବି ଦେବେନ୍ଦ୍ର ଚୌଧୁରୀ, ପ୍ରକାଶ ଚନ୍ଦ୍ର ସେଠୀ, ଶିବ ପ୍ରସାଦ ବେହେରା, ଅଶୋକ କୁମାର ପଟ୍ଟନାୟକ, କ୍ଷୀରେଶ୍ୱରୀ କିଷାନ, ସୀତା ନାଗ ପ୍ରମୁଖ ସହାୟତା କରିଥିଲେ।

# ଆଇନ ମହାବିଦ୍ୟାଳୟର ମେମୋରିଆଲ ହଲ୍ ଉଦ୍‌ଘାଟିତ

**ରାଉରକେଲା, ୩୦।୩(ସମିସ):** ସେକ୍ଟର-୨୧ ସ୍ଥିତ ରାଉରକେଲା ଆଇନ୍ ମହାବିଦ୍ୟାଳୟର ନବନିର୍ମିତ ଉତ୍କଳ ଗୌରବ ମଧୁସୂଦନ ଦାସ ମେମୋରିଆଲ ହଲ୍‌କୁ କେନ୍ଦ୍ର ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଯତୀନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଉପସ୍ଥିତ ଆଜି ଦିବସ ମହାବିଦ୍ୟାଳୟ ପାଇଁ ଏକ ସ୍ମରଣୀୟ ଦିବସ। ଏହି ଅବସରରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭ୍ୟ ଙ୍କ ହରଦୀପ ସିଂହ, ଛବି ଚକ୍ରବର୍ତ୍ତୀ ମଞ୍ଚାସୀନ ଥିଲେ। ସଦସ୍ୟା ସଂଧ୍ୟା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ତନ୍ମୟରାଜ ପାତ୍ରୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁନୀଲ କୁମାର ବିଶି, ଅଧ୍ୟାପକ ଏମଡି ରଫିକ୍, ଡ. ପ୍ରଜ୍ଞା ପରମିତା ପଣ୍ଡା, ଡ. ଦିବ୍ୟେନ୍ଦୁ କୁମାର ପଣ୍ଡା,



ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଆଇନ ପାଠ ଏତେ ସହଜ ନୁହେଁ। ଓକିଲ ମାନେ ସେମାନଙ୍କ ବୁଦ୍ଧି ବିବେକକୁ ଲଗାଇ ବିଚାରପତିଙ୍କ ସହ ଯୁକ୍ତି କରି ନ୍ୟାୟ ପ୍ରଦାନ କରନ୍ତି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି ସ୍ୱାଗତଭାଷଣ ଦେଇ ଆଲୁମନୀ ଆସୋସିଏସନର ସଭାପତି ଡ. ସୁମନ ଦତ୍ତ, ସାଧାରଣ ସମ୍ପାଦକ ଅଧ୍ୟାପକ ତ୍ରୟୋଲକ୍ୟନାଥ ପାଣ୍ଡେଙ୍କ ସମେତ ମହାବିଦ୍ୟାଳୟର ମନୋରଞ୍ଜନ ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ସୁଜାତା ନାୟକ, ଦେବାଶିଷ ବେହେରାଙ୍କ ସହ ବହୁ ଆଲୁମନୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ବଣାଇଁରେ ଉପ-ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ବଣାଇଁ, ୩୦।୩(ସମିସ):** ବଣାଇଁ ଉପଖଣ୍ଡର ନୂତନ ଉପ-ଜିଲ୍ଲାପାଳ ଭାବେ ଅଶୋକ କୁମାର ଦାସ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅସ୍ଥାୟୀ ଉପ-ଜିଲ୍ଲାପାଳ ସ୍ୱଦୀପ ଟପ୍ପୋଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି ଉପ-ଜିଲ୍ଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ। ସହକାରୀ ଜିଲ୍ଲାପାଳ କୁଳମଣି ଧଳ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସହ ନୂତନ ଦାୟିତ୍ୱ ଗ୍ରହଣକୁ ଅଭିନନ୍ଦନ ଜଣାଇଥିଲେ। ଲହୁଣୀପଡ଼ା ତହସିଲଦାର ବାବଲୁ ପେରେଇ ଓ ଅତିରିକ୍ତ ତହସିଲଦାର ଝସକେତନ ନାୟକଙ୍କ ସମେତ ଉପ-ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ହୋଇ ନୂତନ ଉପ-ଜିଲ୍ଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ।

# ବାଲିଶଙ୍କରା ବ୍ଲକ୍‌ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ରାଉରକେଲା, ୩୦।୩(ସମିସ):** ବାଲିଶଙ୍କରା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।



ମୋଟ ୬୭ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୮ ଟି ସାମୂହିକ ଅଭିଯୋଗ ରହିଥିଲା। ଏହିସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୩ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱନୀ ବେହେରା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସିଣ୍ଟର ପ୍ଲାଣ୍ଟ-୧ ବିଭାଗରେ ସୁରକ୍ଷା ସଚେତନତା ନାଟକ

**ରାଉରକେଲା, ୩୦।୩(ସମିସ):** କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସୁରକ୍ଷିତ କାର୍ଯ୍ୟର ଗୁରୁତ୍ୱକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧୀନ ସିଣ୍ଟର ପ୍ଲାଣ୍ଟ-୧ ବିଭାଗରେ ମାର୍ଚ୍ଚ ୨୭ ତାରିଖ ଦିନ 'ସୁରକ୍ଷାର ନିୟମ' ଶୀର୍ଷକ ଏକ ସୁରକ୍ଷା ସଚେତନତା ନାଟକ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.ଆର୍. ପଲାଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନ-ଚାର୍ଜ ଏ.ସି. ସରକାର, ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଏସ୍.ଏସ୍. ରାୟଚୌଧୁରୀ ଏବଂ ସୁରକ୍ଷା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ରଙ୍କ ସହ କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସିଣ୍ଟର ବିଭାଗର ସିଜିଏମ୍ ଶେଖର ନାରାୟଣ ନିଜ ସ୍ୱାଗତଭାଷଣରେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହ ସୁରକ୍ଷା କେବଳ ଏକ ପ୍ରାଥମିକତା ନୁହେଁ, ବରଂ ଜୀବନର ଏକ ଉପାୟ ବୋଲି ଗୁରୁତ୍ୱାରୋପ ମଧ୍ୟ କରିଥିଲେ। ସୁରକ୍ଷା ନାଟକଟି ବାସ୍ତବ ଜୀବନରେ କାର୍ଯ୍ୟକ୍ଷେତ୍ର ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ଚିତ୍ରଣ କରିଥିଲା। ଏଥିସହ, ସୁରକ୍ଷାରେ ଅବହେଳାର ପରିଣାମ ଏବଂ ସୁରକ୍ଷା ମାନଦଣ୍ଡ ପାଳନ କରିବାର ଗୁରୁତ୍ୱ ଉପରେ ଏକ ଦୃଢ଼ ବାର୍ତ୍ତା ମଧ୍ୟ ଦେଇଥିଲା। ଏହି ନାଟକରେ ଏସ୍‌ପି-୧ ବିଭାଗର ସୌମ୍ୟରଞ୍ଜନ ଜେନା, କରନ ଓରାମ, ଘନଶ୍ୟାମ ଗୋନ୍ଧା, ଅରୁଣ କେରକେଟ୍ଟା, କିସମତୀ ସିଂହ, ସୁଜାତା ଏକ୍କା, ଶକୁନ୍ତଳା ଭୂମିଜ ଏବଂ ବିଜୟ ସୋଇ ପ୍ରଶଂସନୀୟ ଅଭିନୟ କରିଥିଲେ। ସୂଚନା ଯୋଗ୍ୟ ଯେ, ଏସ୍‌ପି-୧ ବିଭାଗର ଏଜିଏମ୍ ପ୍ରଭାତ କୁମାର ଦାଶ ଏହି ନାଟକର ରଚନା ଏବଂ ନିର୍ଦ୍ଦେଶନା ଦେଇଥିବାବେଳେ ସଂଯୋଜନା କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଲାଇ କଳାକାର ଏବଂ ଆୟୋଜକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେ କଳାକାରମାନଙ୍କୁ ସମ୍ମାନିତ ମଧ୍ୟ କରିଥିଲେ। ଏସ୍‌ପି-୧ (ଇଲେକ୍ଟ୍ରିକାଲ) ବିଭାଗର ଜିଏମ ସଞ୍ଜୟ ତଲୱାର ଧନ୍ୟବାଦ କରିଥିଲେ। ଏହି କାର୍ଯ୍ୟକ୍ରମଟି ଏସ୍‌ପି-୧ ର ବିଭାଗୀୟ ମୁଖ୍ୟ ଶୁଭ୍ରାଂଶୁ ଚକ୍ରବର୍ତ୍ତୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ 'ସୁରକ୍ଷା କେବଳ ଏକ ନିୟମ ନୁହେଁ, ବରଂ ଏକ ଦାୟିତ୍ୱ ଓ ସଂସ୍କୃତି ଯାହା ସମସ୍ତଙ୍କ ପାଳନୀୟ' ବାର୍ତ୍ତାକୁ ଦୃଢ଼ କରିବାରେ ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିଲା।








# ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର



ପଦ୍ମପୁର,୩୦।୩(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଠାରେ ହେବାକୁ ଥିବା ବହୁ ପ୍ରତୀକ୍ଷିତ ତଥା ବାଦ ବିବାଦ ମଧ୍ୟରେ ଅଟକି ରହିଥିବା ଅତ୍ୟାଧୁନିକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅର୍ଥରାଶି ମଞ୍ଜୁର ପରେ ସମଗ୍ର ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ସୂଚନାଯୋଗ୍ୟ, ପଦ୍ମପୁରରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ନେଇ ପରିବହନ ବିଭାଗ ନାମରେ ଜମିପଟ୍ଟା ହୋଇଥିବା ସମୟରେ ପଦ୍ମପୁର ଜୋକ୍ସ ବନ୍ଧ ଇଲେକ୍ଟ୍ରି ଅଫିସ ନିକଟରେ ଥିବା ଲାଉଗୁଡା ମୌଜାର ଖାତା ନଂ ୩୦, ପଟ୍ଟା ନଂ ୪୭/୨.୧୦୪୩ରେ ୨ଏକର ୩୦ସେଣ୍ଟିମିଟର ଜମି ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ୨୦୨୩ ମସିହା ଫେବୃଆରୀ ମାସରେ ପରିବହନ ବିଭାଗକୁ ହସ୍ତାନ୍ତର ପରେ ଜମି ଚିହ୍ନଟ ପ୍ରକ୍ରିୟା ଓ ମାପଚୁପ କରାଯାଇଥିଲା । ତେବେ କୌଣସି କାରଣ ବଶତଃ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିଲା । ଏହା ମଧ୍ୟରେ ସରକାର ମଧ୍ୟରେ ରାଜ୍ୟରେ ସରକାର ବଦଳିବା ପରେ ରାଜ୍ୟ ସରକାରଙ୍କ ପୁଲିସ ଗୃହ ବିଭାଗ ଓ କଲ୍ୟାଣ ନିଗମ ପକ୍ଷରୁ ଆନୁଷ୍ଠାନିକ ଭାବେ ଟେଣ୍ଡର ଆହ୍ୱାନ କରାଯାଇଛି । ବିଶେଷ କରି ରାଜ୍ୟ ସରକାରଙ୍କ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଆନ୍ତରିକତା ଓ ତ୍ୱରିତ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଲା ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି । ପଦ୍ମପୁର ସମଗ୍ର ରାୟଗଡ଼ା ଜିଲ୍ଲାର ବାଣିଜ୍ୟର ଏକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା । ପ୍ରତ୍ୟେକ ଦିନ କଟକ, ବ୍ରହ୍ମପୁର, ଆନ୍ଧ୍ର ପ୍ରଦେଶ, ପାରଳାଖେମୁଣ୍ଡି,

## ଖର୍ଚ୍ଚ ହେବ ୧୦କୋଟି ୫୬ ଲକ୍ଷ ୯୫ହଜାର ଟଙ୍କା

ରାୟଗଡ଼ା, କୋରାପୁଟ, ଜୟପୁର ଅଞ୍ଚଳର ଖୁଚୁରା ବ୍ୟବସାୟୀମାନେ ଏହି ଅଞ୍ଚଳରେ ବ୍ୟବସାୟ ବଣିଜ କରିଥାନ୍ତି । ଦୀର୍ଘ ବର୍ଷ ଧରି ପଦ୍ମପୁର ମୁଖ୍ୟ ବଜାର ଓ ଶାନ୍ତି ମାର୍କେଟରେ ବ୍ୟବସାୟୀ ମାନେ ରାସ୍ତା ଅବରୋଧ କଲା ଭଳି ଜିନିଷ ପତ୍ର ଆଗକୁ ଆଣି ରଖି ବିକ୍ରି ବଟା କରିବା ଦ୍ୱାରା ଦିନକୁ ଦିନ ଟ୍ରାଫିକ ସମସ୍ୟା ସହ ସ୍ଥାୟୀ ବସ୍ ଷ୍ଟାଣ୍ଡ ନଥିବା ଯୋଗୁଁ ବ୍ରହ୍ମପୁର ଠାରୁ ମାଲକାନଗିରି ପର୍ଯ୍ୟନ୍ତ ଯାଉଥିବା ଓ ଆନ୍ଧ୍ରରୁ ଆସୁଥିବା ଗାଡି ବସ୍ ଗୁଡ଼ିକ ପଦ୍ମପୁର ନ ଆସି ୧୩୨ନମ୍ବର ରାଜ୍ୟ ରାଜପଥରେ ଯାଉଛି । ଯଦ୍ୱାରା କି ଏଠାକାର ଅଧିବାସୀ ବ୍ୟବସାୟ ହେଉ କି ଗମନାଗମନ ସୁବିଧାରୁ ବଞ୍ଚିତ ହେଉଥିଲେ । ସରକାରୀ ବିଜ୍ଞପ୍ତି ଅନୁଯାୟୀ ପଦ୍ମପୁର ବ୍ଲକ୍‌ର ଲାଉଗୁଡ଼ା ମୌଜାରେ ପ୍ରାୟ ୧୦କୋଟି ୫୬ ଲକ୍ଷ ୯୫ହଜାର ଟଙ୍କା ବ୍ୟୟ ଅଟକଳରେ ସି ଟାଇପ୍ ଅଟଳ ବସଷ୍ଟାଣ୍ଡ ନିର୍ମାଣ ହେବ । ଏହି ବ୍ୟୟ ବହୁଳ ପ୍ରକଳ୍ପକୁ ଆଗାମୀ ୧୫ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ ଆଗ୍ରହୀ ଠିକାଦାର ମାର୍ଚ୍ଚ ୩୧ ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ହୋଇଥିବା ବେଳେ ଏପ୍ରିଲ୨ରେ ଟେଣ୍ଡର ଖୋଲାଯିବ । ସ୍ଥାନୀୟ ଅଞ୍ଚଳରେ ଏଭଳି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବାଟ ଖୋଲିବା ପାଇଁ ରାଜ୍ୟ ସରକାର ଓ ପରିବହନ ବିଭାଗକୁ ଲୋକେ ସାଧୁବାଦ ଜଣାଇଛନ୍ତି ।

● ଗ୍ୟାସ୍ ସଙ୍କଟ

# ବାଧାପ୍ରାପ୍ତ ହେବ ଅଙ୍ଗନବାଡ଼ି କେନ୍ଦ୍ରର ରୋଷେଇ

ଉମରକୋଟ ୩୦।୩ (ସମିସ): ମିଳୁନି ଜାଳେଣି ଗ୍ୟାସ । ଗ୍ୟାସ ଅଭାବରୁ ଅଧିକାଂଶ ହୋଟେଲ, ଫାଷ୍ଟଫୁଡ୍ ସେଣ୍ଟର ଓ ଚା' ଦୋକାନ ବନ୍ଦ ହୋଇସାରିଥିବାବେଳେ ଏବେ ଅଙ୍ଗନବାଡି କେନ୍ଦ୍ର ଓ ଘରମାନଙ୍କରେ ମଧ୍ୟ ଏହି ଆଶଙ୍କା ପରିଲକ୍ଷିତ ହେବାକୁ ବସିଲାଣି । ଗ୍ୟାସ ଅଭାବ ଜନିତ ସମସ୍ୟା ଯୋଗୁଁ ଅଙ୍ଗନବାଡି କେନ୍ଦ୍ରଗୁଡିକରେ ରୋଷେଇ ବନ୍ଦ ହେବାକୁ ବସିଲାଣି । ଉମରକୋଟ ପୌର ପରିଷଦଠାରେ ୨୦ ଓ ବ୍ଲକ ଠାରେ ୩୩୭ ଅଙ୍ଗନବାଡି କେନ୍ଦ୍ର ଥିବାବେଳେ ହଜାର ହଜାର ଶିଶୁ ଏହି କେନ୍ଦ୍ରଗୁଡିକରେ ନାମ ଲେଖାଇଛନ୍ତି । ସବୁ ଅଙ୍ଗନବାଡି କେନ୍ଦ୍ରରେ କାଠ ପରିବର୍ତ୍ତେ ଗ୍ୟାସରେ ରୋଷେଇ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି । ପୂର୍ବରୁ ପର୍ଯ୍ୟାପ୍ତ ପରିମାଣର ଗ୍ୟାସ ମିଳୁ ଥିବାରୁ କାମ ଚଳିଯାଉଥିଲା । ଏବେ ଗ୍ୟାସର ଘୋର ଅଭାବ ଯୋଗୁଁ ରୋଷେଇ ବନ୍ଦ ହୋଇଯିବା ଆଶଙ୍କା ଦେଖାଦେଇଛି । ଅନ୍ୟପଟେ ଉମରକୋଟ ପ୍ରଶାସନ ପକ୍ଷରୁ ମଧ୍ୟ ଗ୍ୟାସ କଳାବଜାରୀ ଯେଭଳି ନ ହେବ, ସେଥିପ୍ରତି ଦୃଷ୍ଟି ଦେଇଛି । ଯଦି ଯୁଦ୍ଧ ବନ୍ଦ ନ ହୁଏ ତେବେ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ବଢ଼ିଯିବ । ଫଳରେ ଅଙ୍ଗନବାଡି କର୍ମୀଙ୍କ ମଧ୍ୟରେ ଭାଳେଣି ପଡ଼ିଗଲାଣି । ଏନେଇ ସିଡିପିଓଙ୍କୁ ପଚାରିବାରୁ ସେ କହିଛନ୍ତି ଏବେ ତ ଚାଲିଛି । ସେ ଗ୍ୟାସ ଏଜେନ୍ସି ସହିତ କଥା ହେବେ ବୋଲି କହିଛନ୍ତି ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବୈପାରୀଗୁଡ଼ା,୩୦।୩(ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଚନ୍ଦ୍ରପଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ବାର୍ଷିକୋତ୍ସବ ଆଜି ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା 'ବସୁଧୈବ କୁଟୁମ୍ବକମ୍' । ଉତ୍ସବରେ ବୈପାରୀଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ

## 'ନବୋତ୍କର୍ଷ' ପତ୍ରିକା ଉନ୍ମୋଚିତ

ପ୍ରଶାନ୍ତ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଦସ୍ୟା ମଣି ଜାନି, କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଷୋୟୀ, ନବରଙ୍ଗପୁର ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦାଲିଆ, କୋରାପୁଟ ଜିଲ୍ଲା ନୋଡାଲ ପ୍ରିନ୍ସିପାଲ୍ ପ୍ରସାନ୍ତ କୁମାର ଦାସ ଅଧିକାରୀ ଏବଂ ଚନ୍ଦ୍ରପଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ବାବି ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶଶୀଭୂଷଣ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ନବୋତ୍କର୍ଷ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଓ ନୃତ୍ୟ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ଏହି ସ୍ୱତନ୍ତ୍ର ଅବସରରେ ପ୍ରତ୍ୟେକ ଶ୍ରେଣୀର ଉଦୟମାନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ବିଭିନ୍ନ ସହପାଠ୍ୟ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଦଶମ ଶ୍ରେଣୀର ରଶ୍ମି ତେନ୍ତୁଳିପାଡ଼ିଆଙ୍କୁ 'ଷ୍ଟୁଡେଣ୍ଟ ଅଫ୍ ଦ ଇଅର୍' ଭାବେ ସମ୍ମାନିତ କରାଯାଇଥିଲା । ଇଂରାଜୀ ଶିକ୍ଷକ ସଞ୍ଜୟ ପାଲୋ ମଞ୍ଚ ପରିଚାଳନା କରିଥିଲେ । ପ୍ରାଣୀବିଜ୍ଞାନ ଶିକ୍ଷକ ସୁବ୍ରତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କ ସକ୍ରିୟ ସହଯୋଗ କରିଥିଲେ ।

# ରାଜ ପୁରୋହିତ ବ୍ରଜରାଜ ବାହିନୀପତିଙ୍କ ପରଲୋକ

ପଦ୍ମପୁର,୩୦।୩(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁରର ବରିଷ୍ଠ ଆୟୁର୍ବେଦିକ ଚିକିତ୍ସକ ତଥା ସ୍ୱର୍ଗତ ରାଜ ପୁରୋହିତ ରଘୁନାଥ ବାହିନୀ ପତିଙ୍କ ପୁତ୍ର ବ୍ରଜରାଜ ବାହିନୀପତିଙ୍କ ପରଲୋକ ଘଟିଛି । ଗତକାଲି ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।



ତାଙ୍କର ହୃଦ୍‌ଘାତ ସମସ୍ୟା ନେଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଅପରେସନ ହୋଇଥିଲେ । ଆଜି ପୁଣି ହୃଦ୍‌ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱର ନେବା ରାସ୍ତାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେଠାରୁ ଫେରିବା ପରେ ଆଜି ତାଙ୍କର ପଦ୍ମପୁର ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅବିଭକ୍ତ କୋରାପୁଟ ଅଞ୍ଚଳରେ ବୈଦ୍ୟ ସମାଜ, ପୁରୋହିତ ସମାଜ ସହ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ନନ୍ଦାହାଣ୍ଡି ,୩୦।୩(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ଦୁଇ ଗୋଟି ଜୋନ ଅର୍ଥାତ୍ ନନ୍ଦାହାଣ୍ଡି ଓ ଡଙ୍ଗରଭେଜା ମଣ୍ଡଳରେ ପୃଥକ୍ ପୃଥକ୍ ଭାବେ ଚବିଶ ଘଣ୍ଟିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟ ଠାରେ ନନ୍ଦାହାଣ୍ଡି ମଣ୍ଡଳର ଶୁକ୍ରବାର ଓ ଶନିବାର ଦିନ, ଡଙ୍ଗରଭେଜା ମଣ୍ଡଳର ଶନିବାର ଓ ରବିବାର ଦିନ ପ୍ରଶିକ୍ଷଣ ବର୍ଗ କରାଯାଇଥିଲା । ଡଙ୍ଗରଭେଜା ମଣ୍ଡଳ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ ଏବଂ ଜିଲ୍ଲା ଉପସଭାପତି ସନାତନ ତ୍ରିପାଠୀ ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବେ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ ଓ ଜ୍ୟୋତି ରଞ୍ଜନ କଂସ, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ଶର୍ମିଷ୍ଠା ଦେଓ, ପୂର୍ବତନ ଜିଲ୍ଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ ଏବଂ ଜିଲ୍ଲା ମିଡ଼ିଆ ସେଲ ପ୍ରମୁଖ ଶ୍ରୀକାନ୍ତ ପଣ୍ଡା ଯୋଗ ଦେଇଥିଲେ । ଦଳର ନୀତି, ଆଦର୍ଶ, କାର୍ଯ୍ୟ ବିସ୍ତାର, ସରକାରଙ୍କ ସଫଳତା, ସୋସିଆଲ ମିଡିଆର ବ୍ୟବହାର, କାର୍ଯ୍ୟ ପଦ୍ଧତି, ବୁଥ ପରିଚାଳନା ଓ ବିଜେପିର ଇତିହାସ ବିଷୟରେ ବିସ୍ତୃତ ଭାବେ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଶିକ୍ଷା ଗ୍ରହଣ ପାଇଁ ମଣ୍ଡଳର ଶତାଧିକ ପ୍ରମୁଖ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ଶେଷରେ ଧନ୍ୟବାଦ୍ ଦେବା ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ କରି ଶିବିର ସମାପ୍ତ ଘୋଷଣା କରାଯାଇଥିଲା । ଅନୁରୂପ ନନ୍ଦାହାଣ୍ଡି ମଣ୍ଡଳ ତରଫରୁ ମଧ୍ୟ ମଣ୍ଡଳ ସଭାପତି ଲକ୍ଷ୍ମଣ ନାୟକଙ୍କ ସଭାପତିତ୍ୱରେ ଶୁକ୍ରବାର ଓ ଶନିବାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଥିଲା । ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ଉକ୍ତ ବର୍ଗରେ ମଧ୍ୟ ପ୍ରଶିକ୍ଷକ ଭାବେ ଲୋକସଭା ସାଂସଦ ବଳଭଦ୍ର ମାଝୀ, ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ ଓ ଜ୍ୟୋତି ରଞ୍ଜନ କଂସ, ଏବଂ ଶତାବ୍ଦୀ ପାଳ ଓ ବୀରେନ୍ଦ୍ର ପୂଜାରୀ ଯୋଗ ଦେଇଥିଲେ । ଏଠାରେ ମଧ୍ୟ ଶତାଧିକ ଶିକ୍ଷାର୍ଥୀ ଉପସ୍ଥିତ ରହିଥିଲେ ।

● ଉମରକୋଟ ଓକିଲ ସଂଘ ନିର୍ବାଚନ

# ଅରୁଣ ପଟ୍ଟନାୟକ ସଭାପତି, କୃଷ୍ଣଚନ୍ଦ୍ର ନନ୍ଦ ସମ୍ପାଦକ





ଉମରକୋଟ,୩୦।୩(ସମିସ): ଉମରକୋଟ ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ଅରୁଣ ପଟ୍ଟନାୟକ ଓ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ନନ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ଶଙ୍କର କୁମାର ଦେ, ଯୁଗ୍ମ ସମ୍ପାଦକ ଭାବେ ସୁମନ ସାମଲ ଓ କୋଷାଧ୍ୟକ୍ଷ ଭାବେ ହରିହର ଶତପଥୀ ମନୋନୀତ ହୋଇଛନ୍ତି । ସୂଚନା ଅନୁଯାୟୀ, ନାମାଙ୍କନପତ୍ର ଦାଖଲ କଲାବେଳେ ପ୍ରତ୍ୟେକ ପଦବୀ ପାଇଁ ଜଣେ ଜଣେ ଓକିଲ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ତେଣୁ ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ପଟ୍ଟନାୟକ ସମସ୍ତ ପ୍ରାର୍ଥୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ଘୋଷଣା କରିଛନ୍ତି । ନୂତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଚଳିତ ମାସ ଏପ୍ରିଲ୧ରୁ ଆରମ୍ଭ ହୋଇ ୨୦୨୭ ମାର୍ଚ୍ଚ ୩୧ ତାରିଖରେ ସମ୍ପନ୍ନ ହେବ । ନୂତନ ପଦାଧିକାରୀଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

● ପଥଭ୍ରଷ୍ଟ ଯୁବଗୋଷ୍ଠୀ

# ଖୋଲାଖୋଲି ଚାଲିଛି କୁକୁଡ଼ାଗାଲୀ ସାଙ୍ଗକୁ ଜୁଆ

ତେନ୍ତୁଳିଖୁଣ୍ଟି ୩୦।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳର ବହୁ ସ୍ଥାନରେ ଖୋଲାଖୋଲି କୁକୁଡାଗାଲୀ ସାଙ୍ଗକୁ ଖୁଡୁଖୁଡି ଖେଳ ଚାଲୁଥିବା ଅଭିଯୋଗ ହେଉଛି । ଏହି ଖେଳ ଉପରେ ରୋକ୍ ଲାଗୁ ନଥିବାରୁ ଅଞ୍ଚଳରେ ଲୁଟ୍ ତରାଜ ସହ ଅପରାଧ ଘଟଣା ବଢୁଛି । ବିଶେଷ କରି ଯୁବ ଗୋଷ୍ଠୀ ରାତାରାତି ଧନୀ ହେବା ଲୋଭରେ ପଡ଼ି ଅସାଧୁ ଉପାୟରେ ଅର୍ଥ ସଂଗ୍ରହ କରିବା ପାଇଁ ଅପରାଧ ରାସ୍ତାକୁ ବାଛି ନେଉଥିବା ଦେଖିବାକୁ ମିଳିଛି । ଅନେକ ସମୟରେ ଲୁଟ୍ ତରାଜ ଭଳି ଅଭିଯୋଗ ହେଉଥିବା ବେଳେ ଏଭଳି ବେଆଇନ ଖେଳ ପରୋକ୍ଷରେ ଅପରାଧ ବୃଦ୍ଧିର କାରଣ ବୋଲି ଅଭିଯୋଗ ହେଉଛି । ଖୋଲାଖୋଲି କୁକୁଡ଼ାଗାଲି ସାଙ୍ଗକୁ ଜୁଆ ହେଉଥିବା ବେଳେ ପୁଲିସ କିପରି ଜାଣି ପାରୁନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଗୁଣୁପୁରରେ ଶିଶୁ ମହୋତ୍ସବ



ଗୁଣପୁର,୩୦।୩(ସମିସ): କଳା, ସଂସ୍କୃତି ଓ ଖେଳକୁଦର ବର୍ଣ୍ଣାଢ୍ୟ ପରିବେଶରେ ଗୁଣପୁର ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମମତା ଗୌଡ଼ ଅଧ୍ୟକ୍ଷା ପୌରପରିଷଦ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସୁଦର୍ଶନ ଶବର, ଆଇଆର ବିଏନ୍ ଉପ କମାଣ୍ଡର ରମେଶ ଚନ୍ଦ୍ର ମହାଳି, ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିତୁଆନ, ମୁଖ୍ୟବକ୍ତା ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରମୋଦ ନାୟକ ଯୋଗଦେଇ ଧନ୍ୟବାଦ ଜଣାଇଥିଲେ । ସ୍ୱାଗତ ଭାଷଣ ଉତ୍ସବ କମିଟିର ଉପସଭାପତି ଜିତେନ୍ଦ୍ର ପଣ୍ଡା, ସମ୍ପାଦକୀୟ ବିବରଣୀ ଲକ୍ଷ୍ମୀ ମହାଙ୍କୁଡ଼ ପାଠ କରିଥିଲେ । ସଭାପତି ଜଗନ୍ନାଥ ପଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆବାହକ ଶକ୍ତି ଦାଶ ଉଦେଶ୍ୟ ଜ୍ଞାପନ କରିଥିଲେ । ସଭା ଶେଷରେ ସହ ସମ୍ପାଦକ ଚାରୁବାଳା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ନୃତ୍ୟ ଦଳ ସାଙ୍ଗକୁ ସୁଦୂର ଭୁବନେଶ୍ୱରରୁ ଆସିଥିବା କୁନି କଣ୍ଠଶିଳ୍ପୀ ଶ୍ରୀଧୃଷ୍ଟା ବିନ୍ଧାଣୀ ଓ ରାଣୀ ପରିଡ଼ାଙ୍କ ସଙ୍ଗୀତ ଓ କୁନି ଅଭିନେତ୍ରୀ ଦିବ୍ୟାଂଶା ପଣ୍ଡାଙ୍କ ଅଭିନୟ ସହ ରାମ୍ପ୍ ସୋ ଏବଂ ସେଲିବ୍ରେଟି ସୁଧୀର ବାରିକ ଓ ଉଷା ଦୋରାଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ରାମ୍ପ୍ ସୋ ଦର୍ଶକ ମାନଙ୍କ ମନକୁ ବିଭୋର କରିଥିଲା ।



# ଚନ୍ଦ୍ରପୁରରେ ଜନଗଣନା, ଗୃହଗଣନା ତାଲିମ କାର୍ଯ୍ୟକ୍ରମ



ଚନ୍ଦ୍ରପୁର, ୩୦।୩(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ତହସିଲଦାର ତଥା ସେନସସ୍ ଚାର୍ଜ ଅଧିକାରୀ ସୁନିଲ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନୁମେଟର ଏବଂ ସୁପରଭାଇଜର ମାନଙ୍କର ତାଲିମ ଶେଷ ହୋଇଛି । ସରକାରୀ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଏହି ତାଲିମ ଗତ ମାର୍ଚ୍ଚ ୧୯ ତାରିଖ ରୁ ଆରମ୍ଭ ହୋଇ ୩୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ତିନୋଟି ପର୍ଯ୍ୟାୟରେ ୧୧୫ ଜଣ ତଥ୍ୟ ସଂଗ୍ରହକାରୀ ଓ ୨୧ ଜଣ ସୁପରଭାଇସରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ତାଲିମଦାତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଓ ସହକାରୀ ଶିକ୍ଷକ ଆଶିଷ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମର ସଫଳ ପରିଚାଳନା ନିମନ୍ତେ ସରକାରୀ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗ ଓ କୃଷି ଶିକ୍ଷକ ପ୍ରଦୀପ ଚୌଧୁରୀ ପୂର୍ଣ୍ଣ ସହଯୋଗ କରିଥିଲେ । ଏହାସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାରେ ତହସିଲ କାର୍ଯ୍ୟାଳୟର କନିଷ୍ଠ ରାଜସ୍ୱ ସହାୟକ ବିକ୍ରମ ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

# ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



ବିଷମକଟକ,୩୦।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଏନଏସଏସ ତରଫରୁ ଚାଞ୍ଚଡ଼ାଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ୭ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଦିନର ପ୍ରଥମ ପର୍ଯ୍ୟାୟରେ ସ୍ୱେଚ୍ଛାସେବୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ ଗୁରୁ ତଥା କ୍ରୀଡ଼ା ଶିକ୍ଷକ ରବିନାରାୟଣ ଛନ୍ଦ । ଏହା ପରେ ଚାଞ୍ଚଡ଼ାଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସଭା ଗୃହରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ଏଥିରେ ମା'ମାର୍କମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଉମା ଶଙ୍କର ନେମାଲ, ପୁରୀ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଶିବିରର ଯାହା ଶିକ୍ଷା ପାଇଥିଲେ ତାହା ଜନସାଧାରଣ ତଥା ନିଜ ଜୀବନରେ ପ୍ରୟୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଭୂଦେବ ସାହୁ ଯୋଗ ଦେଇ ସ୍ୱେଚ୍ଛାସେବୀମାନଙ୍କୁ ସାତ ଦିନିଆ ଶିବିରରେ ଅନୁଭୂତି ଓ କାର୍ଯ୍ୟକ୍ରମ ଗୁଡିକରୁ ଯେଉଁ ଶିକ୍ଷଣୀୟ ବିଷୟ ଥିଲା, ତାହା ଦୈନନ୍ଦିନ ଜୀବନରେ ପ୍ରୟୋଗ କଲେ ସୁସ୍ଥ ଓ ସୁନ୍ଦର ପରିବେଶ ସୃଷ୍ଟି କରି ପାରିବେ ବୋଲି ମତ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ରେଡ୍‌କ୍ରସ ସଂଯୋଜକ ପ୍ରଶାନ୍ତ ପଣ୍ଡା ଉପସ୍ଥିତ ରହି ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଇଂରାଜୀର ଅଧ୍ୟାପକ ଦୟାନିଧି ବାଙ୍ଗାରି ସ୍ୱେଚ୍ଛାସେବୀମାନଙ୍କ ସହ ୭ଦିନିଆ ଶିବିରରେ ଯୋଗ ଦେଇ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମଟି ଜାତୀୟ ସେବା ଯୋଜନାର ଅଧିକାରୀ ଶ୍ରୀ କର୍ମେନ୍ଦ୍ର ସାହୁଙ୍କ ଦ୍ୱାରା ସଫଳତାର ସହ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଓଡ଼ିଆ ଅଧ୍ୟାପକ କେଦାର ସାହୁକାର ଏବଂ ଅନ୍ୟାନ୍ୟ ସହକର୍ମୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ



ରାୟଗଡ଼ା, ୩୦।୩(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରବିବାର ଦିନ ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସକାଳ ୮ଟାରେ ଶାସ୍ତ୍ରୀନଗର ସ୍ଥିତ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ଉପଜିଲ୍ଲାପାଳ ରମେଶ କୁମାର ଜେନା, ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛବିଲାଲ ସିଂହ, ସମାଜସେବୀ ସୁନୀଲ ଚନ୍ଦ୍ର ପଣ୍ଡା, ସମାଜ ସେବୀ ବ.କାନ୍ତା ରାଓ ଓ ବରିଷ୍ଠ ନାଗରିକ ସଦସ୍ୟ, ପ୍ରେମ ପାହାଡ଼ ୱାକର୍ସ କ୍ଲବର ସଦସ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଛାତ୍ରମାନେ ଯୋଗ ଦେଇ ମାଲ୍ୟାର୍ପଣ କରିଥିଲେ । ଶାସ୍ତ୍ରୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ଉପଜିଲ୍ଲାପାଳ ଶ୍ରୀ ଜେନା, ମୁଖ୍ୟବକ୍ତା ଭାବେ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ବରେଣ୍ୟ ଅତିଥି ରୂପେ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ, ଅବସରପ୍ରାପ୍ତ ପ୍ରଧାପକ କାର୍ତ୍ତିକ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଉଦୟ ଚନ୍ଦ୍ର ପଣ୍ଡା ଓ ଜଗଦୀଶ ଚନ୍ଦ୍ର ଦୋରା, ସମାଜସେବୀ ବି କାନ୍ତରାଓ ମଞ୍ଚାସୀନ ଥିଲେ । ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନି ବିଷୟରେ ଆଲୋଚନ ସହ ଦେଶର ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ । ସାମ୍ୟବାଦୀ ଚିନ୍ତାଧାରା ଓ ଜାତିପ୍ରଥା ବିରୋଧି ସଂସ୍କାରକଙ୍କ ଜୀବନୀ, ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ଲଢ଼ିବା ପାଇଁ ଶିକ୍ଷା ଦିଏ । ମାଲାକାନଗିରିର ଗାନ୍ଧୀ କୁହାଯାଉଥିବା ଏହି ବ୍ୟକ୍ତିତ୍ୱଙ୍କ ଅଦମ୍ୟ ସାହସିକତା ଲକ୍ଷ୍ୟ ହାସଲ ନିମନ୍ତେ ଲଢିବା ଶିକ୍ଷା ଦିଏ ବୋଲି ଅତିଥିବୃନ୍ଦ ବକ୍ତବ୍ୟ ରଖିଥିଲେ । ଏଥି ନିମନ୍ତେ ବରିଷ୍ଠ ଓ କନିଷ୍ଠ ବର୍ଗରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗୀତା ମାନ ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ବରିଷ୍ଠ ନାଗରିକ, ୱାକର ସଂଘ, ଶିକ୍ଷକ, ଛାତ୍ର, ଛାତ୍ରୀ, ପୁଲିସ ବିଭାଗ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମକର୍ତ୍ତା ବୃନ୍ଦ ଓ ଜନସାଧାରଣ ଯୋଗ ଦେଇଥିଲେ । ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନ୍ଧ୍ର ଇଟାଭାଟିରେ ବନ୍ଧା ପଡିଥିବା ଭାଇ ଭଉଣୀ ଉଦ୍ଧାର

ବରଗଡ଼,୩୦।୩(ସମିସ)

ଅନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ ବନ୍ଧା ପଡିଥିବା ଭାଇ ଭଉଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିଜ ଘରକୁ ଫେରାଇ ଆଣାଯାଇଛି। ସକାଳ ଖବରକାଗଜରେ ପ୍ରକାଶିତ ଖବର ପରେ ଶେଷରେ ସଫଳତା ମିଳିଛି। ପାଇକମାଲ ଅଧୀନ ଟେମରି ଗାଁର ସାମାଜିକକର୍ମୀ ଦୀପା ବାରିକ 'ସକାଳ'ରେ ପ୍ରକାଶିତ ଖବରକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଶ୍ରମ ବିଭାଗକୁ ତତ୍କାଳ ଉଦ୍ଧାର କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ବରଗଡ଼ ଜିଲ୍ଲା ଶ୍ରମ ଅଧିକାରୀଙ୍କ ତତ୍ପରତାରେ ସମ୍ପୃକ୍ତ ଇଟାଭାଟି ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା। ବର୍ତ୍ତମାନ ଉଭୟ ଭାଇ ଭଉଣୀ ଉଦ୍ଧାର ପରେ ସୁରକ୍ଷିତ ଭାବେ



ନିଜ ଘରକୁ ଫେରିଛନ୍ତି। ଜିଲ୍ଲା ଝାରବନ୍ଧ ବ୍ଲକ୍ ଅଧୀନ ଜାମପାଲି ଗାଁର ଶୁକ୍ରୁ ସୁନାଙ୍କ ପରିବାର ଜୀବିକାର ସନ୍ଧାନରେ ଦାଦନ ଖଟିବା ପାଇଁ ଅନ୍ଧ୍ରପ୍ରଦେଶକୁ ଯାଇଥିଲେ। ସେଠାରେ ୩୦ ହଜାର ଟଙ୍କା ଅଗ୍ରିମ ନେଇଥିବା ପରିବାରଟିକୁ ଇଟାଭାଟି ମାଲିକଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ଅଭିଯୋଗ ହୋଇଥିଲା। ବିଶେଷ କରି ନାବାଳକ ଦୀପକ ଓ ଦୀପିକାଙ୍କୁ ଧରି ରଖାଯାଇଥିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଥିଲା। ପରିବାରର ଅଭିଯୋଗ ଅନୁଯାୟୀ, ସେମାନେ ପ୍ରାୟ ୧ ଲକ୍ଷ ଇଟା ତିଆରି କରିଥିଲେ। ତଥାପି ଯଥୋଚିତ ପରିଶ୍ରମିକ ମିଳି ନଥିଲା। ଓଲଟା ସେମାନଙ୍କୁ ଆଉ କିଛି ମାସ କାମ କରିବାକୁ ବାଧ୍ୟ କରାଯାଉଥିବା ସହ ଖାଦ୍ୟ ଓ ମୌଳିକ ସୁବିଧା ମଧ୍ୟ ପ୍ରଦାନ କରାଯାଉ ନଥିଲା। ଫଳରେ ସେମାନଙ୍କ ଅବସ୍ଥା ଦୟନୀୟ ହୋଇଥିଲା।




## ଦୀପାଙ୍କ କାର୍ଯ୍ୟକୁ ପ୍ରଶଂସା କଲେ ଜିଲ୍ଲାପାଳ

'ସକାଳ' ପ୍ରଭାବ

ଦୀପାଙ୍କ ସମୟୋଚିତ ପଦକ୍ଷେପ ପରେ ପ୍ରଶାସନର ତତ୍ପରତାରେ ଦୁଇ ନାବାଳକଙ୍କ ଜୀବନରେ ନୂଆ ଆଶା ଫେରିଆସିଛି। ତାଙ୍କ ଏହି ପ୍ରୟାସକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

# ୫ରୁ ଶ୍ରୀରାମ ଲୀଳା ମହୋତ୍ସବ




- ରାବଣ ଭୂମିକାରେ ଅଭିନୟ କରିବେ ଜଗଦା ନନ୍ଦ ମିଶ୍ର
- ୧୪ ତାରିଖ ସହରରେ ମଦ ମାଂସ ବନ୍ଦ କରିବା ପାଇଁ ପ୍ରଶାସନକୁ ଅନୁରୋଧ

ବରଗଡ଼,୩୦।୩(ସମିସ): ବରଗଡ଼ରେ ଶ୍ରୀରାମ ଲୀଳା ମହୋତ୍ସବ ଆସନ୍ତା ଏପ୍ରିଲ ୫ରୁ ଆରମ୍ଭ ହେବାକୁ ଯାଉଛି। ଏନେଇ ବରଗଡ଼ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଆଗ୍ରଗାମୀ ଯୁବକ ସଂଘ ଠାରେ ଅନୁଷ୍ଠିତ ହୋଇଯାଇଛି।

ବିଗତ କିଛି ଦିନ ହେବ ବରଗଡ଼ ସହର ସମ୍ପୂର୍ଣ୍ଣ ଭାବେ ଅଶାନ୍ତ ହୋଇପଡ଼ିଛି। ଫଳରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସହରରେ ପୂର୍ବପରି ଭାଇଚାରା ଫେରାଇ ଆଣିବାକୁ ଉଦ୍ୟମ କରାଯାଉଛି। ୪ ଦିନ ଧରି ବରଗଡ଼ରେ ମହାସମାରୋହରେ ରାମ ଲୀଳା ପାଳନ ହେବ। ଏପ୍ରିଲ ୫ରୁ ଆରମ୍ଭ ହୋଇ ୮ରେ ରାବଣ ପୋଡି ସ୍ଥାନୀୟ ନିଶାମଣି ପଡିଆ ଠାରେ ଅନୁଷ୍ଠିତ ହେବ। ରାବଣ ଭୂମିକାରେ ବରିଷ୍ଠ କଳାକାର ଜଗଦାନନ୍ଦ ମିଶ୍ରଙ୍କୁ ଚୟନ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଜଣାଯାଇଛି। ଏହାସହ ଏପ୍ରିଲ ୧୦ରେ ଏକ ବାଇକ ରାଲି ଅନୁଷ୍ଠିତ ହେବା ସହ ୧୪ ତାରିଖ ହନୁମାନ ଜନ୍ମୋତ୍ସବ ଧୂମଧାମରେ ପାଳନ କରାଯିବ। ତେବେ ୧୪ ତାରିଖ ବରଗଡ଼ ଜିଲ୍ଲାରେ ମଦ ଓ ଆମିଷ ବନ୍ଦ କରିବା ପାଇଁ ପ୍ରଶାସନ ଓ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ପୂର୍ବତନ ପ୍ରାନ୍ତ ସହଯୋଗୀ କୁନୁ ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦ ବରଗଡ଼ ଜିଲ୍ଲା ସଭାପତି ପରମାନନ୍ଦ ମିଶ୍ର, ଜିଲ୍ଲା ସମ୍ପାଦକ ସଞ୍ଜୀବ ମେହେର, ରାମଲୀଳା ସମିତି ସଭାପତି ରୋହିତ ଶର୍ମା, ମୁନୁ ସାହୁଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରୋଗ୍ରାମ



ପଦ୍ମପୁର,୩୦।୩(ସମିସ): ବରିଖେଳ ସ୍ଥିତ ଲାଲାଜୀ ଗୋପାଲଜୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରୋଗ୍ରାମ ଅଧକ୍ଷ ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ସଙ୍ଗୀତ, ବକ୍ତୃତା ପ୍ରବନ୍ଧ ଓ କବିତା ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍ଯାପନୀ କାର୍ଯ୍ୟକ୍ରମରେ ଅଧାପକ ଭାଗିରଥୀ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୁରୀ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଅଦ୍ୱୈତ ବେଦାନ୍ତ ବିଭାଗ ପ୍ରଫେସର ଡ.ରାଧାକାନ୍ତ ପଣ୍ଡା, ସମ୍ମାନିତ ଅତିଥି କାଳିପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ଶ୍ରୀ ମିଶ୍ର ଚରିତ୍ର ଗଠନ ସହିତ ଦେଶ ସେବାରେ ବ୍ରତୀ ହେବାକୁ ମତବ୍ୟକ୍ତ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ଓ ପୁସ୍ତକ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରାଧାପିକା ମନ୍ଦାକିନୀ ପାଢ଼ୀ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧାପକ ସୀତାରାମ ସାହୁ ଓ ରମେଶ ଚନ୍ଦ୍ର ପୂଜାହାରୀ ପୌଲସ୍ତ୍ୟ ସାହା, ଅଧାପିକା ସଂହିତା ବେହେରା, ବିଭୂତି ଗିରିରାଜ ମଲ୍ଲିକ, ସୁକାନ୍ତି ସାହୁ, ବିଜୟରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭେଡେନ,୩୦।୩(ସମିସ): ଭେଡେନ ଥାନା ଅଧୀନ ଟାଙ୍ଗରପାଲି ଗାଁ ସ୍ଥିତ ବରଗଛ ଛକ (ଆମ୍ବ ବୁରେଇ) ଠାରେ ଜଣେ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ଟାଙ୍ଗରପାଲି ଗାଁର ହରିଶ୍ଚନ୍ଦ୍ର ବନଛୋର (୪୫) ଗତ ୨୮ ତାରିଖ ଏକ ବିବାହକୁ ଯାଉଥିବା କହି ଘରୁ ଯାଇଥିଲେ। ହେଲେ ସେ ନ ଫେରିବାରୁ ଘରଲୋକେ ସମ୍ପର୍କୀୟଙ୍କୁ ପଚାରିବା ସହିତ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ତେବେ ସୋମବାର ଗାଁ ନିକଟସ୍ଥ ଆମ୍ବବଗିଚାର ଏକ ଆମ୍ବ ଗଛରେ ହରିଶ୍ଚନ୍ଦ୍ରଙ୍କ ଝୁଲାନ୍ତ ମୃତଦେହ ପରିବାର ଲୋକଦେଖିବାକୁ ପାଇଥିଲେ। ତୁରନ୍ତ ଏନେଇ ପୁଲିସକୁ ଖବର ଦେଇଥିଲେ। ଭେଡେନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସ୍ଆଇ ଟଙ୍କଧର ବାରିହା ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ବରପାଲିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ବରପାଲି,୩୦।୩(ସମିସ): ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ଏସ୍ପି ପ୍ରହ୍ଲାଦ ସହାୟ ମୀନା, ବରଗଡ଼, ସିଡିଏମ୍ଓ କୁବେର ମହନ୍ତ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୭୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରେ ଚାଷୀଙ୍କ ଟୋକନ ସମସ୍ୟା, ଧାନ ବିକ୍ରି ସମୟରେ କଟନି ଛଟନି, ଅଭାବି ବିକ୍ରି ଉପରେ ଚାଷୀ ଓ ଜିଲ୍ଲାପାଳଙ୍କ ମଧ୍ୟରେ ଆଲୋଚନା ହେବା ସହିତ ଚାଷୀ ତୁରନ୍ତ ସମାଧାନ କରିବା ପାଇଁ ଦାବି ଜଣାଇଥିଲେ। ବରପାଲି ଏନଏସିର ୱାର୍ଡ ନଂ ୧ ନୂଆଁପଡାବାସୀ ଡ୍ରେନ୍ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଜିଲ୍ଲାପାଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଡ୍ରେନ୍ କାମ କରିବା ସହ ଏହାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ଶିବିରରେ ତହସିଲଦାର ରୁକ୍ମଣ ମେହେର, ବିଡିଓ ସୁମନ୍ତ କୁମ୍ଭାର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ଶତପଥୀ, ଥାନାଧିକାରୀ ପ୍ରମୋଦ ସାହୁଙ୍କ ସମେତ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ଗଠିତ



ବରଗଡ଼,୩୦।୩(ସମିସ): ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟିର ବୈଠକ ସ୍ଥାନୀୟ ଏଇ ମିସନ ସ୍କୁଲ ସମ୍ମିଳନୀ କକ୍ଷରେ ଦଧିବାବନ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଉପସଭାପତି ସର୍ଦ୍ଦାର ପ୍ରିତମ ସିଂହଙ୍କ ସଂଯୋଜନାରେ ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଛି। ସଭାପତି ଦଧିବାବନ ଶତପଥୀ, ଉପସଭାପତି ସର୍ଦ୍ଦାର ପ୍ରିତମ ସିଂ, ସମ୍ପାଦକ ତୁଳସୀ ଚରଣ ଦାଶ, ସହସମ୍ପାଦକ ଡ.ଯଶବୀର ସିଂ, ସୈନୀ ସଂଗଠନ ସମ୍ପାଦକ ପ୍ରଦୀପ ଦେବତା, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ଆବାହକ ଲୁଲୁରବିନ ଦାସ। ପରାମର୍ଶଦାତା କମିଟିରେ ଗୁରୁ ଭାଗବତ ପଧାନ (ଭାଗବତିଆ), ପ୍ରମୋଦ ଚନ୍ଦ୍ର ଦେବତା, ଡ.ଶ୍ରୀକର ମିଶ୍ର, ଯୁଗଳ ପ୍ରସାଦ ସିଂ, କେଶରଞ୍ଜନ ପ୍ରଧାନ, ସନ୍ଦୀପ ଆଚାର୍ଯ୍ୟ, ଅଶୋକ ବହିଦାର, ଗଦାଧର ବାରିକ, ଟେକଚାନ୍ଦ ଦୂଆନ, ଉତ୍ପନ୍ନ ଭୋଇ, ଡ.ଚିରବ୍ରତ ଦତ୍ତ, ଡ.ତପସ୍ୱୀନି ଗୁରୁ, ସନ୍ତୋଷ ପଣ୍ଡା, ଡ.ଶିବପ୍ରୀୟା ମିଶ୍ର, ମନ୍ଦାକିନୀ ଶତପଥୀ, ଡ.ସୁଜିତ ପୃଷ୍ଟେଠ, ଭବାନୀଶ ଭୋଇ, ସୁଶାନ୍ତ ମିଶ୍ର, ଡ.ଭବାନୀ ଶଙ୍କର ପଟେଲ, ଡ.ବାସନ୍ତୀ ମଞ୍ଜରୀ ହନୁମାନ, ଦିବାକର ପ୍ରଧାନ। ରାଜ୍ୟ କାର୍ଯ୍ୟକାରିଣୀରେ ନେତ୍ରାନନ୍ଦ ପ୍ରଧାନ (ସମ୍ବଲପୁର), ଦିନେଶ ମାଲି (ଅନୁଗୁଳ), ବିଜୟ ଜେନା (ନୟାଗଡ), ପ୍ରଭାତ ଖମାରୀ (ବୌଦ୍ଧ), ପ୍ରମୋଦ ସିଂହ (ଝାରସୁଗୁଡ଼ା), ଜିବେଶ୍ୱରୀ ପଟେଲ (ସୁନ୍ଦରଗଡ), ମୁରଲୀଧର ନାୟକ (ଦେବଗଡ଼), ବିପ୍ରଚରଣ ସାହୁ (ସୁବର୍ଣ୍ଣପୁର), ସନ୍ଦୀପକୁଅଁର (ବଲାଙ୍ଗିର), ଦିପକ ସୁନାନୀ (କଳାହାଣ୍ଡି), ଡ.ଭାରତୀ ହୋତା (ନୂଆପଡା), ଚୌଧୁରୀ ବରଦା ପ୍ରସନ୍ନ ଦାସ(ଜଗତସିଂହପୁର), ସୁଶିଲ ବାଗ (ଭୁବନେଶ୍ୱର), ଧର୍ମେନ୍ଦ୍ର ପ୍ରଧାନ (ପୁରୀ), ଆୟାସ ପଣ୍ଡା(କଟକ), ଉଦ୍ଧବ ଚରଣ ବେହେରା, ଧର୍ମରାଜ ପ୍ରଧାନ, ଶିବାନନ୍ଦ ମଟାରୀ, ମନୋରଞ୍ଜନ ମେହେର, ବିମଳ କୃଷ୍ଣ ମିଶ୍ର, ପଞ୍ଚାନନ ବାରିକ, ପ୍ରଦୀପ ମିଶ୍ର, ନୁରାବତି ସାହୁ, ସନ୍ତୋଶିନି ଦାଶ, ଜୟଶ୍ରୀ ପଣ୍ଡା, ସଙ୍ଘମୀତ୍ର ପଟେଲ। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ, ଡ.ତୁଷାରକାନ୍ତ ସାହୁ(ସୋହେଲା), ପଦ୍ମଲୋଚନ ସାହୁ(ବରପାଲି), ପ୍ରଦ୍ୟୁମ୍ନ ସାହୁ (ସୁବର୍ଣ୍ଣପୁର), ଅମୂଲ୍ୟବେହେରା (ଡୁଙ୍ଗୁରିପାଲି), ହିମାଂଶୁଭୂଷଣ ପଣ୍ଡା (ବିନିକା), ଉମାକାନ୍ତ ହୋତା (ଲଛିପୁର), ସନ୍ତୋଷ ପ୍ରଧାନ (ପଣ୍ଡକିଟାଲ), ଉଦ୍ଧବ ବାରିକ (ତେଲି ଟିକ୍ରା), ନିସାର ଅହମଦ ନିସାର (ଲୋଇସିଂହା), ନିରଞ୍ଜନ ପଣ୍ଡା (ଗାଇସିଲେଟ), ଅଶୋକ ପୂଜାହାରୀ (ଘେଁସ), ରାଜେଶ୍ୱର ବେହେରା (ବିଜେପୁର), ରାଜ ସାହୁ(ପଦ୍ମପୁର), ରଞ୍ଜନ ପଣ୍ଡା(ଦଶମାଇଲ), ନିରଞ୍ଜନ ରଥ (ଭଟଲି), ଡ. ନାରାୟଣ ଭୋଇ(ଭେଡେନ), ସୁବାଷ ପ୍ରଧାନ (ଅତାବିରା), ରମେଶ ମାଝୀ (କୁମ୍ଭାରୀ), ସରୋଜ ଦାସ(କୁଟାସିଂହା) ପ୍ରମୁଖ ମନୋନୀତ ହୋଇଛନ୍ତି। ଏପ୍ରିଲ ମାସ ଠାରୁ ଶବ୍ଦ ନୃତ୍ୟ ଉପରେ ଆଲୋଚନାଚକ୍ର ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ନିୟମିତ ଗୁରୁଙ୍କ ଉପରେ ଆଲୋଚନାଚକ୍ର ଏବଂ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଶେଷରେ ସନ୍ତୋଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଟେମରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଇକମାଲ,୩୦।୩(ସମିସ): ପାଇକମାଲ ବ୍ଲକ୍ ଅଧୀନ ଟେମରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଇକମାଲ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ମୁଖ୍ୟବକ୍ତା ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶାନ୍ତନୁ ସାହୁ ଏବଂ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ମୀନକେତନ ସାହୁ, ସାଧନ କେନ୍ଦ୍ର ସଂଯୋଜକ ମହେଶ୍ୱର ହରିପାଲ, ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ, ଟେମରୀ ପଞ୍ଚାୟତ ସରପଞ୍ଚ ଦିଲ୍ଲିପ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ମୋହନ ଭୋଇ ସଭାରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଯୁଧିଷ୍ଠିର ଯୋଶୀ ସଭା ପରିଚାଳନା କରିଥିଲେ। ଶିକ୍ଷକ ଉପେନ୍ଦ୍ର ପ୍ରଧାନ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମାନଙ୍କ ମଧ୍ୟରେ ଅକ୍ଷୟ ଡୁଡୁକା, କୈଳାସ ବରିହା, ହୃଦାନନ୍ଦ ରଣା, ଶିକ୍ଷୟିତ୍ରୀ ରିତୁପର୍ଣ୍ଣା ସିଂ ବରିହା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବସନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## 'ସମର୍ପଣ'ର ବାର୍ଷିକ ଉତ୍ସବରେ ବିଶ୍ୱ ନାଟ୍ୟ ଦିବସ

ବରଗଡ଼,୩୦।୩(ସମିସ): ବରଗଡ଼ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସମର୍ପଣ'ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଚନ୍ଦ୍ର ଶେଖର ବାଗ ଓ ସୌଖିନ କଳାକାର ସଂଘର ସଭାପତି ପ୍ରଭାସରଞ୍ଜନ ମହଲା ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ରାମାଶିଷ ତ୍ରିପାଠୀଙ୍କ ରଚିତ ଓ ସଞ୍ଜୟ ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ 'ଆଏବା ସକାଲ୍' ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକକ ଅଭିନୟ ପ୍ରତିଯୋଗିତାରେ ପ୍ରତିଯୋଗୀ ସାମରିନ୍ ଦାଶ ପ୍ରଥମ, ଝଙ୍କେଶ୍ୱର୍ ପ୍ରଧାନ ଦ୍ୱିତୀୟ ଓ ଓମ୍ ପ୍ରକାଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୁବ୍ରତ ବେହେରାଙ୍କୁ ସ୍ୱାନ୍ତନାମୂଳକ ପୁରସ୍କାର ଅତିଥି ବୃନ୍ଦଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହା ସହ ଚଳିତ ବର୍ଷର 'ସମର୍ପଣ ସମ୍ମାନ' ବିଶିଷ୍ଟ ମଞ୍ଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଦୟାନିଧି ସାହୁଙ୍କୁ ପ୍ରଦାନ କରାଯାଇଥିଲା। ନାଟକରେ ସଞ୍ଜୟ ପାଢ଼ୀ, ସୁଶୀଲ ନାୟାର, ମଳୟ ମିଶ୍ର, ସୁରେଶ ଦାଶ, ସଞ୍ଜୟ ବେହେରା, ବୈଷ୍ଣବୀ ସାହୁ ଓ ମୋନାଲି ପ୍ରଭା ବରଗିଁ ଅଭିନୟ କରିଥିଲେ। ସଙ୍ଗୀତରେ ଗୋପାଳ ପ୍ରସାଦ ମିଶ୍ର, ସୁରେନ୍ଦ୍ର ଦୀପ, ଶୁଭମ୍ ମହାପାତ୍ର ଓ ସ୍ନେହପ୍ରଭା ଭାଗ୍ୟଶ୍ରୀ ଭେସ୍ରା ପରିଚାଳନା କରିଥିଲେ। ପରିଚାଳନାରେ ପ୍ରୟାସ ବିର୍ଣ୍ଣିଆ, ସୁମିତ୍ ବଣ୍ଛୋର, ଆଦିତ୍ୟ ଦୀପ, ବିକାଶ ମିଶ୍ର, ବିଶାଲ ନାଗ, ବିଜୟ ପୁରୋହିତ, ବେଣୁଧର ଡନସନା କନକ ଡନସନା, ମିତ୍ରଭାନୁ ସାହୁ ବିଜୟ ଛତର ସହଯୋଗ କରିଥିଲେ। ପ୍ରସନ୍ନ ଦାଶ ସଭାର ସଭାପତିତ୍ୱ କରିଥିବା ବେଳେ ରାମାଶିଷ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସୁରେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚବିଶ ପ୍ରହର ନାମଯଜ୍ଞ ଉଦ୍ଯାପିତ

ପାଇକମାଲ,୩୦।୩(ସମିସ): ପାଇକମାଳ ସଡ଼କପଡାରେ ୪ ଦିନ ଧରି ଚାଲିଥିବା ୩୧ତମ ଚବିଶ ପ୍ରହର ନାମଯଜ୍ଞ ସୋମବାର ଉଦ୍ଯାପିତ ହୋଇଯାଇଛି। ଶୁକ୍ରବାର ନାମଯଜ୍ଞ ପାଇଁ କଳସଯାତ୍ରା ହୋଇଥିଲା। ଶିବମନ୍ଦିର ଘାଟରୁ ୧୦୮ କଳସରେ ମହିଳା ମାନେ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ମୁକେଶ ସେଠ ଓ ତାଙ୍କର ସହ ଧର୍ମିଣୀ ନିରୂପମା ସେଠ ଦାୟିତ୍ୱ ତୁଲାଇ ଥିଲେ। ଯଜ୍ଞ ପୁରୋହିତ ଭାବେ ଡିଗ୍ରୀଧର ଦେବତା ଓ ମିତ୍ରଭାନୁ ଦେବତା ପୂଜାପାଠ, ହୋମଯଜ୍ଞ ଇତ୍ୟାଦି କାମ ତୁଲାଇଥିଲେ। ଏଥିରେ ୧୬ଟି ଦଳ ଆହୋରାତ୍ର ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଯଜ୍ଞ କମିଟିର ସଭାପତି ଜୟଦ୍ରଥ ପ୍ରଧାନ, ସମ୍ପାଦକ ଡୋଲାମଣି ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଥିଲା। ପ୍ରତିଦିନ ହଜାର ହଜାର ଭକ୍ତ ମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହାର ଦାୟିତ୍ୱ ଜୟଦେବ ମଟାରି, ଶଙ୍କର ଦାସ, ନାରାୟଣ ନାୟକ, ଶତ୍ରୁଘନ ସୁପକାର ନେଇଥିଲେ। ଦିଲ୍ଲୀପ ସାହୁ, ଲିଙ୍ଗରାଜ ସାହୁ, ଗୋପେନ୍ଦ୍ର ପ୍ରଧାନ ତଥା ସଡ଼କପଡା ବାସୀ ସହଯୋଗ କରିଥିଲେ। ରାତ୍ର ବାରଟା ଯାଏଁ ବୈଠକୀ ସଂକୀର୍ତ୍ତନ ପରିବେଷିତ ହେବ ବୋଲି କମିଟି ତରଫରୁ ସଭାପତି ଶ୍ରୀ ପ୍ରଧାନ ଜଣାଇଛନ୍ତି।

## ବିକାଶ ଡିଗ୍ରୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା



ବରଗଡ଼,୩୦।୩(ସମିସ): ବିକାଶ ହାୟର୍ ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ କଲେଜରେ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ 'ୟାଦେଁ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଅଧକ୍ଷ ସତ୍ୟବ୍ରତ ମିଶ୍ର ଶେଷବର୍ଷରେ ଥିବା ଛାତ୍ରଛାତ୍ରୀଙ୍କର କୃତିତ୍ୱକୁ ଆଲୋଚନା କରିଥିଲେ। ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ର ଛାତ୍ରଛାତ୍ରୀଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓ ବିକାଶ ଡିଗ୍ରୀ କଲେଜର ଗୌରବମୟ ଇତିହାସ, ଛାତ୍ରଛାତ୍ରୀଙ୍କ ଉପଲବ୍ଧି ଏବଂ ଅଧାପକ ଅଧାପିକାଙ୍କ ମାର୍ଗଦର୍ଶନର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ। ମହାବିଦ୍ୟାଳୟ ପାଇଁ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମରେ କୃତିତ୍ୱ ଆଣିଥିବା ଶେଷ ବର୍ଷର ଶ୍ରେଷ୍ଠ ୮ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେସ୍ନାଲ କ୍ୟାମ୍ପସର ସମସ୍ତ ଅଧକ୍ଷ ଅଧକ୍ଷା ଏବଂ ଡିନ୍ (ଷ୍ଟୁଡେଣ୍ଟ୍ ଆଫେୟାର) ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦୁପତ୍ର ତୋଳାଳିଙ୍କ ସମସ୍ୟା ଜଣାଇଲେ ସାଂସଦ

ପଦ୍ମପୁର,୩୦।୩(ସମିସ)

କେନ୍ଦୁପତ୍ର ତୋଳାଳିଙ୍କ ସମସ୍ୟା ସହ ବିଭିନ୍ନ ସମସ୍ୟାକୁ ନେଇ ନୂଆଦିଲ୍ଲୀ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଭେଟିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ ସମସ୍ୟା ସମାଧାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି। ଓଡ଼ିଶାର ପ୍ରାୟ ୧୨ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ସାମୟିକ କର୍ମଚାରୀଙ୍କ ହକ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। କେନ୍ଦୁପତ୍ର ବାଣିଜ୍ୟର ପ୍ରଶାସନିକ ଢାଞ୍ଚା ଏବଂ ଶ୍ରମିକମାନଙ୍କ ସମସ୍ୟାକୁ ନେଇ ଅବଗତ କରାଇଛନ୍ତି। ସାମୟିକ କେନ୍ଦୁପତ୍ର କର୍ମଚାରୀଙ୍କ ଅବସର ବୟସ ୬୨ରୁ ୬୫ ବର୍ଷକୁ ବୃଦ୍ଧି କରାଯାଉ, ୨୦୨୦ରୁ ବନ୍ଦ ଥିବା ଦରମା ବୃଦ୍ଧିକୁ ତୁରନ୍ତ ଲାଗୁ କରାଯାଉ, ସର୍ବନିମ୍ନ ମଜୁରି ନିୟମ ଅନୁସାରେ ପାରିଶ୍ରମିକ ନିର୍ଦ୍ଧାରଣ ହେଉ, କେନ୍ଦ୍ରୀୟ ଗୋଦାମ ଜଗୁଆଳିଙ୍କର ବକେୟା ପ୍ରାୟ ୨.୪୦ କୋଟି ଟଙ୍କା ତୁରନ୍ତ ପ୍ରଦାନ କରାଯାଉ, ପତ୍ର ପିଛା ୦.୦୮ ପଇସା ଦରକୁ ବୃଦ୍ଧି କରିବା ଆଦି ଦାବିକୁ ସାଂସଦ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।



ଏବେ ଋତୁକାଳୀନ କେନ୍ଦୁପତ୍ର କର୍ମଚାରୀଙ୍କ ଅବସର ବୟସ ୬୨ ଥିବା ବେଳେ ସାଂସଦ ତାହାକୁ ୬୫ ବର୍ଷ ବୟସକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି। ୨୦୨୦ରୁ ସର୍ବନିମ୍ନ ମଜୁରି ମାନଦଣ୍ଡ ଏବଂ ବୁଝାମଣାପତ୍ର ଅନୁଯାୟୀ ଋତୁକାଳୀନ କର୍ମଚାରୀଙ୍କ ପାଇଁ ମଜୁରିରେ କୌଣସି ବୃଦ୍ଧି କରା ଯାଇନାହିଁ। ଫଳରେ ଏହି ଆୟ ଉପରେ ନିର୍ଭରଶୀଳ ହଜାର ହଜାର ପରିବାର ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ରୀୟ ଗୋଦାମକୁ ଦେୟ ପ୍ରାୟ ୨କୋଟି ୪୦ ଲକ୍ଷ ଟଙ୍କାର ବକେୟା ପୂର୍ବ ସରକାରଙ୍କ ନିକଟରେ ପଡିଥିବା ସୂଚନା ମିଳିଛି। ବକେୟା ପ୍ରାପ୍ୟ ଯଥାଶୀଘ୍ର ପ୍ରଦାନ କରିବାକୁ ସାଂସଦ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଅନୁରୋଧ କରିଛନ୍ତି। ବର୍ଦ୍ଧିତ ମୁଦ୍ରାସ୍ଫୀତି ଏବଂ ସଂଗ୍ରହରେ ଜଡିତ କଠିନ ପରିଶ୍ରମକୁ ଦୃଷ୍ଟିରେ ରଖି ପ୍ରତି ପତ୍ରର ବର୍ତ୍ତମାନର ୦.୦୮ କ୍ରୟହାର ଅତ୍ୟନ୍ତ କମ୍। ଏହାକୁ ଅତି କମରେ ୦.୧୨କୁ ବୃଦ୍ଧି କରାଯାଉ। ଏହା ଲକ୍ଷ ଲକ୍ଷ ଆଦିବାସୀ ସଂଗ୍ରହକାରୀଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତିରେ ସହାୟକ ହେବ। କେନ୍ଦୁପତ୍ର ଅର୍ଥନୀତି କେବଳ ଏକ ବାଣିଜ୍ୟ ନୁହେଁ ଏହା ଓଡ଼ିଶାର ଲକ୍ଷ ଲକ୍ଷ ଗରିବ ଆଦିବାସୀ ଏବଂ ଜଙ୍ଗଲରେ ବାସ କରୁଥିବା ପରିବାରର ଜୀବନରେଖା। ଏହି ଶ୍ରମିକମାନେ ପ୍ରଚଣ୍ଡ ଗରମ ଏବଂ କଷ୍ଟକର ପରିସ୍ଥିତିରେ ଜଙ୍ଗଲକୁ ପ୍ରବେଶ କରନ୍ତି। ରାଜ୍ୟର ଜଙ୍ଗଲ-ଭିତ୍ତିକ ରାଜସ୍ୱ ଏବଂ ଗ୍ରାମୀଣ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖନ୍ତି। ସେମାନଙ୍କ ମର୍ଯ୍ୟାଦା, ନ୍ୟାୟପୂର୍ଣ୍ଣ ମଜୁରି ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ନୈତିକ ଦାୟିତ୍ୱ। ତେଣୁ ଏହା ଉପରେ ଗୁରୁତ୍ୱ ଦେଇ ତୁରନ୍ତ ବିଚାର କରିବାକୁ ସାଂସଦ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଜନଶୁଣାଣିରେ ୧୧୭ଟି ଅଭିଯୋଗ




**ଟାଙ୍ଗୀ, ୩୦।୩ (ସମିସ):** ଟାଙ୍ଗୀ ବ୍ଲକ ବଡ଼ପାରୀ ପଞ୍ଚାୟତ ରେ ଦ୍ୱିତୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୧୧୭ଟି ଅଭିଯୋଗ ଉପସ୍ଥାପିତ ହୋଇଥିବା ଜଣାପଡିଛି। ଏହି ଅଭିଯୋଗ ଶୁଣାଣିରେ ଟାଙ୍ଗୀ ବିଡ଼ିଓ ରୁମାନା ଜାଫ୍ରି, ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା, ବଡ଼ପାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇଥିଲେ। ଏଥିରେ ମହିଳା ମିଶନ ଶକ୍ତି ଓ ଜୀବିକା ମିଶନ ତରଫରୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇ ଅଭିଯୋଗ ଗ୍ରହଣ ଓ ଶୁଣାଣିରେ ସହାୟତା କରିଥିଲେ।

# ବାବା କପିଳେଶ୍ୱରଦେବଙ୍କ ବାହୁଡ଼ା ଯାତ୍ରା

**ନିରାକାରପୁର,୩୦।୩ (ସମିସ):** ପ୍ରାଚୀନ ଶୈବପୀଠ ଖୋର୍ଦ୍ଧା ଜିଲ୍ଲା ଡିଆସ୍ଥିତ ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରାର ୪ଦିନ ପରେ ନିଆରା ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫୦୦ବର୍ଷର ପ୍ରାଚୀନ ପରମ୍ପରା ଚୈତ୍ର ଶୁକ୍ଳ ଦ୍ୱାଦଶୀ ତିଥିରେ ବାହୁଡା ରଥଯାତ୍ରା ହେଉଛି। ବାହୁଡା ଦିନ କପିଳେଶ୍ୱରଦେବ ଓ ପାର୍ବତୀ ଓ ବଡଭାଇ ଗ୍ରାମେଶ୍ୱରଦେବ ଓ ଗ୍ରାମେଶ୍ୱରୀ ଦେବୀ ମନ୍ଦିର ରୁ ବାହାରି ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସରିବା ପରେ ଦୁଇଟି ବିମାନରେ ଡିଆ ଗ୍ରାମରେ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରିଥିଲେ। ଠାକୁରଙ୍କ ଶୋଭାଯାତ୍ରାରେ ସିଂହ ବାଜା, ଘୋଡାନାଚ, ପରିନାଚ, ନାଗାନାଚ, ବାଘ ବାଘୁଣୀ, ଭାଲୁ, ଶିବପାର୍ବତୀ କଳନୃତ୍ୟ ଘଣ୍ଟ ଘଣ୍ଟା ଢୋଲ ମୃଦଙ୍ଗ ବଜାଇ ହରିବୋଲ ହୁଳହୁଳିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ମହାପ୍ରଭୁ ଗ୍ରାମ ପରିକ୍ରମା କରି ସାରିବା ପରେ ରଥାରୁଢ ହୋଇଥିଲେ। ଭକ୍ତ ମାନେ ବିଲମାଳ ଗହିର ମଧ୍ୟରେ ରଥ ଟାଣି ନେବା ପରେ ଭେଟ ବାଲି ଠାରେ ରଥ ପହଞ୍ଚାଇ ଥଲେ। ସେଠାରେ ଦାରୁଭୋଗ ଲାଗି ପରେ ମନ୍ଦିର ନିକଟକୁ ରଥକୁ ଟଣା ହୋଇଥିଲା। ବାହୁଡା ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ସୁରକ୍ଷା ଦୃଷ୍ଟିରୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ବାବା କପିଳେଶ୍ୱର ଦେବ ଓ ଆରେଡି ଗ୍ରାମର ଗ୍ରାମେଶ୍ୱର ଦେବଙ୍କୁ ମେଲାଣୀ ଦିଆଯିବ।

# କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପିର ବାର୍ଷିକ ଉତ୍ସବ



**ଖୋର୍ଦ୍ଧା,୩୦।୩(ସମିସ):** ତରତୁଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଆଇଟିବିପି ଖୋର୍ଦ୍ଧାର ପ୍ରଥମ ବାର୍ଷିକ ଉତ୍ସବ 'ଉଦୟ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ କେ.ଭି. ଏସ୍ ଆଂଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ଅବସରପ୍ରାପ୍ତ ଡେପୁଟି କମଶନର ଶିହରନ ବୋଷ, ସମ୍ମାନିତ ଅତିଥିରୂପେ ଏକଚାଳିଶି ବାଟାଲିୟନ କମାଣ୍ଡାଣ୍ଟ ତଥା ଭିଏମ୍‌ସି ର ଅଧ୍ୟକ୍ଷ ନରେନ୍ଦ୍ର ସିଂ, ସେକେଣ୍ଡ କମାଣ୍ଡାଣ୍ଟ ଦିଗବିଜୟ ସିଂହ, କେଭି ଆଇ ଆଇ ଟି ର ଅଧ୍ୟକ୍ଷ ଚକ୍ରଧର ପୃଷ୍ଟି, କେ ଭି -୨ ର ପ୍ରଭାରୀ ଅଧ୍ୟକ୍ଷ ସୁଶାନ୍ତ ସେଠୀ ଏବଂ ପ୍ରଧାନ ଶିକ୍ଷକ ଗୌରହରି ନାୟକ ଓ ଭାଗିରଥି ପାଣ୍ଡେ, ଭିଏମ୍‌ସି ର ଅଭିଭାବକଙ୍କ ତରଫରୁ ଶରତ କୁମାର ରାଉତ, କଲ୍ୟାଣୀ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଝା ସ୍ୱାଗତ ଭାଷଣ ତଥା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଚିତାକର୍ଷକ ହୋଇଥିଲା। ମଞ୍ଚ ପରିଚାଳନା ରେ ଶିକ୍ଷୟିତ୍ରୀ ବର୍ଷାରଣି ସାହୁ, ପ୍ରଜ୍ଞା ଘୋଷ, ଶୁଭଲକ୍ଷ୍ମି ସେନାପତି, ଗୀତାଞ୍ଜଳି ସାହୁ, ଶିକ୍ଷକ ପ୍ରଜ୍ଞା ନାୟକ ସହଯୋଗ କରିଥିଲେ। ଶିକ୍ଷକ ପରମେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ବଡ଼ବେରଣା ସେବା ସମବାୟ ସମିତିର ସାଧାରଣ ସଭା

**ବେଗୁନିଆ,୩୦।୩(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ସେବା ସମବାୟ ସମିତି ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସମବାୟ ସମିତିର ସଭାପତି ପରମାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ମଦନ ମୋହନ ସାହୁଙ୍କ ସଂଯୋଜନାରେ ଚାଷୀମାନଙ୍କ ଉନ୍ନତି ନିମିତ୍ତ ବିଗତ ବର୍ଷରେ ସାର, ବିହନ ବଣ୍ଟନ ଓ ସ୍ୱଚ୍ଛତାର ସହ ଋଣ ପ୍ରଦାନ କ୍ଷେତ୍ରରେ ଯଥେଷ୍ଟ ପରିମାଣର ଗୁରୁତ୍ୱ ଦିଆ ଯାଇଥିଲା। ଏପରିକି ଚଳିତବର୍ଷ ଖୋର୍ଦ୍ଧା ଜିଲ୍ଲାରେ ବଡ଼ବେରଣା ସମବାୟ ସମିତିର ଧାନ ମଣ୍ଡି ଚାଲିଥିବା ବେଳେ ୮ ଶହ ଚାଷୀ ପଞ୍ଜୀକରଣ କରି ମୋଟ ୨୮ ହଜାର ୭୦ କ୍ୱିଣ୍ଟାଲ ଧାନ ବିକ୍ରୟ କରି ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଅର୍ଜନ କରିଛି। ସମ୍ପାଦକ ନିରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପିର ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଖୋର୍ଦ୍ଧା,୩୦।୩(ସମିସ):** ଭାରତୀୟ ଜନତା ପାର୍ଟି ମଧ୍ୟ ଖୋର୍ଦ୍ଧା ମଣ୍ଡଳର ଦୁଇ ଦିବସୀୟ ପ୍ରଶିକ୍ଷଣ ବର୍ଗ ସ୍ଥାନୀୟ କାଇପଦରଠାରେ ଉଦଯାପିତ ହୋଇଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ନାମରେ ନାମିତ ଏହି ବର୍ଗରେ ବିଭିନ୍ନ ବିଷୟ ବିନ୍ଦୁ ଉପରେ ଜାତୀୟ ପରିଷଦ ସଦସ୍ୟ ଅଜୟ ମିଶ୍ର, ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ବର୍ଗର ଜିଲ୍ଲା ସଂଯୋଜକ ନିକୁଞ୍ଜ ପଟ୍ଟନାୟକ, ଜିଲ୍ଲା ଉପସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ରୋଜିନାରାଣୀ ଦାସ, ଦିଲ୍ଲିପ ହୋତା ଓ ପ୍ରଫୁଲ୍ଲ ଦଳାଇ ପ୍ରମୁଖ ବକ୍ତା ଭାବରେ ନିଜ ନିଜର ବିଷୟ ରଖିଥିଲେ। ମଣ୍ଡଳ ସଭାପତି ରଂଜିତ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଏବଂ ବର୍ଗ ପ୍ରମୁଖ ବିଭୂପ୍ରସାଦ ବଳିୟାରସିଂହଙ୍କ ପରିଚାଳନାରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ବର୍ଗରେ ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ପ୍ରଶିକ୍ଷାର୍ଥୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସମାରୋପ ସତ୍ରରେ ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମଣ୍ଡଳ ଅନ୍ତର୍ଗତ ୬ଗୋଟି ପଂଚାୟତର ପ୍ରମୁଖ, ୩୫ଗୋଟି ବୁଥର ସଭାପତି, ମଣ୍ଡଳରୁ ତଦୁର୍ଦ୍ଧ୍ୱ ପଦାଧିକାରୀ ଏବଂ ମଣ୍ଡଳ କମିଟିର ସମସ୍ତ ସଦସ୍ୟ ଏବଂ ସଦସ୍ୟାମାନଙ୍କ ସମେତ ୧୧୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଜିଲ୍ଲାର ପୂର୍ବତନ ସଭାପତି ତଥା ମଣ୍ଡଳ ପ୍ରଭାରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବର୍ଗରେ ଗଗନ ବିହାରୀ ପାଇକରାୟ, ପ୍ରଦୀପ୍ତ କୁମାର ପାଣି, କେଦାରେଶ୍ୱର ପୃଷ୍ଟି, ରଶ୍ମିରଂଜନ ମାନ୍ଧାତା, ଗଗନ ବଡ଼ଜେନା ଓ ମନସୁର ଅଲ୍ଲୀ ପ୍ରମୁଖ ମଣ୍ଡଳ ପଦାଧିକାରୀମାନେ ବିଭିନ୍ନ ସତ୍ରରେ ଅଧ୍ୟକ୍ଷତା କରିଥିଲେ।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ଘଟଣା

# ୨୦ ଦିନ ପରେ ବି ଶିଳ୍ପାଞ୍ଚଳ ପୁଲିସ ହାତ ଖାଲି

**ଖୋର୍ଦ୍ଧା,୩୦।୩ (ସମିସ)**

ଝରକା ତାଡି ପଶିଲେ, ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ନଗଦ ଲକ୍ଷାଧିକ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ଏ ନେଇ ଥାନାରେ ଅଭିଯୋଗ ହେଲା। ମାତ୍ର ପୁଲିସ କେବଳ ଏକ ମାମଲା ରୁଜୁ କରି ହାତବାନ୍ଧି ବସିଛି। ପୁଲିସ ଅବହେଳା ହେଉ କିମ୍ବା ଆନ୍ତରିକତା ଅଭାବରୁ ଲୁଟେରାମାନେ ବେଧଡ଼କ ଭାବେ ଗୋଟିଏ ପରେ ଗୋଟିଏ ଲୁଟ୍ କରିବା ଘଟଣା ଏବେ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି। ୨୦ଦିନ ଭିତରେ ଥାନାର ବିଭିନ୍ନ ସ୍ଥାନରୁ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ରୂପା ଓ ଘରକରଣା ସାମଗ୍ରୀ ଲୁଟ ହୋଇଥିବା ଜଣାଯାଇଛି। ଘଟଣା ପାଇଁ ସ୍ଥାନୀୟ ଲୋକ ସିଧାସଳଖ ପୁଲିସ୍‌ର କାର୍ଯ୍ୟଦକ୍ଷତା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ବିଳମ୍ବିତ ରାତିରେ ଉଇଲକିଶନ ନଗରର ମନୋରଞ୍ଜନ ପ୍ରଧାନଙ୍କ ଘରର ଝରକା ଭାଙ୍ଗି ଦୁର୍ବୃର୍ତମାନେ ଘରେ ପଶିଥିଲେ। ଘରେ ଆଲମିରା ଓ ଟ୍ରଙ୍କରେ ରହିଥିବା ବାହାଘର ବନ୍ଧାଣ ଅଳଙ୍କାର ସମେତ ଭାଇ ଏବଂ ଭଉଣୀଙ୍କର ମିଶାଇ ମୋଟ ୫ଭରିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର, ନଗଦ ଅଢେଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ୧୧ତାରିଖ ଦିନ ଘଟଣା ସମ୍ପର୍କରେ ଜାଣିବାରେ ଶ୍ରୀ ପ୍ରଧାନ ଥାନା ରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ୬୭/୨୬ରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ଆସି ତଦନ୍ତ କରିଥିଲେ। ଉକ୍ତ ସମୟରେ ଦୁଇ ଜଣଙ୍କୁ ପୁଲିସ ଉଠାଇଥିବାବେଳେ ପରେ ସେମାନଙ୍କୁ ଛାଡିଥିବା ଜଣାଯାଇଛି। ଘଟଣାକୁ ୨୦ଦିନ ବିତିଥିଲେ ବି ପୁଲିସ ଏ ପର୍ଯ୍ୟନ୍ତ ଅପରାଧିଙ୍କ ଟେର ପାଉନି। ବାସ୍ତବରେ ଅପରାଧିଙ୍କୁ ଧରୁନି ନା ଧରିବାକୁ ପୁଲିସ ଚାହୁଁନି ତାହାକୁ ନେଇ ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଥାନାରୁ ଅଭିଯୋଗକାରୀ ଙ୍କୁ ନ୍ୟାୟ ମିଳୁନଥିବା ସେ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ଅଭିଯୋଗକାରୀ ଏସ୍‌ପି ଓ ଆଇଜିଙ୍କୁ ଭେଟିବା ସହ ନ୍ୟାୟ ଦାବିରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ନାଇଟ ପାଟ୍ରୋଲିଂ ଢିଲା ଯୋଗୁ ଶିଳ୍ପାଂଚଳଥାନାଅଂଚଳରେବଢୁଛିଅପରାଧିକ କରାର୍ଯ୍ୟକଳାପ। ୫ଦିନ ତଳେ ଦୁର୍ବୃତ୍ତମାନେ ବୋଲେରୋ ଗାଡିରେ ଆସି ରାସ୍ତାରେ ଶୋଇଥିବା ଗାଈଙ୍କୁ ଚୋରି କରିନେଉଥିବା ର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଲୁଟେରା ଓ ପୁଲିସର ଲୁଚକାଳି ଖେଳ ପ୍ରଭାବରେ ଲକ୍ଷାଧିକ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଲୁଟେରା ଲୁଟ୍ କରିନେବାରେ ସକ୍ଷମ ହେଉଥିବାବେଳେ ଶିଳ୍ପାଂଚଳ ପୁଲିସ୍‌ର ସୁରକ୍ଷା ବ୍ୟବସ୍ଥାରେ ଢିଲା ଫଳରେ ଜନସାଧାରଣ ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏ ନେଇ ଥାନା ଅଧିକାରୀ ଉମେଶ ସାହୁଙ୍କ କହିବା କଥା ଉଇଲକିଶନ ନଗର ଲୁଟ ଘଟଣାରେ ଯଦିଓ କେହି ଗିରଫ ହୋଇନାହାନ୍ତି, ତଥାପି ଖୁବଶୀଘ୍ର ଗିରଫ ହେବେ। ସେହିପରି ବରୁଣେଇ ରାସ୍ତାରୁ ବୋଲେରୋରେ ଗୋରୁ ଲୁଟ କରିବା ଅଭିଯୋଗରେ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଲୁଟ ଓ ଚୋରି ଘଟଣାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ସାନପଦର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

**ବୋଲଗଡ଼,୩୦।୩ (ସମିସ):** ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ତହସିଲଦାର ବିଜୟ କୁମାର ସେଠୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ର, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର,ପଞ୍ଚାୟତ ନିର୍ବାହୀ ଅଧିକାରୀ ସମରେନ୍ଦ୍ର ପଣ୍ଡା ଏବଂ ବିଭିର୍ଣ୍ଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଆସିଥିବା ଜନସାଧାରଣଙ୍କର ଅଭିଯୋଗ ଗୁଡିକର ଯଥା ସମ୍ଭବ ସମାଧାନ କରିଥିଲେ। ଏଥିରେ ୧୦୪ଟି ଅଭିଯୋଗ ହୋଇଥିବାର ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅଭିଯୋଗ ଗୁଡିକ ମଧ୍ୟରୁ ୯୦ଟି ଅଭିଯୋଗର ଶୁଣାଣୀ ହୋଇ ସମାଧାନ ହୋଇଥିବା ବେଳେ ୧୪ଟି ଅଭିଯୋଗ ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି କୁହାଯାଇଛି।

# ଏପ୍ରିଲ ୨୦ରୁ ପୂର୍ବ ଓଡ଼ିଶା ଧନୁଯାତ୍ରା

**ଜଟଣୀ,୩୦।୩ (ସମିସ):** ଶ୍ରୀ ଶ୍ରୀ ମଦନ ମୋହନ ନାଟ୍ୟ କଳା ସଂସଦ ଆନୁକୂଲ୍ୟରେ ଜଟଣୀ ନିକଟ ପାତ୍ରପଡା ଠାରେ ଆସନ୍ତା ଏପ୍ରିଲ ୨୦ ତାରିଖ ଅକ୍ଷୟ ତୃତୀୟା ଠାରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବାକୁ ଯାଉଛି। ଏପ୍ରିଲ ୨୬ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପି କୃଷ୍ଣ ରାସଲୀଳା ସମେତ ଧନୁଯାତ୍ରା ଅନୁଷ୍ଠିତ ହେବ । ଆଜି ସ୍ଥାନୀୟ ରୋଟାରୀ କ୍ଲବ ଠାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ଏହି ଧନୁଯାତ୍ରା ଉତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ରାଜ୍ୟର ବହୁ ମନ୍ତ୍ରୀ, ନେତା ଏବଂ ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ସାମିଲ ହେବେ। ୩୭ ବର୍ଷରେ ପଦାର୍ପଣ କରିଥିବା ଏହି ଅନୁଷ୍ଠାନରେ ମିନାବଜାର, ସର୍କସ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଆତସବାଜି, ଅପେରା, ବିଭିନ୍ନ ପ୍ରକାର ସରକାରୀ ଓ ବେସରକାରୀ ଷ୍ଟଲ ଆଦି ପ୍ରଦର୍ଶିତ କରାଯିବ। ପ୍ରତିଦିନ କାର୍ଯ୍ୟକ୍ରମ ସମୟରେ ବିଭିନ୍ନ ବର୍ଗର ରାଜନୈତିକ ବ୍ୟକ୍ତିବିଶେଷ, ସାହିତ୍ୟିକ, ଐତିହାସିକ, ଶାସକ ତଥା ପ୍ରଶାସକ ମାନେ ଯୋଗ ଦେବେ। ଧନୁଯାତ୍ରା ଲାଗି ଶୁଭ ଖୁଣ୍ଟି ପଡିବା ପୂର୍ବରୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରୁ ଆଜ୍ଞାମାଳ ଅଣାଯିବ। ସେହି କ୍ରମରେ ଜଟଣୀ ନିକଟସ୍ଥ କୁମାରଖାତିଆ ଗ୍ରାମରୁ ପାରମ୍ପରିକ ରୀତି ନୀତିରେ ଧନୁ ଅଣାଯିବ। ଏହି ଉତ୍ସବରେ ପ୍ରତିଦିନ ହଜାର ହଜାର ସଂଖ୍ୟକ ଲୋକମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ଓ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପିପିଲି ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଅନୁଷ୍ଠାନର ମନମୋହନ ରାଉତରାୟ, ଅଶୋକ ମଙ୍ଗରାଜ, ପଦ୍ମଚରଣ ପ୍ରଧାନ, ପ୍ରତାପ ସ୍ୱାଇଁ, ନାରାୟଣ ମହାନ୍ତି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।




# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ

**ବେଗୁନିଆ,୩୦।୩ (ସମିସ):** ବେଗୁନିଆ ସଦର ମହକୁମା ସ୍ଥିତ ଦୁର୍ଗା ମଣ୍ଡପ ପରିସରରେ ନବ ଦିନ ବ୍ୟାପି ଚାଲିଥିବା ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ପବିତ୍ର ରାମ ନବମୀ ଦିନ ଉଦଯାପିତ ହୋଇଛି। ଏଥିରେ ବ୍ୟାସ ଭାବେ ବିପିନ ବିହାରୀ ମହାପାତ୍ର ରହିଥିବା ବେଳେ ସନ୍ଧ୍ୟାରେ ପ୍ରବକ୍ତା ହରିହର ଜେନା, ଗୋପାଳ ଚନ୍ଦ୍ର ରାୟଗୁରୁ, ମିହିର ପଟ୍ଟନାୟକ, ଗୁରୁ ପ୍ରସାଦ ମହାପାତ୍ର, ଅଶୋକ ଦାଶ ଓ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ସତସଙ୍ଗ ମହିମା ଓ ଶିବ ପାର୍ବତୀ ବିବାହ ଠାରୁ ଆରମ୍ଭ କରି ଶ୍ରୀରାମଙ୍କ ରାଜ୍ୟାଭିଷେକ ଓ କାକ ଭୂଷଣ୍ଡି ଗରୁଡ ସମ୍ବାଦ ଉପରେ ପ୍ରବଚନ ଦେଇଥିଲେ।

# ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ସମାଜର ସେନାପତି: ଜଗଦାନନ୍ଦ



**ନିରାକାରପୁର,୩୦।୩ (ସମିସ) :** ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ନିରାକାରପୁର ପରିସରରେ ଚାଲିଥିବା ଜିଲ୍ଲା ସ୍ତରୀୟ ଜାତୀୟ ସେବା ଯୋଜନାର ତିନି ଦିନିଆ ପ୍ରଶିକ୍ଷଣ ଶିବିର ଆଜି ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ବତନ ସୂଚନା ଆୟୁକ୍ତ ଜଗଦାନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଜାତୀୟ ସେବା ଯୋଜନାର ପ୍ରତ୍ୟେକ ସ୍ୱେଚ୍ଛାସେବୀ ହେଉଛନ୍ତି ସମାଜର ଜଣେ ଜଣେ ସେନାପତି। ଅନ୍ୟତମ ବକ୍ତା ଭାବେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ଏନ୍ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ଅନୁପମା ବେଉରିଆ, ଅଧ୍ୟାପକ ମାନସ କୁମାର ଜୟସିଂହ ଏବଂ +୨ ବିଭାଗର ଏନ୍ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଦେବେହରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବଡ଼ପୋଖୋରିଆ ନୀଳଗିରିପାଟଣା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନିରାକାରପୁର,୩୦।୩ (ସମିସ):** ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡପୋଖୋରିଆ ନୀଳଗିରିପାଟଣା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ଶିକ୍ଷକ ବିଜୟ କୁମାର୍ ସୁବୁଦ୍ଧିଙ୍କ ପୌରୋହିତ୍ୟରେ ବଡ଼ପୋଖୋରୀଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନନ୍ଦ କିଶୋର ରଣସିଂହ, ସମ୍ମାନିତ ଅତିଥି ଭାବରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଡମରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ସାହୁ, ସମ୍ମାନିତ ଅତିଥି ଭାବରେ ପ୍ରଦୀପ ପ୍ରଧାନ, ରସାନନ୍ଦ ବେହେରା, ପଞ୍ଚୁ ପଳାଇ ମୁଖ୍ୟବକ୍ତା ଭାବେ ଅମର କୁମାର ଜୟସିଂହ, ମଞ୍ଚ ପରିଚାଳନା କରିଥିଲେ ବିଜୟ କୁମାର୍ ମିଶ୍ର ସହଯୋଗ କରିଥଲେ ରମାକାନ୍ତ ମୁଦୁଲି , ବିଶ୍ୱଜିତ ଭଟ, ସବିତା ବେହେରା, ପ୍ରମୋଦ କୁମାର ପଟ୍ଟନାୟକ, ସୁପ୍ରିୟା ମିଶ୍ର, ସରିତା ମଙ୍ଗରାଜ, ପ୍ରିୟଙ୍କା ପ୍ରିୟଦର୍ଶିନୀ। ଧନ୍ୟବାଦ ଅର୍ପଣ କରିଥିଲେ ଗୌରାଙ୍ଗ ଚରଣ ଶ୍ରୀଚନ୍ଦନ।

# ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବେଗୁନିଆ, ୩୦।୩ (ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମ ସ୍ଥିତ ଖେଳ ପଡିଆରେ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ୫୧ ତମ ବାର୍ଷିକ ସର୍ବ ଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏଥିରେ ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ ମୁଖ୍ୟଅତିଥି, ସୁନିଲ ପଟ୍ଟନାୟକ, ଶିବ ପାତ୍ର, ପୀତବାସ ମହାପାତ୍ର, ଏସକେ ସାୟଦ, ଏସକେ ଇସମାଇଲ ଓ ଗ୍ରାମ୍ୟ କମିଟି ସମ୍ପାଦକ ଲଡୁ କିଶୋର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ୍ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ଓ ବାଲେଶ୍ୱର ମିଶନ ଟାଇଗର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଖୋର୍ଦ୍ଧା ଜୟ ଦୁର୍ଗା କ୍ଲବ ୫- ୨ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଖେଳକୁ ମ୍ୟାଚ କମିଶନର ଅବଦୁଲ ଦୟାନ ଖାଁଙ୍କ ତତ୍ତ୍ୱାବଧାନ ଓ ରେଫରି ରାଜୁ ମହାନ୍ତିଙ୍କ ନେତୃତ୍ୱରେ ବିଦେଶୀ ନାୟକ, ପିକେ ବେହେରା ଓ ଗିରିଶ ଚନ୍ଦ୍ର ଜାନି ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା କାଲି ମ୍ୟାଚ୍ ଭୁବନେଶ୍ୱର ସେଞ୍ଚୁରିଆନ ୟୁନିଭର୍ସିଟି ଓ ଘାଟିକିଆ ବଜରଙ୍ଗ ବାଲି ସ୍ପୋର୍ଟସ କ୍ଲବ ମଧ୍ୟରେ ଖେଳ ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି।

# ଟାଙ୍ଗୀ ଗ୍ରାମ ନ୍ୟାୟାଧୀଶ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଟାଙ୍ଗୀ, ୩୦।୩ (ସମିସ):** ଆଜି ଟାଙ୍ଗୀ ଗ୍ରାମନ୍ୟାୟାଳୟର ନ୍ୟାୟାଧୀଶ ତଥା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟମାଜିଷ୍ଟ୍ରେଟ ଦେବଜୟା ରଥ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଟାଙ୍ଗୀ ଲୟର୍ସ ବାର ଆସୋସିଏସନ ତରଫରୁ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ବତନ ସଂପାଦକ ପିତବାସ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଡଭୋକେଟ ତଥା ପୂର୍ବତନ ସଭାପତି ନକୁଳ କୁମାର ନାୟକ, ହୃଷିକେଶ ପ୍ରଧାନ, ହମିଦ ମିରା, ପ୍ରତାପ କୁମାର ମହାପାତ୍ର, ନୂତନ ସଭାପତି ସୁରେନ୍ଦ୍ର କୁମାର ବେହେରା, ସଂପାଦକ ରମାମଣି ଦେଇ ପ୍ରମୁଖ କୋର୍ଟର ବିଭିନ୍ନ କାର୍ଯ୍ୟ, ବାର ବେଞ୍ଚ ମଧ୍ୟରେ ସମନ୍ୱୟ ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିର୍ବାଚନ ଅଧିକାରୀ ଅମରେନ୍ଦ୍ର ମହାନ୍ତି, ନିରଂଜନ ବଳବନ୍ତରାୟ, ରମେଶ ଖଟେଇ, ଗଂଗାଧର ପ୍ରଧାନ, ମନୋଜ ପଟ୍ଟନାୟକ, ସୁଜାତା ପଲାଇ, ମଂଗରାଜ ସାମନ୍ତରାୟ, ପ୍ରିୟରଂଜନ ପରିଡା, ବିଶ୍ୱବିଜୟ ନାୟକ, ଦେବୀପ୍ରସାଦ ମର୍ଦରାଜ, ଦେବୀପ୍ରସନ୍ନ ମାଲୁ, ଅଶ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ। ପୃଥକ୍ ଭାବେ ପୂର୍ବତନ ସଭାପତି ଭାସ୍କର ପ୍ରସାଦ ମହାନ୍ତି, ନିରଂଜନ ଦାସ, ପୂର୍ବତନ ସଂପାଦକ ସ୍ୱସ୍ତିକ ରଥ ନବ ନିଯୁକ୍ତ ନ୍ୟାୟାଧୀଶଙ୍କୁ ଫୁଲତୋଡା ପ୍ରଦାନ କରି ସ୍ୱାଗତ କରିଥିଲେ।



# ଜନଗଣନା ପ୍ରଶିକ୍ଷଣ ଶିବିର



**ଜଟଣୀ, ୩୦।୩ (ସମିସ ):** ଆଜି ଜଟଣୀ ପୌର ପରିଷଦ ପକ୍ଷରୁ ଆସନ୍ତା ଜନଗଣନା-୨୦୨୭ ନିମନ୍ତେ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ସୁଶୀଳା ଦେବୀ ପ୍ରଗତୀ ବିଦ୍ୟାପୀଠ, ବାଛରାଠାରେ ଆୟୋଜିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ତିନି ଗୋଟି ବ୍ୟାଚରେ ଅନୁଷ୍ଠିତ ହେବ ଏବଂ ପ୍ରତ୍ୟେକ ବ୍ୟାଚରେ ୫୦ ଜଣ ଲେଖାଏଁ ତିନି ଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଉପସ୍ଥିତ ଥିବା ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକମାନଙ୍କୁ ଉତ୍ସାହିତ କରିବା ପାଇଁ ପୌର ପରିଷଦର ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ରାଜ୍ୟ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଜନଗଣନା ଦାଇତ୍ୱରେ ଥିବା ଅର୍ଚ୍ଚନା ରାଉତ, ସସ୍ମିତା ପ୍ରଧାନ, ବିଜୟ କୁମାର ବେହେରା, ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ କୁମାର ସାମନ୍ତସିଂହାର ଏବଂ ଶିକ୍ଷା ବିଭାଗର ଶିକ୍ଷକ ମାନଗୋବିନ୍ଦ ସାହୁ, ଅଜୟ ବରାଳ, ଅଜୟ କୁମାର ସେଠି ଆଦି ଉପସ୍ଥିତ ଥିଲେ। ଏହି ଶିବିରରେ ପ୍ରଶିକ୍ଷକ ଭାବେ ଜଟଣୀ ମହାବିଦ୍ୟାଳୟର ଅଧ୍ୟାପକ ଡାକ୍ତର ବିପି ବିଜୟ ଶଙ୍କର, ଜଟଣୀ ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ବ୍ରହ୍ମକୁମାରୀ ଭାରତୀୟ ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକୁ ଜଟଣୀ ପୌର ପରିଷଦ ପକ୍ଷରୁ ପୌର କର୍ମଚାରୀ ନାରାୟଣ ମହାରଣା, ସତ୍ୟବ୍ରତ ତ୍ରିପାଠୀ, ଜ୍ୟୋତିରଞ୍ଜନ ରାଉତରାୟ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

# ବାଣପୁର ଓକିଲ ସଂଘ ନିର୍ବାଚନରେ ଅନିୟମିତତା ଅଭିଯୋଗ

**ବାଲୁଗାଁ, ୩୦।୩(ସମିସ) :** ଓଡ଼ିଶା ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକକାଳୀନ ସାରା ରାଜ୍ୟରେ ସମସ୍ତ ଅନୁବନ୍ଧିତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହେଇଛି। ଏହିକ୍ରମରେ ଖୋର୍ଦ୍ଧା ଜିଲ୍ଲାର ବାଣପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଧାର୍ଯ୍ୟ ସମୟରେ ଶେଷ ହୋଇ ଅପରାହ୍ଣ ୪ ଘଟିକାରେ ଗଣତି ଆରମ୍ଭ କରାଯାଇ ଫଳ ପ୍ରକାଶ ପାଇଥିଲା। ଚଳିତ ନିର୍ବାଚନରେ ସଂଘର ମୋଟ ୧୩୪ଜଣ ଆଇନଜୀବୀଙ୍କ ମଧ୍ୟରୁ ୧୩୦ଜଣ ଆଇନଜୀବୀ ସେମାନଙ୍କର ଭୋଟ ଦେଇ ମତ ସାବ୍ୟସ୍ତ କରିଥିଲେ। ଭୋଟ ଫଳାଫଳ ଘୋଷଣା ଅନୁଯାଇ ସଭାପତି ଭାବେ ଜଗନ୍ନାଥ ଭୋଳ, ଉପ ସଭାପତି ଭାବେ ନିରୋଜ କୁମାର ମହାନ୍ତି, ସମ୍ପାଦକ ଭାବେ ମହେନ୍ଦ୍ର ପ୍ରସାଦ ସାମନ୍ତସିଂହାର, ସହ ସମ୍ପାଦକ ଭାବେ ନରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭ୍ୟ ଭାବରେ ସୁଦର୍ଶନ ଜାଲି ଓ ଚିରସ୍ମିତା ବେହେରା ବିଜୟୀ ହୋଇଛନ୍ତି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବରେ ଆଇନଜୀବୀ ମନୋଜ କୁମାର ମହାପାତ୍ର ଏବଂ ସହ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ସୁନୀଲ ମହାପାତ୍ର ଓ ସୁଧୀର ପ୍ରଧାନ ପରିଚାଳନା କରିଥିବା ବେଳେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଆଇନଜୀବୀ ଅଶୋକ କୁମାର ଚମ୍ପତି ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିଥିଲେ। ତେବେ ଏପରିସ୍ଥଳେ ଉପ ସଭାପତି ପଦର ଫଳାଫଳକୁ ନେଇ ବିବାଦ ଦେଖାଦେଇଛି।

ପରାଜିତ ପ୍ରାର୍ଥୀ ରାମଚନ୍ଦ୍ର ପଲାଇ ନିର୍ବାଚନ ଅଧିକାରୀଙ୍କ ବିରୁଦ୍ଧରେ ନିର୍ବାଚନ ପରିଚାଳନାରେ ଅନିୟମିତତା ଅଭିଯୋଗ ଆଣିଛନ୍ତି। ନିର୍ବାଚନ ଅଧିକାରୀ ପ୍ରଥମେ ଉପ ସଭାପତି ଭାବେ ରାମଚନ୍ଦ୍ର ପଲାଇଙ୍କ ନାମ ବିଜୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବା ବେଳେ ପରବର୍ତ୍ତୀ ସମୟରେ ନିରୋଜ କୁମାର ମହାନ୍ତିଙ୍କ ନାମ ବିଜୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ଏହାକୁ ରାମଚନ୍ଦ୍ର ଦୃଢ ବିରୋଧ କରିଥିଲେ ସୁଦ୍ଧା ନିର୍ବାଚନ ଅଧିକାରୀ ନିଜ ଜିଦରେ ଅଟଳ ରହି ଉଦ୍ଦେଶ୍ୟ ମୂଳକ ଭାବେ ନିର୍ବାଚନ ଅଧିକାରୀ ପରବର୍ତ୍ତୀ ସମୟରେ ରାମଚନ୍ଦ୍ରଙ୍କ ସପକ୍ଷରେ ଥିବା ୨ଗୋଟି ବୈଧ ଭୋଟକୁ ଜାଣିଶୁଣି ଅବୈଧ ଘୋଷଣା କରି ତାଙ୍କୁ ପରାଜିତ କରିଥିବା ସିଧାସଳଖ ଅଭିଯୋଗ କରିଛନ୍ତି ରାମଚନ୍ଦ୍ର। ନିର୍ବାଚନ ଅଧିକାରୀଙ୍କ ଏପରି ପକ୍ଷପାତିତାକୁ ବିରୋଧ କରି ଏବଂ ନ୍ୟାୟ ପାଇବା ଉଦ୍ଦେଶ୍ୟରେ ସେ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଓ ସମ୍ପାଦକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଏହାର ସଠିକ ବିଚାର କରା ନଯାଏ ତେବେ ସେ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି।

# ଶ୍ରୀରାମ ବଜାରର ବାର୍ଷିକ ଉତ୍ସବ

**ଚିଲିକା, ୩୦।୩ (ସମିସ):** ବଡ଼ପଦର ରୋଡ଼ ସ୍ଥିତ ଶ୍ରୀରାମ ବଜାରର ୨୫ ତମ ବାର୍ଷିକ ଉତ୍ସବ ତଥା ଶ୍ରୀରାମ ନବମୀ ପୂଜା ଉତ୍ସବ ଭସାଣି ସହିତ ସମାପନ ହୋଇଯାଇଛି। ସଭାପତି ପ୍ରଦୋଷ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆମନ୍ତ୍ରିତ ଅତିଥି ଭାବେ ବଡପଦର ଗ୍ରାମ ସଭାପତି ମକରଧ୍ୱଜ ପଲାଇ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ପଟୁଆର ସହିତ ଠାକୁରଙ୍କୁ ବଜାର ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା। ଗୋଲଖ ନାୟକ, ରମେଶ କୁମାର ପଲାଇ, କାଳିଆ ଗୁରୁ, ଫକୁ ନାୟକ, ରାକେଶ ପଟ୍ଟନାୟକ, ଦିଲ୍ଲୀପ ସାହୁ, ନାରାୟଣ ବରାଳ, ଚନ୍ଦନ ଶତପଥୀ, ସିଲୁ ମହାରଣା, ଚିନୁ ମହାନ୍ତି, ଡାକ୍ତର ସୁଧାଂଶୁ ମହାରଣା, ଭାଗିରଥୀ ବରାଳ,ଟୁନା ସେଣ, ଲକ୍ଷ୍ମୀଧର ପଲାଇ, ବିଶ୍ୱନାଥ ସାହୁ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ



କଣିହାଁ,୩୦ ।୩(ସମିସ): ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ରେଙ୍ଗାଳି ପ୍ରକଳ୍ପ ହାଇସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ରାଜ୍ୟ ସରକାର ଶ୍ରମିକମାନଙ୍କ ଉନ୍ନତି ପାଇଁ କରିଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ଏହାର ସୁଫଳ କିପରି ଶ୍ରମିକମାନେ ନେଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଶ୍ରମିକଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ମୃତ୍ୟୁକାଳୀନ ସହାୟତାଠାରୁ ଆରମ୍ଭକରି କନ୍ୟା ବିବାହ, ଗର୍ଭବତୀ, ଶିକ୍ଷା ପ୍ରଭୃତି ବିଭିନ୍ନ ସହାୟତା ପ୍ରଦାନ କରିଥିବା କହିଥିଲେ । ଅନ୍ୟତମ ଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ଗୌରବମୟ ପ୍ରଧାନ, ଜିଲ୍ଲା ଶ୍ରମ କମିଶନର କୁବେର ବେହେରା, ଜିଲ୍ଲା ଶ୍ରମ ଅଧିକାରିଣୀ ଇତିଶ୍ରୀ ଗାଗରାଇ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ୧୫୦୯ ଜଣଙ୍କୁ ୯ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା । ଅତିଥିମାନେ ଶ୍ରମିକଙ୍କୁ ପଞ୍ଜୀକରଣପତ୍ର ଓ ସହାୟତା ରାଶି ପ୍ରଦାନ କରିଥଲେ । କରୁଣାକର ବାଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶିଶୁ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



କିଶୋରନଗର,୩୦ ।୩(ସମିସ): ଅନୁଗୋଳ ଜିଲ୍ଲା ବଣିନାଳୀ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ "ଆକ୍ସେସଙ୍କୁ ଜଷ୍ଟିସ' ପକ୍ଷରୁ କିଶୋରନଗର ବ୍ଲକ୍ ଉରୁକୁଳା ପଞ୍ଚାୟତ ପର୍ଶୁମାଳ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୱାର୍ଡମେମ୍ବର, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ,ତଥା କିଶୋରୀମାନେ ଯୋଗଦେଇଥିଲେ । ଶିଶୁମାନଙ୍କୁ ନିଜ ଅଧିକାରରୁ ବଞ୍ଚିତ କରି ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ଥିବା କାର୍ଯ୍ୟରେ ସେମାନଙ୍କୁ ନିଯୋଜନ ଓ ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିଯୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ଚାରିଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା ହୋଇଥିଲା । ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପପି ଦେହୁରୀ ସଭା ପରିଚାଳନା କରିଥିଲେ ।

## ରଣିଆକଟା ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୩୦ ।୩(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ଶୁଭକାନ୍ତ ନାୟକ



ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ । ସରପଞ୍ଚ ସୁଲୋଚନା ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ସହକାରୀ ଯନ୍ତ୍ରୀ ସ୍ମିତାରାଣୀ ସାହୁ, ନାଏବ ସରପଞ୍ଚ କ୍ଷୀରାବ୍ଧି ବିଶ୍ୱାଳଙ୍କ ସମେତ ଏବିଇଓ ରମଣିରଞ୍ଜନ ସାହୁ, ବିଏସଏସଓ ଝସକେତନ ସାହୁ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପିଇଓ ନୀଳକଣ୍ଠ ସ୍ୱାଇଁ ସହଯୋଗ କରିଥିଲେ ।

## କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ତାଳଚେରସହର,୩୦ ।୩(ସମିସ): ତାଳଚେର ସହର ହାଟତୋଟାସ୍ଥିତ ନାଇସ୍ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟରେ ରବିବାର ସମର କୋର୍ସ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସନ୍ ଡେ ଫନ୍ ଡେ ଅନୁଷ୍ଠିତ ହୋଇଛି । କେନ୍ଦ୍ରର ନିର୍ଦ୍ଦେଶକ ସୁଶୀଲ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ତଥା ଅଭିନେତ୍ରୀ ସାଇନା ସର ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହ ନିଜ ଅନୁଭବ ଆଦାନପ୍ରଦାନ କରିଥିଲେ । ଶିକ୍ଷା ଗ୍ରହଣ କରିବା ସହ ସାଂସ୍କୃତିକ କ୍ଷେତ୍ରରେ ନିଜ ପ୍ରତିଭା ବିକାଶ କରିବାକୁ ପ୍ରେରିତ କରିଥିଲେ । ଛାତ୍ରଛାତ୍ରୀମାନେ ସାଇନାଙ୍କ ସହ ଗୀତ ବୋଲିଥିଲେ ।




ଛାତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ, କାଜଲ ବାରିକ, ପଲ୍ଲବୀ ସାହୁ, ସୁଦେଷ୍ଣା କୁଣ୍ଡ, ଶୁଭମ୍ ଦଳେଇ ପ୍ରମୁଖ ନାଇସର ଅଧ୍ୟୟନ ପ୍ରଣାଳୀକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ଛାତ୍ର ତଥା କଣ୍ଠଶିଳ୍ପୀ ଚିରଞ୍ଜୀବ ବାରିକ ସଙ୍ଗୀତ ପରିବେଷଣ କରିଥିଲେ । ନାଇସର ନିର୍ଦ୍ଦେଶିକା (ପ୍ରଶିକ୍ଷଣ) ଡି. ପ୍ରିୟା ନନ୍ଦ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରୀ ସପନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପାଲଲହଡ଼ା ମହୋତ୍ସବ ଉଦଯାପିତ

# ମନମୋହିଲା ଛଉନୃତ୍ୟ, ପ୍ରଜ୍ଞା-ଶଙ୍କରଙ୍କ କମେଡି





ପାଲଲହଡ଼ା,୩୦ ।୩(ସମିସ):

ପାଲଲହଡ଼ା ଗଡ଼ଜାତର ଐତିହ୍ୟ, ପରମ୍ପରା, ସଂସ୍କୃତି, ଲୋକକଳାର ଉତ୍ସବ ପାଲଲହଡ଼ା ମହୋତ୍ସବ ଶନିବାରଠାରୁ ପାଲଲହଡ଼ା ଷ୍ଟାଡିୟମରେ ଉଦଘାଟିତ ହୋଇଥିବା ବେଳେ ସୋମବାର ଉଦଯାପିତ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶ ଫାଉଣ୍ଡେସନ ଅଧକ୍ଷା ମୃଦୁଳା ଠାକୁର ପ୍ରଧାନ ମୁଖ୍ୟଅତିଥି, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ପାଲଲହଡ଼ା

### ବଲିଉଡ୍ ଗାୟକ ଦେବ ନେଗୀଙ୍କ ଗୀତରେ ଝୁମିଲେ ଦର୍ଶକ

ବିଧାୟକ ତଥା ମହୋତ୍ସବ କମିଟି ଅଧକ୍ଷ ଅଶୋକ ମହାନ୍ତି, ପାଲଲହଡ଼ା ଏସ୍‌ଡିପିଓ କୈଳାସ ସେଠୀ, ତହସିଲଦାର ଆକାଂକ୍ଷା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପାଲଲହଡ଼ା ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟି ଆବାହକ ରବୀନ୍ଦ୍ର କୁମାର ପଟେଲଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା । ମହୋତ୍ସବ ଆମ କଳା ସଂସ୍କୃତିର ପରିଚୟ ଦେଉଥିବା ବେଳେ ଅଞ୍ଚଳର ବିକାଶରେ ସହାୟତା କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ କଳାକାରଙ୍କ ନୃତ୍ୟ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିବେଷିତ ଲୋକନୃତ୍ୟ ଏବଂ ଓଡ଼ିଆ ବ୍ୟଙ୍ଗ କଳାକାର ପ୍ରଜ୍ଞା ଓ ଶଙ୍କରଙ୍କ ବ୍ୟଙ୍ଗ ଦର୍ଶକଙ୍କ ମନ ମୋହିଥିଲା । ବଲିଉଡ ଗାୟକ ଦେବ ନେଗୀଙ୍କ ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁଲିଥିଲେ । ମିନାବଜାର, ପଲ୍ଲିଶ୍ରୀ ମେଳାର ମଜା ନେଇଥିଲେ । ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ମହୋତ୍ସବକୁ ବେଶ୍ ଆକର୍ଷଣୀୟ କରିଥିଲା ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ,୩୦ ।୩(ସମିସ): ଆଜି ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ବଣ୍ଟାଁରପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗଦେଇଥିଲେ । ଶିବିରରେ ସମୁଦାୟ ୩୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୩ଟିଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାରଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ବଣ୍ଟାଁରପାଳ ବିଡିଓ ଲୋଚନ ଦାସ, ତହସିଲଦାର



ସୁଶାନ୍ତକୁମାର ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଶିବିରକୁ ଆସିଥିବା ଲୋକେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

## ପତ୍ନୀହନ୍ତା ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଅନୁଗୋଳ,୩୦ ।୩(ସମିସ): ଜଣେ ମହିଳାଙ୍କ ହତ୍ୟା ମାମଲାର ବିଚାର କରି ଅନୁଗୋଳ ଜିଲ୍ଲା ଦୌରାଜଜ୍ ଦାମୋଦର ରଥ ହତ୍ୟାକାରୀ ସ୍ୱାମୀ ସୁବାସ ମହାକୁଡ଼ଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ କାରାଦଣ୍ଡ ପ୍ରଦାନ କରିଛନ୍ତି । ଏଥିସହ ସ୍ତ୍ରୀକୁ ଯୌତୁକ ନିର୍ଯାତନା ପାଇଁ ଦୋଷୀକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ୩ ମାସ ଅତିରିକ୍ତ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପୀଡ଼ିତାଙ୍କ ବାପାଙ୍କୁ କ୍ଷତିପୂରଣ ବାବଦ ୨ ଲକ୍ଷ ଟଙ୍କା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୀଡ଼ିତାଙ୍କ ବାପା ଚୌଧୁରୀ ଭୋଇଙ୍କ ଅଭିଯୋଗକ୍ରମେ ଅନୁଗୋଳ ସଦର ଥାନାରେ ୨୦୨୩ ସେପ୍ଟେମ୍ବର ୨୬ରେ ମାମଲା ରୁଜୁ ହୋଇଥିଲା । ସରକାରଙ୍କ ତରଫରୁ ପବ୍ଲିକ ପ୍ରୋସିକ୍ୟୁଟର ପ୍ରଶାନ୍ତ କୁମାର ମଲିକ ଏହି ମାମଲା ପରିଚାଳନା କରୁଥିଲେ । ୧୬ ଜଣଙ୍କ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ସହ ୨୪ଟି ଦସ୍ତାବିଜ୍‌କୁ ଆଧାର କୋର୍ଟ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି ।

## ନାବାଳିକା ଦୁଷ୍କର୍ମକାରୀକୁ ଯାବଜ୍ଜୀବନ କାରାଦଣ୍ଡ

ଅନୁଗୋଳ,୩୦ ।୩(ସମିସ): ୨୦୨୪ ଜୁନରେ ଅନୁଗୋଳ ଟାଉନ ଥାନାଅଞ୍ଚଳରେଘଟିଥିବାନାବାଳିକାଦୁଷ୍କର୍ମମାମଲାରରାୟପ୍ରକାଶ ପାଇଛି । ସ୍ୱତନ୍ତ୍ର ଫାଷ୍ଟଟ୍ରାକ ଜଜ ବିରଞ୍ଚିନାରାୟଣ ମିଶ୍ର ମାମଲାର ଶୁଣାଣି କରି ଦୋଷୀ ଚନ୍ଦ୍ରକାନ୍ତ ମଲ୍ଲିକ (୨୯)କୁ ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହ ୫୦ ହଜାର ଟଙ୍କା ଜରିମାନାକରିଛନ୍ତି । ଜରିମାନାଅନାଦେୟଅଧିକ୧ବର୍ଷଜେଲଦଣ୍ଡ ଶୁଣାଣି କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଜୁନରେ ଅନୁଗୋଳ ସହର ରାଜକିଶୋରପଡ଼ାରେ ଭଡ଼ା ଘରେ ରହୁଥିବା ୧୭ବର୍ଷର ନାବାଳିକାକୁ ରାଉରକେଲା ଅଞ୍ଚଳର ଚନ୍ଦ୍ରକାନ୍ତ ମଲ୍ଲିକ ଘରେ ନାବାଳିକାକୁ ଏକୁଟିଆ ପାଇ ଜୋରଜବରଦସ୍ତ ଦୁଷ୍କର୍ମ କରିଥିଲା । ଏଥି ସହିତ ସମ୍ପୃକ୍ତ ନାବାଳିକାକୁ ଭୟଭୀତ କରାଇ ବାରମ୍ବାର ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଅନୁଗୋଳ ପୁଲିସ ଚନ୍ଦ୍ରକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୋମବାର କୋର୍ଟ ଏହି ମାମଲାର ଶୁଣାଣି କରି ଚନ୍ଦ୍ରକାନ୍ତକୁ ଦଣ୍ଡିତ କରିବାସହ ପୀଡ଼ିତାକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରଞ୍ଜନ ପାତ୍ର ଏହି ମାମଲା ପରିଚାଳନା କରୁଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



କଣିହାଁ,୩୦ ।୩(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ମନ୍ତ୍ରୀ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଓ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ପଣ୍ଡିତ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଏମସିଏଲ କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ନରେଶ ସିଂ, ବିଦ୍ୟାଳୟର ପୂର୍ବତନ ସଭାପତି ଶତ୍ରୁଘ୍ନ ପ୍ରଧାନ, ସଭାପତି ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକରମକୁ ଶୁଭାରମ୍ଭ କରିଥଲେ । ମୁଖ୍ୟଅତିଥି ଖୁଣ୍ଟିଆ ନିଜ ଅଭିଭାଷଣରେ ଚାରାରୋପଣକୁ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବକ୍ତା ସାହୁ ଭାରତମାତାର ସୁରକ୍ଷା ସହ ଶିକ୍ଷା, ସଂସ୍କୃତି, ପରମ୍ପରା ବଞ୍ଚାଇ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ବିଧାୟକ ମହାନ୍ତି ଛାତ୍ରଛାତ୍ରୀମାନେ ସତ୍ୟନିଷ୍ଠ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଏମସିଏଲ ସହାୟତାରେ ବିଦ୍ୟାଳୟ ପରିସରରେ ନିର୍ମିତ ନୂତନ ଶ୍ରେଣୀଗୃହ ଉଦଘାଟନ କରିଥିଲେ ।

## ନୀଳକଣ୍ଠ ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ



କଣିହାଁ,୩୦ ।୩(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ଗ୍ରାମର ରିଗୁଡି ପାହାଡ଼ ଉପରେ ଅବସ୍ଥିତ ବାବା ନୀଳକଣ୍ଠ ମହାଦେବ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ମେ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରାୟ ୭୦୦ ଶତାବ୍ଦୀରେ ଭୁମକୁଟ ରାଜବଂଶ ସମୟରେ ଏହି ଅଞ୍ଚଳରେ ୪ଟି ଶିବ ମନ୍ଦିର ନିର୍ମାଣ ହୋଇଥିଲା । ବର୍ତ୍ତମାନ କେବଳ ଭିଙ୍ଗେଶ୍ୱର ମନ୍ଦିର ରହିଥିବାବେଳେ ଅନ୍ୟଗୁଡ଼ିକ ନଷ୍ଟ ହୋଇଯାଇଛି । ନୀଳକଣ୍ଠ ଶିବଲିଙ୍ଗ ଦୀର୍ଘ ୫୫ ବର୍ଷ ଧରି ଉପେକ୍ଷିତ ରହିଥିବା ସମୟରେ ୧୯୭୧ରୁ ଗ୍ରାମବାସୀ ଏହାକୁ ଭଙ୍ଗା କୁଡ଼ିଆରେ ପୂଜାର୍ଚ୍ଚନା କରୁଥିଲେ । ୨୦୨୪ ଜାନୁୟାରୀ ୨୨ରେ ଭୂମି ପୂଜନ ପରେ ଯୁବଗୋଷ୍ଠୀଙ୍କ ଉଦ୍ୟମରେ ନୂତନ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା । ଘରେ ଘରେ ଯାଇ ଦାନ ସଂଗ୍ରହ କରି ୧୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଏକତ୍ରିତ କରାଯାଇଛି । ପ୍ରତିଷ୍ଠା ଉତ୍ସବକୁ ସୁଚାରୁ ଭାବେ କରିବା ପାଇଁ ୮ଟି କମିଟି ଗଠନ କରାଯାଇଥିବା ସହ ମେ ୧ରୁ ୬ ପର୍ଯ୍ୟନ୍ତ ଗ୍ରାମରେ ମଦ ଓ ଆମିଷ ବିକ୍ରି ଉପରେ ପ୍ରତିବନ୍ଧ ଲାଗୁ କରାଯାଇଛି । ଗ୍ରାମବାସୀମାନେ ସରକାରୀ ସହାୟତା ମିଳିଲେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଆହୁରି ସୁଚାରୁ ଭାବେ ସମ୍ପନ୍ନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୩୦ ।୩(ସମିସ): ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମରେ ୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୮ ଟି ବ୍ୟକ୍ତିଗତ ଓ ୪ଟିଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୧ଟି ଅଭିଯୋଗର ତୁରନ୍ତ ଫଇସଲାକରାଯାଇଥିଲା । ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୨ ହଜାର ୫୦୦ ଟଙ୍କା ଓ ୪ ଜଣଙ୍କୁରେଡକ୍ରସ ପାଣ୍ଠିରୁ ୨୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହିକାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହିଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମାସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

## ସମବାୟ ସମିତି ସମ୍ପାଦକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଛେଣ୍ଡିପଦା,୩୦ ।୩(ସମିସ): ଅନୁଗୋଳ ଜିଲ୍ଲା ବାଗଡିଆ ଥାନା ଡଙ୍ଗାପାଳ ଗାଁ ନିକଟ ଆମ୍ବତୋଟାରୁ ଡଙ୍ଗାପାଳ ସମବାୟ ସମିତି ସମ୍ପାଦକ ପାର୍ଥସାରଥି ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ରବିବାର ପାର୍ଥସାରଥି ଗାଁରେ ହେଉଥିବା ଭୋଜିରେ ସାମିଲ ହୋଇ ରାତିରେ ଘରକୁ ଫେରିଥିଲେ । ଫେରିବା ପରେ ସେ କେଉଁଆଡ଼େ ଚାଲିଯାଇଥିଲେ । ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜା ଖୋଜି କରିବା ପରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଗାଁ ନିକଟ ଆମ୍ବତୋଟାରେ ଦେଖିବାକୁ ପାଇଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କାରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାଗଡିଆ ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ଛାନଭିନ ଚଳାଇଛି । ପାର୍ଥସାରଥି ୩ବର୍ଷ ପୂର୍ବେ ନୂଆଗାଁ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଥିବା ବେଳେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା । ସେଥିରୁ ପ୍ରାୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପରିଶୋଧ କରିଥିବା ବେଳେ ସେ ସର୍ବଦା ମାନସିକ ଚାପରେ ରହୁଥିଲେ ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବ୍ୟାହତରୁ ଉତ୍ତେଜନା

### ସମୟରେ ଆସୁନାହାନ୍ତି ଡାକ୍ତର, ନର୍ସ

ଛେଣ୍ଡିପଦା,୩୦ ।୩(ସମିସ):



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଅନ୍ତର୍ଗତ ବାଗଡିଆ ଡାକ୍ତରଖାନାରେ ପୁଣି ରୋଗୀ ସେବା ନେଇ ଉତ୍ତେଜନା ପ୍ରକାଶ ପାଇଛି । ସରକାର ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଡାକ୍ତରଖାନାରେ କର୍ମଚାରି ଏବଂ ଡାକ୍ତର ଯୋଗାଇ ଦେଇଥିବା ବେଳେ କର୍ମଚାରୀଙ୍କ ମନମାନି ଯୋଗୁଁ ରୋଗୀସେବା ବ୍ୟାଘାତ ହେଉଥିବା ଦେଖିବାକୁ ମିଳୁଛି । ଏପରି ଘଟଣା ଦେଖିବାକୁ ମିଳିଛି ବାଗଡିଆ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ । ସୂଚନା ଯେ ଅନୁଗୋଳ ଜିଲ୍ଲା ବାଗଡିଆ ନୂତନ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ଆଜି ସକାଳ ୭ଟା ବେଳେ ଖୋଲିଥିବା ବେଳେ ଡାକ୍ତର ଖାନାରେ ସକାଳ ସାଢେ ୧୦ଟା ପର୍ଯ୍ୟନ୍ତ କୌଣସି କର୍ମଚାରୀଙ୍କର ଦେଖା ନ ଥିଲା । କିଛି ଦିନ ତଳେ ଏପରି ଘଟଣା ଦେଖା ଦେଇଥିବା ବେଳେ ବାରମ୍ବାର ବାରମ୍ବାର ଏପରି ମନ ମାନୀ କରୁଥିବା ନେଇ ଡାକ୍ତରଖାନା ଆସିଥିବା ରୋଗୀ ଓ ସମ୍ପର୍କୀୟ ମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ଏପରି ବାରମ୍ବାର ଘଟୁଛି କ୍ଷପୁର୍ବରୁ ଜଣେ ଆୟୁଷ ଡାକ୍ତର ଏବଂ ଅନ୍ୟ ଜଣେ ଡାକ୍ତରଙ୍କୁ ନେଇ ବାଗଡିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ଠିକ ଭାବେ ଚାଲିଥିଲା । ଜଣେ ଅନୁପସ୍ଥିତ ରହିଲେ ବି ରୋଗୀମାନେ ଚିକିତ୍ସା ପାଇ ପାରୁଥିଲେ । କିନ୍ତୁ ଆୟୁଷ ଡାକ୍ତରଙ୍କ ଅନ୍ୟତ୍ର ବଦଳି ପରେ ଡାକ୍ତରଖାନାରେ ବାରମ୍ବାର ରୋଗୀସେବା ବ୍ୟାହତ ହେଉଛି । ବାଗଡିଆ ଡାକ୍ତରଖାନାରେ ସେବା ଯୋଗାଉଥିବା ଡାକ୍ତର ଏବଂ ନରସିଂ ଅଫିସରଙ୍କୁ ଅନ୍ୟତ୍ର ବଦଳି କରି ନୂତନ ଡାକ୍ତର ଏବଂ ନରସିଂ ଅଫିସର ନିଯୁକ୍ତି କରିବାକୁ ରୋଗୀ ମାନେ ଦାବୀ ରଖିବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଛନ୍ତି ରୋଗୀ ଓ ସମ୍ପର୍କୀୟ ମାନେ, ଆଗାମୀ ଦିନରେ ଯଦି ବାଗଡିଆ ଡାକ୍ତରଖାନାରେ ଏଭଳି ଅବ୍ୟବସ୍ଥା ଦେଖାଯାଏ ତାହେଲେ ଗ୍ରାମବାସୀ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି ।

**ଆଜି ସରିବ ଖରିଫ୍ ଧାନକିଣା**

# ଖଳାରେ ପଡ଼ିଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ

**ସମ୍ବଲପୁର, ୩୦।୩ (ସମିସ)**

ଚଳିତ ଖରିଫ୍‌ରେ ସମ୍ବଲପୁର ଜିଲ୍ଲାର ଚାଷୀ ଅମଳ ଧାନ ବିକ୍ରୟ କରିବାକୁ ନେଇ ହନ୍ତସନ୍ତ ହେଉଛି। ଗତ ନଭେମ୍ବରରେ ଚାଷୀ କରିଥିବା ପଞ୍ଜୀକରଣ ଅନୁଯାୟୀ ସମସ୍ତ ଧାନ କ୍ରୟ ପାଇଁ ଟୋକନ ଆସିନାହିଁ। ସରକାର ବିଭିନ୍ନ ସମୟରେ ସମସ୍ତ ଧାନ କିଣିବେ, ଚାଷୀ ପିଛା ୧୫୦ କ୍ୱିଣ୍ଟାଲ ଧାନ କିଣିବେ, ପର୍ଯ୍ୟାୟକ୍ରମେ ଟୋକନ ଯୋଗାଇ ଦିଆଯିବ, ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଖରିଫ୍ ଧାନକିଣା ହେବ ଆଦି ବିଭିନ୍ନ ଘୋଷଣା କରିଥିଲେ ମଧ୍ୟ ଚାଷୀମାନଙ୍କ ପଞ୍ଜୀକରଣ ଅନୁଯାୟୀ ସମସ୍ତ ଧାନ କ୍ରୟ କରାଯାଇନାହିଁ। ଟୋକନ ଆଶାରେ ଚାଷୀ ଶହ ଶହ କ୍ୱିଣ୍ଟାଲ ଧାନ ନେଇ ଜଗି ବସିରହିଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆସନ୍ତାକାଲି ଖରିଫ୍ ଧାନ ସଂଗ୍ରହର ଶେଷ ତାରିଖ। ଏବେ ବି ବହୁ ଚାଷୀ ଚତୁର୍ଥ ଓ ପଞ୍ଚମ ଟୋକନ ଅପେକ୍ଷାରେ ଥିବାବେଳେ ସମ୍ପ୍ରତି ଅଭାବୀ ବିକ୍ରିର ଶିକାର ହେବେ। ଚାଷୀର ସବୁ ପରିଶ୍ରମ ଫସର ଫାଟିବା ସହ ଧାନଚାଷ ପ୍ରତି ଏହା ଚାଷୀକୁ ବିତସ୍ପୃହ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି।

ସମ୍ବଲପୁର ଜିଲ୍ଲାରେ ଗତ ଖରିଫ୍‌ରେ ଅମଳ ହୋଇଥିବା ଧାନ ବିକ୍ରୟ ପାଇଁ ଟୋକନ ଦାବିକରି ବାରମ୍ବାର ଆନ୍ଦୋଳନମୁହାଁ ହୋଇଛି ଚାଷୀ। କିନ୍ତୁ ତାହା ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। ସମ୍ବଲପୁର ଜିଲ୍ଲାରେ ଗତବର୍ଷ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିବା ସତ୍ତ୍ୱେ ଧାନ କିଣାବିକା ଆରମ୍ଭ ହୋଇନଥିଲା।



ଡିସେମ୍ବର ୧ ତାରିଖରେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଜାତୀୟ ରାଜପଥଠାରେ ଅର୍ଥନୈତିକ ଅବରୋଧ କରିବାପରେ ହିଁ ଧାନ ଉଠିଥିଲା। ତେବେ, ଟୋକନ ନ ମିଳିବାରୁ ପୁଣି ଚାଷୀମାନେ ଡିସେମ୍ବର ୧୨ ତାରିଖ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଓ ଧମାର ହୁମା ଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଚାଷୀମାନଙ୍କୁ ପୁଲିସ ଗିରଫ କରିଥିଲା। ଡିସେମ୍ବର ୧୬ ତାରିଖରେ ଚାଷୀମାନେ ରାଜରାସ୍ତାରେ ଧାନବସ୍ତା ନେଇ ଖେଜା (ପୁଡ଼ିଆ), ତାମ୍ବି, ତରାଜୁ ସହ ଧାନ ବିକ୍ରୟ କରିଥିଲେ। ଏହାପରେ ଡିସେମ୍ବର ୧୯ ତାରିଖରେ ଚାଷୀ ସମ୍ବଲପୁର ବନ୍ଦ ଡାକରା ଦେଇଥିଲା। ଏହି ବନ୍ଦକୁ ଶ୍ରମିକ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ ସହ ଜଡ଼ିତ ସମସ୍ତ ଅନୁଷ୍ଠାନ, ସାମାଜିକ- ସାଂସ୍କୃତିକ ସଂଗଠନମାନଙ୍କ ସହ ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କରିଥିଲେ। ତେବେ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ଟୋକନ ଆସିଥିଲେ ମଧ୍ୟ ଚାଷୀର ଖରିଫ୍ ଧାନବିକ୍ରୟ ପଞ୍ଜୀକରଣ ଅନୁଯାୟୀ ଟୋକନ ପରିମାଣ ଆସିନଥିବା ଅଭିଯୋଗ ହୋଇଛି। ଏବେ ବି ବହୁସଂଖ୍ୟାରେ ଚାଷୀ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ରଖି ଅପେକ୍ଷା କରି ରହିଛନ୍ତି କାଳେ ସରକାର ଚାଷୀଙ୍କ ଦୁଃଖ ଶୁଣିବେ।

ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ପ୍ରାୟ ୬ ମାସ ହେବ ଧାନ ରଖି ଚାଷୀ ଟୋକନ ପାଇଁ ଜଗି ବସିଛି। ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ଟୋକନ ଦେବାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କାହାର କେତେ ଧାନ ବାକି ଅଛି ତାହାର ବିସ୍ତୃତ ତାଲିକା ମାଗିବାରୁ ଚାଷୀ ମନରେ ଏକ ଆଶା ରହିଲା ଏବଂ ସେ ଧାନ ମହଜୁଦ କରି ରଖିଲା। ସେତେବେଳେ ଚାଷୀ କମ୍ ଦର ହେଉ ବା ବେଶୀ ହେଉ ବାହାର ମାର୍କେଟ୍‌ରେ ଧାନ ବିକ୍ରୟ କରିପାରିଥାନ୍ତା। ଏବେ ମିଲ୍‌ମାନେ ଅନ୍ୟ ଜିଲ୍ଲାର ଧାନ ମଧ୍ୟ କ୍ରୟ କରିଥିବା କୁହାଯାଉଛି। ଏଣୁ ସେମାନେ ଚାଷୀ ମାନଙ୍କ ଧାନ ନେବାକୁ ନାରାଜ। ଚାଷୀର ଧାନ ଲମ୍ବା ସମୟ ଧରି ପଡ଼ିରହିବା ଦ୍ୱାରା ଧାନ ମୁଷା ଖାଇବା ଏବଂ ଅନ୍ୟ ପ୍ରକାରେ ନଷ୍ଟ ହେଉଛି ଏବଂ ଚାଷୀ କ୍ଷତିଗ୍ରସ୍ତ ହେଉଛି। ପୁଣି ସରକାରଙ୍କ ପ୍ରତିଶ୍ରୁତିକୁ ଆଶା କରି ଧାନ ବିକ୍ରି ହେଲେ ପରିବାରର ଆବଶ୍ୟକ ଖର୍ଚ୍ଚ ଓ ଚାଷ ସକାଶେ ଖର୍ଚ୍ଚ ତୁଲାଇବ ବୋଲି ସେହି ଆଶା ଏବେ ମଉଳି ଯାଇଛି। ସର୍ବୋପରି କହିଲେ ସରକାର ପଞ୍ଜୀକରଣ ଅନୁଯାୟୀ ଧାନ କିଣିବେ ନା' ନାହିଁ ତାହା କିଛି ସ୍ପଷ୍ଟ ନକରି ଚାଷୀକୁ ଠକିଦେଇଛନ୍ତି। ଏହାର ଜବାବ ଚାଷୀ ନିଶ୍ଚିତ ଭାବରେ ଦେବ ବୋଲି ସଭାପତି ଶ୍ରୀ ଠାକୁର କହିଛନ୍ତି।

# ଅଟୋକୁ ପଛରୁ ପିଟିଲା ଟ୍ରକ୍, ମହିଳା ମୃତ

**ସମ୍ବଲପୁର, ୩୦।୩ (ସମିସ) :** ଜାତୀୟ ରାଜପଥରେ ଆଜି ସକାଳେ ଏକ ଦ୍ରୁତଗାମୀ ଟ୍ରକ୍ ଅଟୋକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୫ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ସଦର





ଡାକ୍ତରଖାନାକୁ ସ୍ଥାନାନ୍ତରଣ କରାଯାଇଥିବାବେଳେ ସେଠାରେ ଡାକ୍ତର ଜଣେ ମହିଳାଙ୍କୁ ମୃତ ଘୋଷଣା କରିଛନ୍ତି। ଯୁଯୋମୁରା ପୁଲିସ ଉଭୟ ଟ୍ରକ୍ ଓ ଅଟୋକୁ ଜବତ କରିବାସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ରାଜପଥ ନଂ. ୫୫ ସମ୍ବଲପୁର ଜିଲ୍ଲାର ଯୁଯୋମୁରା ଥାନା ଅନ୍ତର୍ଗତ ଫୁଲଝରଣ ନିକଟରେ ଯୁଯୋମୁରା ପଟୁ ସମ୍ବଲପୁର ଆଡ଼କୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ (ସିଜି ୧୦ ସି ୮୦୮୭) ଏକ ଯାତ୍ରୀବାହୀ ଅଟୋ (ଓଡିଏ୧୫ ଏଡି ୭୦୧୫)କୁ ପଛରୁ ଧକ୍କା ଦେବାରୁ ଅଟୋଟି ବାମପଟକୁ ଓଲଟି ପଡ଼ିଥିଲା। ଅଟୋରେ ପ୍ରାୟ ୧୦ ଜଣ ଯାତ୍ରୀ ବିରସିଂହଗଡ଼ରୁ ମାନେଶ୍ୱର ସାପ୍ତାହିକ ବଜାରକୁ ଆସୁଥିଲେ। ତୁରନ୍ତ ସମସ୍ତ ୫ ଜଣ ଗୁରୁତର ଆହତ ଯାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିବାବେଳେ ସେଠାରେ ଜଣେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଯୁଯୋମୁରା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତ ମହିଳା ଜଣକ ବେବ କୁସେଲ ବୋଲି ସୂଚନା ମିଳିଛି। ମୃତକଙ୍କ ପୁଅ ମୁକ୍ତେଶ୍ୱର ଟ୍ରକ୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁଁ ତାଙ୍କ ମା'ଙ୍କ ମୃତ୍ୟୁ ହୋଇଥିବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯୁଯୋମୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟ ଟ୍ରକ୍ ଓ ଅଟୋକୁ ଜବତ କରି ଥାନାରେ ରଖାଯାଇଥିବାବେଳେ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ଯୁଯୋମୁରା ଥାନାଧିକାରୀ ଅନିମା ଏକ୍କା ସୂଚନା ଦେଇଛନ୍ତି।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**ସମ୍ବଲପୁର, ୩୦।୩ (ସମିସ) :** ସମ୍ବଲପୁର ମହାନଗର ନିଗମ ବୁର୍ଲା ଥାନା ଅନ୍ତର୍ଗତ ଆ. କଟାପାଲି ତୋରଣ ସମ୍ମୁଖରେ ଆଜି ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ବୁର୍ଲା ପୁଲିସ ଟ୍ରକ୍‌କୁ ଜବତ କରିଥିବାବେଳେ ଚାଳକ ଫେରାର ହୋଇଯାଇଛି। ସୂଚନା ଅନୁଯାୟୀ, ବୁର୍ଲା ବିଜୁଳିନଗର ଅଞ୍ଚଳର ରୋହିତ ଭୁଏଙ୍କ ପୁଅ ସୁରେଶ ଭୁଏ (୧୮) ଚାଲି ଚାଲି ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଦ୍ରୁତ ଗତିରେ ଆସୁଥିବା ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିବା କୁହାଯାଉଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୁଲିସ ଜବତ କରିଛି। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛି। ମୃତକଙ୍କ ବାପା ରୋହିତ ଭୁଏଙ୍କ ଅଭିଯୋଗ କ୍ରମେ ବୁର୍ଲା ପୁଲିସ କେସ୍ ନଂ. ୧୪୬/୨୦୨୬ ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

## ମିସ୍ ଛତିଶଗଡ଼ ହେଲେ ବୁର୍ଲା ଝିଅ ପ୍ରିୟା

**ସମ୍ବଲପୁର, ୩୦।୩ (ସମିସ) :** ଛତିଶଗଡ଼ରେ ମଡେଲିଂରେ ବାଜିମାତ୍ କରିଛନ୍ତି ଓଡ଼ିଶାର ଝିଅ। ମିସ୍ ଛତିଶଗଡ଼ ଭାବେ ପୁରସ୍କାର ଜିଣିଛନ୍ତି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାର ସ୍ୱର୍ଗତ ରାଜ କିଶୋର ଧିମାନ ଏବଂ ପୂଜା ଧିମାନଙ୍କ




ଏକମାତ୍ର ଝିଅ ପ୍ରିୟା ମାତ୍ର ୧୮ ବର୍ଷ ବୟସରେ ଏହି କୃତିତ୍ୱ ହାସଲ କରିଛନ୍ତି। ଗତ ୨୮ ତାରିଖରେ ଛତିଶଗଡ଼ର ବସ୍ତର ଜିଲ୍ଲା କାଙ୍କେରଠାରେ ବି.ବି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ମଡେଲିଂ ଶୋ'ର ଦ୍ୱିତୀୟ ସିଜନ୍ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଭାଗ ନେଇଥିଲେ ପ୍ରିୟା। ଏଥିରେ ସେ ମିସ୍ ଛତିଶଗଡ଼ ବିଜେତା ହୋଇଛନ୍ତି। ତାଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ପ୍ରିୟା କହିଛନ୍ତି, ଏହି ସଫଳତା ପଛରେ ମା' ପୂଜା ଏବଂ ଝାରସୁଗୁଡ଼ାର ଗୁରୁ ସେହେବାଜ ଖାନ ଏବଂ କାଶିମ ଖାନ୍‌ଙ୍କ ସହଯୋଗ ରହିଛି।

## ଲୁହାଛଡ଼ରେ ଆକ୍ରମଣ କରି ଯୁବକ ଗିରଫ

**ସମ୍ବଲପୁର, ୩୦।୩ (ସମିସ) :** ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଭତରା ଅଞ୍ଚଳରେ ଲୁହାଛଡ଼ରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫକରି ଆଜି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ଭତରା ବେତ୍ରାପଡ଼ାର ସୁଦାମ ନାଏକ ବୋଲି ପୁଲିସ କହିଛି। ସୂଚନା ଅନୁଯାୟୀ, ଗତ ଫେବୃଆରୀ ୧୬ ତାରିଖ ଅପରାହ୍ଣରେ ଗୋବିନ୍ଦତୋଲା ଅଞ୍ଚଳର ଜଣେ ବ୍ୟକ୍ତି ଭତରାରୁ ନିଜ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ସୁଦାମ ଏକ ଲୁହାଛଡ଼ରେ ତାଙ୍କୁ ଅଚାନକ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ତାଙ୍କ ଆଖିତଳେ ଗଭୀର କ୍ଷତ ସୃଷ୍ଟି ହେବାସହ ସେ ତଳେ ପଡ଼ିଯାଇଥିଲେ। ଏନେଇ ଧନୁପାଲି ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପ୍ରମାଣ ସଂଗ୍ରହ କରି ଅଭିଯୁକ୍ତକୁ ଆଜି ସକାଳେ ଗିରଫ କରିବାସହ ଆକ୍ରମଣରେ ବ୍ୟବହୃତ ଲୁହାଛଡ଼ଟିକୁ ପୁଲିସ ଜବତ କରିଛି। ଆଜି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି।

## 'କାହ୍ନା'ର ନୂତନ କର୍ମକର୍ତ୍ତା

**ସମ୍ବଲପୁର, ୩୦।୩ (ସମିସ) :** କଲ୍ୟାଣ ନଗର ହାଉସ ହୋଲ୍ଡ ଆସୋସିଏସନ୍ (କାହ୍ନା)ର ସଭାପତି ତ୍ରିଲୋଚନ ରାୟଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନୂତନ ସଭ୍ୟ ଭାବେ ସନ୍ତୋଷ ସେଠୀ ଓ ଅରୁଣ ପାଢ଼ୀ ଯୋଗ ଦେଇଥିଲେ। ଏସ୍‌ଆର୍‌ଆଇଟି କଲୋନୀ, ଏକ୍‌ଜିକ୍ୟୁଟିଭ୍ କଲୋନୀ ମେନ୍ ରୋଡ୍ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏହାକୁ ତୁରନ୍ତ ମରାମତି କରିବା ପାଇଁ ଦାବି କରାଯାଇଥିଲା। କୋଷାଧ୍ୟକ୍ଷ ଡୋଳାମଣି ମେହେର ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଏହାପରେ ଆଗାମୀ ତିନିବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ଗୋପାଳକୃଷ୍ଣ ପଣ୍ଡା ସଭାପତି ମନୋନୀତ ହୋଇଥିବାବେଳେ ଅଲକା ମହାପାତ୍ର ଉପସଭାପତି, ଶିବଶଙ୍କର ଷଡ଼ଙ୍ଗୀ ସମ୍ପାଦକ, ଗଙ୍ଗାଧର ପୁରୋହିତ ସହ-ସମ୍ପାଦକ, ଦେବେନ୍ଦ୍ର ନାଥ ଯୁଗ୍ମ ସମ୍ପାଦକ, ରସାନନ୍ଦ ସାହୁ କୋଷାଧ୍ୟକ୍ଷ, ଡୋଳାମଣି ମେହେର ପରିଚାଳନା ସମ୍ପାଦକ, ବିଭୂତିଭୂଷଣ ଦାଶ ସାଂସ୍କୃତିକ ସମ୍ପାଦକ, କଳ୍ପନା ସାହୁ ସହ ସମ୍ପାଦିକା ଏବଂ ଆଇନ ପରାମର୍ଶଦାତା ଭାବେ ନବୀନ ପ୍ରଧାନ ମନୋନୀତ ହୋଇଥିଲେ। ଶେଷରେ ପୂର୍ବତନ ସହ-ସମ୍ପାଦକ ସୁଶୀଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭିସୁଟ୍ ଲିଟେରାରୀ ସୋସାଇଟିର 'ଯୁବ ସଂସଦ'



**ସମ୍ବଲପୁର, ୩୦।୩ (ସମିସ) :** ଭିସୁଟ୍‌ର ଦ ଲିଟେରାରୀ ସୋସାଇଟି ପକ୍ଷରୁ 'ଯୁବ ସଂସଦ' - 'ଭିଏସ୍‌ଏସ୍‌ୟୁଟି ଏମ୍‌ୟୁଏନ୍ ୨.୦' ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ, କଲେଜ ଏବଂ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗଦାନ କରିବା ସହିତ, ସଂରଚିତ ବିତର୍କ ଏବଂ ଆଲୋଚନା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି କମିଟି, ସର୍ବଭାରତୀୟ ରାଜନୈତିକ ଦଳୀୟ ବୈଠକର, ମୁଖ୍ୟ ଏଜେଣ୍ଡା - ଅନିୟମିତ ପ୍ରବାସକୁ ସମ୍ବୋଧନ, ଜାତୀୟ ସୁରକ୍ଷା, ମାନବାଧିକାର ଏବଂ ବିଶ୍ୱ ଦାୟିତ୍ୱକୁ ସନ୍ତୁଳିତ କରିବା ରହିଥିଲା। ପ୍ରତିନିଧିମାନେ ବିଭିନ୍ନ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରିବା ସହିତ, ଏହାର ଉତ୍ତମ ପ୍ରାୟୋଗିକ ଏବଂ କାର୍ଯ୍ୟକାରୀ ସମାଧାନ ଉପରେ ଆଲୋଚନାରେ ସାମିଲ ହୋଇଥିଲେ। ଏହି କମିଟିର ଅଧ୍ୟକ୍ଷତା ଆଦିତ୍ୟ ବିକାଶ ଗୋଏଲ୍ କରିଥିବାବେଳେ, ସୁହାନି ଦାସ ସହ-ଅଧ୍ୟକ୍ଷ ଏବଂ ବିନୀତା ସିହ୍ନା ରାପୋଟିଅର୍ ଭାବେ କାର୍ଯ୍ୟ କରିଥିଲେ। ଉଦ୍‌ଘାଟନୀ ପରେ ଦୁଇଟି ଅଧିବେଶନ ହୋଇଥିଲା। ସନ୍ଧ୍ୟାରେ ଏଥିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ଆୟୋଜନରେ ସଚିବାଳୟ, ଉପ-ସଚିବାଳୟ, ଉପଦେଷ୍ଟା ଏବଂ ଅନ୍ୟ ଅଂଶଗ୍ରାହୀ ମାନେ ସହଯୋଗ କରିଥିଲେ।

**ଭିମସାର୍ ପିଜି ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା**

# ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠିତ

**ସମ୍ବଲପୁର, ୩୦।୩ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର୍)ର ଜଣେ ପିଜି ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ପରେ ଗତକାଲି ଜୁନିଅର ଡାକ୍ତର ସଂଘ (ଜେଡିଏ) ଜରୁରୀ ବୈଠକ କରି ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଭିମସାର୍‌ର ଅଧୀକ୍ଷକ ତଥା ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ଲାଲମୋହନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ଫାର୍ମାକୋଲୋଜି ବିଭାଗର ମୁଖ୍ୟ ଡା. ଭାବଗ୍ରାହୀ ରଥଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ କରିବ। ଏହି ଘଟଣାକୁ ନେଇ ଭିମସାର କ୍ୟାମ୍ପସ୍‌ରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରି କମିଟି ଗଠନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଉକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଭିମସାର୍ ଶିଶୁ ରୋଗ ବିଭାଗର ପିଜି ପ୍ରଥମ ବର୍ଷର ଜଣେ ଛାତ୍ରୀ ଶନିବାର ସକାଳେ ଅତ୍ୟଧିକ ପରିମାଣରେ ନିଶା ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅସୁସ୍ଥ ଅବସ୍ଥାରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯିବାସହ ଆବଶ୍ୟକ ଚିକିତ୍ସା କରାଯାଉଛି। ଛାତ୍ରୀଜଣକ ଶିଶୁରୋଗ ବିଭାଗରେ କାର୍ଯ୍ୟରତ ଥିବାବେଳେ ଇମର୍‌ଜେନ୍ସି ଡ୍ୟୁଟି ଓ ଅନ୍ୟ କାର୍ଯ୍ୟକୁ ନେଇ ଚାପରେ ଥିବା ଶୁଣିବାକୁ ମିଳୁଛି। ଏନେଇ ଗତକାଲି ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ନାୟକ ଛାତ୍ରୀଜଣକ ସମ୍ପୂର୍ଣ୍ଣ ସୁସ୍ଥ ହେବାପରେ ତାଙ୍କୁ ପଚରାଉଚରା କରାଯିବ ଏବଂ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଜେଡିଏ ପକ୍ଷରୁ ଏଥିରେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ମାମଲାରେ ନିରପେକ୍ଷ ତଦନ୍ତ ଏବଂ ଦାୟୀ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହାସହ କଲେଜ ପ୍ରଶାସନକୁ ଯେକୌଣସି ପ୍ରକାରର କର୍ମସ୍ଥଳୀ ନିର୍ଯାତନା କିମ୍ବା ରାଗିଂ ପ୍ରତି ଶୂନ୍ୟ-ସହନଶୀଳତା ନୀତି ସୁନିଶ୍ଚିତ କରିବା; ଗୋପନୀୟତା ଏବଂ ମର୍ଯ୍ୟାଦାକୁ ସୁରକ୍ଷା ଦେବା ସହିତ ଏପରି ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ଏକ ଉତ୍ସର୍ଗୀକୃତ, ଗୋପନୀୟ କମିଟି ପ୍ରତିଷ୍ଠା କରାଯିବା; ସମସ୍ତ ରେସିଡେଣ୍ଟ ଡାକ୍ତରଙ୍କ ପାଇଁ ସର୍ବନିମ୍ନ ଦୈନିକ ୬-୮ ଘଣ୍ଟା ବିଶ୍ରାମ ଅବଧି ବାଧ୍ୟତାମୂଳକ ଭାବରେ କାର୍ଯ୍ୟକାରୀ କରିବା ଆଦି ୫ ଦଫା ଦାବି ଜେଡିଏ ପକ୍ଷରୁ କରାଯାଇଥିଲା।

## ହନୁମାନ ଜୟନ୍ତୀ ପାଇଁ ପୁରୁଣା ବସ୍ତି ଜୋନ୍ କମିଟି ଗଠିତ



**ସମ୍ବଲପୁର, ୩୦।୩ (ସମିସ) :** ଚଳିତ ବର୍ଷ ହନୁମାନ ଜୟନ୍ତୀକୁ ଭବ୍ୟ ଓ ବିଶାଳ କରିବା ପାଇଁ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ବୈଠକ ଆୟୋଜିତ କରାଯାଉଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳକୁ ବିଭିନ୍ନ ଜୋନ୍‌ରେ ବିଭାଜିତ କରାଯାଇଛି। ଆଜି ସନ୍ଧ୍ୟାରେ ପର୍ଶୁରାମ ଭବନଠାରେ ପୁରୁଣା ବସ୍ତି ଜୋନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ହନୁମାନ ଜୟନ୍ତୀ ସମନ୍ୱୟ ସମିତି କେନ୍ଦ୍ରୀୟ କମିଟିର ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ ବୈଠକରେ ସର୍ବସମ୍ମତିକ୍ରମେ ଆଶିଷ ବାବୁ ସଭାପତି, ରାଜୀବ ଲୋଚନ ସାହୁ, ଅଶ୍ୱିନୀ ପାଢ଼ୀ, ସୁବ୍ରତ ତରିଆ, ବିକାଶ ସିଂ ଓ ଅଭିଷେକ ମିଶ୍ର ଉପସଭାପତି, ବିଜୁ ସେଠ ଓ ସୋନି ଯାଦବ ସାଧାରଣ ସମ୍ପାଦକ, ଅନିଲ ପ୍ରଧାନ, ମହେଶ ବହିଦାର, ଧୀରଜ କରାଲି, ବିଶ୍ୱଜିତ ଦେହୁରୀ ଓ ରାଜେଶ ବେହେରା ଯୁଗ୍ମ ସମ୍ପାଦକ ଏବଂ ଏହାସହିତ ୨୦ଜଣିଆ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ଆଗାମୀ ହନୁମାନ ଜୟନ୍ତୀକୁ କିଭଳି ଭାବେ ଭବ୍ୟ ଓ ଆକର୍ଷଣୀୟ ଭାବେ ପାଳନ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା।

## ଜିଏମୟୁ ଆଇକ୍ୟୁଏସି ସେଲ୍ ପକ୍ଷରୁ କର୍ମଶାଳା



**ସମ୍ବଲପୁର, ୩୦।୩ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ସେଲ୍‌ଫ ଦ୍ୱାରା ପିଏମ୍ ଉଷା କାର୍ଯ୍ୟକ୍ରମ ଅଧୀନରେ "ସିଷ୍ଟମେଟିକ ଲିଟେରେଚର୍ ରିଭ୍ୟୁ ଆଣ୍ଡ ସ୍ମାର୍ଟ ରେଫରେନ୍ସିଂ ୟୁଜିଂ ଏଆଇ ଟୁଲ୍ସ" ଶୀର୍ଷକ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ଓ ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ପଶ୍ଚିମବଙ୍ଗସ୍ଥିତ କଲ୍ୟାଣୀ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗର ପ୍ରଫେସର ଶିବଶଙ୍କର ଜେନା ଓ ଏବସ୍କୋ ଗବେଷଣା ଡାଟାବେସ୍‌ର ଟ୍ରେନିଂ ମ୍ୟାନେଜର ରାଜ କୁମାର ମହାପାତ୍ର ସାଧନ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭାରେ ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗର ମୁଖ୍ୟ ଏବଂ କର୍ମଶାଳାର ଆୟୋଜକ ଡ. ରୋଜାଲିନ ରାଉତ କର୍ମଶାଳା ବିଷୟବସ୍ତୁ ବିଷୟରେ କହିବାସହ ପରିଚୟ ପ୍ରଦାନ କରିଥିଲେ। ବିଭାଗର ସହକାରୀ ପ୍ରଫେସର ଡ. ଜୟେନ୍ଦ୍ର କୁମାର ସିଂ ଧନ୍ୟବାଦ ଦେଇଥିଲେ। ଏହାପରେ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ସହକାରୀ ପ୍ରଫେସର ସିନିଆ ଟିଗ୍ଗା ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପ୍ରାୟୋଗିକ ଅଧିବେଶନ ପରିଚାଳନା କରିଥିଲେ। ଉକ୍ତ କର୍ମଶାଳାରେ ବିଭିନ୍ନ ବିଭାଗର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ। ଶେଷରେ ଅତିଥି ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କବରାପାଲି ରାମଲୀଳା ଆରମ୍ଭ

**ସମ୍ବଲପୁର, ୩୦।୩ (ସମିସ) :** ଯୁଯୋମୁରା ବ୍ଲକ ଅଧିନସ୍ଥ କବରାପାଲିଠାରେ ୭୮ତମ ରାମନବମୀ ଉତ୍ସବ ଅବସରରେ ରବିବାର ରାତିରେ ରାମଲୀଳା ନାଟକ ଆରମ୍ଭ ହୋଇଯାଇଛି। ୧୯୪୮ ମସିହାରୁ କବରାପାଲି ଠାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘବର୍ଷ ହେବ ରାମଲୀଳା ନାଟକ ଆୟୋଜନ ହୋଇଆସୁଛି। ରାମ ଲୀଳା ନାଟକର ପ୍ରଥମଦିନରେ ଶ୍ରୀରାମ ଜନ୍ମ ପ୍ରସଙ୍ଗ ମଞ୍ଚସ୍ଥ ହୋଇଥିଲା। ଲୀଳା ନାଟକର ପରମ୍ପରାକୁ ଆଜି ପର୍ଯ୍ୟନ୍ତ ପରମ୍ପରା ଅନୁସାରେ ଆୟୋଜନ କରାଯାଉଥିବା ବେଳେ ଏବେବି ଏହାର ଆକର୍ଷଣ ରହିଥିବା ଆୟୋଜକ କହିଛନ୍ତି। ପ୍ରଥମ ଦିନ ନାଟକରେ ଇନ୍ଦ୍ର ଭୂମିକାରେ ରଞ୍ଜନ ପ୍ରଧାନ, ବିଷ୍ଣୁ ଭୂମିକାରେ ହେମନ୍ତ ସାହୁ, ଲକ୍ଷ୍ମୀ ଭୂମିକାରେ ଭୁବନା ଭୋଇ, ସରସ୍ୱତୀ ଭୂମିକାରେ ଶ୍ରୀକାନ୍ତ ସାହୁ, ଦଶରଥ ଭୂମିକାରେ ଶରତ ସାହୁ, ବ୍ରହ୍ମା ଭୂମିକାରେ ଖୀରୋଦ ସାହୁ, ରାମ ଭୂମିକାରେ ପ୍ରବୀଣ ବାଗ, ଲକ୍ଷ୍ମଣ ଭୂମିକାରେ ସୌରଭ ଭୋଇ, ବଶିଷ୍ଠ ଭୂମିକାରେ ସଞ୍ଜୟ ବଡ଼ାଇ, ବିଶ୍ୱାମିତ୍ର ଭୂମିକାରେ ସୁରେନ୍ଦ୍ର ପ୍ରଧାନ ଅଭିନୟ କରିଥିଲେ। ସେହିପରି ପୁରାଣ ପାଠରେ ମନୋଜ ପ୍ରଧାନ, ଦିଲିପ ବଡ଼ାଇ, ସଞ୍ଜୟ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସାଜସଜ୍ଜାରେ କାହ୍ନୁଚରଣ ଜେନା, ଲବ ପ୍ରଧାନ ଏବଂ ପ୍ରସନ୍ନ ସାହୁ ସହଯୋଗ କରିଥିଲେ। ଦୀର୍ଘ ଏଗାର ଦିନ ଧରି ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତା ମନ୍ଦିର ବାହାର ମଣ୍ଡପରେ ରହି ଭକ୍ତମାନଙ୍କୁ ଦର୍ଶନ ଦେବାର ପରମ୍ପରା ଗାଁରେ ରହିଆସିଛି। ଏହି ସମୟରେ ମଣ୍ଡପରେ ପ୍ରତିଦିନ ରାମାୟଣ ପାଠ ସହିତ ସନ୍ଧ୍ୟାରେ ରାମଲୀଳା ନାଟକ ଆୟୋଜନ କରାଯାଇଥାଏ। ରାମନବମୀ କମିଟିର ସଭାପତି ମହିମା ପ୍ରସାଦ ବଡ଼ାଇ, ଅଶ୍ୱିନୀ ବଡ଼ାଇ, ମନୋଜ ବଡ଼ାଇ, ସୁଦୀପ୍ତ ସାହୁ, ମନୋଜ ବଡ଼ାଇ, ଅମରେଶ ସାହୁ, ଗୋବନ୍ଦ ସାହୁ, ବିପିନ ବଡ଼ାଇ, ସନ୍ଦିପ ସାହୁ ପ୍ରମୁଖ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ଠେମରା ରାମଲୀଳାରେ ସୀତା ସ୍ୱୟଂବର



**ସମ୍ବଲପୁର, ୩୦।୩ (ସମିସ) :** ଠେମରା ଗାଁ ଜଗନ୍ନାଥମନ୍ଦିର ମଞ୍ଚରେ ହେଉଥିବା ରାମଲୀଳା ମହୋତ୍ସବ ଦ୍ୱିତୀୟ ଦିନରେ ମିଥିଳା ରାଜ ଦରବାର ଲୋକାରଣ୍ୟ ହୋଇଥିଲା। ରାଜା ଜନକଙ୍କ ନିମନ୍ତ୍ରଣ କ୍ରମେ ବିଭିନ୍ନ ରାଜ୍ୟରୁ ରାଜନ୍ୟ ମଣ୍ଡଳୀ ଆସି ସୀତା ସ୍ୱୟଂମ୍ବର ପାଇଁ ଭାଗ ନେଇଥିଲେ। ହେଲେ ସମସ୍ତ ରାଜା ଶିବ ଧନୁ ଉଠାଇବାରେ ଅସଫଳ ହେବାରୁ ରାଜନ ଦୁଃଖ ପ୍ରକାଶ କରିବାବେଳେ ଉପସ୍ଥିତ ଲକ୍ଷ୍ମଣ ନିଜ ଭାଇ ରାମଚନ୍ଦ୍ରଙ୍କ ପାରଦର୍ଶିତା ନେଇ ପ୍ରକାଶ କରିଥିଲେ। ରାମଚନ୍ଦ୍ର ଋଷି ବିଶ୍ୱାମିତ୍ରଙ୍କ ଆଦେଶ ମାଗି ଶିବ ଧନୁ ଉଠାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ଏହି ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଆୟୋଜିତ ଉତ୍ସବରେ ରାଜକୀୟ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିରାଜ ମିଶ୍ର ଯୋଗଦେଇ ଆଧାତ୍ମିକ ପରିବେଶକୁ ପ୍ରଶଂସା କରି ପୌରାଣିକ କଥାବସ୍ତୁର ପ୍ରଚାର ପ୍ରସାର ହେଲେ ମାନବିକ ମୂଲ୍ୟବୋଧ ବଢ଼ି ସମାଜ ନୂଆଁ ଆଲୁଅର ସନ୍ଧାନ ପାଇବ ବୋଲି କହିଥିଲେ। ଡାକ୍ତର ରାଜାରାମ ଷଡ଼ଙ୍ଗୀ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଅରୁଣ କୁମାର ସାହୁ ଓ କୃଷ୍ଣ ଚନ୍ଦ୍ର ବଡ଼ାଇ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ପରମାଣପୁର ଧନୁଯାତ୍ରାର କଂସ ସମୀର ରଞ୍ଜନ ନାଥ, ପଢ଼ିଆବାହାଲ ଧନୁଯାତ୍ରାର ବରୁଣ ସାହୁ ଓ ପ୍ରମୋଦ ମଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୭ ଦିନ ଧରି ଚାଲିବ। ରାବଣ ଭୂମିକାରେ ବଳରାମ ମହାଣା, ରାମଚନ୍ଦ୍ର ଭୂମିକାରେ ପ୍ରମୋଦ ତ୍ରିପାଠୀ, ଲକ୍ଷ୍ମଣ ଭୂମିକାରେ ଦୟାନିଧି ପ୍ରଧାନ ଓ ସୀତା ଭୂମିକାରେ ସୁଜାତା ତ୍ରିପାଠୀଙ୍କ ଅଭିନୟ ଚିତ୍ତାକର୍ଷକ ହୋଇଥିଲା।

# କଳାକେନ୍ଦ୍ର ପକ୍ଷରୁ 'ଝଗଡ଼ା' ମଞ୍ଚସ୍ଥ

**ସମ୍ବଲପୁର, ୩୦।୩ (ସମିସ)**

ବିଶ୍ୱ ନାଟ୍ୟ ଦିବସ ଅବସରରେ ସର୍ବପୁରାତନ ନାଟ୍ୟ ଅନୁଷ୍ଠାନ ' ସମ୍ବଲପୁର ନାଟ୍ୟ କଳା ପରିଷଦ' ପକ୍ଷରୁ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଭାପରେ ସାଂସ୍କୃତିକ ଅନୁଷ୍ଠାନ ସମ୍ବଲପୁର କଳାକେନ୍ଦ୍ର ପକ୍ଷରୁ ସାମାଜିକ କ୍ଷୁଦ୍ର ନାଟକ 'ଝଗଡ଼ା' ମଞ୍ଚସ୍ଥ କରାଯାଇଥିଲା। କେବଳ ମହିଳା ଚରିତ୍ରକୁ ନେଇ ପ୍ରଦର୍ଶିତ ଏହି ନାଟକରେ ଶାଶୁ-ବୋହୂର ତିକ୍ତ ସମ୍ପର୍କ ସହ ସାମାନ୍ୟ ଟଙ୍କା ପାଇଁ ମା' ଓ ଝିଅ ମଧ୍ୟରେ ଝଗଡ଼ାକୁ ନେଇ ଅତି ନିଖୁଣ ଭାବରେ ପରିବେଷଣ କରାଯାଇଥିଲା। ନାଟ୍ୟକାର ବିପିନ ବିହାରୀ ଦାସ ନାଟକଟିକୁ ରଚନା ଓ ନିର୍ଦ୍ଦେଶନା ଦେଇଥିବାବେଳେ ଏଥିରେ ପୁଷ୍ପାଞ୍ଜଳି ବେହେରାଙ୍କ ସହିତ ଜୟଶ୍ରୀ ପୁରୋହିତ, ଶର୍ମିଷ୍ଠା ପ୍ରଧାନ, ସୃଷ୍ଟି ପାଣିଗ୍ରାହୀ, ଲିପ୍‌ସିତା ମିଶ୍ର, ସ୍ମୃତିରେଖା ତ୍ରିପାଠୀ, ସନ୍ଧ୍ୟା ମହାକୁର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ନାଟକରେ କଣ୍ଠଶିଳ୍ପୀ ଶ୍ରୀକାନ୍ତ




ବାରିକ ଓ ସଂଯୋଗ ମହାପାତ୍ର ସଙ୍ଗୀତରେ ସହଯୋଗ କରିଥିଲେ। ନାଟକଟି ପ୍ରଦର୍ଶନ ଶୈଳୀ ଓ କଥାବସ୍ତୁକୁ ନେଇ ଦର୍ଶକ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା।





## ୧୩ ବର୍ଷୀୟା ନାବାଳିକାଙ୍କୁ ଚେଙ୍କ ମାମଲା

# ଅଭିଯୁକ୍ତଙ୍କୁ ଖସାଇବାକୁ ପୁଲିସର ଉଦ୍ୟମ

■ ଟ୍ରାଫିକିଂ ଦଫା ଲଗାଇଲା ନାହିଁ
■ ନୋଟିସରେ ଛାଡ଼ିଦେଲା ପୁଲିସ



ଭୁବନେଶ୍ୱର, ୩୦ା୩(ସମିସ): ରାଜଧାନୀର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ୧୩ବର୍ଷୀୟା ନାବାଳିକାଙ୍କୁ ଘରେ ରଖି ଚେଙ୍କ ଦେବା ମାମଲାରେ ପୁଲିସର ଅଭିଯୁକ୍ତ ପ୍ରୀତି ଖୁଲମଖୁଲା ସାମ୍ନାକୁ ଆସିଛି। ଏଭଳି ଏକ ଜଘନ୍ୟ ଅପରାଧିକ ମାମଲାରେ ପୁଲିସ ଆରମ୍ଭରୁ ଅଭିଯୁକ୍ତଙ୍କୁ ସୁହାଇଲା ଭଳି କାମ କରିଛି ବୋଲି ଅଭିଯୋଗ ହୋଇଛି। ଥାନାରେ ଅଧିକାରୀଙ୍କ ହାବଭାବ ଏବଂ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁମାନ କରି ପୁଲିସ ଏଭଳି କରିବ ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁଚିକା ପ୍ରାରମ୍ଭରୁ ଅନୁମାନ କରିଥିଲା। ଶେଷରେ ରୁଚିକାର ଅନୁମାନ ସତ ହେଲେ। ପୁଲିସ ଦଫାକୁ ଯଥା ସମ୍ଭବ କୋହାଳ କରିଦେଲା। ଟ୍ରାଫିକିଂ ଅଭିଯୋଗକୁ ବାଦ୍ ଦେଇ ବାକି ସବୁ ଦଫା ଲଗାଗଲା, ଯେଉଁଥିରେ ଅଭିଯୁକ୍ତଙ୍କୁ ଜେଲ ଯିବାକୁ ପଡ଼ିଲା ନାହିଁ। ନାବାଳିକାଙ୍କୁ ଚେଙ୍କ ଦେବା ପରେ ଅଭିଯୁକ୍ତମାନେ କେବଳ ନୋଟିସ ପାଇ ଘରକୁ ଫେରିଲେ। ୧୩ ବର୍ଷିୟା ନାବାଳିକାଙ୍କୁ ଚେଙ୍କ ଅପରାଧରେ ପୁଲିସ ପଡ଼ିତାଙ୍କୁ ଏଭଳି ଭାବେ ନ୍ୟାୟ ପ୍ରଦାନ କଲା।

ଏହି ମାମଲାରେ ଶିଶୁ ସୁରକ୍ଷା ପାଇଁ କାମ କରୁଥିବା ସଂଗଠନ ରୁଚିକା ପକ୍ଷରୁ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରାଗଲା। ବିନା ଏତଲାରେ ମାମଲା ରୁଜୁ ହେବ ନାହିଁ ବୋଲି ଆଳ ଦେଖାଉଥିବା ପୁଲିସ କେବଳ ଏହି ଗୋଟିଏ ମାମଲାରେ ଦୋହରା ଚରିତ୍ର ପ୍ରଦର୍ଶିତ କଲା। ଅଭିଯୋଗକାରୀ ଥିଲେ ମଧ୍ୟ ପୁଲିସ ସୁପର ଆକ୍ଟିଭ୍ ହୋଇ ନିଜେ ନିଜ ଆଡୁ ଅଭିଯୋଗ କରି ସୋ ମୋଟୋ ମାମଲା ରୁଜୁ କରିଦେଲା। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦଫା ବିଏନ୍ଏସ୍ ୧୪୩(ଟ୍ରାଫିକିଂ)ରେ ଅଭିଯୋଗ କରିବା ଭୁଲିଗଲା। ଯେଉଁଥିରେ ଦୋଷ ପ୍ରମାଣିତ ହେଲେ ୭ ବର୍ଷରୁ ଊର୍ଦ୍ଧ୍ୱ ଜେଲ ଦଣ୍ଡାଦେଶ ମିଳିବ। ଏହାସହ ତତ୍କ୍ଷଣାତ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବାଧ୍ୟ ହେବ।

ଏଭଳି ଏକ ଜଘନ୍ୟ ଅପରାଧ ସଂଗଠିତ ହୋଇଥିଲେ ମଧ୍ୟ ଚନ୍ଦ୍ରଶେଖରପୁର ପୁଲିସ ଟ୍ରାଫିକିଂରେ ଅଭିଯୋଗ କଲା ନାହିଁ କିମ୍ବା ମାମଲା ରୁଜୁ ବି କଲା ନାହିଁ। ଶେଷରେ ବିଏନ୍ଏସ୍‌ର ୧୨୬(୨), ୧୧୫(୨), ୭୫, ୧୪, ୩(୫) ଦଫା ଲଗାଇଲା। ଯାହା ଅଭିଯୁକ୍ତଙ୍କୁ ନୋଟିସରେ ଖସିବାକୁ ବେଶ୍ ସୁହାଇଲା। ନାବାଳିକଙ୍କୁ ଚେଙ୍କ ଦେଇ ମଧ୍ୟ ଅଭିଯୁକ୍ତ କେବଳ ନୋଟିସ ପାଇ ମୁକୁଳିଲେ।

ଏତଲା ନକଲରୁ ଜଣାପଡୁଛି ପୁଲିସ ବହୁ ସଂଖ୍ୟାରେ ଦଫା ଲଗାଇଛି। ପଡ଼ିତାଙ୍କୁ ପ୍ରକୃତ ନ୍ୟାୟ ପ୍ରଦାନ କରିଛି। ହେଲେ ପୁଲିସର ଗୋଟିଏ ବି ଦଫା ୭ବର୍ଷ ଜେଲ ଦଣ୍ଡାଦେଶ ଉପରକୁ ଟପି ପାରୁ ନାହିଁ। ପୁଲିସ କଣ ଏହା ଜାଣି ନଥିଲା। ନାଆ ସବୁ ଜାଣି ଅଭିନୟ କଲା। ଦଫାରେ ୭ ବର୍ଷ ତଳକୁ ସଜା ଥିବାରୁ ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ସେମାନେ ୧୩ ବର୍ଷିୟା ନାବାଳିକାଙ୍କୁ ଯାବତୀୟ ନିର୍ଯାତନା ଦେବା ସହ ଚେଙ୍କ ଦେଇ ମଧ୍ୟ ନୋଟିସ ପାଇ ଘରକୁ ଗଲେ। ପିଡିତା ଚେଙ୍କ ପାଇ ଚିକିତ୍ସିତ ହେଲେ। ଅଭିଯୁକ୍ତଙ୍କୁ ଖସାଇବାକୁ ପୁଲିସ ଡାହାଣୀ ହୋଇ ଲାଗିଲା ଆଉ ଗୁଣିଆ ହୋଇ ବି ଝାଡିଲା। କେବଳ ଆଇନ୍‌ର ଗଳାବାଟକୁ ଢାଲ କରି ଅଭିଯୁକ୍ତ ମାନଙ୍କୁ ଛାଡିଦେଲା।

ତେବେ ଏଠାରେ ପ୍ରଶ୍ନ ଉଠୁଛି ପୁଲିସ କଣ ପାଇଁ ସେମାନଙ୍କୁ ସହଜରେ ଛାଡିଦେଲା। ଅଭିଯୁକ୍ତ ଉମଶେ ତାଙ୍କୁ କେଉଁଝରୁ ଟ୍ରାଫିକିଂ କରି ଆଣିଥିଲେ। ହେଲେ କାହା ଚାପରେ ଆସି ଏଭଳି କଲା। ଯଦି ପୁଲିସକୁ ଏତଲା ଲେଖି ଆସୁ ନାହିଁ ତେବେ ରୁଚିକା ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ମୌଖିକ କିମ୍ବା ଲିଖିତ ଏତଲା ଆଧାରରେ ପୁଲିସ କଣ ପାଇଁ ମାମଲା ରୁଜୁ କଲା ନାହିଁ।

ସୂଚନାଯୋଗ୍ୟ, ୨୯ ତାରିଖରେ ଜଣେ ନାବାଳିକା କାନ୍ଦି କାନ୍ଦି ଯାଉଥିଲା ବେଳେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଜଣାପଡ଼ିଥିଲା ତାଙ୍କୁ ଚେଙ୍କ ଦିଆଯାଇଛି। ପୁଲିସ ଉମେଶ ସାମଲ ଏବଂ କବିତା ସାମଲଙ୍କୁ ଏହି ମାମଲାରେ ଅଟକ ରଖିଲା। ସେମାନଙ୍କ ବିରୋଧରେ ମାମଲା ରୁଜ କଲା। ସୋମବାର ତାଙ୍କୁ ଜେଲ ପଠାଇବା ବଦଳରେ ନୋଟିସରେ ଛାଡିଦେଲା।

## ରାଜଧାନୀରେ ଅଲୋଡ଼ା ନବଜାତ ଶିଶୁ

● ଅଟୋରେ ଛାଡ଼ି ପଳାଇଲେ

ଭୁବନେଶ୍ୱର, ୩୦ା୩ (ସମିସ): ରାଜଧାନୀରେ ପୁଣି ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। ପାର୍କିଂ ହୋଇଥିବା ଅଟୋ ଭିତରୁ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ପଟିଆ ଶୁଭମ୍ ଆପାର୍ଟମେଣ୍ଟ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁସାରେ, ଚନ୍ଦ୍ରଶେଖରପୁର ଅଞ୍ଚଳର ଜଣେ ଅଟୋ ଚାଳକ କୌଣସି କାମରେ ପଟିଆ ସ୍ଥିତ ଶୁଭମ୍ ଆପାର୍ଟମେଣ୍ଟକୁ ଯାଇଥିଲେ। ଫ୍ଲାଟ୍ ଭିତରକୁ ଜିନିଷପତ୍ର ଦେବାକୁ ଯାଇଥିବା ବେଳେ କେହି ତାଙ୍କ ଅଟୋ ଭିତରେ ନବଜାତ ଶିଶୁକୁ ଛାଡ଼ି ପଳାଇଥିଲା। ଶିଶୁର କାନ୍ଦ ଶୁଣି ସ୍ଥାନୀୟ ଲୋକେ ଏକାଠି ହେବା ସହ ପୁଲିସକୁ ଖବର ଦେଇଥିଲେ। ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଅଟୋ ଚାଳକ ମଧ୍ୟ ଗାଡ଼ି ପାଖରେ ପହଞ୍ଚିଥିଲେ। ତେବେ ସେ ନବଜାତ ଶିଶୁ ବିଷୟରେ ଜାଣିନଥିବା କହିଥିଲେ।

ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରକୁ ଉଦ୍ଧାର କରିଥିଲା। କୋଳଥିଆ ସ୍ଥିତ ଶୁଭଦ୍ରା ମହତାବ ସେବା ସଦନରେ ତାକୁ ରଖାଯାଇଛି। ଶିଶୁପୁତ୍ରଟିର ବୟସ ମାସେରୁ ଦୁଇ ମାସ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ତେବେ କିଏ ତାକୁ ଆଣି ଅଟୋରେ ଛାଡ଼ିଲା, ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଅଧିକ ତଦନ୍ତ କରୁଛି।

● ଇଞ୍ଜିନିୟରିଂ ଛାତ୍ରୀଙ୍କ ଆତ୍ମହତ୍ୟା

## ପ୍ରବର୍ତ୍ତାଇବା ଲୋକଙ୍କୁ ଗିରଫ ପାଇଁ ଦାବି

ଭୁବନେଶ୍ୱର, ୩୦ା୩(ସମିସ): ରାଜଧାନୀରେ ପୁଣି ଇଞ୍ଜିନିୟରିଂ ଛାତ୍ରୀଙ୍କ ଆତ୍ମହତ୍ୟା। ଆତ୍ମହତ୍ୟାକରିଥିବାଛାତ୍ରୀଜଣଙ୍କହେଲେମନୋଜିତାପ୍ରିୟଦର୍ଶିନୀ।ହଷ୍ଟେଲରେଛାତ୍ରୀଜଣଙ୍କ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ବୟସ ୨୦ ହୋଇଥିଲା ବେଳେ ଘର ଢେଙ୍କାନାଳ ଜିଲ୍ଲାରେ। ତେବେ ଆତ୍ମହତ୍ୟା କରିବାକୁ କେହି ପ୍ରବର୍ତ୍ତାଇଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। ଏଣୁ ଏନେଇ ପରିବାର ଲୋକେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ସୂଚନା ମୁତାବକ, ମନୋଜିତା ଭୁବନେଶ୍ୱର ସ୍ଥିତ କଲେଜରେ ପାଠ ପଢୁଥିଲା ବେଳେ ହଷ୍ଟେଲରେ ରହୁଥିଲେ। ରବିବାର ସନ୍ଧ୍ୟା ସମୟରେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

■ ୧୩ ବର୍ଷୀୟା ନାବାଳିକାକୁ ହୋଇଥିଲା ଦୁଷ୍କର୍ମ
■ ପ୍ରଘଟ ନ କରିବାକୁ ଧମକ ଦେଇଥିଲା ଦୁଷ୍କର୍ମୀ



ଭୁବନେଶ୍ୱର, ୩୦ା୩(ସମିସ): ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଆଡ୍‌ହକ୍ ଆଡିସନାଲ ସେସନ୍ସ ଜଜ୍, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟର ବିଚାରପତି ସରୋଜ କୁମାର ସାହୁ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ରାଜା ଓରଫ ଅଜୟ ପରିଡ଼ା। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଅର୍ଚ୍ଚନା ନାୟକ, ସ୍ୱାମୀ ଏବଂ ଦୁଇ ନାବାଳିକା ଝିଅ ସହ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡ଼ିଆ ବସ୍ତିରେ ଦୀର୍ଘଦିନ ହେବ ରହିଆସୁଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀ ବାହାରେ କାମଧନ୍ଦା କରି ପରିବାର ପ୍ରତିପୋଷଣ କରିଥାନ୍ତି। ସବୁଦିନ ଭଳି ୨୦୨୦ ମସିହା ଅଗଷ୍ଟ ୧୪ ତାରିଖ ସକାଳେ ମଧ୍ୟ ଉଭୟ ସ୍ୱାମୀ-ସ୍ତ୍ରୀ ଘରୁ କର୍ମକ୍ଷେତ୍ରକୁ ବାହାରି ଯାଇଥିବା ବେଳେ, ଘରେ ୧୩ ବର୍ଷୀୟା ନାବାଳିକା ପୀଡିତା ଏବଂ ସାନ ଝିଅ ଏକାକୀ ଥିଲେ। ଘରେ ତଥା ଆଖପାଖରେ କେହି ନଥିବାର ସୁଯୋଗ ନେଇ ପାଖ ପଡୋଶୀ ରାଜା ଓରଫ ଅଜୟ ପରିଡ଼ା ତାଙ୍କ ଘରେ ପଶି ତାଙ୍କର ୧୩ ବର୍ଷୀୟା ନାବାଳିକା ଝିଅଙ୍କ ସହ ଜୋରଜବରଦସ୍ତ ଦୁଷ୍କର୍ମ ଏବଂ ଘଟଣା ସମ୍ପର୍କରେ ବାହାରେ ପ୍ରକାଶ କଲେ ସେ ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ସେଠାରୁ ଚାଲିଯାଇଥିଲେ। ଏହି ଘଟଣା ପରେ ନାବାଳିକା ପୀଡିତା ଜଣକ ଅତ୍ୟନ୍ତ ଭୟଭୀତ ହୋଇଯାଇଥିଲେ। ଅଭିଯୋଗକାରିଣୀ କାମରୁ ଫେରି ଝିଅ ନିକଟରୁ ସମସ୍ତ ଘଟଣା ଜାଣିବା ପରେ ତାଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ପରେ ସେ କୌଣସିମତେ ନିଜକୁ ସମ୍ଭାଳି ନେଇ ଅଭିଯୁକ୍ତ ରାଜାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲକ୍ଷ୍ମୀସାଗର ଥାନାର ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗକାରିଣୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନା କେସ ନଂ-୧୯୧/୨୦୨୦, ଆଇପିସି ର ଧାରା-୩୭୬(୨) (ଆଇ) ଓ ପୋକସୋ ଆଇନର ଧାରା-୪ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ଇନ୍ସପେକ୍ଟର ଶ୍ରୀ ବିଶ୍ୱମ୍ବର ପ୍ରଧାନ ଏହାର ତଦନ୍ତ ଦାୟିତ୍ୱ ନିଜେ ବହନ କରିଥିଲେ। ସେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅଭିଯୁକ୍ତ ରାଜା ଓରଫ ଅଜୟ ପରିଡ଼ାକୁ ତୁରନ୍ତ ଗିରଫ କରି ଅଦାଲତ ଚାଲାଣ କରିଥିଲେ।

ମାନ୍ୟବର ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୨ ଜଣ ସାକ୍ଷୀଙ୍କ ଜବାନବନ୍ଦି, ଏବଂ ୧୦ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକୁ ଅଧ୍ୟୟନ କରି, ବିଚାର କାର୍ଯ୍ୟର ପରିସମାପ୍ତି କରିଛନ୍ତି। ଅଦାଲତ ତାଙ୍କ ରାୟରେ ଆସାମୀ ରାଜା ଓରଫ ଅଜୟ ପରିଡ଼ାକୁ ପୋକସୋ ଆଇନ ର ଧାରା-୪ ଆଧାରରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ଏବଂ ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୫ ମାସର ସଶ୍ରମ କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି। ପୋକସୋ ଆଇନର ଧାରା-୪ (୩) ଅନୁଯାଇ, ଅଭିଯୁକ୍ତଙ୍କ ନିକଟରୁ ଅଦାୟ ହେବାକୁ ଥିବା ଉପରୋକ୍ତ ଜୋରିମନା ରାଶିକୁ ପୀଡିତାଙ୍କ ଚିକିତ୍ସା ଖର୍ଚ୍ଚ ଓ ପୁନର୍ବାସନ ପାଇଁ ପ୍ରଦାନ କରାଯିବ।

ଏତଦ୍ ବ୍ୟତୀତ ମାନ୍ୟବର ଅଦାଲତ, ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ସିଆରପିସି ର ଧାରା ୩୫୭-ଏ ଆଧାରରେ, ତଥା ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୪ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଲାଗି ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ।



ରୁକୁଣା ରଥରେ ବାହୁଡ଼ିଲେ ଶ୍ରୀ ଲିଙ୍ଗରାଜ

## ରାଜଧାନୀରେ କଳା ସ୍କୋର୍ପିଓ ଆତଙ୍କ

# ଦମ୍ପତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ୍

ଭୁବନେଶ୍ୱର, ୩୦ା୩ (ସମିସ): ବିଧାନସଭା ଅଧିବେଶନ ଚାଲିଥିବା ବେଳେ ପୂରା ସହର ପୁଲିସ ଛାଉଣିରେ ରହିଛି। ଚାରିଆଡ଼େ ମାଳ ମାଳ ପୁଲିସ ଅଧିକାରୀଙ୍କ ସାଙ୍ଗକୁ ବନ୍ଧୁକଧାରୀ ଯବାନ। ହେଲେ ଏହାରି ଭିତରେ ରାଜଧାନୀରେ ଆତଙ୍କ ଖେଳାଇଛି କଳା ରଙ୍ଗର ସ୍କୋର୍ପିଓ। ବାଟ ମାଗିବାରୁ ଦମ୍ପତିଙ୍କୁ ଗାଳିଗୁଲଜ କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଆଉ କେଉଁଠି ନୁହେଁ, ଖୋଦ୍ ଭିଭିଆଇପି ୟୁନିଟ୍ ୨ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ସୁଧାଂଶୁ ଭୂଷଣ କର ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ୟାଙ୍କ୍ ଅଧିକାରୀ ସୁଧାଂଶୁ, ତାଙ୍କ ପତ୍ନୀ ଓ ୩ ବର୍ଷର ଝିଅ ରବିବାର ରାତି ପ୍ରାୟ ସାଢେ ୯ଟା ସମୟରେ ୟୁନିଟ୍ ୨ ସ୍ଥିତ ଘରକୁ ଫେରୁଥିଲେ। ମାର୍କେଟ ବିଲ୍ଡିଂ ଗଳିରେ ଯାଉଥିବା ବେଳେ ଏକ କଳା ରଙ୍ଗର ସ୍କୋର୍ପିଓ ତାଙ୍କ ରାସ୍ତା ଅବରୋଧ କରିଥିଲା। ସୁଧାଂଶୁ ନିଜ କାରକୁ ପଛକୁ ନେବା ସହ ଯିବାପାଇଁ ସାଇଟ୍ ମାଗିଥିଲେ। ଏତିକିରେ ଆରମ୍ଭ ହୋଇଥିଲା ଦୁର୍ବୃତ୍ତଙ୍କ ଆତଙ୍କରାଜ। ସ୍କୋର୍ପିଓ ଭିତରୁ ୪/୫ ଜଣ ଦୁର୍ବୃତ୍ତ ବାହାରି ଆସି ହଠାତ୍ ସୁଧାଂଶୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସୁଧାଂଶୁ ଗାଳିଗୁଲଜ ନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଏତିକିରେ ଦୁର୍ବୃତ୍ତଙ୍କ ଆତଙ୍କ ଥମି ନ ଥିଲା। ଫୋନ୍ କରି ଅନ୍ୟ ସହଯୋଗୀମାନଙ୍କୁ ଡକାଇଥିଲେ। କିଛି ସମୟ ମଧ୍ୟରେ ସେମାନଙ୍କର କିଛି ସହଯୋଗୀ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ସୁଧାଂଶୁଙ୍କ କାର୍ କାଚକୁ ବାଡ଼େଇ ବାହାରକୁ ଆସିବାକୁ କହିଥିଲେ। କାଚ ତଳକୁ କରିବାରୁ ଦୁର୍ବୃତ୍ତମାନେ ସୁଧାଂଶୁଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ପାଟି ଫିଟାଇଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଦୁର୍ବୃତ୍ତଙ୍କ ଏଭଳି କାଣ୍ଡରେ ପତ୍ନୀ ଓ ଝିଅ ଭୟଭୀତ ହୋଇ ପଡ଼ିଥିଲେ। ପାଟିଶୁଣି ଲୋକମାନେ ଏକାଠି ହେବା ବେଳକୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏନେଇ ସୁଧାଂଶୁ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ କରୁଥିଲେ ମଧ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ। ସେପଟେ ବିଧାନସଭା ଅଧିବେଶନ ଚାଲିଥିବା ବେଳେ ରାଜଧାନୀରେ ବନ୍ଧୁକଧାରୀଙ୍କ ଆତଙ୍କରାଜ ନାଗରିକ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ପୁଲିସ କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

## ବ୍ୟବସାୟିକ ଶତ୍ରୁତାରୁ ପୋଡ଼ି ଦେଲେ କାର୍



ଭୁବନେଶ୍ୱର, ୩୦ା୩ (ସମିସ): ବ୍ୟବସାୟିକ ଶତ୍ରୁତାରୁ କାର୍ ପୋଡ଼ି ଦେଇଛନ୍ତି ପୂର୍ବତନ ଚାଳକ। କେବଳ ଚାଳକ ନୁହଁନ୍ତି, ପ୍ରତିଦ୍ୱନ୍ଦୀ ମଧ୍ୟ ଏଥିରେ ସାମିଲ ଅଛନ୍ତି। ୟୁନିଟ୍ ୮ ତୁଳସୀ ବସ୍ତିରେ ଏହି ଘଟିଥିବା ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ୟୁନିଟ୍ ୮ ଅଞ୍ଚଳର କବି ଓରଫ୍ ଗୌତମ ଗୌଡ଼ (୨୫) ଓ ସୁରିୟା ଓରଫ୍ ସୁରେନ୍ଦ୍ର କୁମାର ସାହୁ (୩୪)।

ପୁଲିସ ସୂଚନାନୁଯାୟୀ, ଅମିତ ପ୍ରଧାନଙ୍କର ଟୁର୍ ଆଣ୍ଡ ଟ୍ରାଭେଲ ବ୍ୟବସାୟ ରହିଥିବା ବେଳେ ପ୍ରାୟ ୧୦ଟି ଗାଡ଼ି ସେହି ସଂସ୍ଥାରେ ନିୟୋଜିତ କରିଥିଲେ। ପୂର୍ବରୁ କବି ତାଙ୍କ ସଂସ୍ଥାରେ ଡ୍ରାଇଭର ଭାବେ କାମ କରୁଥିଲା। କିନ୍ତୁ ମଦ୍ୟପାନ ଅଭ୍ୟାସ ଓ ଅନୁଶାସନହୀନ ବ୍ୟବହାର କାରଣରୁ ପ୍ରାୟ ୪ ମାସ ପୂର୍ବରୁ ଅମିତ ତାକୁ ଚାକିରିରୁ ବାହାର କରି ବିଜେନ୍ଦ୍ର ଦଳାଇଙ୍କୁ ଡ୍ରାଇଭର ଭାବେ ନିଯୁକ୍ତ କରିଥିଲେ। ସେପଟେ ସୁରିୟାର ମଧ୍ୟ ଏକ ଟୁର୍ ଓ ଟ୍ରାଭେଲ୍ସ ବ୍ୟବସାୟ ରହିଛି। ପ୍ରାୟ ୨ ମାସ ପୂର୍ବରୁ ସେ ଗୋଟିଏ ଏଜେନ୍ସିକୁ ଭଡ଼ାରେ ଗାଡ଼ି ଯୋଗାଣ ଦେବା ପାଇଁ ଡିଲ୍ ନେବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅମିତଙ୍କ କମ୍ପାନୀ ସେହି ଡିଲ୍ ପାଇଯାଇଥିଲା। ଫଳରେ ସୁରିୟା ଓ ଅମିତଙ୍କ ମଧ୍ୟରେ ବ୍ୟବସାୟିକ ଶତ୍ରୁତା ସୃଷ୍ଟି ହୋଇଥିଲା। ଏହିସବୁ କାରଣକୁ ନେଇ ଗୌତମ ଓ ସୁରିୟା ମିଶି ଅମିତଙ୍କ ବ୍ୟବସାୟକୁ କ୍ଷତି ପହଞ୍ଚାଇ ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ।

ଗତ ୨୩ ତାରିଖ ରାତିରେ ବିଜେନ୍ଦ୍ର କାମ ସାରି ନିଜ ଘର ସାମ୍ନାରେ ଅମିତଙ୍କ କାରକୁ ପାର୍କିଂ କରି ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ଗୌତମ ଓ ସୁରିୟା ମିଶି ପେଟ୍ରୋଲ ଢାଳି ସେହି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ରାତି ୨ଟାରେ ବିଜେନ୍ଦ୍ର ଉଠିବା ବେଳକୁ ଗାଡ଼ିଟି ଜଳୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବିଭାଗର ସହଯୋଗରେ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଗସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳି ନଷ୍ଟ ହୋଇଯାଇଥିଲା। ଅମିତଙ୍କ ମାଆ ମନୋରମା ପ୍ରଧାନ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଗୌତମ ଓ ସୁରିୟାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ହମ୍ପସରେ ଗାଡ଼ିରୁ ପଡ଼ି ମହିଳାଙ୍କ ମୃତ୍ୟୁ



ବାଲିପାଟଣା, ୩୦ା୩(ସମିସ): ଗାରେଡ଼ି ପଞ୍ଚାଣ ବଳଭଦ୍ରପୁର ରାସ୍ତାରେ ମଟର ସାଇକେଲ ପଛରେ ବସି ଯାଉଥିବା ଜଣେ ମହିଳା ହମ୍ପସ ପାଖରେ ତଳେ ପଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଖବର ନେବାରୁ ଜଣାପଡ଼ିଛି ଯେ ବଳଭଦ୍ରପୁର ଗ୍ରାମର କୁନେନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ମନୋରମା ସ୍ୱାଇଁ(୫୨) ତାଙ୍କ ବାପଘର ଠାରୁ ଶାଶୂଘରକୁ ଫେରୁଥିଲେ। ହଠାତ ଗାଁ ବୁଲାଣି ରାସ୍ତାରେ ହମ୍ପସ ଠାରେ ତଳେ ପଡ଼ି ଯିବାରୁ ତାଙ୍କ ମୁଣ୍ଡର ପଛପଟେ ଜୋରରେ ମାଡ଼ ହୋଇଥିଲା। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଆମ ରାଜଧାନୀ ଆମ ଐତିହ୍ୟ

# କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ତୀର୍ଥେଶ୍ୱର ମନ୍ଦିର



ଭୁବନେଶ୍ୱର, ୩୦ା୩(ସମିସ): ରାଜଧାନୀରେ ଅନେକ ରାଜରାଜୁଡାଙ୍କ ସମୟର ପୁରାତନ ମନ୍ଦିର ସଂରକ୍ଷିତ ହୋଇ ରହିଛି। ସେହିପରି ରାଜଧାନୀର ପୁରୁଣା ଭୁବନେଶ୍ୱର ଥିବା ପ୍ରମୁଖ ଐତିହ୍ୟ ମନ୍ଦିରଗୁଡିକ ମଧ୍ୟରୁ ଚତୁର୍ଦ୍ଦଶ ଶତାବ୍ଦୀର ନିର୍ମିତ ତୀର୍ଥେଶ୍ୱର ମନ୍ଦିର ଅନ୍ୟତମ।

ଏହି ମନ୍ଦିରଟି ବିନ୍ଦୁ ସାଗର ନିକଟରେ ରହିଛି। ମନ୍ଦିରଟି କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ଯେଉଁଠି ପ୍ରଭୁ ଶିବଙ୍କୁ ପୂଜା କରାଯାଇଥାଏ। ମନ୍ଦିରର ଗଠନ ଶୈଳୀକୁ ନିରିଖି ଦେଖିଲେ ଜଣାଯାଏ କି ଏହା ସୂକ୍ଷ୍ମ ଓକ୍ରୋସ ବାଲୁକା ପଥରରେ ନିର୍ମିତ ହୋଇଛି। ମନ୍ଦିରର ପ୍ରବେଶରେ ଦୁଇଟି ଦ୍ୱାରପାଳ ନୃତ୍ୟବସ୍ଥାରେ ରହିଛନ୍ତି। ମନ୍ଦିରଟିର ବିମାନ ଏକ ରେଖା ଦେଉଳ ହୋଇଥିବାବେଳେ ଜଗମୋହନ ଏକ ପିଢା ଦେଉଳ ବିଶିଷ୍ଟ। ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ମହାଦୀପ ଉଠିବା ପରେ, ଲିଙ୍ଗରାଜ ମହାପ୍ରଭୁ ତୀର୍ଥେଶ୍ୱର ମନ୍ଦିରକୁ ଯାତ୍ରା କରନ୍ତି। କାରଣ ହରି ଓ ହର ଉଭୟେ ଦୟଣା ପ୍ରିୟ। ତେଣୁ ଲିଙ୍ଗରାଜଙ୍କର ଚତୁର୍ଦ୍ଦଶୀ ଯାତ୍ରା ମଧ୍ୟରୁ ଅନ୍ୟତମ ଏହି ଯାତ୍ରାରେ ମହାପ୍ରଭୁଙ୍କୁ ଦୟଣା ଲାଗିହୁଏ। ଲିଙ୍ଗରାଜଙ୍କର ଚଳିତ ପ୍ରତିମା ଚନ୍ଦ୍ରଶେଖରଙ୍କ ସହ ମା ପାର୍ବତୀ, ଦୁର୍ଗା ଓ ବାସୁଦେବ ମଧ୍ୟ ଯାତ୍ରା କରନ୍ତି। ତୀର୍ଥେଶ୍ୱର ମହାଦେବ ଏକାମ୍ରକ୍ଷେତ୍ର ତୀର୍ଥର ଇଶ୍ୱର। ତେଣୁ ଲିଙ୍ଗରାଜଙ୍କର ଦର୍ଶନ ବିଧିରେ ତୀର୍ଥେଶ୍ୱରଙ୍କୁ ଦର୍ଶନ ନକଲେ ତୀର୍ଥ ଫଳ ମିଳେନାହିଁ ବୋଲି ଏକାମ୍ର ଚନ୍ଦ୍ରିକାରେ ଉଲ୍ଲେଖ ରହିଛି। ରୁକୁଣା ରଥଯାତ୍ରା ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିବା ଖବର ତୀର୍ଥେଶ୍ୱରଙ୍କୁ ପହଞ୍ଚାଇବା ଉଦ୍ଦେଶ୍ୟରେ ଲିଙ୍ଗରାଜଙ୍କର ଏହି ଯାତ୍ରା। ଯାହା ପ୍ରଭୁଙ୍କର ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ବିଜେ ପ୍ରତିମାଙ୍କୁ ଗୋପାଳ ସେବାୟତ ମାନଙ୍କ ଦ୍ୱାରା ମନ୍ଦିରରୁ ପାଲିଙ୍କିରେ ନେଇ ତୀର୍ଥେଶ୍ୱର ମନ୍ଦିର ସମ୍ମୁଖରେ ଏକ ଖଟୁଲିରେ ବସାଯାଇଥାଏ। ଶେଷରେ ବିଜେ ପ୍ରତିମାମାନଙ୍କୁ ସେବକ ମାନଙ୍କଦ୍ୱାରା ତୀର୍ଥେଶ୍ୱର ମହାଦେବଙ୍କ ସମ୍ମୁଖକୁ ନିଆଯାଇ ପୂଜାପଣ୍ଡାଙ୍କ ଦ୍ୱାରା ଭେଟ ଆଳତୀ କରଯାଇଥାଏ। ବିଜେ ପ୍ରତିମାଙ୍କୁ ଲିଙ୍ଗରାଜ ମନ୍ଦିରକୁ ଫେରାଇ ନେବାପରେ ମହାପ୍ରଭୁଙ୍କର ବଡ଼ସିଂହାର ଓ ପହୁଡ଼ ହୋଇଥାଏ।

### ଏବେ କେମିତି ରହିଛି



ମନ୍ଦିରର ଚାରିପାଖକୁ ଘରୋଇ ଆବାସିକ ଓ ବଜାର ଘେରି ରହିଛି। ଲିଙ୍ଗରାଜ ମନ୍ଦିର ନିକଟରେ ରହିଥିବା କାରଣରୁ ପ୍ରତିଦିନ ଏଠାକୁ ପର୍ଯ୍ୟଟକ ଆସିଥାନ୍ତି। ମନ୍ଦିରର ପଛପାଖକୁ ଗଛ ଲତା ମାଡିଯିବା ସହ ମନ୍ଦିରର କିଛି ସ୍ଥାନରେ ଫାଟ ସୃଷ୍ଟି ହେଲାଣି। ପ୍ରାକୃତିକ କାରଣ ଯୋଗୁଁ ଏହାର ଅନେକ ଅଂଶ କ୍ଷୟ ହେବା ସହ ରଙ୍ଗ ପରିବର୍ତ୍ତନ ହେଉଥିବା ପରିଲକ୍ଷିତ ହେଉଛି। ତେଣୁ ଏହା ସମୟ ଅନ୍ତରାଳରେ ମରାମତି ଆବଶ୍ୟକ କରେ ବୋଲି ସ୍ଥାନୀୟ ଲୋକ ମତ ଦେଇଛନ୍ତି।



### ଆରଟିଇ ଛାତ୍ରଛାତ୍ରୀଙ୍କ ବହି ଓ ପୋଷାକ ଅର୍ଥ ମଞ୍ଜୁର ଦାବି

# ଅର୍ଥ ସଚିବଙ୍କ ବାସଭବନ ଘେରିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର, ୩୦।୩(ସମିସ): ଶିକ୍ଷା ଅଧିକାର ଆଇନ୍ (ଆରଟିଇ)ରେ ମାଗଣା ପଢୁଥିବା ଛାତ୍ରଛାତ୍ରୀଙ୍କ ବହି, ପୋଷାକ, ଜୋତା ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଅବଶ୍ୟକ ଅର୍ଥ ସରକାର ନିର୍ଦ୍ଦିଷ୍ଟ ସମୟରେ ଅନୁମୋଦନ କରୁନାହାନ୍ତି। ଦାୟିତ୍ୱରେ ଥିବା ଅର୍ଥ ବିଭାଗର ସଚିବଙ୍କ ପାଖରେ ପ୍ରାୟ ଛଅ ମାସ ହେଲା ଫାଇଲ ପଡ଼ି ରହିଛି। ଫଳରେ ରାଜ୍ୟସାରା ଆର୍‌ଟିଇରେ ପଢୁଥିବା ଗରିବ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଶିକ୍ଷା ଅଧିକାର ଆଇନର ଉଲ୍ଲଙ୍ଘନ ବୋଲି ଅଭିଭାବକ ମହାସଂଘ ପକ୍ଷରୁ ଅଭିଯୋଗ କରିବା ସହ ତ୍ୱରିତ ଅର୍ଥ ମଞ୍ଜୁର କରିବା ପାଇଁ ଅର୍ଥ ସଚିବଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ଅଟକି ରହିଥିବା ଫାଇଲ ଅନୁମୋଦନ ପାଇବା ହ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁଙ୍କୁ ସାକ୍ଷାତ କରି ଆଲୋଚନା କରିବା ଏବଂ ଗଣଶିକ୍ଷା ବିଭାଗ ସଚିବ ଏହି ବିଷୟରେ ବୈଠକ କରିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆନ୍ଦୋଳନରେ ମହାସଂଘର ସଭାପତି ବାସୁଦେବ ଭଟ୍ଟ ଓ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋଇଙ୍କ ସମେତ ଆବାହିକା କଳ୍ପନା ସାହୁ ଓ ପଦ୍ମନାଭ ସାହୁ, ଅଶୋକ ପାଇକରାୟ, ବିମଳ ପ୍ରଧାନ, ସତ୍ୟଜିତ ଦାଶ, ମିଲି ସାହୁ, ସୁବ୍ରତ ସାହୁ, ଜଗନ୍ନାଥ, ମୀନାରାଣୀ ନାୟକ, ଅମର ନାଏକଙ୍କ ସମେତ ବହୁ ଅଭିଭାବକ ସାମିଲ ହୋଇଥିଲେ।




## ପଦ୍ମଶ୍ରୀ ଗୀତା ମାହାଲିକ୍‌ଙ୍କୁ 'ନାୟିକା ସମ୍ମାନ'

ଭୁବନେଶ୍ୱର, ୩୦।୩(ସମିସ): ଅଙ୍ଗରାଗ ପକ୍ଷରୁ ୫ମ ନାୟିକା ଓଡିଶୀ ନୃତ୍ୟ ଉତ୍ସବ ୨୦୨୬ ଜୟଦେବ ଭବନଠାରେ ଆୟୋଜିତ ହୋଇଛି। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ୫ମ 'ନାୟିକା ସମ୍ମାନ' ଯାହା ପଦ୍ମଶ୍ରୀ ଗୁରୁ ଗୀତା ମହାଲିକଙ୍କୁ ପ୍ରଦାନ କରାଯାଇଛି। ତାଙ୍କର ସମଗ୍ର ଜୀବନ ଓଡିଶୀକୁ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ପ୍ରତିଷ୍ଠିତ କରିବାରେ ଅପାର ଅବଦାନ ରଖିଛନ୍ତି। ଗୁରୁ ସତ୍ୟବାନ ପଶ୍ଚିମକବାଟଙ୍କୁ 'ନାୟିକା କଳା ସାଧକ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବରେ ଗୁରୁ ଡ. ସ୍ନେହପ୍ରଭା ସମନ୍ତରାୟ, ଡ. ଇନ୍ଦିରା ଦତ୍ତ, ମୀତାରାଣୀ ବିଶ୍ୱାଳ, ପ୍ରଫେସର ଡ. ତାରା ପ୍ରସନ୍ନ ସତପଥୀ, ଅଭିନେତ୍ରୀ ଲୁମ୍ବାଇନା ଶତପଥୀ ଉପସ୍ଥିତ ଥିଲେ। ବିଶ୍ୱଜିତ ବଳିଆରସିଂହ ମଞ୍ଚ ସଞ୍ଚାଳନ କରିଥିଲେ।

### ପୁରୁଣା ଫଟୋ
### ପୁରୁଣା ସ୍ମୃତି



ଭୁବନେଶ୍ୱର, ୩୦।୩(ସମିସ): ରାଜଧାନୀ ଭୁବନେଶ୍ୱର କେବଳ ଏକ ସ୍ଥାନ ନୁହଁ ବରଂ ଐତିହ୍ୟସ୍ଥଳର ଗନ୍ତାଘର। ଏଠାରେ ଅନେକ କିର୍ତ୍ତିରାଜି ସାଇତା ହୋଇ ରହିଛି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେଥିପାଇଁ କେବଳ ଅନ୍ୟ ରାଜ୍ୟ ନୁହଁ ବରଂ ଅନ୍ୟ ଦେଶରୁ ମଧ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ସେ ପୁଣି ଅନେକ ପୁରାତନ ସମୟରୁ ଏଠାରେ ଥିବା ଐତିହ୍ୟସ୍ଥଳକୁ ଭ୍ରମଣରେ ଆସିଥାନ୍ତି। ଯାହାର ଏକ ଝଲକ ସାମାଜିକ ଗଣମାଧ୍ୟମରେ କଳାଧଳା ଫଟୋରେ ଦେଖିବାକୁ ମିଳିଛି।

ଅତୀତର ସ୍ମୃତିକୁ ନେଇ ସଜାଯାଇଥିବା ଏକ ଅମୂଲ୍ୟ ଭଣ୍ଡାର ହେଉଛି ଏହି ପୁରୁଣା ଫଟୋଚିତ୍ର। ଆଜିର ଉପସ୍ଥାପନାରେ ସେହିଭଳି ଏକ ଫଟୋଚିତ୍ର ଯେଉଁଠି ରାଜା ଚାର୍ଲ୍ସ ତୃତୀୟ ତଥା ତତ୍କାଳୀନ ୱେଲ୍ସର ରାଜକୁମାରଙ୍କୁ ଦଶମ ଶତାବ୍ଦୀର ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କରୁଥିବା ପରିଲକ୍ଷିତ ହେଉଛି। ଫଟୋଟି ୧୯୮୦ ମସିହା ଡିସେମ୍ବର ୪ ତାରିଖର ବୋଲି ଇତିହାସରୁ ଜଣାଯାଏ। ସେ ଖାଲି ପାଦରେ ସେହି ସ୍ଥାନ ପରିଦର୍ଶନ କରିଥିଲେ, କଳିଙ୍ଗ ସ୍ଥାପତ୍ୟ ଏବଂ ପ୍ରସିଦ୍ଧ ପଥର ତୋରଣକୁ ପ୍ରଶଂସା କରିଥିଲେ ଏବଂ ସ୍ଥାନୀୟ ଅଧିକାରୀ ଏବଂ ଗ୍ରାମବାସୀଙ୍କ ସହିତ ସାକ୍ଷାତ କରିଥିଲେ।

## ସମାଜ ଗଠନରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର, ୩୦।୩(ସମିସ): ରବିବାର ରାମକୃଷ୍ଣ ମିଶନ ବିବେକାନନ୍ଦ ହଲରେ ଆୟୋଜିତ 'ଶିକ୍ଷକମାନଙ୍କ ପାଇଁ ମୂଲ୍ୟବୋଧଭିତ୍ତିକ ଶିକ୍ଷା' ସମ୍ପର୍କିତ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ତିନି ଶହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇଦ୍ରାବାଦ ରାମକୃଷ୍ଣ ମଠର ସମ୍ପାଦକ ସ୍ୱାମୀ ବୋଧଗମ୍ୟାନନ୍ଦ ଜୀ, ସୋଆ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ପ୍ରଦୀପ୍ତ ନନ୍ଦ, ନାଲ୍‌କୋର ଅବସରପ୍ରାପ୍ତ ପରିଚାଳକ ସୋମନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ମିଶନର ସମ୍ପାଦକ ସ୍ୱାମୀ ଆତ୍ମପ୍ରଭାନନ୍ଦ ଜୀ ସ୍ୱାଗତଭାଷଣ ଦେଇଥିବା ବେଳେ ପରିଚାଳନା ସମିତିର ସଭାପତି ଡ. ଚଣ୍ଡୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱର ବ୍ଲକରେ ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି

ଭୁବନେଶ୍ୱର, ୩୦।୩(ସମିସ): ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଶିଶୁପାଳ ଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜିର ଗ୍ରାମ ପଞ୍ଚାୟତ ସ୍ତରୀୟ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଖୋରଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଳିତ ଜଣାଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

ଅଭିଯୋଗ ମଧ୍ୟରୁ ୬ଟି ଅଭିଯୋଗ ଗ୍ରାମ ସମ୍ବନ୍ଧୀୟ ରହିଥିଲା ବେଳେ ସେଗୁଡିକ ମଧ୍ୟରୁ ୬ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଏବଂ ଅନ୍ୟ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣ ମାନଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଆଜିର ମିଳିତ ଜନଶୁଣାଣି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ବିଡ଼ିଓ ଦେବୀପ୍ରସାଦ ମହାନ୍ତି, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର ଉପସ୍ଥିତ ଥିଲେ।



## ଲୋକଭବନରେ ରାଜସ୍ଥାନ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩୦।୩(ସମିସ): ଲୋକଭବନର ନୂତନ ଅଭିଷେକ ହଲ୍‌ରେ ରାଜସ୍ଥାନ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ପୋଲିସ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରାଙ୍କ ସମେତ ରାଜସ୍ଥାନର ମୂଳ ବାସିନ୍ଦାମାନେ ଓଡ଼ିଶାରେ ରହିବାର ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଏଡିସି କୁଳଦୀପ ମୀନା ସ୍ୱାଗତ ଭାଷଣ ପ୍ରଦାନ କରିଥଲେ।



## ତୃତୀୟାପଡ଼ା ପ୍ରିମିୟର ଲିଗ୍‌ରେ ଶିବାଂଶୀ ୧୧ ଚାମ୍ପିଅନ୍



ଯାଁଳା, ୩୦।୩(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ତୃତୀୟାପଡ଼ା ଠାରେ ୩ୟ ପ୍ରିମିୟର ଲିଗ୍ ସିଜିନ ୩ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ମ୍ୟାଚ୍‌ଟି ଶିବାଂଶୀ ୧୧ ବନାମ ଓମ୍ ସାଇ ମଧ୍ୟରେ ହୋଇଥିଲା, ପ୍ରଥମେ ଓମ୍ ସାଇ ବ୍ୟାଟିଙ୍ଗ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ୧୫୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଶିବାଂଶୀ ୧୧, ୧୫୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଶିବାଂଶୀ ୧୧, ୧୧.୩ ଓଭର୍‌ରେ ମ୍ୟାଚ୍‌କୁ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ସନ୍ତୋଷ ବିଶ୍ୱାଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ଆଦିତ୍ୟ ପ୍ରଧାନ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଆଜି ମ୍ୟାଚ୍‌ର ମୁଖ୍ୟ ଅତିଥି ସୁରଜ୍ କୁମାର ପାଇକରାୟ, ଦିପକ୍ ଜେନା ଏବଂ ଲୁଲୁ ବଡ଼ଜେନା ପ୍ରମୁଖ ଅତିଥି ରୂପେ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫିସହ ୨୧,୦୦୦ ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୧୬,୦୦୦ ଟଙ୍କା ପ୍ରଦାନ କରିଥିଲେ।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

ଭୁବନେଶ୍ୱର, ୩୦।୩(ସମିସ): ମଣିଷ ଜୀବନରେ କେବଳ ଶାରୀରିକ, ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ଯଥେଷ୍ଟ ନୁହେଁ। ମଣିଷର ପୂର୍ଣାଙ୍ଗ ସ୍ୱାସ୍ଥ୍ୟ ପାଇଁ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଆବଶ୍ୟକ ବୋଲି କହିଛନ୍ତି ସଭାପତି ଡା. ଅଶୋକ କୁମାର ମହାପାତ୍ର। ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନର ମିଳିତ ଆନୁକୂଲ୍ୟରେ ଡା. ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ୨୧୪ତମ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ 'ଆରୋଗ୍ୟମ୍ ସୂତ୍ର' ଶୀର୍ଷକରେ ଯୋଗଦେଇ ଡା. ମହାପାତ୍ର କହିଥିଲେ, ଆମେମାନେ ରୋଗର ଉପଶମ ପାଇଁ ଔଷଧର ସହାୟତା ନନେଇ ରୋଗର ନିରାକରଣ ପାଇଁ ଚେଷ୍ଟିତ ରହିଲେ ସୁସ୍ଥ ଜୀବନ ଯାପନ କରିପାରିବା। ଏହି ଅବସରରେ ଡାକ୍ତର ମହାପାତ୍ରଙ୍କ ଲିଖିତ ପୁସ୍ତକ 'ମନର ସ୍ପନ୍ଦନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ଆରତି କର ଏହି ପୁସ୍ତକର ସମୀକ୍ଷା କରି କହିଥିଲେ ପୁସ୍ତକରେ ଆଧ୍ୟାତ୍ମିକ ଚିନ୍ତାଧାରାକୁ ନେଇ ବହୁ ପ୍ରବନ୍ଧ ବୈଜ୍ଞାନିକ ଦୃଷ୍ଟିକୋଣରୁ ଆଲୋଚନା କରି ପୁସ୍ତକକୁ ଏକ ନୂତନ ଢଙ୍ଗରେ ଉପସ୍ଥାପିତ କରାଯାଇଛି। ସଭାରେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ତରଫରୁ ବୈଜ୍ଞାନିକ ତଥା କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍‌ର ଅଧ୍ୟକ୍ଷ ଡା. ଶିତକଣ୍ଠ ଦାଶଙ୍କୁ 'ଅନନ୍ୟ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ବକ୍ତା ହୋମିଓପ୍ୟାଥିକ୍ ଡାକ୍ତର ତଥା ସୁଲେଖକ ଉପେନ୍ଦ୍ର ପ୍ରସାଦ ନାୟକ, ମୁଖ୍ୟବକ୍ତା ଗୋପାଳ ଚନ୍ଦ୍ର ନନ୍ଦ ଉପସ୍ଥିତ ଥିଲେ। ଏହି ସଭାରେ ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଭକ୍ତି ସଂଗୀତ ପରିବେଷଣ କରିଥିଲେ ମଧୁସ୍ମିତା ବିଶ୍ୱାଳ, ବାଳକୃଷ୍ଣ ପଣ୍ଡା ଓ ସଂଗୀତା ତ୍ରିପାଠୀ।



## ଆରପିଏଫ୍ ଷ୍ଟାଫ ରିକ୍ରିଏସନ କ୍ଲବ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୦।୩(ସମିସ): ଆରପିଏଫ ଷ୍ଟାଫ ରିକ୍ରିଏସନ କ୍ଲବ୍‌ର ବାର୍ଷିକ ଉତ୍ସବ ଅବସରରେ ଉତ୍କଳ ରଙ୍ଗମଞ୍ଚରେ ନାଟକ ପରିବେଷିତ ହୋଇଯାଇଛି। ଗୋପୀନାଥ ବାରିଙ୍କ ରଚିତ 'ଶେଷ ଆଶ୍ରୟ' ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଦୁର୍ଯ୍ୟୋଧନ ସାହୁ ଏବଂ ସହ ନିର୍ଦ୍ଦେଶନା ଦେଇଛନ୍ତି ବିବେକାନନ୍ଦ। ଏଥିରେ ଚିତ୍ତରଞ୍ଜନ ରାଉତ, ସମର କୁମାର ପଣ୍ଡା, ହିମାଂଶୁ ଶେଖର ସେଠୀ, ଶରତ ଚନ୍ଦ୍ର ମିଶ୍ର, ଗିରିଜା ଶତପଥୀ, ସୁଜିତ କୁମାର ମହାନ୍ତି, ମନୋରଞ୍ଜନ ସାହୁ, ରାଜୀବ ଲୋଚନ ବେହେରା, ପ୍ରବୀଣ କୁମାର ସାହୁ, ଅଜୟ ମିଶ୍ର, ଆୟନ ରାଉତ ପ୍ରମୁଖ ବିଭିନ୍ନ ଭୂମିକାରେ ରଖିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଆରପିଏଫ ଆଞ୍ଚଳିକ କମିସନର-୨ ମୌସୁମୀ ଲତା ପାଢ଼ୀ, ସଙ୍ଗୀତକାର ପ୍ରେମ ଆନନ୍ଦ, କ୍ଲବ୍‌ର ଉପ ସଭାପତି ପ୍ରଭାସ ଭୋଳ, ସମ୍ପାଦକ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ମଳୟ ସେନାପତି।

## ହାଇଟେକ୍ ମେଡିକାଲ୍ କଲେଜରେ ଏଆରଟି ସେଣ୍ଟର ଉଦ୍‌ଘାଟିତ



ଭୁବନେଶ୍ୱର, ୩୦।୩(ସମିସ): ହାଇଟେକ୍ ମେଡିକାଲ କଲେଜ୍ ଓ ହସ୍ପିଟାଲ ପରିସରରେ ଏଆରଟି ସେଣ୍ଟର ଉଦ୍‌ଘାଟିତ ହୋଇଛି। ହାଇଟେକ୍ ଗ୍ରୁପ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ଏଆରଟି ସେଣ୍ଟରକୁ ଲୋକାର୍ପିତ କରିଛନ୍ତି। ଓଡ଼ିଶା ରାଜ୍ୟ ଏଡସ୍ କଣ୍ଟ୍ରୋଲ ସୋସାଇଟି ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଏଆରଟି ସେଣ୍ଟର ସେବା ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଏଚ୍.ଆଇ.ଭି ରୋଗୀଙ୍କ ସହିତ ବଞ୍ଚୁଥିବା ବ୍ୟକ୍ତିଙ୍କ ପାଇଁ ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି ବା ଏଆରଟି କେନ୍ଦ୍ର ଏକ ବ୍ୟାପକ ସେବା କେନ୍ଦ୍ର ଭାବରେ କାର୍ଯ୍ୟ କରିଥାଏ। ଏଚଆଇଭି ରୋଗୀ ଓ ସେମାନଙ୍କ ସହ ରହୁଥିବା ଲୋକଙ୍କୁ ଏହି କେନ୍ଦ୍ରରେ ମାଗଣାରେ ଆଣ୍ଟି-ରେଟ୍ରୋଭାଇରାଲ୍ ଔଷଧ ଯୋଗାଇ ଦିଆଯିବା ସହ ରୋଗୀର ସ୍ୱାସ୍ଥ୍ୟ ଅବସ୍ଥା ଏବଂ ଭାଇରାଲ୍ ଲୋଡ୍ ଜାଣିବା ପାଇଁ ପରୀକ୍ଷା କରାଯିବ। ଏଆରଟି କେନ୍ଦ୍ରରେ ସଂକ୍ରମଣ ଯୋଗୁଁ ଶରୀରରେ ଦେଖାଦେଉଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ରୋଗ ବା ସଂକ୍ରମଣର ଚିକିତ୍ସା କରାଯିବା ସହ ରୋଗୀଙ୍କୁ ନିୟମିତ ଔଷଧ ଖାଇବା ପାଇଁ ପରାମର୍ଶ ଦିଆଯିବ ଏବଂ ଏହାର ପାର୍ଶ୍ୱ ପ୍ରତିକ୍ରିୟା ପରିଚାଳନା କରାଯିବ। ଉଦଘାଟନୀ ଉତ୍ସବରେ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଦେବାନନ୍ଦ ମହାପାତ୍ର, ପ୍ରଫେସର ରବୀନ୍ଦ୍ରନାଥ ବେହେରା, ସିଓଓ ଜ୍ୟୋତିର୍ମୟ ପଣ୍ଡାଙ୍କ ସମେତ ସମସ୍ତ ଡାକ୍ତର, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଏମ୍‌ସ ଓ ନାମ୍ସ ପକ୍ଷରୁ ଆଞ୍ଚଳିକ କର୍ମଶାଳା

ଭୁବନେଶ୍ୱର, ୩୦।୩ (ସମିସ): ଏମ୍‌ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ ଅଙ୍ଗ ପ୍ରତିରୋପଣ ଓ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା(ସିଏମ୍‌ଇ) ସଫଳତାର ସହିତ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ଚାରୋଟି ରାଜ୍ୟରୁ ତିନି ଶହରୁ ଅଧିକ ଚିକିତ୍ସକଙ୍କ ସମେତ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ଷେତ୍ରର ପ୍ରସିଦ୍ଧ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ଅତିରିକ୍ତ ଶାସନ ସଚିବ ସୁଭାଶିଷ ପଣ୍ଡା ଅଙ୍ଗ ପ୍ରତିରୋପଣରେ ଏଆଇର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ନାମ୍ସ ସଭାପତି ଡ. ଦିଗମ୍ବର ବେହେରା ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ଡ. ଭାଗୀରଥି ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏମ୍‌ସ ଋଷିକେଶ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ମୀନୁ ସିଂହ, ଏମ୍‌ସ ଅବନ୍ତିପୋରା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସଚ୍ଚିଦାନନ୍ଦ ମହାନ୍ତି, ଏମ୍ସ କଲ୍ୟାଣୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଅରବିନ୍ଦ ସିହ୍ନା, ପିଜିଆଇଏମ୍‌ଇଆର ଚଣ୍ଡିଗଡ଼ର ପୂର୍ବତନ ନିର୍ଦ୍ଦେଶକ ତଥା ନାମ୍ସ ଟାସ୍କ ଫୋର୍ସର ଅଧ୍ୟକ୍ଷ, ଡ. ଯୋଗେଶ କୁମାର ଚାୱଲା, ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମଲକର, ଏମ୍‌ସ ଭୁବନେଶ୍ୱର ପୂର୍ବତନ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ଆଚାର୍ଯ୍ୟ, ଏମ୍‌ସ କଲ୍ୟାଣୀ ଅଧ୍ୟକ୍ଷ ଡ. ୱାଇ କେ ଗୁପ୍ତା, ନାମ୍ସ ସମ୍ପାଦକ ଡ. ଉମେଶ କପିଲ, ସୋଟ୍ଟୋ ରାଜ୍ୟ ନୋଡାଲ ଅଧିକାରୀ ଡ. ଉମାକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ନୀତି ଆୟୋଗ ସଦସ୍ୟ ପ୍ରଫେସର ଭି କେ ପଲ୍ ଆଭାସି ଜରିଆରେ ସମାବେଶକୁ ସମ୍ବୋଧିତ କରିଥିଲେ।




### ମଦ ନୀତିକୁ ନେଇ ପ୍ରଶ୍ନ ଉଠାଇଲା 'ମୋନା'

# ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ବିରୋଧ

ଭୁବନେଶ୍ୱର, ୩୦।୩(ସମିସ): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ତଥା ମୋନା ପକ୍ଷରୁ ଲୋୟର ପିଏମ୍‌ଜିଠାରେ ରାଜ୍ୟ ସରଙ୍କାରଙ୍କର ମଦ ପାଇଁ ଦୋମୁହାଁ ନୀତି ଆଭିମୁଖ୍ୟକୁ ବିରୋଧ କରି ଏକ ବିରାଟ ଗଣଧାରଣା କରାଯାଇଥିଲା। ଏଥିରେ ମୋନାର ରାଜ୍ୟ ସଂଠନର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଓଡ଼ିଶାର ୨୨ଟି ଜିଲ୍ଲାର ଜିଲ୍ଲା ଓ ବ୍ଲକ ସଂଗଠକମାନଙ୍କ ସହ ଶତାଧିକ ନିଶା ବିରୋଧୀ କର୍ମୀ ଉକ୍ତ ସଭାରେ ଯୋଗଦେଇଥିଲେ। ସରକାର ଯଦି ବାସ୍ତବରେ ଓଡ଼ିଶାର ପ୍ରଗତି ଚାହୁଁଥାନ୍ତି ତେବେ ବିଜେପି ଦଳ ନିର୍ବାଚନୀ ସଂକଳ୍ପପତ୍ରରେ ଉଲ୍ଲେଖ କରିଥିବା ସମ୍ପୂର୍ଣ୍ଣ ନିଶାମୁକ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଯଦି ସରକାର ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ମଧ୍ୟରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ ନକରନ୍ତି ବା ଘୋଷଣା ନକରନ୍ତି ତେବେ ଆଗାମୀ ମୁନିସପାଲଟି ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନରେ ତାର ପରିଣାମ ଭୋଗୀବାକୁ ପଡ଼ିବ ବୋଲି ସଂଗଠନର ସଭାପତି ପଦ୍ମଚରଣ ନାୟକ ଦୃଢୋକ୍ତି ପ୍ରକାଶ କରିବା ସହ ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଆମରଣ ଅନଶନରେ ବସିବେ ବୋଲି ସଂକଳ୍ପ ଘୋଷଣା କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଗଠନର ଉପ-ସଭାପତି ଅର୍ଜୁନ ଚରଣ ସାମନ୍ତରାୟଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ବେହୁରା, ଖଗେଶ୍ୱର ବଳ, ଉପ-ସଭାନେତୀ କବିତା ପରିଡ଼ା ଓ ଭୁବନେଶ୍ୱର ଉପ-ସଭାନେତୀ ଗୀତାଞ୍ଜଳି ସ୍ୱାଇଁଙ୍କୁ ନେଇ ଏକ ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସୁକାନ୍ତ କୁମାର ବେହେରାଙ୍କ ମାଧ୍ୟମରେ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି ସଭାକୁ ସଂଗଠନର ବରିଷ୍ଠ କର୍ମକର୍ତ୍ତା ରାଜ୍ୟ ସମ୍ପାଦକ ଗିରିଜା ପ୍ରାସାଦ ନାୟକ, ରମାକାନ୍ତ ମଣ୍ଡଳ, ମଳୟ କୁମାର ତ୍ରିପାଠୀ, ଅରୁଣ କୁମାର ସ୍ୱାଇଁ, ଶୁଭେନ୍ଦୁ ରାଉତରାୟ ସମେତ ବହୁ ନିଶା ନିବାରଣ କର୍ମୀ ଓ ଶତାଧିକ ସମର୍ଥକ ଉକ୍ତ ସଭାରେ ଯୋଗ ଦେଇଥିଲେ।



# ବିଜୁବାବୁଙ୍କ ସମ୍ପର୍କରେ ମତ ରଖିବା ପାଇଁ ନିଶିକାନ୍ତଙ୍କର ଔକାତ୍ ନାହିଁ : ଚନ୍ଦ୍ରଶେଖର



ବ୍ରହ୍ମପୁର,୩୦ ।୩(ସମିସ): ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଭିନ୍ନ ଘରୋଇ କମ୍ପାନୀ ଓ କର୍ପୋରେଟ ହାଉସର ଜଣେ ସୁପରିଚିତ ଦଲାଲ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ମତ ରଖିବାକୁ ନିଶିକାନ୍ତଙ୍କର ଔକାତ ନାହିଁ। ସଦାସର୍ବଦା ନିଚ ସ୍ତରର ତଥା ବିଦ୍ୱେଷ ସୃଷ୍ଟି କଲାଭଳି ଏବଂ ବିଭ୍ରାନ୍ତିକର ବୟାନ ବାଜି କରି ଗଣମାଧ୍ୟମରେ ଚର୍ଚ୍ଚାରେ ରହି ନିଜ ଦଳର ଶିର୍ଷ ନେତୃତ୍ୱଙ୍କୁ ସନ୍ତୁଷ୍ଟ କରିବା କେବଳ ତାଙ୍କରି କାମ। ଦୁଇ ଦୁଇଥର ସାଂସଦ ଓ ଏକରିକି କେନ୍ଦ୍ରମନ୍ତ୍ରୀ ଥିବା ସମୟରୁ ତାଙ୍କୁ ମୁଁ ଭଲ ଭାବେ ଜାଣିଛି ବୋଲି କହିଛନ୍ତି ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ। ଯେଉଁ ଜନନାୟକଙ୍କ ପରଲୋକରେ କେବଳ ଭାରତ ନୁହେଁ ବରଂ ୩ଟି ଦେଶର ଜାତୀୟ ପତାକା ଅବନମିତ ହୋଇଥିଲା ସେହିଭଳି ଜଣେ ଦୁର୍ଦ୍ଧର୍ଷ ନେତାଙ୍କ ପ୍ରତି ଏଭଳି କଟୁ ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ନିଜେ ଜଣେ ଠକ ଓ ଜାଲିଆତି ସର୍ଦ୍ଦାର ହୋଇ ବିଜୁ ବାବୁଙ୍କୁ ସିଆଇଏ ଏଜେଣ୍ଟ ଭଳି ଘୃଣ୍ୟ ଟିପ୍ପଣୀକୁ ଶ୍ରୀ ସାହୁ ଦୃଢ ନିନ୍ଦା କରିଛନ୍ତି। ସାଂସଦ ଦୁବେଙ୍କ ଏଭଳି ଟିପ୍ପଣୀଙ୍କୁ ଓଡିଶାବାସୀ କଦାପି ବରଦାସ୍ତ କରିବେ ନାହିଁ। ଏନେଇ ସାଂସଦ ଦୁବେଙ୍କ ଇସ୍ତଫା ସହିତ କ୍ଷମାପ୍ରାର୍ଥନା ଦାବି କରିଛନ୍ତି।

# ଭଗତ ସିଂହ ଯୁବକ ସଂଘର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୩୦ ।୩(ସମିସ): ସ୍ଥାନୀୟ ଆନନ୍ଦ ନଗର କେନାଲ ସାହିରେ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଗତ ସିଂହଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଘ ପକ୍ଷରୁ ସମାଜରେ ଘଟୁଥିବା ଅନ୍ୟାୟ ଅନୀତି କୁସଂସ୍କାର ଆଦି ବିରୁଦ୍ଧରେ ଲଢେଇ କରି ସମାଜକୁ ଏକ ନୂତନ ବାର୍ତ୍ତା ପ୍ରଦାନ କରିଛନ୍ତି ସଂଘର ସମସ୍ତ ସଦସ୍ୟ। ସଂଘ ପକ୍ଷରୁ ପ୍ରତି ବର୍ଷ ମହାନ



ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହଙ୍କ ଫାଶୀ ଦିବସ ପାଳନ ସହ ବର୍ଷ ତମାମ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟସେବା ଶିବିର ସହ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ କରାଯାଉଛି। କେନାଲ ସାହିରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ଉକ୍ତ ସ୍ଥାନରେ ୱାଟକୋ ପକ୍ଷରୁ କୌଣସି ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ପ୍ରତିମୂର୍ତ୍ତିକୁ ସମ୍ମାନ ସହ ସ୍ଥାନାନ୍ତର କରିବା ସହ ସଂଘ କାର୍ଯ୍ୟାଳୟର ସୁରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ସ୍ଥାନୀୟ ୱାଟକୋର ମହାପ୍ରବନ୍ଧକ ଇଂ ବିକାଶ ପାଢ଼ୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ମନୋଜ କୁମାର ଚୌଧୁରୀ, ସମ୍ପାଦକ ମୁନା ସେଠୀ, ବରିଷ୍ଠ ଆଇନଜୀବୀ ଏନ୍. ଭୀମରାଜ ରେଡ୍ଡୀ, ଯୁବ ଆଇନଜୀବୀ ଅସିତ କୁମାର ସାବତ, ଆଇନଜୀବୀ ନାଗେଶ୍ୱର ରାଓ, ଆଇନଜୀବୀ ତାପସ କୁମାର ସାହୁ, ଅନିଲ କୁମାର ଚୈଧୁରୀ, ଡି. ଜୀବନ କୁମାର, ଡି. ତାରକେଶ୍ୱର ପାତ୍ର ଓ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନମ୍ବରବିହୀନ ସନ୍ଦିଗ୍ଧ କାର୍ ଜବତ

ବ୍ରହ୍ମପୁର,୩୦ ।୩(ସମିସ)



ଦୈନିକ 'ସକାଳ' ଖବର କାଗଜର ମହାପ୍ରଭାବ। ବାରମ୍ବାର ତଥ୍ୟ ଭିତ୍ତିକ ଖବର ପ୍ରକାଶନ ପରେ ନମ୍ବର ବିହିନ ତଥା ସନ୍ଦିଗ୍ଧ କାରକୁ ଚିହ୍ନଟ କରି ଜବତ କରିଛି ବୈଦ୍ୟନାଥପୁର ଥାନା ପୁଲିସ। ଗତ ଦୁଇଦିନ ଧରି ଲଗାତାର ଭାବେ ଖବର ପ୍ରକାଶନ ପରେ ତରବରିଆ ଭାବେ ରାସ୍ତାକଡରୁ ସନ୍ଦିଗ୍ଧ ତଥା ନମ୍ବର ବିହିନ କାରଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଗଜପତିନଗର ୯ମ ଲାଇନରୁ ଗଜପତିନଗର ୫ମ ଲାଇନକୁ ସ୍ଥାନାନ୍ତର କରାଯାଇ ଗୋପନୀୟ ଭାବେ କାରଟିକୁ ରଖାଯାଇଥିଲା। ଏନେଇ ଯଦିଓ ବାରମ୍ବାର ଖବର ପ୍ରକାଶିତ ହୋଇଥିଲା ତଥାପି ପୁଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ବରଂ ଅଭିଯୋଗକୁ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରାଯାଇଥିଲା। ସୋମବାର ସକାଳେ ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମଙ୍କୁ ଏନେଇ ସୂଚନା ଦିଆଯିବା ପରେ ତତ୍କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସପିଙ୍କ ନିର୍ଦ୍ଦେଶ କ୍ରମେ ବୈଦ୍ୟନାଥପୁର ଥାନାରୁ ସ୍ୱତନ୍ତ୍ର ଟିମ ଗଜପତିନଗର ୫ମ ଲାଇନକୁ ଆସି ଅବସରପ୍ରାପ୍ତ ପୁଲିସ ଅଧିକାରୀ ସ୍ୱର୍ଗତ ଶରତ ଚନ୍ଦ୍ର ନାୟକଙ୍କ ଘରୁ ସନ୍ଦିଗ୍ଧ ତଥା ନମ୍ବର ବିହିନ ଲାଲ ରଙ୍ଗର କାରଟିକୁ ଚିହ୍ନଟ କରିଥିଲେ। ସ୍ୱର୍ଗତ ନାୟକଙ୍କ ପୁଅ ଦିନେଶଙ୍କୁ ଥାନାକୁ ଡାକି ଗାଡିର ନଥିପତ୍ର ଯାଞ୍ଚ କରାଯାଇଥିଲା। ଉକ୍ତ ଗାଡି ସ୍ଥାନୀୟ ଷ୍ଟେସନ ରୋଡ ନିବାସୀ ଏସ. ସନ୍ତୋଷଙ୍କ ପତ୍ନୀ ଏସ. ଅନୁଷାଙ୍କ ନାମରେ ଥିବା ଜଣାପଡିଛି। ଗାଡିର ନମ୍ବର (ଓଡି୦୭ଏଏନ୪୪୪୦) ବୋଲି ଅନୁସନ୍ଧାନ ବେଳେ ଜଣାପଡିଛି। ଦିନେଶଙ୍କୁ ଥାନାରେ ପଚରା ଉଚରା ବେଳେ ସେ ସନ୍ତୋଷଙ୍କୁ ସୁଧା ଆକାରରେ କିଛି ଟଙ୍କା ଦେଇଥିବା ବେଳେ ତାହାକୁ ସେ ପରିଷୋଧ କରିନପାରିବାରୁ ତାଙ୍କର ଗାଡିକୁ ଭୋଗବନ୍ଧା ଭାବେ ରଖାଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ତେବେ ନିକଟରେ ସନ୍ତୋଷ ନିଜ ଗାଡିକୁ ନେଇଯିବା ପାଇଁ କହିବା ପରେ ଦିନେଶ ସୁଧ ସହିତ ମୂଳ ଟଙ୍କା ଫେରସ୍ତ ନମିଳିବା ଆଶଙ୍କା କରି କାରଟିକୁ ନିଜ ଘର ଗ୍ୟାରେଜରୁ ବାହାର କରି ଗଜପତିନଗର ୯ମ ଲାଇନରେ ରଖିଦେଇଥିବା ଦିନେଶ ସ୍ୱୀକାର କରିଛନ୍ତି। ତେବେ ଇତି ମଧ୍ୟରେ ଗାଡିର

**'ସକାଳ' ପ୍ରଭାବ**

ନମ୍ବର ନ ଥିବା ଓ ମାଲିକାନାକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ସାଧାରଣରେ ସନ୍ଦେହ ଘନୀଭୂତ ହୋଇଥିଲା। ଯଦିଓ ସ୍ଥାନୀୟ କର୍ପୋରେଟର ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ କିନ୍ତୁ ଘଟଣାକୁ ନେଇ ଜିଲ୍ଲାର ଜନୈକ ଡିଏସପିଙ୍କ କହିବା ଅନୁସାରେ ବୈଦ୍ୟନାଥପୁର ଥାନା କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ଆଜି ଯେତେବେଳେ ବିଏନପୁର ପୁଲିସ ଉକ୍ତ ଗାଡିକୁ ଚିହ୍ନଟ ଓ ଜବତ କରିବାକୁ ସ୍ୱର୍ଗତ ଶରତ

- ■ ଦୁଇଲକ୍ଷ ଟଙ୍କାର ସୁଧ କାରବାରକୁ ନେଇ ନିଜ ଅକ୍ତିଆରରେ ରଖିଥିଲେ ମହାଜନ
- ■ ପୂର୍ବତନ ପୁଲିସ ଅଧିକାରୀଙ୍କ ପରିବାରକୁ ସହଯୋଗ କରି ହରଡ଼ଘଣାରେ ଡିଏସ୍‌ପି
- ■ ସୁଧ କାରବାର ସ୍ପଷ୍ଟ ପରେ ଆଇପିଏଲ ବେଟିଂ ସନ୍ଦେହରେ ତଦନ୍ତ କରୁଛି ପୁଲିସ

ନାୟକଙ୍କ ଘରକୁ ଯାଇଥିଲା ସେଠାରେ ତାଙ୍କ ପରିବାର ବର୍ଗ ସମ୍ପୃକ୍ତ ଡିଏସପି ବାବୁଙ୍କ ନାମ ନେବାକୁ ମଧ୍ୟ ପଛାଇ ନଥିଲେ। ଫଳରେ ଜଣେ ପୂର୍ବତନ ପୁଲିସ ଅଧିକାରୀଙ୍କ ପରିବାରକୁ ସହଯୋଗ କରିବାକୁ ଯାଇ ସମ୍ପୃକ୍ତ ଡିଏସପି ଜଣକ ହରଡଘଣାରେ ପଡିଥିବା ଦେଖିବାକୁ ମିଳିଛି। ସେପଟେ ଗାଡିର ମାଲିକ ତଥା ଏସ ଅନୁଷାଙ୍କ ସ୍ୱାମୀ ଏସ ସନ୍ତୋଷଙ୍କ ସହ ଯୋଗାଯୋଗ କରାଯିବାରେ ସେ ଦିନେଶଙ୍କ ପରିବାର ଠାରୁ ୨୦୨୨ମସିହାରେ କିଛି ଟଙ୍କା ଋଣ ନେଇଥିବା ବେଳେ ତାହାକୁ ଫେରାଇବାରେ ସେ ଅସମର୍ଥ ହୋଇଛନ୍ତି। ଏବଂ ଏଥିପାଇଁ ତାଙ୍କର ଲାଲ ରଙ୍ଗର ସ୍ୱିଫ୍ଟ କାରଟି ଦିନେଶଙ୍କ ପରିବାର ଅକ୍ତିଆରରେ ଥିବା ସେ କହିଛନ୍ତି। ତେବେ ତାଙ୍କର ନୂଆ ଗାଡିଟି ସଠିକ ଭାବେ ଥିବ ବୋଲି ସେ ଆଶା କରିଛନ୍ତି। ଏଭଳି ପରିସ୍ଥିତିରେ ଉକ୍ତ ଗାଡି ଅନ୍ୟ କୌଣସି ଘରୋଇ ଫାଇନାନ୍ସ କମ୍ପାନୀ ନାମରେ ରହିଥିବା ଆଶଙ୍କା କରି ଦିନେଶ ଉକ୍ତ ଗାଡିର ନମ୍ବର ପ୍ଲେଟକୁ ହଟାଇ ଦେଇଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ ବିନା ନମ୍ବର ପ୍ଲେଟରେ ଗାଡିକୁ ସହର ଭିତରେ ଓ ସହର ବାହାରେ କିଭଳି ବ୍ୟବହାର କରାଯାଉଥିଲା ତାକୁ ନେଇ ବର୍ତ୍ତମାନ ଉଠିଛି ପ୍ରଶ୍ନ। ଏସବୁ ବାଦ୍ ଘଟଣା ପଛରେ ଆଇପିଏଲ ବେଟିଂ ଭଳି ପ୍ରସଙ୍ଗକୁ ମଧ୍ୟ ପୁଲିସ ଅଣଦେଖା କରିନାହିଁ। ବିଭିନ୍ନ ସମ୍ଭାବ୍ୟ ଦିଗକୁ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ।

# ବନ୍ଧୁକ ମୁନରେ ପ୍ରତିଶୋଧ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି ଅପରାଧୀ!

ବ୍ରହ୍ମପୁର,୩୦/୩(ସମିସ): ପୂର୍ବଶତ୍ରୁତାର ପ୍ରତିଶୋଧ ନେବା ପାଇଁ କିଛି ଅପରାଧୀ ଏବେ ବନ୍ଧୁକ ଓ ମାରଣାସ୍ତ୍ର ସହ ସଜ୍ଜିତ ହୋଇ ବୁଲୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଯାଇଛି ଗଣପର୍ବ ଦଣ୍ଡନାଚ। ଯାହା ଫଳରେ ବ୍ରହ୍ମପୁର ସହର ଓ ଉପକଣ୍ଠରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଳଚଞ୍ଚଳ ରହୁଛି। ସବୁଠାରୁ ବଡ଼କଥା ହେଲା ବିଭିନ୍ନ ବିରୋଧୀ ଗୋଷ୍ଠୀର ଅପରାଧିମାନେ ପ୍ରସାଦ ସେବନ ଆଳରେ ବିଭିନ୍ନ ଅଞ୍ଚଳକୁ ଭ୍ରମଣ କରୁଛନ୍ତି। ଏପରିକି ରାତି ସମୟରେ ହେଉଥିବା ସାଂସ୍କୃତି କାର୍ଯ୍ୟକ୍ରମରେ ପଇଁତରା ମାରୁଛନ୍ତି। ବଡ଼ବଜାର ଥାନା ଅଞ୍ଚଳର ଜଣେ ରାଜନେତା ତଥା ସମାଜସେବୀ ନିଜର ସୁରକ୍ଷା ସହିତ ପ୍ରତିଶୋଧ ନେବା ପାଇଁ ବନ୍ଧୁକ ଧରି ବୁଲୁଥିବା ଅଭିଯୋଗ ହୋଇଛି। ତାଙ୍କ ଟାର୍ଗେଟରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ ରହିଥିବା ନେଇ ମଧ୍ୟ ସୂଚନା ମିଳୁଛି। ସେପଟେ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ଓ ଅପରାଧିକ କାର୍ଯ୍ୟ କଳାପକୁ ଦମନ କରିବା ପାଇଁ ବ୍ରହ୍ମପୁର ପୁଲିସ ପକ୍ଷରୁ ନିକଟରେ ହୋଇଥିଲା ସ୍ପେଶାଲ ଡ୍ରାଇଭ ଖୋଜ୍। ସେହି ସ୍ପେଶାଲ ଡ୍ରାଇଭରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବଡ଼ବଜାର, ଟାଉନ, ସଦର, ନିମଖଣ୍ଡି ଓ ଦିଗପହଣ୍ଡି ଓ ଗୋଷାଣୀନୁଆଗାଁ ଓ ବୈଦ୍ୟନାଥପୁର ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୫ରୁ ଅଧିକ ଅପରାଧିଙ୍କୁ ଗିରଫ କରିବା ସହ ୧୪ରୁ ଉଦ୍ଧର୍ ପିସ୍ତଲ ଓ ୫୦ରୁ ଊର୍ଦ୍ଧ୍ୱ ଗୁଳି, ବୋମା ଓ ଖଣ୍ଡା ଆଦି ପୁଲିସ ଜବତ କରିଥିଲା। ତଥାପି ପୂର୍ବଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଅପରାଧୀମାନେ ଏବେ ଖଣ୍ଡା ଓ ଅନ୍ୟାନ୍ୟ ଧାରୁଆ ମାରଣାସ୍ତ୍ର ସହ ରାତିରେ ବୁଲୁଥିବା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ରକି ଭାଇ ନାମକ ଜଣେ ଯୁବକ ଇଂଷ୍ଟାଗ୍ରାମରେ ବନ୍ଧୁକ ଧରି ଫୋଟ ପୋଷ୍ଟ କରିଥିବା ନେଇ ସୋସିଆଲ ମିଡ଼ିଆରୁ ଜଣାପଡ଼ିବା ପରେ ବ୍ରହ୍ମପୁର ପୁଲିସ ଏବେ ରକି ଭାଇକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ ହେଁ କୌଣସି ସୁରାକ ପାଇ ପାରିନାହିଁ।

# ବ୍ରହ୍ମପୁରରେ ସକ୍ରିୟ ଛିନ୍‌ତାଇ ଗ୍ୟାଙ୍ଗ ଗିରଫ

ବ୍ରହ୍ମପୁର,୩୦ ।୩(ସମିସ): ଗତ ୨ବର୍ଷ ଧରି ବ୍ରହ୍ମପୁର ସହରର ବିଭିନ୍ନ ଥାନା ଇଲାକାରେ ସକ୍ରିୟ ଥିବା ଛିନତାଇ ଗ୍ୟାଙ୍ଗର ୩ଜଣ ସଦସ୍ୟଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରିଛି। ଗିରଫ ଲୁଟେରାଙ୍କ ମଧ୍ୟରେ ଖୋଡାସିଙ୍ଗି କଳିଙ୍ଗନଗରରେ ରହୁଥିବା ତଥା କୋଦଳାର ପ୍ରଭାକର ମୁଦୁଲି(୫୦), ଖଲ୍ଲିକୋଟ ଗୁଡୁରୁପଲ୍ଲୀର ମଧୁସୂଦନ ବେହେରା(୪୯) ଏବଂ ଲୁଟେରାଙ୍କ ଠାରୁ ଅଳଙ୍କାର କ୍ରୟ କରିଥିବା ବଡବଜାର ଥାନା ଅନ୍ତର୍ଗତ ହାଉସିଂବୋର୍ଡ ବିମଳା ନଗରର ବିଶ୍ୱନାଥ ନାୟକ(୩୬) ଥିବା ବୋଲି ଜଣାପଡିଛି। ବାଲୁଗାଁ ସାମନ୍ତରାପୁର ଗ୍ରାମର ବାବୁ ମାଝୀ(୩୭) ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ଏକ ମାମଲାରେ ବାବୁ ମାଝୀ ବାଲୁଗାଁ



କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ରହିଥିବା ସୂଚନା ମିଳିବା ପରେ ୨ଦିନ ପୂର୍ବେ ନିମଖଣ୍ଡି ପୁଲିସ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ସେହିପରି ଏହି ଚେନ ଲୁଟେରା ଗ୍ୟାଙ୍ଗର ଅନ୍ୟତମ ସଦସ୍ୟ କବିସୂର୍ଯ୍ୟନଗର ବି. ରୋଡ ଗ୍ରାମର ସୁନୀଲ ନାହାକ ଓରଫ ମଲା(୨୫) କିଛି ମାସ ପୂର୍ବେ ଗୋଳନ୍ଥରା ପୁଲିସ ଦ୍ୱାରା ଏନକାଉଣ୍ଟରର ଶିକାର ହୋଇ ଜେଲ ଯାଇଥିଲା। ସେହି ସମୟରେ ଏହି ଚେନ ଲୁଟେରା ଗ୍ୟାଙ୍ଗର ସୁରାକ ମିଳିଥିବା ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୮୦ଗ୍ରାମ ଓଜନର ୮ଟି ସୁନା ଚେନ୍, ୨ଟି ବାଇକ, ୩ଟି ମୋବାଇଲ୍ ଓ ଦୁଇଟି ହେଲମେଟ୍ ଜବତ କରିଛି। ଗିରଫ ପରେ ପ୍ରଭାକର, ମଧୁସୁଦନ ଓ ବିଶ୍ୱନାଥଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ବାବୁ ମାଝୀଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ ତାକୁ ପୁଣିଥରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଗ୍ୟାଙ୍ଗର ସଦସ୍ୟମାନେ ୨୦୨୪ ରୁ ୨୦୨୬ ମଧ୍ୟରେ ବ୍ରହ୍ମପୁର ସହରର ନିମଖଣ୍ଡି ଓ ଗୋପାଳପୁର ଥାନା ଅଞ୍ଚଳର ବ୍ରଜନଗର, ଶକ୍ତିନଗର, ଗୋବିନ୍ଦ ବିହାର, ବାସୁଦେବ ନଗର ଓ ଆମ୍ବପୁଆ ଅଞ୍ଚଳରେ ୭ଜଣ ମହିଳାଙ୍କ ବେକରୁ ସୁନାଚେନ ଲୁଟ କରିଥିଲେ। ପ୍ରକାଶଥାଉକି, ୨୦୨୪ସିହା ଜୁଲାଇ ୨୨ତାରିଖ ସନ୍ଧ୍ୟାରେ ଗୋବିନ୍ଦ ବିହାର ୮ମ ଲାଇନର

**ମହିଳାଙ୍କୁ କରିଥିଲେ ଗୁଳିମାଡ, ଲୁଟ୍, ୮ ଚେନ୍ ଉଦ୍ଧାର**

ମହିଳା ଶୁଭଶ୍ରୀ ଜେନା ନିଜ ଛୁଆଙ୍କୁ ଟ୍ୟୁସନରୁ ନେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ସୁନୀଲ ନାହାକ ଓ ବାବୁ ମାଝୀ ଏକ ବାଇକରେ ତାଙ୍କ ନିକଟକୁ ଆସି ବେକରୁ ସୁନା ଚେନ୍ ଝାମ୍ପିବାକୁ ଚେଷ୍ଟା କରିଥିଲେ। ଶୁଭଶ୍ରୀ ସାହସର ସହ ପ୍ରତିରୋଧ କରିବାରୁ ବାବୁ ମାଝୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ହେଁ ସୌଭାଗ୍ୟବଶତଃ ଗୁଳିଟି ବାଜିନଥିଲା। ପରେ ଅଭିଯୁକ୍ତ ସୁନାଚେନ୍ ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହେବା ସହ ଥାନା ଅଧିକାରୀ କୃଷ୍ଣ ସାହା ଓ ତାଙ୍କ ଟିମ ତଦନ୍ତ କରିଥିଲେ। ଘଟଣାପରେ ଅଭିଯୁକ୍ତ ବାବୁ ମାଝି ବାଙ୍ଗାଲୋର ଫେରାର ହୋଇଯାଇଥିଲା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଜିଲ୍ଲାଜଜଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଗଞ୍ଜାମ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା



ବ୍ରହ୍ମପୁର,୩୦/୩(ସମିସ): ଗଞ୍ଜାମ ଓକିଲ ସଂଘର ନବ ନିର୍ବାଚିତ ସଭାପତି ସୀତାଂଶୁ ଶେଖର ପଣ୍ଡା, ସମ୍ପାଦକ ଜଗନ୍ନାଥ ମିଶ୍ର, ଉପସଭାପତି ସତ୍ୟ ନାରାୟଣ ବସନ୍ତିଆ ଓ ସହସମ୍ପାଦକ ରଂଜନ କୁମାର ସାମନ୍ତରାୟ ଗଞ୍ଜାମ ଜିଲ୍ଲା ଜଜ ଅଶାନ୍ତ କୁମାର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ଅଦାଲତର ସୁବ୍ୟବସ୍ଥା ଏବଂ ଓକିଲମାନଙ୍କ ବିଭିନ୍ନ ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗଞ୍ଜାମର ଲୋକନୃତ୍ୟ ପ୍ରଦର୍ଶିତ

ଗୋପାଳପୁର,୩୦/୩(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କବିସୂର୍ଯ୍ୟ ମଣ୍ଡପରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଏବଂ ଓଡି ଆର୍ଟ ସହଯୋଗରେ ଗଞ୍ଜାମର ଲୋକନୃତ୍ୟ ମାଧ୍ୟମରେ ଜଣାଶୁଣା ଓଡ଼ିଆ ଗଳ୍ପ 'ବିହଙ୍ଗ ବିପ୍ଳବ' ଏବଂ 'ଡାକ ମୁନିସି'କୁ ନାଟ୍ୟ ରୂପାନ୍ତର କରି ପ୍ରଦର୍ଶିତ ହୋଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ଭୁବନେଶ୍ୱର ନାଟ୍ୟ ଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଏବଂ ଦିଗପହଣ୍ଡିର ବର୍ଣ୍ଣାଳୀ ନାଟ୍ୟ ସଂସଦର ନିର୍ଦ୍ଦେଶକ ଆଲୋକ ବିଷୋୟୀ ମଂଚାସୀନ ଥିଲେ। ମିହିର ତ୍ରିପାଠୀ ସଭା ପରିଚାଳନା କରିଥିଲେ।

# ୩ରୁ ଗଞ୍ଜାମ ଜିଲ୍ଲା ଜୁନିୟର କ୍ରିକେଟ ଦଳ ଚୟନ

ବ୍ରହ୍ମପୁର,୩୦ ।୩(ସମିସ): ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆସନ୍ତା ମାସ ୩ ଓ ୪ତାରିଖ ଗଞ୍ଜାମ ଜିଲ୍ଲା ଜୁନିୟର କ୍ରିକେଟ ଦଳ ଚୟନ ଶିବିର ଅନୁଷ୍ଠିତ ହେବ। ଆଗକୁ ଓଡ଼ିଶା କ୍ରିକେଟ ସଂଘ(ଓସିଏ) ଦ୍ୱାରା ୧୬ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ଗଞ୍ଜାମ ଜିଲ୍ଲା ୧୬ବର୍ଷରୁ କମ୍ କନିଷ୍ଠ କ୍ରିକେଟ ଦଳର ଚୟନ କରାଯିବ। ଆସନ୍ତା ୩ତାରିଖରେ ଷ୍ଟାଡିୟମରେ ପହଞ୍ଚିବାକୁ ସମସ୍ତ ତାଲିକାଭୁକ୍ତ ଖେଳାଳିଙ୍କୁ ଅନୁରୋଧ କରାଯାଇଛି। ଆହ୍ୱାୟକ କମିଟି ସଦସ୍ୟ ସିଦ୍ଧାନ୍ତ ଗଙ୍ଗଦେବ ଓ ତପନ ପଟ୍ଟନାୟକଙ୍କୁ ସମସ୍ତ ଖେଳାଳୀ ରିପୋର୍ଟ କରିବାକୁ ସଂଘ ପକ୍ଷରୁ କୁହାଯାଇଛି।

# ୩ରେ ମହାନ ସଂଘର ଯୋଗ ଉତ୍ସବ

ବ୍ରହ୍ମପୁର,୩୦ ।୩(ସମିସ): ହିଲପାଟଣାସ୍ଥିତ କାର୍ଯ୍ୟାଳୟରେ ମହାନ୍ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରସ୍ତାବିତ 'ଯୋଗ ଉତ୍ସବ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏପ୍ରିଲ ୩ରେ ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଉତ୍ସବ ପାଳନ କରିବାକୁ ସ୍ଥିର ହୋଇଛି। ବୈଠକରେ ଶୁଭଶ୍ରୀ ସାବତ, ପୁଷ୍ପାଞ୍ଜଳି ମହାପାତ୍ର, ଅଲେଖ ଦାସ, ଗାୟତ୍ରୀ ପଣ୍ଡା, ଆଶିଷ ସାବତ, ତପନ ପଣ୍ଡା, ଆଦ୍ୟାଶ୍ରି ସାବତ, ସାଧନା ପାଢ଼ୀ, ମହେନ୍ଦ୍ର ବେହେରା, ସୁନୀଲ ବିଶ୍ୱାସ ଓ ଜୟଶ୍ରୀ ସାବତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନାରସୁ ଜେନାଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର,୩୦ ।୩(ସମିସ): ଧର୍ମନଗରସ୍ଥିତ ରୋଟାରୀ ଇଷ୍ଟ କ୍ଲବ୍ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସମାଜସେବୀ ତଥା ପୂର୍ବତନ ସଭାପତି ରୋଟାରୀଆନ ନାରସୁ ଜେନାଙ୍କ ବିୟୋଗ ଅବସରରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ଡ଼. ପ୍ରଦୀପ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଶ୍ରୀଜେନାଙ୍କ ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ରୋଟାରୀ ଗଭର୍ଣ୍ଣର ଅକ୍ଷେନ୍ଦୁ ପଟ୍ଟନାୟକଙ୍କ ସମେତ ଡ଼. ସମ୍ବିତ ବେଗରାଜ୍, ଜୟନ୍ତ କିଶୋର ପାତ୍ର, ଅଜିତ କୁମାର ପୃଷ୍ଟି, ଗଦାଧର ରାଉଳ, ସୁଧାଂଶୁ ଖଡ଼ଗରାୟ, କୁଶ ପାତ୍ର, କାମରାଜୁ ମହାରଣା, ହୃଷିକେଶ ପ୍ରଧାନ ଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ସେହିପରି ସ୍ୱର୍ଗତ ଜେନାଙ୍କ ଉତ୍କଳ ଆଶ୍ରମ ରୋଡ଼ ସ୍ଥିତ ବାସଭବନରେ ୱାର୍କସ କ୍ଲବର ଡିଜି ରାଜକିଶୋର ସ୍ୱାଇଁ, ଶିକ୍ଷକ ନେତା ଅଶୋକ କୁମାର ଦଳେଇ, ଦୁର୍ଗା ରାଓ, ସନ୍ତୋଷ ତ୍ରିପାଠୀ, ଜବାହର ପାଳ, ପ୍ରଦୀପ ନାୟକ ଓ ଶାନ୍ତନୁ ପାତ୍ର ପ୍ରମୁଖ ଶେଷଦର୍ଶନ କରିଥିଲେ। ପୁତ୍ର ରାକେଶ ଓ ଝିଅ ରୋଜାଲି ଦେଶ ବାହାରେ ଅବସ୍ଥାନ କରୁଥିବା ବେଳେ ସେମାନଙ୍କ ଆଗମନ ପରେ ସ୍ୱର୍ଗତ ଜେନାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।

# ଓଡ଼ିଆ ଭାଷା ଚିନ୍ତନ ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୩୦ ।୩(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଭାଷା ସଚେତନ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ଡା. ନକୁଳ ସାହୁ ଓଡ଼ିଆ ଭାଷାକୁ ନେଇ ସମସ୍ତେ ଏକାଠି ହେବା ସହ ଭାଷାର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ, ସ୍ତ୍ରୀରୋଗ ଭଳି ବିଭିନ୍ନ ରୋଗର ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ଡି. ଶ୍ରୀନିବାସ ରାଓ ପରିଚାଳନାରେ ସହଯୋଗ କରିଥିଲେ।

